RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-112 SATURDAY 18 OCTOBER 2025 PAGE-16 ₹ 6.00 | BHUBANESWAR | ବର୍ଷ-୪୩ ସଂଖ୍ୟା-୧୧୨ ଶନିବାର ୧୮ ଅକ୍ଟୋବର ୨୦୨୫ ପୃଷ୍ଠା-୧୬ ଟ.୬.୦୦




'ପଏଜନ୍ ବେବି' ପାଇଁ ୨ କୋଟି

ପୃଷ୍ଠା 9 ଦେଖନ୍ତୁ...




### ଖରାପ ରାସ୍ତା ହେଲା କାଳ

# ଗଛରେ ଧକ୍କା ହେଲା ବସ୍, ୧୦ ଯାତ୍ରୀ ଆହତ

ରାଜନଗର, ୧୭।୧୦(ସମିସ)




ରାଜନଗର ତାଳଚୁଆ ରାସ୍ତାର ଖୋଳା ନିକଟରେ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ରାସ୍ତା ଖରାପ ଯୋଗୁଁ ବସ୍ ରାସ୍ତା କଡ଼ରେ ଥିବା ଗଛରେ ପିଟି ହେବା ସହିତ ଦୁଇଟି ଚକା ରାସ୍ତା ତଳକୁ ଖସିଯାଇଛି। ବସ୍ ହଠାତ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ଥିବା ୧୦ ଜଣ ଯାତ୍ରୀ ଆହତ ହୋଇଛନ୍ତି। ବସ୍ ଧକ୍କା ହେବା କାରଣରୁ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି। ସମସ୍ତଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସମସ୍ତେ ସୁସ୍ଥ ଥିବା ଜଣାପଡ଼ିଛି। ଦୁର୍ଘଟଣା ଘଟିବା ପରେ ଡ୍ରାଇଭର ଫେରାର ହୋଇଯାଇଛନ୍ତି।

ସୂଚନା ମୁତବକ, ଆଜି ଦିନ ୧ଟା ୩୦ରେ ତାଳଚୁଆରୁ ଭୁବନେଶ୍ୱରକୁ ଯାତ୍ରୀବାହୀ ବସ୍ ନାୟକ ବାହାରିଥିଲା। ଦିନ ପ୍ରାୟ ୩ ଘଟିକା ସମୟରେ ଖୋଳା ସେତୁ ପୂର୍ବରୁ ରାସ୍ତାରେ ହୋଇଥିବା ଖାଲକୁ କାଟି ଡ୍ରାଇଭର ଆଣିବା ସମୟରେ ବସ୍ ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯାଇଥିଲା। ବସ୍‌ର କାଚ ଭାଙ୍ଗିଥିବା ବଳେ ଦୁଇ ଚକା ରାସ୍ତା ତଳକୁ ଚାଲିଯାଇଥିଲା। ତେବେ ଗଛ ଥିବା ଯୋଗୁଁ ବଡ଼ଧରଣର ଅଘଟଣ ଟଳିଯାଇଛି। ଖୋଳାରୁ ଡାଙ୍ଗମାଳ ରାସ୍ତା କାମ ଦୀର୍ଘ ୪୦ ମାସ ହେଲା ମନ୍ଥର ଗତିରେ ଚାଲିଛି। ଅଢେଇ ବର୍ଷ ତଳୁ କାମ ଅବଧି ସାରିଥିଲେ ମଧ୍ୟ ୩୦ ଭାଗ ରାସ୍ତା କାମ ସରିନାହିଁ। ରାସ୍ତାରେ ଆଣ୍ଠୁଏ ଗହୀରର ଖାଲ ଯୋଗୁଁ ୯ କିମି ରାସ୍ତା ଯିବାକୁ ୧ ଘଣ୍ଟାରୁ ଅଧିକ ସମୟ ଲାଗୁଛି। ରାସ୍ତା ପାଇଁ ବସ୍ ଦୁର୍ଘଟଣାଗ୍ରସ୍ତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ଜରିମୂଳ ଛେନା ମୁଡ଼କୀକୁ ଜିଆଇ ଟ୍ୟାଗ୍ ଦାବି

**ରାଜନଗର, ୧୭।୧୦(ସମିସ):** ରାଜନଗର ବ୍ଲକସ୍ଥ ଚାନ୍ଦିବାଉଁଶମୂଳ ପଞ୍ଚାୟତର ଜରିମୂଳ ବଜାରରେ ଦୀର୍ଘ ୭୦ ବର୍ଷରୁ ଚାଲିଆସୁଥିବା ଛେନାରେ ତିଆରି ମୁଡକୀକୁ ଭାରତୀୟ ଭୌଗୋଳିକ ସୂଚକ ବା ଜିଆଇ ଟ୍ୟାଗରେ ସାମିଲ କରାଯିବାକୁ ଦାବି ଉଠିଛି। ଐତିହ୍ୟ ଓ ଉତ୍କୃଷ୍ଟ ଦୃଷ୍ଟିକୋଣରୁ ଏଠାରେ ତିଆରି ହୋଇ ରାଜ୍ୟ, ଦେଶ ଏପରିକି ବିଦେଶରେ ପରିଚିତି ଓ ଆଦୃତି ଲାଭ କରିଥିବା ଏହି ମିଠା ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଭିତରକନିକାକୁ ପ୍ରତିଦିନ ଆସୁଥିବା ରାଜ୍ୟ ଓ ରାଜ୍ୟ ବାହାରର ପର୍ଯ୍ୟଟକଙ୍କ ପାଇଁ ଏହି ଛେନା ମୁଡକୀ ମଧ୍ୟ ଆକର୍ଷଣର ଜିନିଷ ସାବ୍ୟସ୍ତ ହୋଇଛି। ଏହାର ସ୍ୱାଦିଷ୍ଟର କାରଣ ଉପରେ ଅନୁସନ୍ଧାନ ଜାରି ରଖିଥିବା ଗାଳ୍ପିକ ପ୍ରଦୀପ ନାୟକ, ସ୍ଥାନୀୟ ନେତୃବୃନ୍ଦ, ଗଣମାଧ୍ୟମ ପ୍ରତିନିଧି ଓ ଜନସାଧାରଣଙ୍କ ଜରିଆରେ ଏହି ଦାବି ଉପସ୍ଥାପନ କରି କହିଛନ୍ତି ଯେ, ଓଡ଼ିଶାର ବିଭିନ୍ନ ଜାଗାରେ ଛେନା ମୁଡକୀ ତିଆରି ହେଉଥିଲେ ମଧ୍ୟ ବନ ସମ୍ପଦ ଘେରା, ପର୍ଯ୍ୟାପ୍ତ ଚାରଣଭୂମି ଥିବା ରାଜନଗର ଗୋପାଳନ ପାଇଁ ଅନୁକୂଳ ସ୍ଥାନ ହୋଇଥିବାରୁ ଏଠିକାର ଗୋ ଦୁଗ୍ଧ ବହଳ, ସ୍ୱାଦିଷ୍ଟ ଓ ପୁଷ୍ଟିକର। ଏହି କାରଣରୁ ଏଠିକା ଛେନା ମଧ୍ୟ ଉନ୍ନତ। ଜରିମୂଳ ବଜାରରେ ତିଆରି ହେଉଥିବା ଛେନା ନିର୍ମିତ ମୁଡକୀ ଅନ୍ୟଠାରୁ ଉତ୍କୃଷ୍ଟ, ସ୍ୱାଦିଷ୍ଟ ଓ ଭେଜାଲ ମୁକ୍ତ। କୌଣସି ରଙ୍ଗ, କୃତ୍ରିମ ବାସ୍ନା ଏଥିରେ ପ୍ରୟୋଗ ହୋଇ ନ ଥାଏ। ଆହୁରି ମଧ୍ୟ ମୁଡକୀ ତିଆରି କରିଆସୁଥିବା କାରିଗର ମଧ୍ୟ କୁଶଳୀ। ତେଣୁ ଜରିମୂଳ ଛେନା ମୁଡ଼କୀକୁ ଜିଆଇ ଟ୍ୟାଗ ମିଳୁ ବୋଲି ସବୁ ସ୍ତରରୁ ଦାବି ହେଉଛି।



## ଦୁର୍ଘଟଣାରେ ଯୁବକ ମୃତ

**ରାଜନଗର, ୧୭।୧୦(ସମିସ):** ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ବାଘୁଆ ଛକରେ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଆଜି ରାତି ପ୍ରାୟ ୮ ଘଟିକା ସମୟରେ ତାଳଚୁଆରୁ ରାଗଡ଼ାପାଟିଆ ଗାଁର ଗଣେଶ ଚନ୍ଦ୍ର ହାଜରାଙ୍କ ପୁଅ କାଳୀପଦ (୨୬ ବର୍ଷ ) ଡାଲଖାଇ ଡାଙ୍ଗମାଳ ରାସ୍ତାରେ ଘରକୁ ଫେରୁଥିଲେ। ବାଘୁଆ ଛକ ନିକଟରେ ଡାଙ୍ଗମାଳରୁ ତାଳଚୁଆ ଫେରୁଥିବା ଏକ ବାଇକ୍ କାଳୀପଦଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। କାଳୀପଦ ରାସ୍ତା କଡ଼କୁ ଛିଟିକି ପଡ଼ିଥିଲେ। ମୁଣ୍ଡରେ ଆଘାତ ଲାଗିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଡାଙ୍ଗମାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ନୂଆପଡ଼ା ବିଦ୍ୟାଳୟରେ ଡିଜିଟାଲ୍ କ୍ଲାସ୍‌ରୁମ୍ ଉଦ୍‌ଘାଟିତ



**ଡେରାବିଶ, ୧୭।୧୦(ସମିସ):** ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ନୂଆପଡ଼ାସ୍ଥ ନୂଆପଡ଼ା ଉନ୍ନତି ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଡିଜିଟାଲ୍ କ୍ଲାସରୁମ୍ ଉଦ୍‌ଘାଟନ ହେବା ସହିତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପୋଷାକ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏ ଉପଲକ୍ଷେ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଚାନ୍ଦୋଳ ସରପଞ୍ଚ ସୁରେନ୍ଦ୍ର ନାଥ ମଲିକ, ସମ୍ମାନିତ ଅତିଥି ଭାବେ ମଣ୍ଡଳ ସହକାରୀ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ ଓ ସଚିକାନ୍ତ ମିଶ୍ର ଯୋଗଦେଇ ବିଦ୍ୟାଳୟ ପରିସରରେ ନୂତନ ଭାବେ ନିର୍ମିତ ଡିଜିଟାଲ୍ କ୍ଲସ୍‌କୁ ଉଦ୍‌ଘାଟନ କରିଥିଲେ। ଏ ଅବସରରେ ଅତିଥିମାନେ ଅତ୍ୟାଧୁନିକ ଯୁଗରେ ପ୍ରଯୁକ୍ତି ବିଦ୍ୟାର ଆବଶ୍ୟକତା ଓ ଛାତ୍ରଛାତ୍ରୀଙ୍କ ପାଇଁ ଡିଜିଟାଲ୍ କ୍ଲାସର ଉପଯୋଗିତା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଅତିଥିମାନେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଚଳିତବର୍ଷର ପୋଷାକ ବିତରଣ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଶିବ ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କନିଷ୍ଠ ଶିକ୍ଷକ ପ୍ରମୋଦ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ପଞ୍ଚସଖା ଶିକ୍ଷା ସେତୁ ସଭାପତି ସାଧନ କୁମାର ସେଣ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶାନ୍ତନୁ ସାହୁ, ପୂର୍ବତନ ସଭାପତି ମଧୁସୂଦନ ଘଡ଼େଇ, ବନଜା ସାହୁ, ମା' ମଙ୍ଗଳା ସ୍ୱୟଂସହାୟିକା ଗୋଷ୍ଠୀର ସମସ୍ତ ସଭ୍ୟା, ସମାଜସେବୀ ମହେଶ୍ୱର ଷଣ୍ଢ, ଗୌରାଙ୍ଗ ଘଡ଼େଇ ପ୍ରମୁଖ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ଶ୍ରିୟାଶକ୍ତି ମହାନ୍ତି, ଇତିଶ୍ରୀ ନାୟକ, ଶାନ୍ତିଲତା ପଣ୍ଡା, ବିଶ୍ୱମୋହନ ମିଶ୍ର ଓ ମନୋରଞ୍ଜନ ସେଣ ପ୍ରମୁଖ ସହଯୋଗ କରିଥିଲେ।

## ପୋଷଣ ମାସ ସଚେତନତା କାର୍ଯ୍ୟକ୍ରମ



**ରାଜନଗର, ୧୭।୧୦(ସମିସ):** ରାଜନଗର ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାସ କାର୍ଯ୍ୟକ୍ରମ ଆଜି ପାଳିତ ହୋଇଯାଇଛି। ମିଶନ ଶକ୍ତି ସଭାଗୃହରେ ରାଜନଗର ଶିଶୁ ପ୍ରକଳ୍ପ ଅଧିକାରିଣୀ ଦୀପାଳି ମିଶ୍ରଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଡାକ୍ତର ଆଦିତ୍ୟ ନାରାୟଣ ପ୍ରଧାନ, ବିଡିଓ ଅନିରୁଦ୍ଧ ବେହେରା ଅତିଥି ଭାବେ ଯୋଗଦେଇ ଶିଶୁଙ୍କ କିପରି ବିକାଶ ହୋଇପାରିବ, ସେମାନେ ସୁସ୍ଥ ରହିବେ ସେଥିପାଇଁ କମ୍ ଚିନି, ଲୁଣ ଓ ତେଲ ବ୍ୟବହାର କରିବା ସହ ଆଇରନଯୁକ୍ତ, ପନିପରିବା, ଡାଲି ଜାତୀୟ ଓ ଚୁନା ମାଛକୁ ଖାଦ୍ୟ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡି କର୍ମୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୋଷଣ ବ୍ଲକ ସଂଯୋଜକ ଶଶଧର ପୃଷ୍ଟି, ସୁପରଭାଇଜର ମିନତୀ ମିଶ୍ର, ସନ୍ଧ୍ୟାରଣୀ ବେହେରା, ରଜନୀ ରାଉତ, ସମୀକ୍ଷା ଦାସ, ଶୈଳପ୍ରଭା ସ୍ୱାଇଁ, ବିଜୟାଲକ୍ଷ୍ମୀ ସ୍ୱାଇଁ, ପ୍ରତିଭା ମହାନ୍ତି, ସ୍ୱାଗତିକା ତରାଇ ପ୍ରମୁଖ ପରିଚାଳନା କରିଥିଲେ।

## ଲକ୍ଷାଧିକ ଟଙ୍କାର ଚୋରାକାଠ ଜବତ

**ଡେରାବିଶ/ପଞ୍ଚୁପାଣ୍ଡବ, ୧୭।୧୦(ସମିସ):** ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁରସ୍ଥ ଗୋବରୀ ପୋଲ ନିକଟରେ ଆଜି ସନ୍ଧ୍ୟାରେ ଏକ ଚୋରା କାଠ ବୋଝେଇ ଟ୍ରାକ୍ଟରକୁ ଡେରାବିଶ ବନପାଳ ସୁକାନ୍ତ କୁମାର ବେହେରା ଜବତ କରିଥିବା ଜଣାଯାଇଛି। ପଟ୍ଟାମୁଣ୍ଡାଇ ଡାମରପୁର ଅଞ୍ଚଳରୁ ଏକ କାଠ ବୋଝେଇ ଟ୍ରାକ୍ଟର ଆସୁଥିବାବେଳେ କୌଣସି ସୂତ୍ରରୁ ଖବର ପାଇ ଡେରାବିଶ ବନପାଳ ଶ୍ରୀ ବେହେରା ସଦଳବଳେ ଚଢ଼ଉ କରି ଏହାକୁ ଜବତ କରିଥିଲେ। ପରେ ତଦନ୍ତରୁ ଏହି କାଠ ଚାଲାଣର କୌଣସି କାଗଜପତ୍ର ନ ଥିବା ଦେଖିବାକୁ ମିଳିଥିଲା। ଏହି କାଠ ବୋଝେଇ ଟ୍ରାକ୍ଟରକୁ ଜବତ କରି ବନପାଳ ଶ୍ରୀ ବେହେରା ତଦନ୍ତ ଚଳାଇଥିବା ଜଣାପଡ଼ିଛି। ତେବେ ଏହି କାଠର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ସୂଚନା ମିଳିଛି।

## ଚାନ୍ଦୋଳ କଲେଜରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ସପ୍ତାହ




ଡେରାବିଶ, ୧୭।୧୦(ସମିସ): ଚାନ୍ଦୋଳସ୍ଥ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗ ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏ ଉପଲକ୍ଷେ ଆୟୋଜିତ ସଭାରେ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଝରାଶ୍ରୀ ପରିଜା ସଭାପତିତ୍ୱ କରିଥିବାବେଳେ ଅଧ୍ୟକ୍ଷ ପ୍ରାଧ୍ୟାପକ ଅକ୍ଷୟ କୁମାର ବଳ ମୁଖ୍ୟଅତିଥି, ବାଙ୍କି ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ ମୁରଲୀଧର ରଥ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପ୍ରଶାସନିକ ମୁଖ୍ୟ ଅଧ୍ୟାପକ ବିନୟ କୁମାର ଷଡ଼ଙ୍ଗୀ ଓ ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ପ୍ରକୋଷ୍ଠ ମୁଖ୍ୟ ଅଧ୍ୟାପିକା ସୁକନ୍ୟା ମହାନ୍ତି ଯୋଗଦେଇ ବିପର୍ଯ୍ୟୟ ଓ ଜରୁରିକାଳୀନ ସମୟରେ ମାନସିକ ସ୍ୱାସ୍ଥ୍ୟର ଭୂମିକା ଓ ସେବା ଉପଲବ୍ଧତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସଭାରେ ମହାବିଦ୍ୟାଳୟର ମନସ୍ତତ୍ତ୍ୱ ବିଜ୍ଞାନ ବିଭାଗର ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। ଆରମ୍ଭରେ ଶୁଭଶ୍ରୀ ତ୍ରିପାଠୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଛାତ୍ରୀ ରାକ୍ଷୀ ତ୍ରିପାଠୀ ନୃତ୍ୟ ପରିବେଷଣ କରିଥିଲେ। ଜୟଶ୍ରୀ ଦ୍ୱିବେଦୀ କରାଟେ କୌଶଳ ପ୍ରଦର୍ଶନ କରିଥିଲେ। ମନସ୍ତତ୍ତ୍ୱ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଯୋଗଶିକ୍ଷା ତାଲିମ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ଶ୍ରୀମତୀ ଦାସ, ମିନାକ୍ଷୀ ପ୍ରଧାନ, ମନୀଷା ମହାରଣା, ସ୍ମୃତିରେଖା ପଣ୍ଡା, ସର୍ମିଷ୍ଠା ଦାସ ଓ ଅଧ୍ୟାପକ ପ୍ରଦୀପ ରାଉତ, ଦିବ୍ୟ କୁମାର ଦାସ, ଶଶୀଭୂଷଣ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପିକା ମନୀଷା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂତନ ଶ୍ରମ ଆଇନ ପ୍ରତ୍ୟାହାର ଦାବିରେ ସିଟୁର ବିକ୍ଷୋଭ

**କେନ୍ଦ୍ରାପଡ଼ା, ୧୭।୧୦(ସମିସ):** ନୂତନ ଶ୍ରମ ଆଇନକୁ ପ୍ରତ୍ୟାହାର କରାଯିବା ଦାବିରେ କେନ୍ଦ୍ରାପଡ଼ା ସିଆଇଟିୟୁ ପକ୍ଷରୁ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ଶ୍ରମିକଙ୍କ କୌଣସି ଉପକାର କରିବା ବଦଳରେ ଦଳର ହୁକୁମକୁ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶା ଫାକ୍ଟ୍ରି ଆଇନକୁ ସଂଶୋଧନ କରାଯାଇଛି। ସେଥିରେ ୧୮୮୫ ଆନ୍ତର୍ଜାତିକ ଶ୍ରମ ଦିବସ ମଇ ପହିଲାଠାରୁ ଚଳିଆସିଥିବା ଶ୍ରମିକଙ୍କ ଦୈନିକ ୮ ଘଣ୍ଟା କାର୍ଯ୍ୟ ସମୟକୁ ବଦଳାଯାଇ ଦୈନିକ ୧୦ ଘଣ୍ଟା କାର୍ଯ୍ୟ କରିବାକୁ ନୂତନ ଆଇନରେ ବ୍ୟବସ୍ଥା କରାଯାଇଛି। ଏହା ଶ୍ରମିକ ଶ୍ରେଣୀର ସ୍ୱାର୍ଥ ବିରୋଧୀ ଅଟେ। ଆନ୍ତର୍ଜାତିକ ଶ୍ରମ ସଂସ୍ଥାର ବିନା ଅନୁମତିରେ ଶ୍ରମିକଙ୍କ ଶ୍ରମ କରିବାର ସମୟକୁ ପରିବର୍ତ୍ତନ କରାଯାଇପାରିବନାହିଁ। କାରଣ ଭାରତ ଆଇଏଲଓ ସହିତ ହୋଇଥିବା ଏକ ଚୁକ୍ତିରେ ସ୍ୱାକ୍ଷରକାରୀ ରହିବା ସହିତ ପ୍ରତିଶ୍ରୁତିବଦ୍ଧ ଅଟେ। ରାଜାରାଜୁଡା ଓ ଜମିଦାରଙ୍କ ସମୟରେ ଯେପରି ଶ୍ରମିକମାନେ ବେଠି ଓ ବେଗାରୀ ଖଟୁଥିଲେ, ସେହିପରି ଆଦାନୀ, ଅମ୍ବାନୀ ଓ ବେଦାନ୍ତ ଭଳି ପୁଞ୍ଜିପତିଙ୍କ ପଦଲେହନ କରି ସେମାନଙ୍କ ପୁଞ୍ଜିର ସୁରକ୍ଷା ବୃଦ୍ଧି ପାଇଁ ଏହି ଶ୍ରମ ଆଇନକୁ ସଂଶୋଧିତ କରାଯାଇ ଓଡ଼ିଶା ଭଳି ରାଜ୍ୟକୁ ଏକ କଳା ଆଇନ ପ୍ରଣୟନ କରିବାକୁ ପ୍ରବର୍ତ୍ତାଯାଇଛି। ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କୁ ଦାବିପତ୍ର ପ୍ରଦାନ ସମୟରେ ସିଆଇଟିୟୁର ଜିଲ୍ଲା ସଭାପତି ମୁକ୍ତାର ଖାଁ, ପ୍ରକାଶ ମହାନ୍ତି, କାଞ୍ଚନ ସ୍ୱାଇଁ, ମାଧବ ଦାସ, ଅକ୍ଷୟ ତରାଇ, କିଶୋର ସାହୁ, ପରମେଶ୍ୱର ସୂତାର, ନିର୍ମଳା ସିଂହ, ସ୍ନେହଲତା ଗାହାଣ, ସୁଷମା ପଣ୍ଡା, ବିନୟ ମଲିକ, ସତ୍ୟଭାମା ସାହୁ, ରବୀନ୍ଦ୍ର ମହାକୁଡ, ରାଜେଶ ଖିଲାର, ଅଶୋକ କୁମାର ନାଥ, ମଥୁରୀ ମଲିକ, ମାନରଞ୍ଜନ ଷଡଙ୍ଗୀ, ତପନ ମଲିକ, ନିରାକାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




## ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଡେରାବିଶ, ୧୭।୧୦(ସମିସ): ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଡେରାବିଶ ହାଇସ୍କୁଲ ପଡ଼ିଆରେ ଚାଲିଥିବା ଡେରାବିଶ ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ନୋଡାଲ ପ୍ରଧାନ ଶିକ୍ଷୟିତ୍ରୀ ଡ. କାନନବାଳା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ଚନ୍ଦ୍ର ମନ୍ତ୍ରୀ, ସମ୍ମାନିତ ଅତିଥି ଭାବେ ମଣ୍ଡଳ ସହଶିକ୍ଷା ଅଧିକାରୀ ଖଗେଶ୍ୱର ନାୟକ, ସଚିକାନ୍ତ ମିଶ୍ର ଓ ପ୍ରଧାନ ଶିକ୍ଷୟିତ୍ରୀ ଟିକିଲି ସ୍ୱାଇଁ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଯଅଁରାବାରିମୂଳ କ୍ଲଷ୍ଟର ସିଆରସିସି ପ୍ରଶାନ୍ତ ଶତପଥୀ ସ୍ୱାଗତ ଭାଷଣ,



ଅତିଥି ପରିଚୟ ପ୍ରଦାନ ସହ ସଭା ପରିଚାଳନା କରିଥିଲେ। ମଣ୍ଡଳ ସମ୍ପାଦକ ମଧୁସୂଦନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାରେ ଡେରାବିଶ ବ୍ଲକର ସମସ୍ତ ଉଚ୍ଚପ୍ରାଥମିକ ଓ ଉଚ୍ଚବିଦ୍ୟାଳୟର ୧୨୦ ଜଣ ଛାତ୍ରଛାତ୍ରୀ ଦୌଡ଼, ସଟପୁଟ୍ ଥ୍ରୋ, ଡିସ୍‌କସ୍ ଥ୍ରୋ, ଜାଭେଲିନ୍ ଥ୍ରୋ, ଉଚ୍ଚଡିଆଁ, ଲମ୍ବଡିଆଁ ଓ କ୍ରିକେଟ୍ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାରେ ପର୍ଯ୍ୟବେକ୍ଷକ ଭାବେ ବାନାମ୍ବର ଜେନା, ନିରଞ୍ଜନ ଦାସ, ମହେଶ୍ୱର ମଣ୍ଡଳ, ଭାଗ୍ୟଧର ମହାରଣା ଯୋଗ ଦେଇଥିଲେ। ପ୍ରତିଯୋଗିତାକୁ ବ୍ଲକ ଅନ୍ତର୍ଗତ ସମସ୍ତ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶାରୀରିକ ଶିକ୍ଷା ଓ କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

## ବ୍ଲକ୍‌ସ୍ତରୀୟ ଖେଳକୁଦ ପ୍ରତିଯୋଗିତା

**ରାଜନଗର, ୧୭।୧୦(ସମିସ):** ରାଜନଗର ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା ମହିଁଷାସୁର ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସମ୍ପାଦକ ରଞ୍ଜନ ରାଉଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହିଁଷାସୁର ପଞ୍ଚାୟତ ସରପଞ୍ଚ ଅଶୋକ ମହାନ୍ତି ମୁଖ୍ୟଅତିଥି, ନୋଡାଲ ପ୍ରଧାନଶିକ୍ଷକ ସୁଭ୍ରଜ କୁମାର ବରାଳ ମୁଖ୍ୟବକ୍ତା, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଶିବପ୍ରସାଦ ବେହେରା, ରାଜନଗର ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ଜ୍ଞାନରଞ୍ଜନ ଛାଟୋଇ, ବିରଞ୍ଚି ପ୍ରସାଦ ଜେଠି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ବରଦାକାନ୍ତ ଜେନା ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରିକେଟ, ଲଙ୍ଗଜମ୍ପ, ହାଇଜମ୍ପ, ୧୦୦ ମିଟର, ୨୦୦ ମିଟର ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ କରାଯାଇଥିଲା। ଏହି ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ପର୍ଯ୍ୟବେକ୍ଷକ ଭାବେ ସୀତାକାନ୍ତ ରାଉଳ ଓ ବ୍ରହ୍ମାନନ୍ଦ ରାଉତ ଯୋଗଦେଇ ଶ୍ରେଷ୍ଠ ପ୍ରତିଯୋଗୀ ଚୟନ କରିଥିଲେ।

## ବିଜେପି ରାଜ୍ୟ ଉପସଭାପତିଙ୍କୁ ସମ୍ବର୍ଦ୍ଧନା

**ଡେରାବିଶ, ୧୭।୧୦(ସମିସ):** ବିଜେପିର ରାଜ୍ୟ ଉପସଭାପତି ଭାବେ ନିଯୁକ୍ତ ହୋଇଥିବା ବିଷ୍ଣୁ ଦାସଙ୍କୁ ଆଜି ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ଫାଣ୍ଡି ନିକଟରେ ବିଜେପି ଦଳ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଚାନ୍ଦୋଳ ମଣ୍ଡଳ ସଭାପତି ତାପସ ରଞ୍ଜନ ନାୟକଙ୍କ ନେତୃତ୍ୱରେ ୧୨ନଂ ଜୋନ୍ ସଭାପତି ଅଶ୍ୱିନୀ ପରିଡ଼ା, ସମ୍ପାଦକ ପ୍ରିୟଦର୍ଶନ ସ୍ୱାଇଁ, ଉପସଭାପତି ମମତା ସେଠୀ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ବାରିକ, ଶିଶିର ମହାନ୍ତି, ଧିରେନ୍ଦ୍ର ଶତପଥୀ, ବିଦ୍ୟୁତ ଭୂଷଣ ମହାନ୍ତି, ଧନଞ୍ଜୟ ପଣ୍ଡା, ରମେଶ ବେହେରାଙ୍କ ସମେତ ଚାନ୍ଦୋଳ ମଣ୍ଡଳ ଅନ୍ତର୍ଗତ ସମସ୍ତ ପଞ୍ଚାୟତର କର୍ମକର୍ତ୍ତା ଓ ବିଜେପି କର୍ମୀ ଉପସ୍ଥିତ ରହି ଶ୍ରୀ ଦାସଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।

# ଓଡ଼ିଶା କୃଷକ ସଭା ଜିଲ୍ଲା ସମ୍ମିଳନୀ ଉଦ୍‌ଯାପିତ

ରାଜକନିକା, ୧୭।୧୦(ସମିସ)




ସମସ୍ତ କୃଷିଜାତ ପଦାର୍ଥର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ ପାଇଁ ଆଇନ, କୃଷି ଓ କୃଷକ ବିରୋଧୀ ନୂତନ ବିଦ୍ୟୁତ ଆଇନ୍ ପ୍ରତ୍ୟାହାର, କ୍ୱିଣ୍ଟାଲ ପିଛା ସର୍ବନିମ୍ନ ୪, ୦୦୦ ଟଙ୍କା ପ୍ରଦାନ ସହିତ ପ୍ରତି ପଞ୍ଚାୟତରେ ମଣ୍ଡି ଖୋଲି ସମସ୍ତ ଚାଷୀ ଓ ଭାଗଚାଷୀଙ୍କଠାରୁ ଧାନ କିଣିବା, କେନ୍ଦ୍ରାପଡ଼ା ଜିଲ୍ଲାରେ କୃଷିଭିତ୍ତିକ ଶିଳ୍ପ ଓ ଶୀତଳ ଭଣ୍ଡାର ପ୍ରତିଷ୍ଠା, ବନ୍ୟା ଓ ମରୁଡ଼ିର ସ୍ଥାୟୀ ପ୍ରତିକାର, ଭାଗଚାଷୀଙ୍କୁ ମାନ୍ୟତା ଦେବା ସହିତ ସମସ୍ତ ସରକାରୀ ସହାୟତା ଯୋଗାଇବା, ଅହେତୁକ ବିଦ୍ୟୁତ୍ କାଟ୍ ବନ୍ଦ କରିବା ସହିତ ଚଢ଼ା ବିଦ୍ୟୁତ ଦେୟ ପ୍ରତ୍ୟାହାର, ମନରେଗା ଯୋଜନାରେ ବର୍ଷକୁ ୨୦୦ ଦିନ କାମ ଦେବା, ଦୈନିକ ମଜୁରି ୬୦୦ ଟଙ୍କା ପ୍ରଦାନ, ସାରର ଅଭାବୀ ବିକ୍ରି ବନ୍ଦ କରିବା ଓ ସରକାରୀ ସଂସ୍ଥା ମାଧ୍ୟମରେ ପର୍ଯ୍ୟାପ୍ତ ପରିମାଣରେ ଯୋଗାଇ ଦେବା, କେନ୍ଦ୍ରାପଡ଼ାରୁ ପୁରୀ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ, ଆକାଶଛୁଆଁ ଦରବୃଦ୍ଧି ରୋକିବା ଦାବିରେ ଅଖିଳ ଭାରତ କୃଷକ ସଭା ଅନୁବନ୍ଧିତ ଓଡ଼ିଶା କୃଷକ ସଭାର ଦୁଇଦିନିଆ କେନ୍ଦ୍ରାପଡ଼ା ଜିଲ୍ଲା ଅଷ୍ଟମ ସମ୍ମିଳନୀ ଶୁକ୍ରବାର ଉଦ୍‌ଯାପିତ ହୋଇଛି।

ରାଜକନିକା ବ୍ଲକ ଅନ୍ତର୍ଗତ ଭାରିଗଦା ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଘରୋଇ ଅଧିବେଶନ ପ୍ରାରମ୍ଭରେ ସଂଗଠନର ପତାକା ଉତ୍ତୋଳନ କରିଥିଲେ ବର୍ଷିଆନ କୃଷକ ନେତା ଦାମୋଦର ଧଳ। ରାଜ୍ୟର ବିଶିଷ୍ଟ କୃଷକ ନେତା ଜଗନ୍ନାଥ ମିଶ୍ରଙ୍କ ନାମରେ ନାମିତ ସମ୍ମିଳନୀ କକ୍ଷରେ ଶତାଧିକ ପ୍ରତିନିଧିଙ୍କୁ ନେଇ ସମ୍ମିଳନୀ ଆରମ୍ଭ ହୋଇଥିଲା। ଗୟାଧର ଧଳ, ଧନେଶ୍ୱର ରାଉତ, ଶଶୀକଳା ରାଉତଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ସଭା ପରିଚାଳନା କରିଥିଲେ। ସମ୍ମିଳନୀକୁ ରାଜ୍ୟ ସଭାପତି ଜମେଶ୍ୱର ସାମନ୍ତରାୟ ଉଦ୍‌ଘାଟନ କରିଥିଲେ। ବିଜୟ ଦାସ ସମ୍ପାଦକୀୟ ରିପୋର୍ଟ ପାଠ କରିବା ପରେ ବିଭିନ୍ନ ପ୍ରତିନିଧି ଆଲୋଚନା କରିଥିଲେ। ସିଟୁ ପକ୍ଷରୁ କିଶୋର ସାହୁ, କଳିଙ୍ଗ ଭାରତ ଶ୍ରମିକ ସଂଗଠନ ପକ୍ଷରୁ ପ୍ରକାଶ ମହାନ୍ତି, କ୍ଷେତମୂଲିଆ ସଂଗଠନ ପକ୍ଷରୁ ଭୀମସେନ ବେହେରା ପ୍ରମୁଖ ଆଲୋଚନା କରିଥିଲେ। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ହଳଧର ମଲ୍ଲିକ ସମ୍ମିଳନୀର ସଫଳତା କାମନା କରିଥିଲେ। ଏ ଅବସରରେ ଆସନ୍ତା ତିନିବର୍ଷ ପାଇଁ କାଳୀପ୍ରସାଦ ନାୟକ ସଭାପତି, ବିଜୟ ଦାସ, ଧନେଶ୍ୱର ରାଉତ, ସୋମନାଥ ବିଶ୍ୱାଳ ଉପସଭାପତି, ଗୟାଧର ଧଳ ସମ୍ପାଦକ, ନବକିଶୋର ସୂତାର, ଶରତ ରାଉତ, ସୁକାନ୍ତ ରାଉତ ସହସମ୍ପାଦକ, ନରୋତ୍ତମ ପାର୍ଥସାରଥୀ କୋଷାଧ୍ୟକ୍ଷ ମନୋନୀତ ହୋଇଛନ୍ତି। ଏମାନେ ଆସନ୍ତା ୨୬, ୨୭, ୨୮ ତାରିଖରେ ନୟାଗଡ଼ ଜିଲ୍ଲା ରଣପୁରଠାରେ ଅନୁଷ୍ଠିତ ରାଜ୍ୟ ସମ୍ମିଳନୀରେ ଜିଲ୍ଲା ପକ୍ଷରୁ ପ୍ରତିନିଧିତ୍ୱ କରିବେ।





# ବୁଲା କୁକୁରକୁ ପିଟି ପିଟି ହତ୍ୟା

**କଟକ, ୧୭।୧୦(ସମିସ):** ମଣିଷ ଭୁଲିଗଲା ମଣିଷପଣିଆ। ବିଡ଼ାନାସୀ ଥାନା ଅନ୍ତର୍ଗତ କୁମ୍ଭାରସାହିର ଏକ ଗଳି ରାସ୍ତାରେ ଏକ ନିରୀହ ବୁଲା କୁକୁରକୁ ଜଣେ ବ୍ୟକ୍ତି ପିଟି ପିଟି ହତ୍ୟା କରିଥିବା ଭିଡ଼ିଓ ଭାଇରାଲ ହୋଇଥିଲା। ଏହାପରେ କଟକର ୨ଟି ସଙ୍ଗଠନ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ପୁଲିସ ଏତଲା ପଞ୍ଜୀକରଣ କରି ସ୍ଥାନୀୟ ଅଞ୍ଚଳର ସିସି କ୍ୟାମେରା ଫୁଟେଜ୍‌କୁ ଯାଞ୍ଚ କରୁଛି। ଏହି ଭିଡ଼ିଓ ସୋସିଆଲ୍ ମିଡ଼ିଆରେ ଭାଇରାଲ ହେବା ପରେ ସାରା ରାଜ୍ୟର ପଶୁପ୍ରେମୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ସିଡିଏ ଅଞ୍ଚଳର ପଶୁପ୍ରେମୀ ଇଜି ରାଓ ଥାନାରେ ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ସୂଚନା ଅନୁସାରେ, କୁମ୍ଭାରସାହି ଅଞ୍ଚଳରେ ମହେଶ୍ୱର ନାମକ ଜଣେ ବ୍ୟକ୍ତି ଚା' ଦୋକାନ କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ସଂଖ୍ୟାଧିକ ବୁଲା କୁକୁର ଲୋକମାନଙ୍କୁ ଅତିଷ୍ଠ କରନ୍ତି। ମହେଶ୍ୱରଙ୍କ ଦୋକାନକୁ ସେ ବୁଲା କୁକୁରଟି ପ୍ରାୟତଃ ଖାଦ୍ୟ ଲାଳସାରେ ଆସିଥାଏ। ସେ ତାକୁ ଖାଇବାକୁ ନଦେଇ ବିଭିନ୍ନ ସମୟରେ ବାଡ଼ିରେ ଆକ୍ରମଣ କରିଥିବା ପୁଲିସ ଜାଣିବାକୁ ପାଇଛି। ଗତକାଲି ସେ ରାସ୍ତା ମଝିରେ ସେହି କୁକୁରକୁ ଗୋଡାଇ ଗୋଡ଼ାଇ ପିଟିଥିଲେ। ନିର୍ଘାତ ମାଡ଼ରେ ରାସ୍ତା ଉପରେ କୁକୁରର ପ୍ରାଣ ଚାଲିଯାଇଥିଲା। ଏହାପରେ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ଏକ ସିସି କ୍ୟାମେରାରେ ଏହି ଦୃଶ୍ୟ କଏଦ ହୋଇଥିଲା। ତା'ପରେ ସୋସିଆଲ୍ ମିଡିଆରେ ଏହା ଭାଇରାଲ ହୋଇଥିଲା। ଅଭିଯୁକ୍ତ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ମହଲରୁ ଦାବି ଉଠିଛି।

**ଥାନାରେ ମାମଲା: ସିସି କ୍ୟାମେରା ଯାଞ୍ଚ କରୁଛି ପୁଲିସ**

## ଶ୍ରମିକନେତା କୃଷ୍ଣ ପାତ୍ର ଅସୁସ୍ଥ

**କଟକ, ୧୭।୧୦(ସମିସ):** ପୁରୁଖା ଶ୍ରମିକ ନେତା ତଥା ରାଜନୀତିଜ୍ଞ କୃଷ୍ଣଚନ୍ଦ୍ର ପାତ୍ର ଗୁରୁତର ଭାବେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ତୁରନ୍ତ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ସେ ଆଇସିୟୁରେ ରହିଥିବା ବେଳେ ତାଙ୍କ ଅବସ୍ଥା ସ୍ଥିର ରହିଛି।

**ଫାଇନାନ୍ସ ଏଜେଣ୍ଟଙ୍କୁ ଚେତାବନୀ**

# ରାସ୍ତାରେ ଗାଡ଼ି ଛଡ଼ାଇଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

**କଟକ, ୧୭।୧୦(ସମିସ)**

ମହାନଗରରେ ଏଣିକି ଫାଇନାନ୍ସ କମ୍ପାନୀ ଏବଂ ସେମାନଙ୍କ ଏଜେଣ୍ଟ ଉପରେ କଡ଼ା ନଜର ରଖିବ କମିଶନରେଟ ପୁଲିସ। କଟକ ସହରରେ ୩୦ରୁ ଅଧିକ ଛୋଟବଡ଼ ଫାଇନାନ୍ସ କମ୍ପାନୀ ନିଜର ବ୍ୟବସାୟ କରୁଛନ୍ତି। ବିଭିନ୍ନ ସମୟରେ ସେମାନେ ବଳପୂର୍ବକ ଋଣ ଆଦାୟ କରି ଗ୍ରାହକଙ୍କୁ ଅସୁବିଧାରେ ପକାଉଛନ୍ତି। ବିଶେଷ କରି କମ୍ପାନୀ ପକ୍ଷରୁ ନିଯୁକ୍ତ ଏଜେଣ୍ଟ ଗାଡ଼ି ଋଣ ନେଇଥିବା ଗ୍ରାହକଙ୍କୁ ରାସ୍ତାରେ ଅଟକାଇ ଗାଡ଼ି ଛଡ଼ାଇବା ଏବଂ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ଭଳି ଅଭିଯୋଗ ବାରମ୍ବାର ଥାନାରେ ହେଉଛି। ସେହିଭଳି ବ୍ୟାଙ୍କ୍ ଗୁଡ଼ିକ ମଧ୍ୟ ଏଜେଣ୍ଟ ନିଯୋଜିତ କରିଛନ୍ତି। ସେମାନେ ବି ଋଣ ଆଦାୟ ସମୟରେ ଶାଳୀନତା ରକ୍ଷା କରୁନାହାନ୍ତି। ଋଣ ଗ୍ରହୀତାଙ୍କୁ ହଇରାଣ କରିବା ସହିତ ସେମାନଙ୍କ ନୋମିନୀଙ୍କୁ ବାରମ୍ବାର ଫୋନ୍ କରି ଅତିଷ୍ଠ କରୁଛନ୍ତି। କୌଣସି କାରଣରୁ ଋଣ ନେଇଥିବା ଗ୍ରାହକ ମାସିକ ଇଏମ୍ଆଇ ଦେବାରେ ଖିଲାପ କଲେ ଫୋନ୍ କଲ କରାଯାଉଛି। ବିଶେଷ କରି ବିଳମ୍ବିତ ରାତିରେ ଫୋନ୍ କରି ଋଣ ଟଙ୍କା ମାଗିବା, ଧମକ ଦେବା, ଡିଜିଟାଲ ଋଣ ଗ୍ରହୀତାଙ୍କ କାଗଜପତ୍ରର ଗୋପନୀୟତା ବାହାରେ ପ୍ରଘଟ କରୁଛନ୍ତି। ଏଭଳି ଅଭିଯୋଗ କମିଶନରେଟ୍ ପୁଲିସ ପାଖକୁ ଆସୁଥିବା ବେଳେ ଏହି କାରବାରରେ ଅଙ୍କୁଶ ଲଗାଇବାକୁ ବ୍ୟାଙ୍କର କୌଣସି ନିର୍ଦ୍ଦିଷ୍ଟ ନିୟମାବଳୀ ନଥିଲା। ଡିଜିଟାଲ୍ ଋଣ ପ୍ରଦାନକାରୀ ସଂସ୍ଥା ଗୁଡ଼ିକ ମଧ୍ୟ ଗୋପନୀୟ ତଥ୍ୟ ନେଇ ବିଭିନ୍ନ ଅସାଧୁ କାରବାର କରୁଥିଲେ। ଏବେ ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ନୂଆ ଗାଇଡ୍ ଲାଇନ ଏସବୁ ସମସ୍ୟାରେ ରୋକ୍ ଲଗାଇବ। ଋଣ ଅସୁଲ ନେଇ କଠୋର ନିୟମ ଆଣିଛି ଆର୍‌ବିଆଇ। ତେବେ କମିଶନରେଟ୍ ପୁଲିସ ସହରରେ ରହୁଥିବା ଫାଇନାନ୍ସ ଏଜେଣ୍ଟଙ୍କ ଉପରେ ସ୍ୱତନ୍ତ୍ର ନଜର ରଖିଛି। ରାସ୍ତାରେ କୌଣସି ଗ୍ରହୀତାଙ୍କ ଠାରୁ ଗାଡି ଛଡ଼ାଇଲେ, ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏଡିସିପି ଅମରେନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି।

ସହରର ମଙ୍ଗଳାବାଗ ଥାନା, କ୍ୟାଣ୍ଟେନମେଣ୍ଟ ଥାନା, ବିଡ଼ାନାସୀ ଥାନା, ସିଡିଏ ଫେଜ୍-୨ ଥାନା, ପୁରୀଘାଟ ଥାନା, ଜଗତପୁର ଓ ଚୌଦ୍ୱାର ଥାନା ଅଞ୍ଚଳରେ ଫାଇନାନ୍ସ କମ୍ପାନୀର ଏଜେଣ୍ଟମାନେ ରାସ୍ତା ଉପରେ ଋଣ ଖିଲାପକାରୀଙ୍କର ଗାଡ଼ି ଛଡ଼ାଇ ଆସୁଛନ୍ତି। ଏ ସଂକ୍ରାନ୍ତରେ ବିଭିନ୍ନ ଥାନାରେ ଗ୍ରାହକମାନେ ବାରମ୍ବାର ଅଭିଯୋଗ କରିବାର ନଜିର ରହିଛି। ସମ୍ପ୍ରତି ଆରବିଆଇ ପକ୍ଷରୁ ଜାରି ହୋଇଥିବା ଗାଇଡଲାଇନରେ କୁହାଯାଇଛି, ବାଧ୍ୟବାଧକତାରେ କୌଣସି ଗ୍ରାହକଙ୍କ ଠାରୁ ବ୍ୟାଙ୍କ କିମ୍ବା ଫାଇନାନ୍ସ କମ୍ପାନୀର ଏଜେଣ୍ଟ ଋଣ ଅସୁଲ କରି ପାରିବେ ନାହିଁ। ସକାଳ ୮ଟା ପୂର୍ବରୁ କିମ୍ବା ସନ୍ଧ୍ୟା ୭ଟା ପରେ କୌଣସି ବ୍ୟାଙ୍କ ବା ଅର୍ଥଲଗାଣକାରୀ ସଂସ୍ଥା ଉଭୟ ଗ୍ରାହକ ଏବଂ ଗ୍ୟାରେଣ୍ଟର ତଥା ସମ୍ପର୍କୀୟଙ୍କୁ ଫୋନ୍ କରି ଋଣ ଟଙ୍କା ମାଗି ପାରିବେ ନାହିଁ। ରାସ୍ତାଘାଟରେ ଛିଡ଼ା ହୋଇ ଜୋରଜବରଦସ୍ତ ଗାଡ଼ି ଛଡ଼ାଇବା ବା ଋଣ ଟଙ୍କା ମାଗି ହଇରାଣ କରି ପାରିବେ ନାହିଁ। ଋଣଗ୍ରହୀତା ଏବଂ ତାଙ୍କ ସମ୍ପର୍କୀୟଙ୍କ ମୋବାଇଲରେ କୌଣସି ପ୍ରକାର ଧମକପୂର୍ଣ୍ଣ ମେସେଜ୍ ଦେଇ ପାରିବେ ନାହିଁ। କୌଣସି ଗ୍ରାହକ ଇଏମଆଇ ନଦେଇ ପାରିଲେ, ସେମାନଙ୍କୁ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ମାଧ୍ୟମରେ ଋଣ ପରିଶୋଧ କରିବାକୁ କୁହାଯିବ। ବିଶେଷତଃ କରି ଗାଡ଼ି ଋଣ ନେଇଥିବା ଗ୍ରାହକଙ୍କୁ ରାସ୍ତା ମଝିରେ ଏଜେଣ୍ଟମାନେ ଅଟକାଇ ଗାଡ଼ି ଛଡ଼ାଇ ପାରିବେ ନାହିଁ ବୋଲି ଆରବିଆଇ ସ୍ପଷ୍ଟ କରିଛି। ଏ ସମ୍ପର୍କରେ ଏକ ଫାଇନାନ୍ସର ରିକଭରି ମ୍ୟାନେଜର୍ ଅଶୋକ ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, ଆରବିଆଇର ନିୟମକୁ ପାଳନ କରାଯିବ। ଫାଇନାନ୍ସ କମ୍ପାନୀ କେବେ ଏଜେଣ୍ଟମାନଙ୍କୁ ଧମକ ଦେବାକୁ କହି ନଥାଏ। ଏସବୁ ଏଜେଣ୍ଟମାନଙ୍କ ଉପରେ ନିର୍ଭର କରେ ଯେ ସେମାନେ କେମିତି ଟଙ୍କା ଆଦାୟ କରିବେ। ଏଣିକି ସହରରେ ଆଉ ଗାଡ଼ି ଛଡ଼ାଉଥିବା ଏଜେଣ୍ଟମାନଙ୍କୁ ଦେଖିବାକୁ ମିଳିବ ନାହିଁ। ଆରବିଆଇ ଗାଇଡ୍ ଲାଇନକୁ ଉଲ୍ଲଙ୍ଘନ କରି ଗରାଖମାନଙ୍କୁ ଅସୁବିଧାରେ ପକାଇଲେ, ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି



- ମହଙ୍ଗା ପଡ଼ିବ ବଳପୂର୍ବକ ଋଣ ଆଦାୟ
- କମିସନରେଟ୍ ପୁଲିସ ରଖିବ ଫାଇନାନ୍ସ କମ୍ପାନୀ ତାଲିକା

# କଂଗ୍ରେସ ପକ୍ଷରୁ ଭୋଟ୍ ଚୋରି ଦସ୍ତଖତ ଅଭିଯାନ



**କଟକ, ୧୭।୧୦(ସମିସ):** ପୁରୀଘାଟସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ କଟକ ନଗର କଂଗ୍ରେସ ପକ୍ଷରୁ ସଭାପତି ଗିରିବାଳା ବେହେରାଙ୍କ ଅଧ୍ୟକ୍ଷତାରେ ଏକ ବୈଠକରେ ପିସିସି ପର୍ଯ୍ୟବେକ୍ଷକ ଦେବେନ୍ଦ୍ର ସାହୁ ଭୋଟ ଚୋରି ଉପରେ ଆଲୋଚନା ପୂର୍ବକ କେନ୍ଦ୍ରରେ ବିଜେପି ସରକାରଙ୍କ ଭୋଟ୍ ଚୋରି ଅଭିଯୋଗ ସମ୍ପର୍କରେ ସୂଚନା ଦେବା ସହ ଏହା ବିରୋଧର ଦସ୍ତଖତ ଅଭିଯାନର ଶୁଭାରମ୍ଭ କରିଥିଲେ। ବିଧାୟିକା ସୋଫିଆ ଫିରଦୋଷ ଓ ପୂର୍ବତନ ବିଧାୟକ ମହମ୍ମଦ ମୋକିମ ଜନସାଧାରଣଙ୍କ ଭୋଟ୍ ବା ଅଧିକାର ଲୁଟ୍ ହେବା ଗଭୀର ଅପରାଧ ବୋଲି କହିବା ସହ ପ୍ରତ୍ୟେକ କଂଗ୍ରେସ କାର୍ଯ୍ୟକର୍ତ୍ତା ଜନତାଙ୍କ ସମ୍ମୁଖରେ ସତ୍ୟକୁ ଆଣିବା ଓ ଗଣତନ୍ତ୍ରକୁ ସୁରକ୍ଷା କରିବା ବୋଲି କହିଥିଲେ। ବର୍ତ୍ତମାନ ସୁଦ୍ଧା ୨୫ ହଜାର ଦସ୍ତଖତ ଶେଷ ହେଲାଣି ବୋଲି ଶ୍ରୀମତୀ ବେହେରା କହିଥିଲେ। ଏହାକୁ ଆହୁରି ତ୍ୱରାନ୍ୱିତ କରି ଏକ ଲକ୍ଷ ଦସ୍ତଖତ ପାଇଁ ପ୍ରଚେଷ୍ଟା ହେବ। ପ୍ରାରମ୍ଭରେ ସ୍ୱାଧୀନତା ସଂଗ୍ରାମୀ ତଥା ମାହାଙ୍ଗା ନିର୍ବାଚନମଣ୍ଡଳୀର ପ୍ରଥମ ବିଧାୟକ ସ୍ୱର୍ଗତ ମୌଲାନା ସୟଦ୍ ମହମ୍ମଦ ଅତାହାରଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କର୍ପୋରେଟର ଜନାର୍ଦ୍ଦନ ପରିଡ଼ା ଧନ୍ୟବାଦ ଦେଇଥିଲେ। କର୍ପୋରେଟର ଲିଜା ରାଉତ, ସ୍ୱର୍ଣ୍ଣପ୍ରଭା ପସାୟତ, ଶୁଭାଶିଷ ପଟ୍ଟନାୟକ ଓ ବଟକୃଷ୍ଣ ସାହୁ, ବରିଷ୍ଠ କଂଗ୍ରେସ ନେତା କାଶୀନାଥ ମଲ୍ଲିକ, ଅନୀଲ ରାଉତ, ଶରତଚନ୍ଦ୍ର ସେଠୀ, ରେଣୁବାଳା ରାଉତ, ଇଶରତ ଜାହାନ, ସେକ ସମ୍ମିମ ପ୍ରମୁଖ ଉପସ୍ଥିତ ଥିଲେ।

## ମହାନଦୀକୁ ଡେଇଁ ଯୁବକ ନିଖୋଜ

**ତ୍ରିଶୂଳିଆ, ୧୭।୧୦(ସମିସ):** ଗୁରୁବାର ରାତିରେ ମୁଣ୍ଡଳୀ ବ୍ୟାରେଜରୁ ମହାନଦୀକୁ ଡେଇଁ ଜଣେ ଯୁବକ ନିଖୋଜ ହୋଇଯାଇଥିବା ଜଣାପଡ଼ିଛି। ଏହି ଯୁବକ ଜଣକ ବ୍ୟାରେଜ ଉପରେ ସାଥିରେ ନେଇ ଆସିଥିବା କାରଟିକୁ ରଖି ମହାନଦୀ ମୁଣ୍ଡଳୀ ବ୍ୟାରେଜ ଉପରୁ ତଳକୁ ଡେଇଁ ପଡ଼ିଥିବା ଅନୁମାନ କରାଯାଉଛି। ଯୁବକ ଜଣକ ହେଲେ ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳର ଶକ୍ତିକାନ୍ତ ସାହୁ। ଖବର ପାଇ ଶୁକ୍ରବାର ସକାଳୁ ବାରଙ୍ଗ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମହାନଦୀରେ ଭିତରେ ଖୋଜାଖୋଜି ଜାରି ରଖିଛି। ଯୁବକ ଜଣକ ମହାନଦୀକୁ ଡେଇଁ ପଡ଼ିଛନ୍ତି ନା ଆଉ କେଉଁଆଡେ ଚାଲି ଯାଇଛନ୍ତି ତାହା ଅସ୍ପଷ୍ଟ ରହିଛି। ସେପଟେ ବାରଙ୍ଗ ଥାନା ପୁଲିସ ଓ ଜୋନ ଏସିପି ଶଶିକାନ୍ତ ରାଉତ ଘଟଣାସ୍ଥଳରେ ପହଞ୍ଚି ତାଙ୍କ ପରିବାର ଲୋକଙ୍କ ସହ ଘଟଣା ବିଷୟରେ ପଚାରି ବୁଝିବା ସହ କାର ଜବତ କରି କାରରୁ ଏକ ସୁଇସାଇଡ ନୋଟ ଜବତ କରି ତଦନ୍ତ ଜାରି ରଖିଛନ୍ତି।



# ସହରରେ ସ୍ଥାୟୀ ଶାନ୍ତି ସ୍ଥାପନା ପାଇଁ ମେୟରଙ୍କ ପ୍ରୟାସ



**କଟକ, ୧୭।୧୦(ସମିସ):** ଦର୍ଘା ବଜାରସ୍ଥିତ ନେତାଜୀ ମେମୋରିଆଲଠାରେ ଏବଂ ଝୋଲା ସାହିସ୍ଥିତ ଜଗନ୍ନାଥ ଇନ୍‌ଠାରେ କଟକ ମେୟର ସୁବାସ ସିଂହଙ୍କ ନେତୃତ୍ୱରେ କଟକ ମହାନଗର ନିଗମ ଦ୍ୱାରା କଟକ ସହରରେ ସ୍ଥାୟୀ ଶାନ୍ତି ଏବଂ ସଦଭାବନା ରକ୍ଷା କରିବା ପାଇଁ ଏକ ନିଆରା ପ୍ରୟାସ ପରିପ୍ରେକ୍ଷୀରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏହିକ୍ରମରେ ୱାର୍ଡୱାରୀ ସଦଭାବନା ସଭାର ଆୟୋଜନ କରାଯାଇଛି। ସ୍ଥାନୀୟ ସବୁ ସମ୍ପ୍ରଦାୟର ପ୍ରତିନିଧି, ଜିଲ୍ଲା ପ୍ରଶାସନ, କଟକ ମହାନଗର ନିଗମ ଏବଂ ପୁଲିସ ପ୍ରଶାସନ ସହ ଆଲୋଚନା କରି କିପରି ଶାନ୍ତି ପ୍ରତିଷ୍ଠା ବଜାୟ ରଖାଯାଇପାରିବ ତାହା ଆଲୋଚନା ହୋଇଥିଲା। ମେୟର ଶ୍ରୀ ସିଂହଙ୍କ ସହ ସିଏମସି କମିଶନର କିରଣଦୀପ କୌର ସହୋତା, କର୍ପୋରେଟର ଅରୁନ୍ଧତୀ କର, ମହମ୍ମଦ ଇଫତିକାର ଆଲମ୍, ଇତିଶ୍ରୀ ଦାସ, ଦର୍ଘା ବଜାର ଏବଂ ପୁରୀଘାଟ ପୁଲିସ ଥାନା ଆଇଆଇସି, ସିଏମସି ଅତିରିକ୍ତ ଆୟୁକ୍ତ କଳ୍ପତରୁ ବେହେରା, ସୋନଟୁଡୁ, କଟକ ତହସିଲଦାର, ସିଟି ଇଞ୍ଜିନିୟର ଅତନୁ ସାମନ୍ତ, ସିଏମସି ଯନ୍ତ୍ରୀ ଦିଲ୍ଲୀପ ସ୍ୱାଇଁ, ରବୀନ୍ଦ୍ର ସାହୁ, ସେକ ଜବିୟୁର ଉଲ୍ଲହା, ପୂର୍ବତନ କର୍ପୋରେଟର ଦୁର୍ଗାଚରଣ ସାହୁ, ଆଇନଜୀବୀ ସ୍ୱଦେଶ ଦାସ, ଦର୍ଘା ବଜାର ପୂଜା କମିଟି ସଭାପତି ସରୋଜ ରଞ୍ଜନ କର, ସମ୍ପାଦକ ରାଜକିଶୋର କର, ସମିମ ଖାନ, ମିର୍ଜା ନିଶାର ବେଗ, ସହଜଡ ଖାଁ ମହମ୍ମଦ ନିଶାର ବେଗ, ଦେବାଶିଷ ରାୟ, ସୁରେନ୍ଦ୍ର ଦାସ, ଚନ୍ଦନ ଦାସ, ସେକ ଅର୍ଫନ୍, ବିଶ୍ୱରଞ୍ଜନ ମିଶ୍ର, ସେକ ଇଜାଜ, ପପୁ ବକ୍ସ, ସରୋଜ ସ୍ୱାଇଁ, ଅତୁଲ ନନ୍ଦୀ, ବିକ୍ରମ ଛାଟୋଇ, ବସନ୍ତ ସେନ, ଦେବେନ୍ଦ୍ର ପାଣିଗ୍ରାହୀ, ସୌମେନ୍ଦ୍ର ସାହୁ, ସୌମ୍ୟ ଦର୍ଶନ ବେହେରା, ଶୟଦ୍ ସେଖାୱତ ଅଲୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅନ୍ଧରପୁର ବିକାଶ କମିଟିର ବୈଠକ



**କଟକ, ୧୭।୧୦(ସମିସ):** ନାଗେଶ୍ୱର ମହାଦେବ ମନ୍ଦିର ପରିସରରେ ଅନ୍ଧରପୁର ବିକାଶ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ରେଣୁବାଳା ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଗ୍ରାମର ନୂତନ ଅଧିକାରୀ ଭାବେ ନବକିଶୋର ଭୋଳ, ମହନ୍ତ ଭାବେ କେଶବଚନ୍ଦ୍ର ସ୍ୱାଇଁ ଓ କଟୁଆଳ ଭାବେ ଦାଶରଥୀ ସ୍ୱାଇଁଙ୍କୁ ମନୋନୀତ କରାଯାଇଥିଲା। ସଭାରେ ଭାଗ୍ୟଧର ବ୍ରହ୍ମା, ପ୍ରାଣକୃଷ୍ଣ ଜେନା, ରମେଶ ଦାସ, ପ୍ରଦୀପ୍ତ ଜେନା, ଧୀରପ୍ରସାଦ ମହାନ୍ତି, ସନ୍ତୋଷ ସାହୁ ଓ ପ୍ରଶାନ୍ତ ଜେନାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

## ସହରରେ ୨୨୧ ଅସୁରକ୍ଷିତ କୋଠା ଭଙ୍ଗାଯିବ କେବେ ?

**କଟକ, ୧୭।୧୦(ସମିସ):** କଟକ ସହରରେ ଦୀର୍ଘ ବର୍ଷ ଧରି ୨୨୧ଟି ବିପଦସଂକୁଳ କୋଠା ଦଣ୍ଡାୟମାନ ଥିଲେ ବି ଏ ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ଉଚ୍ଛେଦ ନେଇ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ କେବଳ କୋଠା ମାଲିକଙ୍କୁ ନୋଟିସ ଜାରି କରାଯାଇଛି। ସରକାରୀ ଓ ଘରୋଇ କୋଠା ବିପଦସଂକୁଳ ଅବସ୍ଥାରେ ଥିବା ହେତୁ ଏଗୁଡିକୁ ଭାଙ୍ଗିବା ଉପରେ ହାଇକୋର୍ଟ ନିକଟରେ ଗୁରୁତ୍ୱାରୋପ କରିଥିଲେ। ୧୫୨ବିଏନଏସରେ ସମସ୍ତଙ୍କୁ ନୋଟିସ ଜାରି ହୋଇ ଯୁଦ୍ଧକାଳୀନ ଭିତ୍ତିରେ ଘରଗୁଡିକୁ ଖାଲି କରିବା ପାଇଁ କୁହାଯାଇଥିଲା। ହେଲେ ଘର ଖାଲି ହୋଇପାରୁ ନଥିବାରୁ ଉଚ୍ଛେଦ ବିଳମ୍ବ ହେଉଥିବା କୁହାଯାଉଛି। ବିପଦସଂକୁଳ କୋଠା ମଧ୍ୟରେ ରହିଛି ସର୍ବାଧିକ ସରକାରୀ କ୍ୱାର୍ଟର, ଅଫିସ, ଅବ୍ୟବହୃତ ଗୋଦାମ ଘର। ଏହା ବାଦ ଘରୋଇ କୋଠା, ମାର୍କେଟ କମ୍ପ୍ଲେକ୍ସ ଆଦି ରହିଛି। ପ୍ରକାଶଥାଉକି, ୧୦ବର୍ଷ ତଳେ କଟକ ଜିଲ୍ଲା ପ୍ରଶାସନ, ମହାନଗର ନିଗମ, ପୂର୍ତ୍ତ ବିଭାଗ ସମେତ ବିଭିନ୍ନ ସରକାରୀ ବିଭାଗ ପକ୍ଷରୁ ସର୍ଭେ ହୋଇ ମହାନଗର ଅଞ୍ଚଳରେ ସେହି ସମୟରେ ୨୩୭ଟି ବିପଦସଂକୁଳ କୋଠା ଚିହ୍ନଟ କରାଯାଇଥିଲା। ତେବେ ଏହି କୋଠାଗୁଡିକ ମଧ୍ୟରେ ପ୍ରାୟ ୧୯୭ଟି କୋଠା ସରକାରୀ ହୋଇଥିବାର ଦର୍ଶାଯାଇଥିଲା। ଏବେ ହାଇକୋର୍ଟରେ ପ୍ରଶାସନ ପକ୍ଷରୁ ଦାଖଲ ରିପୋର୍ଟରେ ୨୨୧ଟି କୋଠା ଅସୁରକ୍ଷିତ ଥିବା ଦର୍ଶାଯାଇଛି। ସହରରେ ଅନେକ ବ୍ରିଟିଶ ଅମଳର କୋଠା ରହିଛି।

## ଏଏସ୍‌ଜି ଆଇ ହସ୍ପିଟାଲର ସୁରକ୍ଷିତ ଦୀପାବଳି ଅଭିଯାନ

**କଟକ, ୧୭।୧୦(ସମିସ):** ଦେଶର ଅଗ୍ରଣୀ ଚକ୍ଷୁ ସେବା ସଂସ୍ଥା ଏଏସଜି ଆଇ ହସ୍ପିଟାଲ ଦୀପାବଳି ପର୍ବ ଅବସରରେ ଏକ ବିଶେଷ ସମାଜସେବା ଅଭିଯାନ ଆରମ୍ଭ କରିଛି। ଦୀପାବଳି ସମୟରେ ବାଣ ବିସ୍ଫୋରଣ ଯୋଗୁଁ ହେଉଥିବା ଆଖି ଆହତ ଘଟଣା ବୃଦ୍ଧି ପାଉଥିବାକୁ ଦେଖି ଏଏସଜି ଆଇ ହସ୍ପିଟାଲ୍ ୧୫ ବର୍ଷରୁ କମ ବୟସର ଶିଶୁମାନଙ୍କ ପାଇଁ ମାଗଣା ପରାମର୍ଶ ଓ ଆବଶ୍ୟକ ସର୍ଜରୀ ସୁବିଧା ଘୋଷଣା କରିଛି। ଏହି ସୁବିଧା ୧୭ ଅକ୍ଟୋବରରୁ ୨୪ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ସମସ୍ତ ଏଏସଜି ଆଇ ହସ୍ପିଟାଲରେ ଉପଲବ୍ଧ ରହିବ। ରୋଗୀମାନେ କେବଳ ଔଷଧ, ଆନେସ୍ଥେସିଆ ଓ ଅପ୍ଟିକାଲ ଲେନ୍ସ ବା ତତସହିତ ସମ୍ବନ୍ଧୀୟ ଅତି ସାମାନ୍ୟ ଖର୍ଚ୍ଚ କରିବାକୁ ପଡ଼ିବ। ଦୀପାବଳି ସମୟରେ ବାଣ ଯୋଗୁଁ ହେଉଥିବା ଚକ୍ଷୁ ଆଘାତଗୁଡିକ ଗୁରୁତ୍ୱପୂର୍ଣ୍ଣ ଚିନ୍ତାର ବିଷୟ। ୨୦୨୩ର ଜାତୀୟ ତଥ୍ୟ ଅନୁଯାୟୀ, ସମଗ୍ର ଭାରତରେ ବାଣ ସମ୍ବନ୍ଧୀୟ ଚକ୍ଷୁ ଆଘାତ ଯୋଗୁଁ ୨ ହଜାରରୁ ଅଧିକ ଘଟଣା ରେକର୍ଡ ହୋଇଥିଲା। ଯେଉଁଥିରେ ପ୍ରାୟ ୬୦ ପ୍ରତିଶତ ଶିଶୁମାନେ ୧୫ବର୍ଷରୁ କମ ଥିଲେ ଓ ପ୍ରାୟ ୧୦ ପ୍ରତିଶତ ଘଟଣାସ୍ଥଳରେ ସ୍ଥାୟୀ ଦୃଷ୍ଟିହାନିର କାରଣ ହୋଇଥିଲା। ଏହି ପରିକଳ୍ପନା ଏଏସଜି ଆଇ ହସ୍ପିଟାଲର ଦେଶସେବା ପ୍ରତିବଦ୍ଧତାକୁ ପ୍ରକାଶ କରେ। ଏହି ଅଭିଯାନ ସୁରକ୍ଷିତ ଓ ଦୃଷ୍ଟି-ସମୃଦ୍ଧ ଦୀପାବଳି ପାଳନ ପାଇଁ ସଚେତନ ସୃଷ୍ଟି ଓ ଶିଶୁଙ୍କ ମଧ୍ୟରେ ଆଖିହାନି ରୋକିବା ଲକ୍ଷ୍ୟରେ ଏହା ପ୍ରେରିତ।

**କଟକ ନାଟ୍ୟୋତ୍ସବର ଦ୍ୱିତୀୟ ଦିବସ**

# ମଞ୍ଚ ମଣ୍ଡନ କଲା ୩ ହୃଦୟସ୍ପର୍ଶୀ ନାଟକ

**କଟକ, ୧୭।୧୦(ସମିସ)**

ନାଟକ ଏଭଳି ଏକ ମଞ୍ଚ ଯାହା ଶାନ୍ତ ମନକୁ ବିଚଳିତ କରିପାରେ ପୁଣି ବିଚଳିତ ମନକୁ ମଧ୍ୟ ଶାନ୍ତ କରିପାରେ। କଟକ ନାଟ୍ୟୋତ୍ସବ ୨୦୨୫ର ଦ୍ୱିତୀୟ ଦିବସରେ ଆଜି କଟକ ମହାନଗର ନିଗମ କମିଶନର ସୁଶ୍ରୀ କିରନଦୀପ କୌର ସହୋଟା ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ କଳା ନୈପୁଣ୍ୟକୁ ପ୍ରଶଂସା କରିଥିଲେ। ଦ୍ୱିତୀୟ ଦିବସରେ ଆତ୍ମହତ୍ୟାର କୁପରିଣତିକୁ ନେଇ ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିବେଷଣ କରିଥିଲା ନାଟକ ବିଶ୍ୱାସଘାତକ। ପରେ ପରେ ତୃତୀୟ ଲିଙ୍ଗର କାହାଣୀ ଅବତାରଣା କରିଥିଲେ ରଘୁନାଥଜୀଉ ଡିଗ୍ରୀ କଲେଜର ଛାତ୍ରଛାତ୍ରୀ ନାଟକ ମୋ ପରିଚୟ ମାଧ୍ୟମରେ। ଶେଷରେ କନ୍ୟାଭ୍ରୂଣ ହତ୍ୟା ଭଳି ସାମାଜିକ ସମସ୍ୟାକୁ ନେଇ ଖ୍ରୀଷ୍ଟ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ପରିବେଷଣ କରିଥିଲେ ନାଟକ ଶେଷ ଇଚ୍ଛା। କଳାକାରମାନଙ୍କ ନିଖୁଣ ଅଭିନୟ ବିଚାରକମଣ୍ଡଳୀଙ୍କୁ କରିଥିଲା ଅଭିଭୂତ। ଅନ୍ତିମ ପର୍ଯ୍ୟାୟ ବିଚାରକ ମଣ୍ଡଳୀରେ ଅଛନ୍ତି ବରିଷ୍ଠ ଅଭିନେତା ଡ. ଅନଙ୍ଗ ଦ୍ୱିବେଦୀ, ବରିଷ୍ଠ ନିର୍ଦ୍ଦେଶକ ହିମାଂଶୁ ଖଟୁଆ, ବରିଷ୍ଠ ଅଭିନେତ୍ରୀ ନମ୍ରତା ଦାସ, ବରିଷ୍ଠ ନିର୍ଦ୍ଦେଶକ ହରିଶ ମହାନ୍ତି ଓ ବିଶିଷ୍ଟ ନାଟ୍ୟକାର ଡ. ବୈଜୟନ୍ତୀ ମିଶ୍ର ପ୍ରମୁଖ। ଅତିରିକ୍ତ ଜିଲ୍ଲାପାଳ ଉନ୍ନୟନ ଡଃ ଇପସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ସହକାରୀ ସୂଚନା ଅଧିକାରୀ ସ୍ୱାଗତିକା ବେହେରା ଓ ନାଟ୍ୟ ବିଶେଷଜ୍ଞ ଶ୍ରୀକାନ୍ତ ଚୌଧୁରୀ, ଉମେଶ ଦାସ, ଦେବୁ ପଟ୍ଟନାୟକ, ଅକ୍ଷୟ ରଣା, ମହମ୍ମଦ ସଫିଉଲ ହକ୍, ବବି ଇସଲାମ ଓ ସନ୍ଦୀପ ପାଣି ପ୍ରମୁଖ ଯୋଗଦେଇଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟର ସେଭେନ ପିଲାର ଅଫ ୱିସଡମ ସ୍ଥିତ ପ୍ରେକ୍ଷାଗୃହରେ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ନାଟ୍ୟୋତ୍ସବକୁ ନାଟ୍ୟପ୍ରେମୀମାନେ ବିନା ମୂଲ୍ୟରେ ଦେଖିପାରିବେ।



## ଡ ହୃଷୀକେଶ ପଣ୍ଡାଙ୍କ ସ୍ମୃତିସଭା




**କଟକ, ୧୭।୧୦(ସମିସ):** ବିଶିଷ୍ଟ ସାରସ୍ୱତ ସାଧକ ଡ. ହୃଷୀକେଶ ପଣ୍ଡାଙ୍କର ୮ମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶୁକ୍ରବାର ସନ୍ଧ୍ୟାରେ ମର୍କତନଗର ସେକ୍ଟର ୯ସ୍ଥିତ ରାଇସିନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଗୀତିକବି ଗୌର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ଡ. ନଟବର ଶତପଥୀ, ଡା. ସୁଦର୍ଶନ ପଟ୍ଟନାୟକ, ଡ. ସତ୍ୟ ରାୟ, ଡ. ଗୋବିନ୍ଦଚନ୍ଦ୍ର ଭୂୟାଁ, ଆଇନଜୀବୀ ଶିଶିର ଦାସ, ଅକ୍ଷୟ ଷଡ଼ଙ୍ଗୀ, ଡ. ବିଜୟ ରାଉତ ପ୍ରମୁଖ ଡ. ପଣ୍ଡାଙ୍କ ସାହିତ୍ୟ କୃତି ସମ୍ପର୍କରେ ଆଲୋଚନା କରି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମାଳତୀ ପଣ୍ଡାଙ୍କ ଦ୍ୱାରା ରଚିତ କବିତା ସଂକଳନ 'ପ୍ରୀତି ମୂର୍ଚ୍ଛନା' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ମନୋଜ ପଟ୍ଟନାୟକ, ସଞ୍ଜିତ ପଟ୍ଟନାୟକ ଓ ଲଳିତା ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ନଭେମ୍ବର ୩ରୁ ଉତ୍କଳ ସାଂସ୍କୃତିକ ପରିଷଦର ବୋଇତ ବନ୍ଦାଣ ଉତ୍ସବ



ରାଉରକେଲା,୧୭।୧୦(ସମିସ): ସ୍ଥାନୀୟ ସେକ୍ଟର-୨ ସ୍ଥିତ ଉତ୍କଳ ସାଂସ୍କୃତିକ ପରିଷଦର ୩୫ତମ ବୋଇତ ବନ୍ଦାଣ ଉତ୍ସବ ସେକ୍ଟର-୨ ଦୁର୍ଗାପୂଜା ପଡିଆରେ ଆସନ୍ତା ନଭେମ୍ବର ୩ରୁ ୫ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ମହାସମାରୋହରେ ଆୟୋଜିତ ହେବ। ଏନେଇ ସେକ୍ଟର-୨ କମ୍ୟୁନିଟି ସେଣ୍ଟରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉତ୍କଳ ସାଂସ୍କୃତିକ ପରିଷଦର ସାଧାରଣ ସମ୍ପାଦକ ଶଙ୍କର ଜେନା ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ସଭାପତି ରଶ୍ମିତ ସାହାଣୀ, ଉପଦେଷ୍ଟା ନିଳାମ୍ବର ପୁହାଣ, ଦେବେନ୍ଦ୍ର ନାଥ ସାମନ୍ତରାୟ, ସେକ୍ଟର-୨ ଦୁର୍ଗା ପୂଜା କମିଟିର ସଭାପତି ଦୁର୍ଗା ଚରଣ ଜେନା, ଚନ୍ଦନ ମହାନ୍ତି, କାର୍ତ୍ତିକ ଭାଇ, ଲିଙ୍ଗରାଜ ଭାଇ ପ୍ରମୁଖ ଉପସ୍ଥିତ ଥିଲେ। ପରିଷଦର ସାଧାରଣ ସମ୍ପାଦକ ଶ୍ରୀ ଜେନା କହିଲେ ଯେବନ ବୋଇତ ବନ୍ଦାଣ ଉତ୍ସବରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟଙ୍କ ସମେତ ଜିଲ୍ଲା ପ୍ରଶାସନର ବରିଷ୍ଠ ପଦାଧିକାରୀ ଅତିଥି ହେବାର ସମ୍ଭାବନା ରହିଛି। ସଭାପତି ରଶ୍ମିତ ସାହାଣୀ, ଉପଦେଷ୍ଟା ନିଳାମ୍ବର ପୁହାଣ ବୋଇତ ବନ୍ଦାଣ ଉତ୍ସବ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଉପଦେଷ୍ଟା ଦେବେନ୍ଦ୍ର ନାଥ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୦ ଦଫା ଦାବିରେ ଡାକ କର୍ମଚାରୀଙ୍କ ବିକ୍ଷୋଭ

ରାଉରକେଲା,୧୭।୧୦(ସମିସ)

ରାଉରକେଲା ଡାକ ମଣ୍ଡଳର ପୋଷ୍ଟ ମ୍ୟାନ ଓ ଏମଟିଏସ କର୍ମଚାରୀ ମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଓ ୧୦ ଦଫା ଦାବିରେ ଅଲ୍ ଇଣ୍ଡିଆ ପୋଷ୍ଟାଲ ଏମ୍ପ୍ଲୋଇଜ ୟୁନିୟନ ପୋଷ୍ଟ ମ୍ୟାନ ଆଣ୍ଡ ଏମଟିଏସ ପକ୍ଷରୁ ରାଉରକେଲା ମୁଖ୍ୟ ଡାକଘର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗତ ୨୯ ସେପ୍ଟେମ୍ବରରେ ୟୁନିୟନ ପକ୍ଷରୁ ଡାକ ଅଧିକ୍ଷକଙ୍କୁ ଦାବିପତ୍ର ଦିଆଯାଇ ଥିଲା। ମାତ୍ର ଦାବିକୁ ଅଣଦେଖା କରିବା ବିରୋଧରେ ଓ ଡାକ ଅଧିକ୍ଷକଙ୍କ ଟାଳଟୁଳ ନୀତି ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ୧୦ ଦଫା ଦାବି ମଧ୍ୟରେ ଖାଲି ପଡିଥିବା ପୋଷ୍ଟ ମ୍ୟାନ ଓ ଏମଟିଏସ ପଦବୀ ପୂରଣ, ପୋଷ୍ଟମ୍ୟାନଙ୍କ ବଦଳି ବ୍ୟବସ୍ଥା ନଥିବା ବେଳେ ବେଆଇନ ବଦଳି କରିବା, ଆଇଡିସିରେ ଅଧିକ କମ୍ପ୍ୟୁଟର ବ୍ୟବସ୍ଥା କରିବା ଓ ଆନୁଷଙ୍ଗିକ ବ୍ୟବସ୍ଥା ସହ ମହିଳା କର୍ମଚାରୀଙ୍କ ପାଇଁ ପରିଶ୍ରାଗାର ବ୍ୟବସ୍ଥା କରିବା,




୨୨ ଜଣ ପୋଷ୍ଟମ୍ୟାନଙ୍କୁ ଆଧାର କାମରେ ବସାଇବା ଫଳରେ ଚିଠି ବିତରଣରେ ଘୋର ସମସ୍ୟାର ସମାଧାନ କରିବା, ଅତିରିକ୍ତ ପୋଷ୍ଟମ୍ୟାନଙ୍କୁ ନିଯୁକ୍ତି କରିବା, କାର୍ଯ୍ୟସ୍ଥଳୀରେ କର୍ମଚାରୀଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ବନ୍ଦ କରିବା, ସରକାରୀ ନିୟମ ମୁତାବକ ମାସିକ ସାକ୍ଷାତକାର କରିବା, ମୁଖ୍ୟ ଡାକଘର ଓ ରାଉରକେଲା-୨ରେ ଏମଡିଜିର ରିକ୍ରିଏସନ କ୍ଲବ୍‌କୁ ଖାଲି କରିବା ଆଦି ଦାବି ରଖାଯାଇଛି। କର୍ମଚାରୀ ମାନଙ୍କ ସମସ୍ୟା ସମାଧାନ ନହେଲେ ଆଗାମୀ ୨୦ ତାରିଖରେ ମୁଖ୍ୟ ଡାକଘର ସମ୍ମୁଖରେ ୟୁନିୟନ ପକ୍ଷରୁ ଗଣଧାରଣା ଓ ଆଗାମୀ ୨୩, ୨୪ ଦୁଇ ଦିନ ଧରି ଗଣ ଅନଶନ କରାଯିବ।

ଯେଉଁ ଦାବି ଉପସ୍ଥାପନ କରାଯାଇଛି ତାହା ଅଧିକ୍ଷକଙ୍କ କ୍ଷମତା ପରିସର ମଧ୍ୟରେ ଥିବା ସତ୍ତ୍ୱେ ସେ ଟାଳଟୁଳ ନୀତି କରୁଥିବା ଅଭିଯୋଗ ହୋଇଛି। ଆଜିର କାର୍ଯ୍ୟକ୍ରମରେ ୟୁନିୟନର ସଭାପତି ସୁରେନ୍ଦ୍ର ନାରାୟଣ ସିଂହ, ସମ୍ପାଦକ ସୁଦାମ ସାହୁ, ସହସମ୍ପାଦକ ପ୍ରଦୀପ ପାତ୍ର, ସହସମ୍ପାଦକ ଜଗବନ୍ଧୁ ସାହୁ, କାର୍ଯ୍ୟକାରୀ ସମ୍ପାଦକ ଯୋଗେଶ୍ୱର ପାଣିଗ୍ରାହୀ, ଈଶ୍ୱର ଚନ୍ଦ୍ର ପଟେଲ୍ ସମେତ ବହୁ ଡାକ କର୍ମଚାରୀ ସାମିଲ ହୋଇଥିଲେ। ଏହି ଆନ୍ଦୋଳନକୁ ସମର୍ଥନ କରି ସିଆଇଟିୟୁ ସୁନ୍ଦରଗଡ ଜିଲ୍ଲା କମିଟିର ବରିଷ୍ଠ ଉପ ସଭାପତି ଶ୍ରୀମନ୍ତ ବେହେରା, ଜିଲ୍ଲା ସମ୍ପାଦକ ରାଜକିଶୋର ପ୍ରଧାନ, ଜିଲ୍ଲା ୟୁନିୟନ ଓ ଆସୋସିଏସନ୍ ଆବାହକ ଭାଗିରଥୀ ଟୁଡୁ ବିକ୍ଷୋଭରେ ସାମିଲ ହୋଇଥିଲେ।

## ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ



କୁତ୍ରା,୧୭।୧୦(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଶିକ୍ଷା ବ୍ଲକ୍ ଅଧୀନ ଲାଞ୍ଜିବେର୍ଣ୍ଣା ଆଞ୍ଚଳିକ ସାଧନକେନ୍ଦ୍ରର ୧୨ ବିଦ୍ୟାଳୟର ୨୦୦ ଛାତ୍ରଛାତ୍ରୀଙ୍କୁ ନେଇ ଶିଶୁ ମହୋତ୍ସବ ସୁରଭି ୨୦୨୫ ଶାନ୍ତା ଦେବୀ ଉଚ୍ଚ ବିଦ୍ୟାଳୟ କଟଙ୍ଗରେ ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନୀ ଉତ୍ସବକୁ ମୁଖ୍ୟ ଅତିଥି ପୁଷ୍ପା କେରକେଟା ସରପଞ୍ଚ, ସମ୍ମାନିତ ଅତିଥି ଅଲେଖ ଦଲାଇ ମ୍ୟାନେଜର ସିଏସ୍ଆର ଜେଏସ୍‌ଡବ୍ଲ୍ୟୁ, ଶିବା ତେଲିଘନା, ପ୍ରଧାନଶିକ୍ଷକ ଡ.ନିତ୍ୟାନନ୍ଦ ବେହେରା, ପ୍ରଧାନଶିକ୍ଷକ ଧରଣୀଧର ଅଡ଼ା, ପରିଚାଳନା କମିଟି ସଭାପତି ନିଳିମା କିସପଟ୍ଟା, ସିଆର୍‌ସିସି ତପନ ସେଠୀ ପ୍ରମୁଖ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ପରେ ସମସ୍ତ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି କୁତ୍ରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନନ୍ତ ନାଏକ, ସମ୍ମାନିତ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିରଞ୍ଜନ ରାଉଲ, ଡବ୍ଲ୍ୟୁଇଓ କୁତ୍ରା ବିନିରାନି ସୋରେଙ୍ଗ, ସମିତି ସଭ୍ୟା ସୁନିତି ଧାନୱାର, ପ୍ରଶାନ୍ତ ସାହୁ, ରାଜୁ ସାହୁ ପ୍ରମୁଖ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଲାଞ୍ଜିବେର୍ଣ୍ଣା ଆଞ୍ଚଳିକ ସାଧନ କର୍ମୀ ତପନ ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଶାନ୍ତା ଦେବୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ମହେନ୍ଦ୍ର ସିଂହ ପରିଚାଳନା କରିଥିଲେ। ପ୍ରଶାନ୍ତ ସାହୁ, ରବିନ୍ଦ୍ର ପଣ୍ଡା ମମତା ସ୍ୱାଇଁ, ରୋହିତ ପ୍ରଧାନ, ଚାରୁଲତା ମହାରଣା, କୃଷ୍ଣ ଚନ୍ଦ୍ର ମହାରଣା, ପ୍ରଫୁଲ୍ଲ ନାଏକ, ଡିଲେଶ୍ୱର ବେହେରା, ସଞ୍ଜୟ ବେହେରା, ମମତା ମୟୀ ଶତପଥୀ, ବିଜୟ ଲକ୍ଷ୍ମୀ ଚାନ୍ଦ, ଅଲକା ବେହେରା ଜୟପୁରୀୟା, ପ୍ରିସୀଲା ତିର୍କୀ, ମହେଶ ଏକ୍କା ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ଗଣ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀ ମାନେ ଆସନ୍ତା ୨୪ ତାରିଖ ତରକେରା ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବେ। ଶେଷରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ.ନିତ୍ୟାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ମମତା ସ୍ୱାଇଁ, କୁମାରୀ ଜୟପୁରିଆ, ଭିକାରି ଦାସ, ପ୍ୟାରେଲାଲ ସାହୁ, ବିଜୟ କେର୍କେଟ୍ଟା, ଆଲିଶା ଟପ୍ପୋ ଏବଂ ଲାଞ୍ଜିବେର୍ଣ୍ଣା କ୍ଲଷ୍ଟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପୂର୍ଣ୍ଣ ଭାବରେ ସହଯୋଗ କରିଥିଲେ।

## ଆର୍‌ଏସ୍‌ପି ପକ୍ଷରୁ 'ସୁସ୍ଥ ନାରୀ, ସଶକ୍ତ ପରିବାର' ଅଭିଯାନ



ରାଉରକେଲା,୧୭।୧୦(ସମିସ): ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ କରାଯାଇଥିବା ଜାତୀୟ ପଦକ୍ଷେପ 'ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ'ର ସଫଳତାରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିବା ସୂଚନା ମିଳିଛି। ସେଲ୍, ରାଉରକେଲା ଇସ୍ପାତ କାରଖାନାର ଇସ୍ପାତ ଜେନେରାଲ୍ ହସ୍ପିଟାଲ୍‌ରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଇନଚାର୍ଜ ଡ.ଜୟନ୍ତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆ।।ୟୋଜିତ ହୋଇଥିଲା। ଏଥିରେ ସିଏସଆର ବିଭାଗର ଗନ୍ଧର୍ବରାଜ ନାୟକ ଏବଂ ବେନେଡିକ୍ଟ ଏକ୍କା, ମେସର୍ସ ଏଚଏଲଏଲ ଲାଇଫକେୟାର ଲିମିଟେଡର ଡାଏଟିସିଆନ୍ ଜୟା ଗୁପ୍ତା ଏବଂ ମନସ୍ତତ୍ତ୍ୱବିତ୍ ସନ୍ଧ୍ୟାରାଣୀ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଡ.ପ୍ରତିଭା ଷଡଙ୍ଗୀ, ସିଏସ୍ଆର୍ ବିଭାଗର ଜିଏମ୍ ଇନଚାର୍ଜ ମୁନମୁନ୍ ମିତ୍ର, ଜିଏମ୍ ବି ମଲ୍ଲିକ ଓ ସିଏସ୍ଆର୍ ଏବଂ ଆଇଜିଏଚ୍‌ର ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ରାଷ୍ଟ୍ରୀୟ ପୋଷଣ ମାସରେ ୧୭ ସେପ୍ଟେମ୍ବରରୁ ୨ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ଦେଶବ୍ୟାପୀ ଆୟୋଜିତ ଏହି ଅଭିଯାନର ଏକ ଅଂଶ ଭାବେ, ଆଇଜିଏଚ୍ ଏବଂ ସିଏସ୍ଆର୍ ବିଭାଗର ମିଳିତ ପ୍ରୟାସ ମାଧ୍ୟମରେ ପାର୍ଶ୍ୱବର୍ତ୍ତୀ ଗାଁ, ସ୍କୁଲ ଏବଂ ବସ୍ତି ଅଞ୍ଚଳକୁ କଭର କରି ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସ୍ୱାସ୍ଥ୍ୟ ଶିବିର ଏବଂ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ମୋଟ ୨,୮୯୪ ଜଣ ହିତାଧିକାରୀଙ୍କ ନିକଟରେ ସ୍ୱାସ୍ଥ୍ୟ ଯାଞ୍ଚ ଦଳ ପହଞ୍ଚିଥିଲେ। ଏହି ପ୍ରୟାସରେ ରକ୍ତଚାପ, ସ୍ଥୂଳତା, ସ୍ତନ ଏବଂ ମୁଖ କର୍କଟ, ଗର୍ଭାଶୟ ସ୍ୱାସ୍ଥ୍ୟ ଏବଂ ଗଣ୍ଡି ସମ୍ବନ୍ଧୀୟ ସମସ୍ୟା ପାଇଁ ବ୍ୟାପକ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହା ସହିତ, ପୌଷ୍ଟିକତା, ପରିଷ୍କାର ପରିଚ୍ଛନ୍ନତା, ଋତୁସ୍ରାବ ସ୍ୱାସ୍ଥ୍ୟ, ଚାପ ପରିଚାଳନା, ଅଙ୍ଗଭଙ୍ଗୀ ସଂଶୋଧନ, ଲିଙ୍ଗ ସମାନତା ଏବଂ ଯୌନ ନିର୍ଯାତନା ରୋକିବା ଉପରେ ସଚେତନତା ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଯୋଗ ଅଧିବେଶନ ମଧ୍ୟ ଆୟୋଜନ କରାଯାଇଥିଲା, ଯାହା ଶାରୀରିକ ସୁସ୍ଥତା ଏବଂ ସାମଗ୍ରିକ ସୁସ୍ଥତାକୁ ପ୍ରୋତ୍ସାହିତ କରିଥିଲା।

## ବୋଲେରୋ ଧକ୍କାରେ ମହିଳା ଶ୍ରମିକ ମୃତ

ରାଉରକେଲା,୧୭।୧୦(ସମିସ): ଏକ ଘରୋଇ ପ୍ଲାଣ୍ଟରେ ନିୟୋଜିତ ଥିବା ବୋଲେରୋ ଧକ୍କାରେ ଜଣେ ମହିଳା ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ବ୍ରାହ୍ମଣୀ ତରଙ୍ଗ ଥାନା ଅଧୀନ କଲୁଙ୍ଗା ସ୍ଥିତ ଏସଏଲଏମ ଫ୍ୟାକ୍ଟ୍ରି ସମ୍ମୁଖରେ ଏହି ଦୁର୍ଘଟଣା ଘଟିଛି। ଗୁଇଭଙ୍ଗା ଗାଁର ମୀନା ଚନ୍ଦନ (୩୮) ଉକ୍ତ ଫ୍ୟାକ୍ଟ୍ରିରେ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ଶୁକ୍ରବାର ସକାଳେ ସାଇକଲ ଯୋଗେ ସେ ସିଫ୍ଟ ଡ୍ୟୁଟି ଯାଉଥିଲେ। ବିପରୀତ ଦିଗରୁ ମହାବୀର ପ୍ଲାଣ୍ଟରେ ଭଡାରେ ଲାଗିଥିବା ବୋଲେରୋ ଆସି ଫ୍ୟାକ୍ଟ୍ରି ସମ୍ମୁଖରେ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ମୀନା ରାସ୍ତାରେ ଛିଟିକି ପଡିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ଫ୍ୟାକ୍ଟ୍ରି ଶ୍ରମିକ ମାନେ ରାସ୍ତାରୋକ କରିଥିଲେ। ପୁଲିସ ବୁଝାସୁଝା କରିବା ପରେ ମାମଲା ଶାନ୍ତ ପଡିଥିଲା। ପରେ ଦୁର୍ଘଟଣା ଘଟାଇ ଥିବା ଗାଡିର ମାଲିକଙ୍କୁ ଥାନାକୁ ଡକାଇ ଆଲୋଚନା କରାଯାଇଥିଲା। କ୍ଷତିପୂରଣ ବାବଦକୁ ୧ ଲକ୍ଷ ଟଙ୍କା ଗାଡି ମାଲିକ ଦେଇଥିବା ଜଣାପଡ଼ିଛି। ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିବା ପରେ ପରିବାରକୁ ହସ୍ତାନ୍ତର କରିଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି।

## ସାର୍ଗୁକିଶାନ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବିଜ୍ଞାନ ଭିତ୍ତିକ ନାଟକ ପ୍ରତିଯୋଗିତା

କୁତ୍ରା,୧୭।୧୦(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ୍ ଅଧୀନ ସାର୍ଗୁକିଶାନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବିଜ୍ଞାନ ଭିତ୍ତିକ ନାଟକ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ କୁତ୍ରା ଗୋଷ୍ଠୀ ଶିକ୍ଷାଧିକାରୀ ଅନନ୍ତ ନାଏକ ମୁଖ୍ୟ




ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ସଦର ଗୋଷ୍ଠୀ ଅଧିକାରୀ ଅଶୋକ ଲାକ୍ରା, ନିରଞ୍ଜନ ରାଉଳ, ତୁନମୁରା ସରପଞ୍ଚ ତରୁଣୀ ସେନ ବରିହା, ହେମନ୍ତ ଦେ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଡ.ଅମରେଶ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ଆସିଥିବା ଛାତ୍ରଛାତ୍ରୀ ବିଜ୍ଞାନ ଭିତ୍ତିକ ନାଟକ ମାଧ୍ୟମରେ ସୁସ୍ଥ ସମାଜ ଗଠନର ବାର୍ତ୍ତା ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଶିକ୍ଷାଧିକାରୀ ସଦାନନ୍ଦ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ଜେଏସଡବ୍ଲ୍ୟୁ ସିଏସଆରର ଅଧୀକ୍ଷକ ଅଲେଖ ଦଲାଇ, ଜିଲ୍ଲା ବିଜ୍ଞାନ ସୁପରଭାଇଜର ଚନ୍ଦ୍ରଶେଖର ମା ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ବିଶ୍ରାମ ବ୍ଲକ୍‌ର ଉଦିତନଗର ଉଚ୍ଚ ବିଦ୍ୟାଳୟ ପ୍ରଥମ, ନୁଆଁଗା ବ୍ଲକ୍ ଓଏଭି ଦ୍ୱିତୀୟ ଓ ଟାଙ୍ଗରପାଲି ବ୍ଲକ୍‌ର ସର୍ଗିପାଲି ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀ ମଞ୍ଚ ପରିଚାଳନା ଓ ଶିକ୍ଷକ ହରେକୃଷ୍ଣ ସାହୁ, ବିକାଶ ଟପ୍ପୋ, କିରନ ଏକ୍କା, କରିସ୍ମ କେରକେଟା, ସୁମିତ୍ରା ବାର୍ଲା, ଉମାଶଙ୍କର ମଲ୍ଲିକ, ମାନଭଙ୍ଗୀ ନାଏକ ପ୍ରମୁଖ ସହଯୋଗ କରିଥିଲେ। ବିଚାରକ ଭାବେ ପ୍ରଶାନ୍ତ ସାହୁ, ରବିନ୍ଦ୍ର ପଣ୍ଡା ଓ ଅର୍ଚ୍ଚନା ସାହୁ ଯୋଗ ଦେଇଥିଲେ।

## ଆଇଏସ୍‌ଓ ସର୍ଭିଲାନ୍ସ ସମୀକ୍ଷା କମିଟି ପକ୍ଷରୁ ମହିଳା ମହାବିଦ୍ୟାଳୟ ପରିଦର୍ଶନ



ରାଉରକେଲା,୧୭।୧୦(ସମିସ): ଆଇଏସଓ ସର୍ଭିଲାନ୍ସ ସମୀକ୍ଷା କମିଟିର ଏକ ପ୍ରତିନିଧି ଦଳ ଆଜି ରାଜଗାଙ୍ଗପୁର ସ୍ଥିତ ସରବତୀ ଦେବୀ ମହିଳା ମହାବିଦ୍ୟାଳୟକୁ ଦିନିକିଆ ଗସ୍ତରେ ଆସି ମହାବିଦ୍ୟାଳୟର ବିଭିନ୍ନ ବିଭାଗ ପରିଦର୍ଶନ କରିଥିବା ସୂଚନା ମିଳିଛି। ସମୀକ୍ଷା କମିଟି ପ୍ରତିନିଧି ଦଳର ଅଧ୍ୟକ୍ଷ ଚିରଞ୍ଜୀବ ଜାନା ଏବଂ ଅନ୍ୟ ସଦସ୍ୟ ଶୁଭ ହାଲଦାର ପହଞ୍ଚିବା ପରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଅଶୋକ ବେଉରା ସେମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ମହାବିଦ୍ୟାଳୟର ଆନ୍ତରିକ ଗୁଣବତ୍ତା କକ୍ଷରେ ଆଇକ୍ୟୁଏସି ସଂଯୋଜକ ସପନ ପଣ୍ଡା ମହାବିଦ୍ୟାଳୟର ବିଭିନ୍ନ ତଥ୍ୟ ପିପିଟି ଜରିଆରେ ଟିମ ସଦସ୍ୟଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ମହାବିଦ୍ୟାଳୟର ଶିକ୍ଷା ପଦ୍ଧତି ସମ୍ବନ୍ଧରେ ଇଂରାଜୀ ଅଧ୍ୟାପିକା ଆକାଂକ୍ଷା ଲାକ୍ରା ଉପସ୍ଥାପିତ କରି ଟିମର ଦୃଷ୍ଟି ଆକର୍ଷଣ କରିଥିଲେ। ଗୃହବିଜ୍ଞାନ ଅଧ୍ୟାପିକା ସସ୍ମିତା ଦଣ୍ଡସେନା ଶକ୍ତି ସମ୍ବନ୍ଧୀୟ ତଥ୍ୟ ରଖିଥିଲା ବେଳେ ପ୍ରାଣୀ ବିଜ୍ଞାନର ଅଧ୍ୟାପିକା ମୁସ୍କାନ ସାହୁ ମହାବିଦ୍ୟାଳୟର ପରିବେଶ ବିକାଶ ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନ କରିଥିଲେ। ଆଇଏସଓ କମିଟି ସଦସ୍ୟ ଦ୍ୱୟ ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ ଓ ରାଜନୀତି ବିଜ୍ଞାନ ବିଭାଗ ପରିଦର୍ଶନ କରିଥିଲେ। ଶିକ୍ଷା ପଦ୍ଧତିର ବିଭିନ୍ନ ପଦ୍ଧତିକୁ ଅନୁଧ୍ୟାନ କରିବା ସହ ଲେସନ ପ୍ଲାନ, ନିୟମିତ ଉପସ୍ଥାନ, ସ୍ମାର୍ଟ ବୋର୍ଡ ବ୍ୟବହାର, ବାଓ ମେଟ୍ରିକର ବ୍ୟବହାର ପଦ୍ଧତି ପ୍ରଣାଳୀକୁ ଦେଖିଥିଲେ। ଏତଦ୍‌ବ୍ୟତୀତ ପରୀକ୍ଷା ପରିଚାଳନା ପଦ୍ଧତି, ସିସି କ୍ୟାମେରା, ବିତ୍ତୀୟ ପରିଚାଳନା, ପାଠାଗାର, ଭାରତୀୟ ରେଡକ୍ରସ, ଏନସିସି, ଏନଏସଏସ ଆଦିକୁ ଅନୁଧ୍ୟାନ କରିଥିଲେ। ସେମିନାର କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇକ୍ୟୁଏସି ସଂଯୋଜକ ସପନ ପଣ୍ଡା ବକ୍ତବ୍ୟ ରଖିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଅଶୋକ ବେଉରା ଅଧିକରୁ ଅଧିକ ଗୁଣାତ୍ମକ ପଦ୍ଧତିକୁ ଗ୍ରହଣ କରିବା ଉପରେ ଜୋର ଦେଇଥିଲେ। ସମୀକ୍ଷା କମିଟିର ଅଧ୍ୟକ୍ଷ ଶ୍ରୀ ଜାନା ମହାବିଦ୍ୟାଳୟ ଶିକ୍ଷା ପଦ୍ଧତି ପ୍ରଣାଳୀକୁ ପ୍ରଶଂସା କରିବା ସହ ଏହାକୁ ଆହୁରି ଉନ୍ନତ କରିବା ପାଇଁ ଯତ୍ନବାନ ହେବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ ଶିକ୍ଷା ବିଭାଗର ବରିଷ୍ଠ ଅଧ୍ୟାପିକା ଡ.ସସ୍ମିତା ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ଆକାଂକ୍ଷା ଲାକ୍ରା ସଭାକାର୍ଯ୍ୟ ପରିଚାଳନା କରିଥିଲେ।

## ଘାଗରାଇ ନାଳରେ ୨ ସ୍କୁଲ ଛାତ୍ରଙ୍କ ସଲିଳ ସମାଧି

ରାଉରକେଲା,୧୭।୧୦(ସମିସ): ସ୍ଥାନୀୟ ବ୍ରାହ୍ମଣୀ ତରଙ୍ଗ ଥାନା ଅଧୀନ ବିରକେରା ଗାଁରେ ଥିବା ଘାଗରାଇ ନାଳରେ ବୁଡି ୨ ଜଣ ସ୍କୁଲ ଛାତ୍ରଙ୍କ ସଲିଳ ସମାଧି ଘଟିଥିବା ବେଳେ ଅନ୍ୟ ୪ ଜଣ ଛାତ୍ରଙ୍କୁ ଉଦ୍ଧାର କରାଯାଇଛି। ମୃତ ଛାତ୍ର ଦ୍ୱୟ ହେଉଛନ୍ତି ସେକ୍ଟର -୧୫ ଅଞ୍ଚଳର ଓମ୍ ସୁନା ଓ ସେକ୍ଟର -୧ ଅଞ୍ଚଳର ଅନୁରାଗ ଦାସ। ସେମାନେ ସେକ୍ଟର-୨୦ ସ୍ଥିତ ଏକ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୧୦ମ ଶ୍ରେଣୀର ଛାତ୍ର ଥିଲେ। ଶୁକ୍ରବାର ସକାଳ ପ୍ରାୟ ୧୧ଟା ବେଳେ ବିଦ୍ୟାଳୟର ୬ ଜଣ ଛାତ୍ର ଘରେ ମିଛ କହି ବିରକେରା ଗାଁରେ ଥିବା ଘାଗରାଇ ନାଳକୁ ବୁଲିବାକୁ ଯାଇଥିଲେ। ସମସ୍ତେ ପାଣିରେ ପଶି ଗାଧୋଇବା ସହ ସେଲଫି ନେଇଥିଲେ। ଏହି ସମୟରେ ଓମ୍ ସୁନା ଓ ଅନୁରାଗ ଦାସ ଗଭୀର ପାଣି ଭିତରକୁ ଚାଲି ଯାଇଥିଲେ। ହଠାତ୍ ସମସ୍ତେ ପାଣିରେ ବୁଡିବାକୁ ଲାଗିବାରୁ ଚିତ୍କାର କରିଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଗ୍ରାମବାସୀ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ସହ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ବିଭାଗର କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ଅଭିଜିତ ହୋବୋ, ସୁମିତ ସେଠ୍, ଅଭିଷେକ ସାହୁ ଓ ପ୍ରିତମ ହାସଂଦାଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ। ଏହାର କିଛି ଘଣ୍ଟା ପରେ ଓମ୍ ଓ ଅନୁରାଗଙ୍କୁ ଉଦ୍ଧାର କରାଯାଇ ଥିଲା। ସମସ୍ତଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ଡାକ୍ତର ଓମ୍ ଓ ଅନୁରାଗଙ୍କୁ ମୃତ ଘୋଷଣା କରିଥିଲେ। ସମସ୍ତ ଛାତ୍ର ବୟସ ୧୫ ରୁ ୧୬ ବର୍ଷ ବୋଲି ଜଣାପଡ଼ିଛି। ମୃତ ଛାତ୍ର ଅନୁରାଗ କଲ୍ୟାଣୀରାୟ ମହାବିଦ୍ୟାଳୟର ଅଧ୍ୟକ୍ଷ କମଳାକାନ୍ତ ଦାସଙ୍କ ପୁଅ ଏବଂ ଓମ୍ ବାବୁଲି ସୁନାଙ୍କ ପୁଅ ବୋଲି ସୂଚନା ମିଳିଛି। ଆଜି ସନ୍ଧ୍ୟାରେ ଉଭୟ ଛାତ୍ରଙ୍କ ଶବ ଆରଜିଏଚକୁ ଅଣା ଯାଇଥିବା ବେଳେ ଆରଜିଏଚ ପରିସରେ ଶହ ଶହ ଲୋକ ରୁଣ୍ଡ ହେବା ସହ କାନ୍ଦ ବୋବାଳିରେ ଫାଟି ପଡିଥିଲା। ଆସନ୍ତା କାଲି ଶବ ବ୍ୟବଚ୍ଛେଦ ହେବ ବୋଲି ଏସଡିପିଓ ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି।

**ଅଳ୍ପକେ ବର୍ତ୍ତିଲେ ୪**




### କମୁଛି ମାଟି ଦୀପର ଚାହିଦା

# ଚାଇନା ଲାଇଟ୍ ଛଡ଼ାଇ ନେଉଛି ବେପାର

ବଣାଇଁ,୧୭।୧୦(ସମିସ)



ଆଗକୁ ଆସୁଛି ଆଲୋକର ପର୍ବ ଦୀପାବଳି। ଅନ୍ଧାରରୁ ଆଲୋକ ଦେଇଥାଏ ଦୀପ। ପ୍ରାଚୀନ କାଳରୁ ହିନ୍ଦୁ ସଂସ୍କୃତି ଓ ପରମ୍ପରାର ପ୍ରତୀକ ଭାବେ ଦୀପର ସ୍ୱତନ୍ତ୍ର ପରିଚୟ ରହିଛି। ମନ୍ଦିର ଠାରୁ ଆରମ୍ଭ କରି ପୂଜାପର୍ବାଣୀରେ ମାଟି ଦୀପ ଖୋଜା ପଡ଼ିଥାଏ। ହେଲେ ବଜାରରେ ଏବେ ଚାଇନା ଜିନିଷ ପାଇଁ ଏହାର ଚାହିଦା କମିଛି। ଏହି ଅବସରରେ ଦୀପ ବିକ୍ରି କରି କିଛି ଭଲ ରୋଜଗାର ପାଇଁ ଆଶା ବାନ୍ଧିଛନ୍ତି ବଣାଇଁ ଅଞ୍ଚଳର କୁମ୍ଭକାର ଦୀପ ବ୍ୟବସାୟୀ। ହେଲେ ବଣାଇଁ ବଜାରକୁ ରାଜ୍ୟ ବାହାରୁ ବିଭିନ୍ନ ରକମର ଦୀପ ଆସୁଥିବାରୁ ମାଟି ଦୀପ ବ୍ୟବସାୟ ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି। ଫଳରେ ନିଜର କୌଳିକ ବୃତ୍ତିକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ମାଟି ଦୀପ ବ୍ୟବସାୟୀ। ପାର୍ବଣ ଋତୁରେ ଦୀପର ଚାହିଦା ବେଶ୍ ବଢ଼ିଯାଏ। ଧାର୍ମିକ ମାସ କାର୍ତ୍ତିକରେ ଲୋକେ ପ୍ରତିଦିନ ଘର ଅଗଣାରେ ମାଟି ଦୀପ ଜାଳିବା ସହ ମନ୍ଦିରକୁ ମଧ୍ୟ ନେଇଥାନ୍ତି। ଏଥିସହ ଏହି ମାସରେ ପଡ଼େ ଦୀପର ମହାପର୍ବ ଦୀପାବଳି। କିନ୍ତୁ ପରିବର୍ତ୍ତିତ ଆଧୁନିକ ଚଳଣୀରେ ମାଟି ଦୀପ ପ୍ରତି ଲୋକଙ୍କ ଆଗ୍ରହ କମିବାରେ ଲାଗିଛି। ଲୋକେ ଚାକଚକ୍ୟରେ ଦୀପାବଳି ପାଳନ ପାଇଁ ଧୀରେ ଧୀରେ ଦୀପ ଜାଳିବା ପରମ୍ପରାକୁ ଅଣଦେଖା କରୁଛନ୍ତି। ମାଟି ଦୀପର ସ୍ଥାନ ନେଲାଣି ରଙ୍ଗ ବେରଙ୍ଗ ଚାଇନା ଲାଇଟ୍ ମାଳ। ପୁଣି ରାଜ୍ୟ ବାହାରୁ ଆସୁଥିବା ଦୀପ ବିକ୍ରି ମଧ୍ୟ ବଢୁଛି। ଫଳରେ ବହୁ କୁମ୍ଭକାର ପରିବାର ନିଜର କୌଳିକ ବୃତ୍ତି ଛାଡ଼ିବାକୁ ବସିଲେଣି।

**ସଂକଟରେ କୁମ୍ଭକାରଙ୍କ କୌଳିକ ବୃତ୍ତି**

## ଏନ୍‌ଆଇଟିରେ ବିଶ୍ୱ ଖାଦ୍ୟ ଦିବସ ଉଦ୍‌ଯାପିତ

ରାଉରକେଲା,୧୭।୧୦(ସମିସ): ଏନଆଇଟି ରାଉରକେଲାର ଟିଆଇଆଇଆର ଅଡିଟୋରିୟମ୍‌ରେ ଫୁଡ୍ ପ୍ରୋସେସ ଇଞ୍ଜିନିୟରିଂ ବିଭାଗ ଦ୍ୱାରା, ଆସୋସିଏସନ୍ ଅଫ୍ ଫୁଡ୍ ସାଇଣ୍ଟିଷ୍ଟସ ଆଣ୍ଡ ଟେକ୍ନୋଲୋଜିଷ୍ଟସ ଅଫ୍ ଇଣ୍ଡିଆ ରାଉରକେଲା ଚାପ୍ଟର ଏବଂ ଫୁଡ୍ ଟେକ୍ ସୋସାଇଟିଙ୍କ ସହଯୋଗରେ ୪୫ତମ ବିଶ୍ୱ ଖାଦ୍ୟ ଦିବସ



୨୦୨୫ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଦେଶର ପ୍ରମୁଖ ବିଶେଷଜ୍ଞ, ଗବେଷକ ଏବଂ ଛାତ୍ରଛାତ୍ରୀ ଏକତ୍ରିତ ହୋଇ ଖାଦ୍ୟ ସୁରକ୍ଷା ଓ ସ୍ଥାୟିତ୍ୱ ନିମନ୍ତେ ନୂତନ ଉପାୟ ଉପରେ ଚର୍ଚ୍ଚା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ପ୍ରଫେସର ରାମଚନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଆଇଆଇଟି ଖଡଗପୁରର ପ୍ରଫେସର ହେମନ୍ତ ନାରାୟଣ ମିଶ୍ର ଆଜି ବି ବିଶ୍ୱରେ ପ୍ରାୟ ୭୦ କୋଟି ଲୋକ ଖାଲି ପେଟରେ ଶୋଉଥିବା ସମସ୍ତଙ୍କ ପାଇଁ ଆହ୍ୱାନ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ମୁମ୍ବାଇର ଗ୍ଲୋବାଲ ଆରଏଣ୍ଡଡି, ପାର୍ଲେ ବିସ୍କିଟ୍ସ ପ୍ରାଇଭେଟ୍ ଲିମିଟେଡର ମୁଖ୍ୟ ପ୍ରତାପ ସ୍ୱାଇଁ ଉପସ୍ଥିତ ଥିଲେ। ବିଭାଗର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ମିଶ୍ର ବିଶ୍ୱରେ ୩୦ରୁ ୩୫% ଖାଦ୍ୟ ଅପଚୟ ହେଉଥିବା କଥା ସୂଚାଇଥିଲେ। ଏସଏସି ସଭାପତି ପ୍ରଫେସର ରାଜୀବ ପଣ୍ଡା, ପ୍ରଫେସର ଦିବ୍ୟକାନ୍ତ ସେଠ ଓ ପ୍ରଫେସର ୱିଭେକ ମଧ୍ୟ ନିଜ ମତାମତ ରଖିଥିଲେ। ପ୍ରଫେସର ୱିନି ରାଉତରାୟଙ୍କ ସମେତ ବିଭିନ୍ନ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଫେସର ମଧୁରେଶ ଦ୍ୱିବେଦୀ ଧନ୍ୟବାଦ ଜଣାଇଥିଲେ।

ଗୁରୁବାର ଉଦ୍‌ଯାପନୀ ଉତ୍ସବରେ ଫୁଡ୍ ଟେକ୍ ସୋସାଇଟି, ସାକ ଦ୍ୱାରା ଆୟୋଜିତ କୁଇଜ୍ ଓ କେସ୍ ଷ୍ଟଡି ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହାପରେ ବିଶେଷ ଅଧିବେଶନ, ଅଭିଜ୍ଞ ଉପସ୍ଥାପନା ଓ ଆନ୍ତର୍କ୍ରିୟାତ୍ମକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରଫେସର ଏଚଏନ୍ ମିଶ୍ର 'ପୁଷ୍ଟିକରଣ ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଖାଦ୍ୟ ଟେକ୍ ନବସୃଜନ-ଭାରତୀୟ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଷ୍ଟାର୍ଟଅପ୍ ସୁଯୋଗ ଏବଂ ଚ୍ୟାଲେଞ୍ଜ' ଉପରେ ଆଲୋଚନା କରିଥିଲେ। ପ୍ରତାପ ସ୍ୱାଇଁ ସ୍ଥାୟୀ ଖାଦ୍ୟ ଶୃଙ୍ଖଳା ବିକାଶର ଗବେଷଣା ଏବଂ ବିକାଶ ଦୃଷ୍ଟିକୋଣ ଉପରେ ଏକ ଶିଳ୍ପଭିତ୍ତିକ ଆଲୋଚନା କରିଥିଲେ।

# ବେଆଇନ ବାଣ ମହଜୁଦକାରୀ ଗିରଫ



ତିର୍ତ୍ତୋଲ, ୧୭।୧୦(ସମିସ): ତିର୍ତ୍ତୋଲ ଥାନା ଅନ୍ତର୍ଗତ ରାହାମା ଜଇଳ ଗ୍ରାମରେ ପୁଲିସ ଚଢ଼ଉ କରି ବେଆଇନ ଭାବେ ବାଣ ମହଜୁଦ୍ କରି ରଖିଥିବା ତନ୍ମୟ ମଲ୍ଲିକଙ୍କୁ ଗିରଫ କରିଛି। ତନ୍ମୟଙ୍କ ଘରୁ ପୁଲିସ ବିପୁଳ ପରିମାଣର ବାଣ, ବାରୁଦ୍ ପାଉଡର ଓ ଅନ୍ୟାନ୍ୟ ବିସ୍ଫୋରକ ସାମଗ୍ରୀ ଜବତ କରିଛି। ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ତନ୍ମୟଙ୍କୁ ଅଦାଲତ ଚାଲାଣ କରିଥିବା ନେଇ ତିର୍ତ୍ତୋଲ ଥାନା ପକ୍ଷରୁ ଜଣାପଡ଼ିଛି।

# ପାଇପ୍ ପାଣିରେ ମାଛ

ବାଲିକୁଦା, ୧୭।୧୦(ସମିସ): ବାଲିକୁଦା ବ୍ଲକର ଉପକୂଳ ଅଞ୍ଚଳକୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବାକୁ ସରକାର ୧୪୦ରୁ ଊର୍ଦ୍ଧ୍ୱ କୋଟି ଅନୁଦାନରେ ମେଘା ପାନୀୟଜଳ ପ୍ରକଳ୍ପ ବାଲିକୁଦା ବ୍ଲକ ଆମ୍ବଶାଳଠାରେ ନିର୍ମାଣ କରିଥିଲେ। ନାଉଗାଁ ବ୍ଲକ ଦେବୀଦୋଳଠାରୁ ଦେବୀ ନଦୀ ଜଳକୁ ବିଶୁଦ୍ଧ କରାଯାଇ ପ୍ରତ୍ୟେକ ପରିବାର ନିକଟରେ ପହଞ୍ଚାଇ ଦିଆଯିବ। ଯାହାର ଦାୟିତ୍ୱ ଏଲ ଆଣ୍ଡ ଟି ଭଳି ଏକ ବଡ଼ କମ୍ପାନୀକୁ ଦିଆଯାଇଥିଲା। ତେବେ ପବିତ୍ର



କାର୍ତ୍ତିକ ମାସରେ ମୁଖ୍ୟ ପାଇପ ଲାଇନରୁ ଅପଣ୍ଡରା ପଞ୍ଚାୟତ ପୋଦରୁଆଁ ଗ୍ରାମକୁ ଯୋଗାଇ ଦିଆଯାଉଥିବା ପାନୀୟଜଳରେ ପବିତ୍ର ସଂକ୍ରାନ୍ତୀ ଦିନ ଟ୍ୟାପରୁ ମହୁରାଡ଼ି ମାଛ ପାଣି କୁଣ୍ଡରେ ପଡ଼ି ଖେଳୁଥିବା ଦେଖିବାକୁ ପାଇଥିଲେ ୩ ପରିବାର। ବିକାଶ ମଲ୍ଲିକ, ସୁବ୍ରତ ମହାନ୍ତି, ବାବାଜୀ ନାୟକଙ୍କ ପରିବାର ଏନେଇ ଅଭିଯୋଗ କରିବା ପରେ ଗ୍ରାମବାସୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରତ୍ୟେକ ଓଡ଼ିଆ କାର୍ତ୍ତିକ ମାସ ଓ ସଂକ୍ରାନ୍ତୀକୁ ନିଷ୍ଠାର ସହ ପାଳନ କରୁଥିବାବେଳେ ପାନୀୟ ଓ ରୋଷେଇ ଜଳ ବ୍ୟବହାର କରୁଥିବା ପାଣିରେ ମାଛ ଭାସିବାକୁ ଅପବିତ୍ର ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏପରି ଅଭିଯୋଗ ପୂର୍ବରୁ ମଧ୍ୟ ବାଲିପାଟଣା ଓ ଅନ୍ୟ ଗ୍ରାମବାସୀ ଅଭିଯୋଗ କରିଥିବାବେଳେ କମ୍ପାନୀ କିମ୍ବା ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ ଏହାର ସମାଧାନ କରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଭରତ ଭୂଷଣ ଲେଙ୍କା କହିଛନ୍ତି, ଅଭିଯୋଗ ପାଇବା ପରେ ଆମେ କମ୍ପାନୀ ସହ ଆଲୋଚନା କରି ଏହାର ସମାଧାନ ପାଇଁ ଉଦ୍ୟମ କରିବୁ।

**ପ୍ରକଳ୍ପ ସପକ୍ଷବାଦୀଙ୍କ ସାମ୍ବାଦିକ ସମ୍ମିଳନୀ**

# ଶିଳ୍ପ ପ୍ରତିଷ୍ଠା ଯୋଗୁଁ ଜୀବନଧାରଣ ମାନରେ ବିକାଶ ହୋଇଛି

କୁଜଙ୍ଗ, ୧୭।୧୦(ସମିସ)

ଢିଙ୍କିଆ ଚାରିଦେଶରେ ପ୍ରକଳ୍ପ ପ୍ରତିଷ୍ଠା ହେବା ଫଳରେ ଅଞ୍ଚଳର ଆର୍ଥିକ ମାନଦଣ୍ଡରେ ଅଭିବୃଦ୍ଧି ଘଟିଛି। ଶିକ୍ଷା, ପାରିପାର୍ଶିକ ଉନ୍ନତି, ଦକ୍ଷତା ବିକାଶ କରିବାରେ ଜେଏସ୍‌ଡବ୍ଲ୍ୟୁ ଉଦ୍ୟମ କରୁଥିବା ଶିଳ୍ପାଞ୍ଚଳ ବାସିନ୍ଦା ନେତୃତ୍ୱ ତଥା ପ୍ରକଳ୍ପ ସପକ୍ଷବାଦୀ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ନିଯୁକ୍ତି, କ୍ରୀଡ଼ା, ମହିଳା ସଶକ୍ତୀକରଣ, ପରିମଳ, ସାଂସ୍କୃତିକ ଅନୁଷ୍ଠାନ ଓ କୃଷି ଜୀବିକା କ୍ଷେତ୍ରରେ ଅହରହ କାର୍ଯ୍ୟ କରି ଚାଲିଛି କମ୍ପାନୀ। ଗ୍ରାମ୍ୟ ଜଙ୍ଗଲ କମିଟି ଓ ଜନସାଧାରଣଙ୍କ ସହଯୋଗରେ ଉପଯୁକ୍ତ କ୍ଷତିପୂରଣ ପାଇ କମିଟି ଜଙ୍ଗଲ କାଟି ଉକ୍ତ କାଠକୁ ଜାଳେଣି ରୂପେ ବ୍ୟବହାର ନିମନ୍ତେ ଗଚ୍ଛିତ କରିଛନ୍ତି। ପାନବରଜ କ୍ଷତିପୂରଣ ବାବଦକୁ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ଦରରେ କ୍ଷତିପୂରଣ ମିଳିଛି। ପାନବରଜ ଶ୍ରମିକଙ୍କୁ ମଧ୍ୟ କ୍ଷତିପୂରଣ ପ୍ରୋତ୍ସାହନ ରାଶି ମିଳୁଛି। ଜଙ୍ଗଲ ଉଚ୍ଛେଦ, ସରକାର ଓ ଜଙ୍ଗଲ ବିଭାଗର ଅନୁମତିରେ ନୀତିନିୟମ ଅନୁସାରେ ଗ୍ରାମବାସୀ କରୁଛନ୍ତି। ବିଭିନ୍ନ କ୍ଷେତ୍ରରେ କମ୍ପାନୀ ତା'ର କାର୍ଯ୍ୟକ୍ରମ ଚାଲୁ ରଖୁଛି ଓ କମ୍ପାନୀ ବର୍ତ୍ତମାନ ନିର୍ମାଣଧୀନ ଓ ନିୟମ ଅନୁସାରେ ଯେକୌଣସି ପ୍ରକଳ୍ପର ଲାଭାଂଶର ୨ ପ୍ରତିଶତ ପାରିପାର୍ଶ୍ୱିକ ଉନ୍ନୟନ ଅନୁଦାନ ଭାବେ ଖର୍ଚ୍ଚ କରେ। କିନ୍ତୁ କମ୍ପାନୀ ନିର୍ମାଣ ୧୦ ଭାଗ ହୋଇ ନ ଥିଲେ ମଧ୍ୟ କମ୍ପାନୀ ତା'ର ଦାୟିତ୍ୱବୋଧ ନିର୍ବାହ କରିଚାଲିଛି। ଢିଙ୍କିଆ ଚାରିଦେଶର ଅଧିବାସୀ କେଉଁ ଆବହମାନ କାଳରୁ କୃଷି ଅର୍ଥନୀତି ଧାନ, ପାନ, ମୀନ ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଆସୁଥିଲେ ହେଁ ଆର୍ଥିକ ପ୍ରଗତି ହୋଇପାରୁ ନ ଥିଲା। ଜେଏସଡବ୍ଲୁ ପକ୍ଷରୁ ଶିଳ୍ପ ପ୍ରତିଷ୍ଠା ଅୟମାରମ୍ଭରୁ ଅଞ୍ଚଳର ଅଧିବାସୀଙ୍କ ଆର୍ଥିକ ଓ ସାମାଜିକ ବିକାଶରେ ଉନ୍ନତି ପରିଲକ୍ଷିତ ହୋଇଛି ବୋଲି ଶୁକ୍ରବାର ଅପରାହ୍ନରେ ଢିଙ୍କିଆ ପଞ୍ଚାୟତ ପାଟଣା ହାଟଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶିଳ୍ପ ସପକ୍ଷବାଦୀ କହିଛନ୍ତି।



ସେମାନେ କହିଛନ୍ତି, ଜେଏସଡବ୍ଲୁ ପକ୍ଷରୁ ଶିଳ୍ପ ପ୍ରତିଷ୍ଠା ଯୋଗୁଁ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ ଓ କୃଷିରେ ଉନ୍ନତି ହୋଇଥିବାବେଳେ ମହିଳା ସଶକ୍ତୀକରଣ, ଦକ୍ଷତା ବିକାଶ କ୍ଷେତ୍ରରେ ପ୍ରଭୂତ ଉନ୍ନତି ହୋଇଛି। ଢିଙ୍କିଆ ଉପସ୍ୱାସ୍ଥ୍ୟକେନ୍ଦ୍ର ଓ ନିକଟସ୍ଥ ବାଲିତୁଠ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ସହ ବିଶେଷଜ୍ଞ ଡାକ୍ତର ଓ ବିଭିନ୍ନ ଆଧୁନିକ ଯନ୍ତ୍ରପାତି ଯୋଗାଇ ଦିଆଯାଇଛି। ଫଳରେ ଅଞ୍ଚଳର ଲୋକ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇପାରିଛନ୍ତି। ସେତିକି ନୁହେଁ କମ୍ପାନୀ ଦ୍ୱାରା ଯୋଗାଇ ଦିଆଯାଇଥିବା ଆମ୍ବୁଲାନ୍ସ ଯୋଗେ ଗୁରୁତର ରୋଗୀ ମାଗଣାରେ କଟକ ଓ ଭୁବନେଶ୍ୱର ଚିକିତ୍ସା ନିମନ୍ତେ ଯାଇପାରୁଛନ୍ତି। ବର୍ତ୍ତମାନ କମ୍ପାନୀର ନିର୍ମାଣ କାମ ମାତ୍ର ୧୦ ଭାଗ ହୋଇଥିଲାବେଳେ ବିଭିନ୍ନ କ୍ଷେତ୍ରରେ ୬ ଶହରୁ ଊର୍ଦ୍ଧ୍ୱ ବେକାର ଯୁବକ/ଯୁବତୀ ନିଯୁକ୍ତି ପାଇଛନ୍ତି। ଯେତେବେଳେ କାରଖାନା ନିର୍ମାଣ ପୂର୍ଣ୍ଣାଙ୍ଗ ହେବ, ଅଞ୍ଚଳର ଜଣେ ହେଲେ ବେକାର ରହିବେ ନାହିଁ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। କମ୍ପାନୀ ବର୍ତ୍ତମାନ ଯୁବକ/ଯୁବତୀଙ୍କ ମଧ୍ୟରେ କିପରି ଦକ୍ଷତାର ବିକାଶ ଘଟିବ, ସେଥିପାଇଁ ତାଲିମ ପ୍ରଦାନ କରୁଛି। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଆଧାରରେ ପାନ ବରଜ, ଗଛ କଟା ଓ ପାନ ବରଜ ଶ୍ରମିକଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇଛି। ଗାଁର ଭିତ୍ତିଭୂମି କ୍ରୀଡ଼ା, ଶିକ୍ଷା ଓ ଗମନା ଗମନ ନିମନ୍ତେ ରାସ୍ତା, ମନ୍ଦିର ଓ ସାମୂହିକ ପ୍ରଗତି ହୋଇଛି। ସ୍ଥାନୀୟ ବେକାର ନିର୍ମାଣ କାର୍ଯ୍ୟରେ ଆବଶ୍ୟକ ଯନ୍ତ୍ରପାତି ଯୋଗାଇ ଓ ଠିକାଦାର କରି ରୋଜଗାର କରୁଛନ୍ତି। କେତେକ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ବାହାର ଲୋକଙ୍କ ପ୍ରରୋଚନାରେ ଶିଳ୍ପକୁ ବିରୋଧ କରୁଛନ୍ତି। ଯଦି ଶିଳ୍ପକୁ ବିରୋଧ କରିବାର ଥିଲା ପ୍ରଥମରୁ କାହିଁକି ବିରୋଧ ନକରି ଜମି ଅଧିଗ୍ରହଣ ପରେ ସମସ୍ତ କ୍ଷତିପୂରଣ ଗ୍ରହଣ କରି ବିରୋଧ କରିବାର ଉଦ୍ଦେଶ୍ୟ କ'ଣ ବୋଲି ପ୍ରଶ୍ନ କରିଥିଲେ। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସରପଞ୍ଚ ଶିଶିର ମହାପାତ୍ର, ରଞ୍ଜନ ବର୍ଦ୍ଧନ, ପ୍ରଭାତ ରାଉତ, ଅକ୍ଷୟ ବେହେରା, ଚନ୍ଦ୍ରକାନ୍ତ ଭୋଇ, ହେମନ୍ତ ସ୍ୱାଇଁ, ସୁରେଶ ଦାଶ, ନୃସିଂହ ରାଉତ, କୈଳାସ ମହାନ୍ତି, ବିକାଶ ନାୟକ, ପ୍ରଶାନ୍ତ ରାଉତ, ବିକାଶ ବର୍ଦ୍ଧନ, ଭ୍ରମର ସେଠୀ ଓ ତୋଫାନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଧର୍ମପ୍ରାଣାଙ୍କ ପରଲୋକ

କୁଜଙ୍ଗ, ୧୭।୧୦(ସମିସ): କୁଜଙ୍ଗ ବ୍ଲକ ପଙ୍କପାଳ ପଞ୍ଚାୟତ ଅନ୍ତର୍ଗତ ବଣିକୁନ୍ଦ ନିବାସୀ ସମାଜସେବୀ



ବଂଶୀଧର ସାହାଣୀଙ୍କ ପତ୍ନୀ ବସନ୍ତ ସାହାଣୀ(୭୦)ଙ୍କ ପରଲୋକ ହୋଇଯାଇଛି। ସେ ଧର୍ମପ୍ରାଣ ଓ ପରୋପକାରୀ ମହିଳା ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ହୋଇଛି। ବଡ଼ପୁଅ ସଞ୍ଜୟ ସାହାଣୀ ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ସାନପୁଅ ନିର୍ଭୟ ସାହାଣୀ, ଝିଅ ବୈଜୟନ୍ତୀ ସାହାଣୀ, ଜ୍ୱାଇଁ ମନୋରଞ୍ଜନ ଦାସ, ପୁତୁରା ଉତ୍ତମ ସାହାଣୀ, ଶିବଚରଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ପରଲୋକରେ ଆରଏସଏସର ଜିଲ୍ଲା ପ୍ରଚାର ପ୍ରମୁଖ ତାପସ ଦାଶ, କୁଜଙ୍ଗ ଖଣ୍ଡ କାର୍ଯ୍ୟବାହ ବିପିନ ମିଶ୍ର, ରାଉରକେଲା ବିଭାଗ ପ୍ରଚାରକ ସୁବ୍ରତ ସାମନ୍ତରାୟ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

# ଗ୍ରାମୀଣ ହାଟ ଓ ଧାନ ମଣ୍ଡିର ଶିଳାନ୍ୟାସ

ବରୀ, ୧୭ ।୧୦(ସମିସ): ବୁଧବାର ପୂର୍ତ୍ତ ବିଭାଗ ପକ୍ଷରୁ ବରୀର ଦୁଇଟି ପୃଥକ ପ୍ରକଳ୍ପର ଶିଳାନ୍ୟାସ ହୋଇଯାଇଛି। ଏହି ଶିଳାନ୍ୟାସ ଉତ୍ସବରେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଭୂମି ପୂଜନ ପରେ ଶିଳାନ୍ୟାସ କରିଛନ୍ତି। ବିଧାୟକ ପ୍ରଥମେ ରମ୍ଭା ପଞ୍ଚାୟତ ନେଉଳା ଜମୁଡ଼ିଆ ପଡ଼ିଆଠାରେ ୧ କୋଟି ୬ ଲକ୍ଷ ୮୨ ହଜାର ୮୪୦ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଗ୍ରାମୀଣ ହାଟର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ପରେ ୬୪ ଲକ୍ଷ ୫୭ ହଜାର ୮୯୧ ଟଙ୍କା ବ୍ୟୟ ଅଟକଳରେ ଧାନ ସଂଗ୍ରହ କେନ୍ଦ୍ରକୁ ନଡ଼ିଆ ବାଡେଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ଭଗବାନ ବେହେରା, ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡ଼ି, ଉପାଧ୍ୟକ୍ଷା ଅର୍ଚ୍ଚନା ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ସନ୍ତୋଷ କୁମାର ସାମଲ, ଦିଲ୍ଲିପ କୁମାର ମହାନ୍ତି, ସରପଞ୍ଚ ସଙ୍ଘ ସଭାପତି ପ୍ରସନ୍ନ କୁମାର ସାମଲ, ପ୍ରାକ୍ତନ ସରପଞ୍ଚ ହରିହର ପଣ୍ଡା, ରତିକାନ୍ତ ଜେନା, ବ୍ଲକ ବିଜେଡି ସଭାପତି କେଦାର ସାମଲଙ୍କ ସମେତ ବହୁ ସଂଖ୍ୟକ ସରପଞ୍ଚ ସମିତି ସଭ୍ୟ ଓ ଶତାଧିକ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ। ଗତ ୧୦ ତାରିଖରେ ୧୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟୟ ଅଟକଳରେ ଦୁଇ ଗୋଟି ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟର ଶିଳାନ୍ୟାସ କାର୍ଯ୍ୟ ବିଧାୟକଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି।



# କାଳୀପୂଜା ପାଇଁ ପ୍ରସ୍ତୁତି ବୈଠକ

କୁଜଙ୍ଗ, ୧୭।୧୦(ସମିସ): କୁଜଙ୍ଗ ଦେବୀ ମଣ୍ଡପରେ ୬୦ତମ ମା' କାଳୀଙ୍କ ପୂଜା ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବାବାଜୀ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ କୁଜଙ୍ଗ ସାର୍ବଜନୀନ କାଳୀପୂଜାର ୬୦ ବର୍ଷ ପୂର୍ତ୍ତି ଉତ୍ସବ ମହାସମାରୋହରେ ପାଳନ କରାଯିବା ସହ ଏହି



ପରମ୍ପରା ଆରମ୍ଭ କରିଥିବା ସ୍ୱର୍ଗତ ନରହରି ଦାସ, ଶଶୀଭୂଷଣ ମହାନ୍ତି, ଦୁର୍ଲଭ ସ୍ୱାଇଁ, ହାଡ଼ିବନ୍ଧୁ ଶତପଥୀଙ୍କୁ ମରଣୋତ୍ତର ଭାବେ ସମ୍ମାନିତ କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଆସନ୍ତା ୨୦ ତାରିଖରୁ ପୂଜା ଆରମ୍ଭ ହୋଇ ୨୭ ତାରିଖରେ ମା'ଙ୍କୁ ମେଲାଣି ଦିଆଯିବ। ସେହିପରି ସପ୍ତାହ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଥିଲା।

ପୂଜା କମିଟି ଉପଦେଷ୍ଟା ଆଡଭୋକେଟ ଏଏନଡି ଯାଦବ, ବରିଷ୍ଠ ଆଇନଜୀବୀ ରମେଶ ଚନ୍ଦ୍ର ଦାସ, କମିଟି ସଭାପତି ପ୍ରଶାନ୍ତ କୁମାର ପଟ୍ଟନାୟକ, ଉପସଭାପତି ବାବାଜୀ ଚରଣ ସେଠୀ, ସମ୍ପାଦକ ରଜନୀକାନ୍ତ ଗୁରୁ, ସହସମ୍ପାଦକ ଚିତ୍ତରଞ୍ଜନ ସାହୁଙ୍କ ସମେତ ବିଶ୍ୱନାଥ ମଲ୍ଲିକ, ରବୀନ୍ଦ୍ର ନାଥ ନାୟକ, ବିକ୍ରମ ସ୍ୱାଇଁ, ନୃସିଂହ ଗୁରୁ, ପ୍ରହଲ୍ଲାଦ ବେହେରା, ସୁବାସ ବେହେରା, ପବିତ୍ର ଦାସ, ଅଜୟ ସାହୁ, ଶଙ୍କର ନାଥ, ପ୍ରଶାନ୍ତ ନାଥ, ବାବାଜୀ ପରିଡ଼ା, ପ୍ରଦ୍ୟୁମ୍ନ ପଟ୍ଟନାୟକ, ଗଣେଶ୍ୱର ସ୍ୱାଇଁ, ବିଜନ ସ୍ୱାଇଁ, ପ୍ରଦୀପ୍ତ ଦାସ, ସଚ୍ଚିକାନ୍ତ ସ୍ୱାଇଁ, ଶଙ୍କର୍ଷଣ ନାଥ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।




# ଧସିଲା ବୈତରଣୀ ନଦୀ ବନ୍ଧ

କୟାଁଗୋଲା, ୧୭।୧୦(ସମିସ): ଦଶରଥପୁର ବ୍ଲକ ଅଧୀନସ୍ଥ କୟାଁ ପଞ୍ଚାୟତ ଗୁଣ୍ଠୁଣିପଡ଼ା ନିକଟରେ ବୈତରଣୀ ନଦୀ ବନ୍ଧ ପ୍ରାୟ ତିନି ଶହ ଫୁଟ ଧସିଯାଇଛି। ଫଳରେ ଉକ୍ତ ବନ୍ଧ ମଧ୍ୟ ଦେଇ ପାଣି ଅତିକ୍ରମ କରି ଚାଷ ଜମିକୁ ଜୁଆର ପାଣି ମାଡ଼ିଆସି ଫସଲ ନଷ୍ଟ କରିବାର ଆଶଙ୍କା ସୃଷ୍ଟି କରିଛି। ବୈତରଣୀର ଜୁଆରିଆ ପାଣି ଅନେକ ସମୟରେ ବନ୍ଧ ଭାଙ୍ଗି ଅଞ୍ଚଳବାସୀଙ୍କୁ ଦୁଃଖ ଦେଇଥାଏ। ଏହା ବାରମ୍ବାର ବନ୍ଧର ଅତଡ଼ା ଖସୁଥିବା ସମ୍ପର୍କରେ ବିଭାଗକୁ ଅବଗତ କରାଯାଇଥିଲା। ମାତ୍ର ବନ୍ଧ ମରାମତି ଉପଯୁକ୍ତ ଭାବେ ହୋଇପାରୁନାହିଁ ବୋଲି ଅଞ୍ଚଳବାସୀ କହିଛନ୍ତି। ନିମ୍ନମାନର ବନ୍ଧ କାର୍ଯ୍ୟ ଯୋଗୁଁ କୟାଁ ଅଞ୍ଚଳବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଏହି ବନ୍ଧ ଧସିବା ପରେ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି ଓ କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ତ୍ରିପାଠୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ତୁରନ୍ତ ନଦୀ ବନ୍ଧ ମରାମତି କାର୍ଯ୍ୟ କରାଯିବ ବୋଲି କହିଛନ୍ତି।



## ଟ୍ରକ୍ ଧକ୍କାରେ ଅଜଣା ବାଇକ୍ ଆରୋହୀଙ୍କ ମୃତ୍ୟୁ

### ■ ଦୁଇ ଆହତ ବାଇକ୍ ନେଇ ଚମ୍ପଟ

ବିଷମ କଟକ,୧୭।୧୦(ସମିସ): ରାୟଗଡା ଜିଲ୍ଲା ବିଷମ କଟକ ସଦର ଥାନାରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବାଇକ ଆରୋହୀଙ୍କର ମୃତ୍ୟୁ ଘଟିଛି। ବାଇକ୍‌ରେ ଦୁଇ ଜଣ ଯୁବକ ଆହତ ହୋଇଥିଲେ। ହେଲେ ଦୁଇ ଆହତ ଶବକୁ ଛାଡି ଦୁର୍ଘଟଣା ସ୍ଥଳରୁ ବାଇକ୍ ନେଇ ଚମ୍ପଟ ମାରିଛନ୍ତି। ଦୁର୍ଘଟଣା ଘଟିବାର ୧୫ ଘଣ୍ଟା ବିତିଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ନା ମୃତ ବ୍ୟକ୍ତିର ପରିଚୟ ମିଳିପାରିଲା, ନା' ବାଇକ୍ ନେଇ ଚମ୍ପଟ ମାରିଥିବା ଆହତଙ୍କ କୌଣସି ଖବର ମିଳିଲଶନି। ଘଟଣାରୁ ପ୍ରକାଶ ଯେ, ଆଜି ଭୋର ୪ ସମୟରେ ବିଷମ କଟକ ସହରର ସ୍ଥାନୀୟ ମାଁ ମାର୍କମା ମହାବିଦ୍ୟାଳୟ ନିକଟରେ ଟ୍ରକ୍ ସହ ବାଇକ୍ ଦୁର୍ଘଟଣା ଗ୍ରସ୍ତ ହୋଇ ଜଣେ ଯୁବକଙ୍କର ମୃତ୍ୟୁ ଘଟିଥିବା ଖବର ବିଷମ କଟକ ପୋଲିସ ପାଇବା ପରେ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରିବା ସହ ପାରିପାଶ୍ୱିକ ସ୍ଥିତିରୁ କୌଣସି ଏକ ଟ୍ରକ୍ ଧକ୍କାରେ ଯୁବକର ମୃତ୍ୟୁ ହୋଇଥିବା ପୁଲିସ ସ୍ପଷ୍ଟ କରିଛି। ହେଲେ ଯୁବକର କୌଣସି ପରିଚୟ ମିଳି ପାରିନାହିଁ। ଇତିମଧ୍ୟରେ ଦୁର୍ଘଟଣା ଘଟିବା ପରେ କେହି ଜଣେ ପଥଚାରୀ ମୃତ ଯୁବକ ଏବଂ ଆହତ ଯୁବକ ମାନଙ୍କ ଭିଡିଓ ଉତ୍ତୋଳନ କରି ପୁଲିସ୍ ପାଖକୁ ପଠାଇଥିଲେ। ଏହି ଭିଡିଓରୁ ଭୋର ସମୟରେ ତିନିଜଣ ଯୁବକ ମଟର ସାଇକଲରେ କୌଣସି ଏକ ଗାଡିକୁ ଧକ୍କା ଦେଇଥିବା ବେଳେ ଯୁବକର ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଛି। କିନ୍ତୁ ଭିଡିଓରେ ରହିଥିବା ଦୁଇ ଆହତ ଶବକୁ ଛାଡି ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି। ଆହତ ମାନଙ୍କୁ ଠାବ କରିବାର ପ୍ରୟାସ ଜାରି ରହିଥିବା ବିଷମ କଟକ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ ସୂଚନା ଦେଇଛନ୍ତି। ବିଷମ କଟକ ପୋଲିସ ଶବ ଜବତ କରି ମୃତ ଯୁବକଙ୍କ ପରିଚୟ ମିଳିବା ପର୍ଯ୍ୟନ୍ତ ମୃତଦେହକୁ ଶବ ସଂରକ୍ଷଣ ଗୃହରେ ୭୨ ଘଣ୍ଟା ପର୍ଯ୍ୟନ୍ତ ରଖିବା ବ୍ୟବସ୍ଥା କରିଛି।

## ଶିଶୁ ମହୋତ୍ସବ ସୁରଭି ୨୦୨୫

କଲ୍ୟାଣସିଂହପୁର,୧୭।୧୦(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ପୂଜାରୀଗୁଡା ପଞ୍ଚାୟତରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ବା କସ୍ତୁରୀ ବା ଗାନ୍ଧୀ ବାଳିକା ବିଦ୍ୟାଳୟ ଜଗନ୍ନାଥପୁର ଠାରେ ଆଞ୍ଚଳିକ ସାଧନ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ଅନୁଷ୍ଠିତ ହୋଇଛି। ପୂଜାରୀଗୁଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏସ ନାଗଭୂଷଣ ରାଓଙ୍କ ଅଧ୍ୟକ୍ଷତା ଓ ସିଆରସିସି ଦିଲ୍ଲୀପ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶାନ୍ତି ଶୃଙ୍ଖଳା ସହ ଆୟୋଜିତ ହୋଇଯାଇଛି।ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମୋହନରାଓ କଣ୍ଡାଗରୀ ରହିଥିବା ବେଳେ ସମ୍ମାନିତ ଅତିଥିଭାବେ ବିନିଶପୁର ସେବଶ୍ରମର ପ୍ରଧାନଶିକ୍ଷକ ଅଭିମନ୍ୟୁ କନ୍ଧପାଣି ରହିଥିଲେ। ଆଞ୍ଚଳିକ ସାଧନା କେନ୍ଦ୍ର ପୂଜାରୀଗୁଡାର ସମସ୍ତ ବିଦ୍ୟାଳୟର ଉଭୟ ବରିଷ୍ଠ ଓ କନିଷ୍ଠ ବିଭାଗର ଛାତ୍ର ଛାତ୍ରୀ ମାନେ ମୋଟ ୧୦୦ରୁ ଅଧିକ ସୁରଭି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ସମସ୍ତ ବିଭାଗର ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିବା ସହ ପ୍ରଥମ ସ୍ଥାନ ଅଧିକାର କରିଥିବା ସମସ୍ତ ପ୍ରତିଯୋଗୀ ମାନେ ବ୍ଲକ ସ୍ତରୀୟ ସୁରଭିରେ ଭାଗ ନେବେ ବୋଲି ଜଣାପଡିଛି। ମଞ୍ଚ ପରିଚାଳନା କରିଥିଲେ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଶିଶିର କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ସିଆର ସିସି ଦିଲୀପ କୁମାର ପ୍ରଧାନ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅନୁସୂୟା ସାମଲ, ଉତ୍ତମ ପାତ୍ର, ପ୍ରଶାନ୍ତ ମହାପାତ୍ର, ସାବିତ୍ରୀ ପଣ୍ଡା, ଅନିଲ କୁମାର ପଣ୍ଡା, ଶ୍ରୀକାନ୍ତ ପଣ୍ଡା, ସୁଶ୍ରୀ ଅନିତା ସାହୁ, ମଞ୍ଜୁଳା ସେମିଳି, ଆର୍ଜୁ ୱାଡକା ଉପସ୍ଥିତ ସହ ଆଞ୍ଚଳିକ ସାଧନାକେନ୍ଦ୍ର ଅଧୀନରେ ଥିବା ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଦୁଇ ଦିନ ଧରି ଉକ୍ତ ବ୍ଲକରେ ଥିବା ୧୪ ପଞ୍ଚାୟତରେ ସୁରଭି କାର୍ଯ୍ୟକ୍ରମ କରାଯାଉଛି। ଆଜି ଶିକରପାଇ, ପୂଜାରୀଗୁଡା,କରପା, କଲ୍ୟାଣସିଂହପୁର କରାଯାଇଥିବା ବେଳେ ଗତ କାଲି ସିଙ୍ଗାରି, ଧାମୁଣିପାଙ୍ଗା, ନାରାୟଣପୁର, ମାଝୀଗୁଡା, ସୁନାଖଣ୍ଡି, କନ୍ଧକାତିପାଡୁ, ସେରିଗୁମ୍ମା,ବୁଡାଗୁଡା,ପୋଲମା, ପାର୍ଶାଲି ଆଞ୍ଚଳିକ ସାଧନା ସ୍ତରୀୟ ସୁରଭି କାର୍ଯ୍ୟକ୍ରମ କରାଯାଇଥିଲା।

## ଟ୍ରଲର ଧକ୍କାରେ ଭାଙ୍ଗିଲା ରେଳ ବ୍ରିଜ୍ ହାଇଟ୍ ବ୍ୟାରିକେଟ୍

# ୫ ଘଣ୍ଟା ଏନ୍ଏଚ୍ ବନ୍ଦ, ଲୋକେ ହନ୍ତସନ୍ତ

କୋରାପୁଟ,୧୭।୧୦ (ସମିସ): କୋରାପୁଟ ସଦର ଥାନା ନିକଟ ରେଲୱେ ଓଭର ବ୍ରିଜ୍ ତଳେ ଥିବା ହାଇଟ୍ ବେରୀକେଟକୁ ଏକ ଟ୍ରଲର ଧକ୍କା ଦେବାରୁ ଲୁହା ସେଫଟି ଗାର୍ଡ ପଡ଼ି କୋରାପୁଟ-ସୁନାବେଡା ୨୬ ନଂ ଜାତୀୟ ରାଜପଥରେ ପ୍ରାୟ ୫ ଘଣ୍ଟା ଯାତାୟାତ ବନ୍ଦ ରହିଥିଲା। ଶୁକ୍ରବାର ଭୋର ୪ ଟା ସମୟରେ ଓଭର ଲୋଡ୍ ଟ୍ରଲର ଧକ୍କାରେ ଖସି ପଡିଥିଲା ଲୁହା ସେଫ୍ଟି ଗାର୍ଡ। ଫଳରେ ଦୀର୍ଘ ୫ ଘଣ୍ଟା ଜାତୀୟ ରାଜପଥରେ ଗାଡି ଚଳାଚଳ ସମ୍ପୂର୍ଣ୍ଣ ଠପ ହୋଇ ପଡିଥିଲା। ଉଭୟ ପାର୍ଶ୍ୱରେ ଶତାଧିକ ନାଇଟ ଏକ୍ସପ୍ରେସ ବସ ସହିତ ଭାରୀ ଯାନ ଅଟକି ରହିଥିଲା। ବସରେ ଥିବା ଯାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଇଥିଲେ। ଘଣ୍ଟା ଘଣ୍ଟା ଅପେକ୍ଷା କରିବା ପରେ ରାସ୍ତା ସ୍ୱାଭାବିକ ନ ହେବାରୁ ଚାଲି ଚାଲି ଦୁଇ ଦିନ କିଲୋମିଟର କୋରାପୁଟ ପହଞ୍ଚି ବିକଳ୍ପ ବ୍ୟବସ୍ଥା କରିଥିଲେ।



ବିଶେଷ କରି ମେଡିକାଲରୁ ଫେରୁଥିବା ରୋଗୀ ଏବଂ ସମ୍ପର୍କୀୟ ନିରୁପାୟ ହୋଇ ୫ ଘଣ୍ଟା ଅପେକ୍ଷା କରୁଥିବା ବୈପାରିଗୁଡାର ମକର ମାଳି ଓ କୋଟପାଡ଼ ଅଞ୍ଚଳର ବି ରାଜୁ କହିଥିଲେ। ଗୋଟେ କ୍ରେନ ଓ ଆଉ ଏକ ଜେସିବି ସାହାଯ୍ୟରେ ବ୍ରିଜ୍ ଲୁହା ସେଫ୍ଟି ଗାର୍ଡକୁ ରାସ୍ତାରୁ ହଟାଯିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଜିଲ୍ଲା ପୁଲିସ, ଆରପିଏଫ ଏବଂ ଜିଆରପି, ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ। କୋରାପୁଟ ଏସଡିପିଓ ସଞ୍ଜୟ ମଣ୍ଡଳ ଓ ମୁନସିପାଲଟି ଚେୟାରମ୍ୟାନ୍ ଲଲାଟ ରଞ୍ଜନ ସେଠୀ ଘଟଣା ସ୍ଥଳରେ ରହି ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଟ୍ରାଫିକ ନିୟନ୍ତ୍ରଣ କରିଥିଲେ। ଅନ୍ୟପଟେ ୨୬ ନଂ ଜାତୀୟ ରାଜପଥ ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ବଡ଼ ଗାଡ଼ିକୁ ୩୨୬ ନଂ ଜାତୀୟ ରାଜପଥ କୋରାପୁଟ- ରାୟଗଡା ରାସ୍ତାକୁ ଡାଇଭର୍ସନ କରିଥିବା ଟାଉନ୍ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଥିଲେ। ଦୀର୍ଘ ୫ ଘଣ୍ଟା ପରେ ସକାଳ ୯ ଘଣ୍ଟା ସମୟରେ ୨୬ ନଂ ଜାତୀୟ ରାଜପଥ ଉପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିବା ଶ୍ରୀ ପାତ୍ର ସୂଚନା ଦେଇଛନ୍ତି।

## ଦୀପାବଳୀ ପାଇଁ ଜୟପୁର ବଜାର ଚଳଚଞ୍ଚଳ

ଜୟପୁର,୧୭। ୧୦(ସମିସ): ଆସନ୍ତା ଦୀପାବଳୀ ପର୍ବ ପାଳନ ନେଇ ଜୟପୁର ସହର ଚଳଚଞ୍ଚଳ ହୋଇଯାଇଛି। ୪ଦିନ ପୂର୍ବରୁ ଜୟପୁର ସହରରେ ବଜାର ଚଳଚଞ୍ଚଳ ହୋଇଯାଇଛି। ଶନିବାର ଏବଂ ରବିବାର ଧନତେରସ ଉତ୍ସବ ପାଳନ କରାଯିବ ଏବଂ ସୋମବାର ଦୀପାବଳୀ ପବିତ୍ର ପର୍ବ ପାଳନ କରାଯିବ। ତେଣୁ ଧନତେରସ ପାଳନ ଅବସରରେ ସହରର ସୁନାଦୋକାନ ଓ ବାସନକୁଶନ ଦୋକାନରେ ପ୍ରବଳ ଭୀଡ ସମ୍ଭାବନା ରହିଛି। ଆଧୁନିକ ଯୁଗରେ ମଧ୍ୟ ପାରମ୍ପରିକ ମାଟିଦୀପ, ଆଖୁ, କଦଳୀ, କାଉଁରି ବାଡି. ଚୂଡା ଏବଂ ଫୁଲ ପସରା ଦୋକାନ ସ୍ଥାନୀୟ ଆଦିବାସୀ ଏବଂ ଅନ୍ୟାନ୍ୟ ବ୍ୟବସାୟୀ ମାନେ ବିକ୍ରି ଆରମ୍ଭ ଏକ ସପ୍ତାହ ହେଲାଣି ହୋଇଯାଇଛି। ଫଳରେ ଜୟପୁର ମୁଖ୍ୟରାସ୍ତା, ଏମ.ଜି. ରୋଡ, ବିଦ୍ୟାଧର ସିଂ ଦେଓ ଦୈନିକ ବଜାରରେ ଭୀଡ ବୃଦ୍ଧି



ପାଉଛି। ଗ୍ରାହକ ମାନେ ପରମ୍ପରା ଓ ରୀତିନୀତିରେ ପାଳନ ନିମନ୍ତେ ସମସ୍ତ ଆବଶ୍ୟକ ପୂଜା ସାମଗ୍ରୀ କ୍ରୟ କରିବେ। ମାଟି ଦୀପ ବିକ୍ରି ଜୟପୁର ବ୍ଲକର ଆଖପାଖ କୁମ୍ଭକାର ପରିବାର ଏବଂ ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକର ତଣ୍ଡାଗୁଡା ଗ୍ରାମର କୁମ୍ଭକାର ମାନେ ଜୟପୁର ସହରର ପୁରୁଣା ଏସଡିପିଓ କାର୍ଯ୍ୟାଳୟ ଠାରୁ ୱେଲକମ ଛକ ପର୍ଯ୍ୟନ୍ତ ରାସ୍ତାରେ ମାଟି ଦୀପ ବିକ୍ରି ପାଇଁ ପସରା ଖୋଲିଛନ୍ତି। ପ୍ରାୟ ୨୦ଟି ଦୀପାଳୀ ବିକ୍ରି ନିମନ୍ତେ ଉଠାଦୋକାନରେ ବିକ୍ରିବଟା ଗତକାଲି ଠାରୁ ଆରମ୍ଭ ହୋଇଯାଇଛି। ପିତ୍ତଳ, ତମ୍ବା, ଷ୍ଟିଲ, କାଂସ୍ୟ ବାସନ ପସରା ଦୋକାନ ରାସ୍ତା କଡରେ ଦେଖିବାକୁ ମିଳିଛି। ପାଗ ଶୁଖିଲା ରହିଥିବା ଯୋଗୁଁ ଲୋକମାନେ ଦୀପାବଳୀ ପାଇଁ ବିକ୍ରି ବଟା ଶୁଭାରମ୍ଭ କରିଛନ୍ତି। ସେହିପରି ଖୁଚୁରା ବାଣ ଦୋକାନ ପାଇଁ ଶୁକ୍ରବାର ରାତିରେ ଲାଇସେନ୍ସ ପ୍ରାପ୍ତ ପରେ ଶନିବାର ଠାରୁ ସ୍ଥାନୀୟ ଦଶହରା ପଡିଆ ଠାରେ ବାଣ ବିକ୍ରି ଆରମ୍ଭ ହେବ। ଜୟପୁର ସହରରେ ୪୫ଟି ଖୁଚୁରା ଦୋକାନୀ ଲାଇସେନ୍ସ ପାଇଁ ଆବେଦନ କରିଥିବା ବେଳେ ୩ ଟି ହୋଲସେଲ ଦୋକାନୀଙ୍କୁ ପୂର୍ବରୁ ଲାଇସେନ୍ସ ପ୍ରାପ୍ତ କରିଛନ୍ତି।

## ପାଣି ବାଲ୍ଟିରେ ମୁହଁମାଡ଼ି ପଡ଼ି ବୃଦ୍ଧ ମୃତ

ପାପଡାହାଣ୍ଡି, ୧୭।୧୦(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଚେରଚେଟା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବରଦେଇ ଗ୍ରାମରେ ପାଣି ବାଲ୍ଟିରେ ମୁହଁମାଡି ପଡିଯାଇ ବୃଦ୍ଧଙ୍କ ମୃତ ଘଟିଛି। ସୂଚନା ଅନୁଯାୟୀ, ବୋରଦେଇ ଗ୍ରାମର ବୋଲି ଭତରା (୭୦) ଘରେ ରହିଥିବା ପାଣି ଶାଳକୁ ଯାଇଥିଲେ। ଏହି ସମୟରେ ପାଣି ବାଲ୍ଟିରେ ମୁହଁମାଡି ବୃଦ୍ଧ ରହିଯାଇଥିଲେ। କିଛି ସମୟ ପରେ ଗ୍ରାମବାସୀ ଏହା ଦେଖିବା ପରେ ଘର ଲୋକଙ୍କୁ ଖବର ଦେବା ପରେ ବୃଦ୍ଧକୁ ଉଦ୍ଧାର କରିଥିଲେ। କିନ୍ତୁ ସେତେବେଳକୁ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ପୁତୁରା ଉଦୟ ଭତରା ପାପଡାହାଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ତଦନ୍ତ ଅଧିକାରୀ ଶରତ ଚନ୍ଦ୍ର କୁଟୁରିକା ସୂଚନା ଦେଇଛନ୍ତି।

## ଟ୍ରେନ୍‌ରୁ ଗଞ୍ଜେଇ ଜବତ,୨ ଗିରଫ

କୋରାପୁଟ,୧୭।୧୦(ସମିସ): କିରୋଣ୍ଡୁଲ ବିଶାଖାପାଟଣା ପାସେଞ୍ଜର ଟ୍ରେନରୁ କୋରାପୁଟ ଜିଆରପି ଦ୍ୱାରା ୪ କିଲୋ ଗଞ୍ଜେଇ ଜବତ କରା ଯାଇଥିବାବେଳେ ଘଟଣାରେ ଦୁଇଜଣ ଯୁବକଙ୍କୁ ଗିରଫ କରା ଯାଇଥିବା କୋରାପୁଟ ଜିଆରପି ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ତୋଷୀ ମହନ୍ତ ସୂଚନା ଦେଇଛନ୍ତି। ଗିରଫ ଦୁଇ ଅଭିଯୁକ୍ତ ପଣ୍ଡିଚେରୀର ଏ ପ୍ରଭାକରନ (୧୯) ଓ ଅଜୟ (୧୯) ବୋଲି ଜଣାପଡ଼ିଛି। ଉଭୟେ ବିଶାଖାପାଟଣା ଯିବା ପାଇଁ କିରୋଣ୍ଡୁଲ ବିଶାଖାପାଟଣା ପାସେଞ୍ଜର ଟ୍ରେନରେ ଜୟପୁର ଷ୍ଟେସନରେ ଚଢିଥିଲେ। ଟ୍ରେନରେ ପେଟ୍ରୋଲିଂ କରୁଥିବା କୋରାପୁଟ ଜିଆରପି ଏବଂ ଆରପିଏଫ୍ ଟିମ୍ ଦୁଇଜଣଙ୍କ ହାବଭାବ ଦେଖି ସନ୍ଦେହ କରି ସେମାନଙ୍କ ବ୍ୟାଗ୍ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ବ୍ୟାଗରେ ଥିବା ପ୍ୟାଣ୍ଟ ସାର୍ଟ ଭିତରେ ଗଞ୍ଜେଇ ଲୁଚାଇ ରଖିଥିବା ଜଣା ପଡ଼ିଥିଲା। ଜିଆରପି ପୁଲିସ ସେମାନଙ୍କୁ କୋରାପୁଟ ଥାନାକୁ ନେଇ ପଚରା ଉଚୁରା କରିବା ପରେ ସେମାନେ ଜୟପୁର ଠାରୁ ଗଞ୍ଜେଇ ନେଇ ପଣ୍ଡିଚେରୀ ଯାଉଥିବା ସ୍ୱୀକାର କରିଥିଲେ। ଓଜନ ପରେ ଉକ୍ତ ବ୍ୟାଗରେ ଗଞ୍ଜେଇ ଥିବା ଜଣା ପଡିଥିଲା। ଜିଆରପି ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଓଆଇସି ଶ୍ରୀମତି ମହନ୍ତ ସୂଚନା ଦେବା ସହ ଏମାନଙ୍କୁ ଗଞ୍ଜେଇ ଯୋଗାଇଥିବା ଅଭିଯୁକ୍ତକୁ ଟ୍ରାକ କରାଯାଉଛି। ତାକୁ ମଧ୍ୟ ଖୁବ ଶୀଘ୍ର ଗିରଫ କରା ଯିବ ବୋଲି କହିଛନ୍ତି।

## ମୁନିଗୁଡ଼ାରେ ଶିଶୁ ମହୋତ୍ସବ 'ସୁରଭି'

ମୁନିଗୁଡ଼ା,୧୭ ।୧୦(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ବ୍ଲକସ୍ତରୀୟ ସୁରଭି ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ ଶବରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୁନିଗୁଡ଼ା ପ୍ରେସ କ୍ଲବ ସଭାପତି ରାଜୀବ ଦାସ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ମୁଖବକ୍ତା ଭାବେ ମୁନିଗୁଡ଼ା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଦୁଷ୍ମନ୍ତ ମାଝି ଯୋଗଦେଇ ସୁରଭି ଶିଶୁ ମହୋତ୍ସବ ପିଲାମାନଙ୍କ ଉନ୍ନତି ପାଇଁ ବିଭାଗର ଏକ ସଫଳ ପ୍ରୟାସ କହିଲେ ଅତୁକ୍ତି ହେବ ନାହିଁ ବୋଲି ବକ୍ତବ୍ୟ ପ୍ରଦାନ କରିଥଲେ। ସମ୍ମାନିତ ଅତିଥି ଭାବେ ମୁନିଗୁଡ଼ା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷା ମିଲି ଷଣ୍ଢ, ମୁନିଗୁଡ଼ା ଅତିରିକ୍ତ ଗୋଷ୍ଠୀ ଶକ୍ଷା ଅଧିକାରୀ ସୁବାଷ ଚନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚାସିନ ସମସ୍ତ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବ୍ଲକର ୧୬ଟି କ୍ଲଷ୍ଟର ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ ଓ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ମାନେ ଉପସ୍ଥିତ ଥିଲେ। ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗୀତା ଗୁଡ଼ିକରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ପ୍ରମାଣ ପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ବ୍ଲକସ୍ତରୀୟ ପ୍ରତିଯୋଗୀତାରେ ପ୍ରଥମସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନେ ଜିଲ୍ଲା ସ୍ତରୀୟ ସୁରଭୀ କାର୍ଯ୍ୟକ୍ରମରେ ଭାଗନେବେ ବୋଲି ବିଭାଗୀୟ ଅଧିକାରୀ ମାନେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ରଥ ଓ ଶିକ୍ଷକ ସୁବାଷ ଖୋରା ମଞ୍ଚ ପରିଚାଳନା କରିଥିଲେ । ସେହିପରି କାର୍ଯ୍ୟକ୍ରମରେ ମୁନିଗୁଡ଼ା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିବା ବେଳେ ସିଆରସିସି ସନ୍ତୋଷ କୁମାର ପାଠି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।







## ଶଶୁର ଘରେ ଜ୍ୱାଇଁର ଆତ୍ମହତ୍ୟା

ପାପଡାହାଣ୍ଡି, ୧୭।୧୦(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ଥାନା ଅନ୍ତର୍ଗତ ଚିକିଲି ଗ୍ରାମରେ ଶଶୁରର ଘର ଗାଁରେ ବେକରେ ଟାବାଳ ଦେଇ ଜ୍ୱାଇଁର ଆତ୍ମହତ୍ୟା କରିଛନ୍ତି । ଆତ୍ମହତ୍ୟା କରିଥିବା ବ୍ୟକ୍ତି କମଳଚନ ପୂଜାରୀ ବୋଲି ଜଣାପଡିଛି। ସୂଚନା ଅନୁଯାୟୀ ପାପଡାହାଣ୍ଡି ବ୍ଲକ ନାକଟିଗୁଡା ଗ୍ରାମର କମଳଚନ ପୂଜାରୀ ଚିକିଲି ଗ୍ରାମରେ ବିବାହ କରିଥିଲେ। ଦୀର୍ଘ ୩ ବର୍ଷ ହେବ ସେ ଶଶୁର ଘରେ ରହୁଥିଲେ। ପରିବାର କଳହକୁ ନେଇ କମଳଚନ ଆଜି ସକାଳେ ଶଶୁର ଘର ବାରିକାନି ରହିଥିବା କରଞ୍ଜି ଗଛରେ ବେକରେ ଫାଶି ଦେଇ ଆତ୍ମହତ୍ୟା କରିଥିଲେ। ଗ୍ରାମବାସୀ ଏହା ଦେଖିବା ପରେ ପରିବାର ସଦସ୍ୟଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ପାପଡାହାଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପାପଡାହାଣ୍ଡି ଥାନା କେଶ ନ ୦୭/୨୫ ରୁଜୁ କରି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ତଦନ୍ତ ଅଧିକାରୀ ରାମଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି।

ସକାଳ
THE SAKALA



# କ୍ଲଷ୍ଟରସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ







**ଦହିତା, ୧୭।୧୦(ସମିସ)**

ରାଜବୋଡାସମ୍ବର ବ୍ଲକ ଅଧୀନ ବାଦିମାଲ କ୍ଲଷ୍ଟର୍ ସ୍ତରୀୟଶିଶୁମହୋତ୍ସବ 'ସୁରଭି୨୦୨୫' ଖଲିଆପାଲି ସେବାଶ୍ରମ ଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ କେଆର୍‌ପି ଉଚ୍ଚବିଦ୍ୟାଳୟ, ବାଜେନ ମୁଣ୍ଡାର ପ୍ରଧାନ ଶିକ୍ଷକ ପ୍ରଜାପତି ବାରିକ, ଖଲିଆପାଲି ସେବାଶ୍ରମର ପ୍ରଧାନ ସେବିକା ତପସ୍ୱିନୀ ସା, ବରିଷ୍ଠ ଶିକ୍ଷକ ମନୋଜ ପଣ୍ଡା ପ୍ରମୁଖ ଉପସ୍ଥିତରହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସିଆରସିସି ଦେବାନନ୍ଦ ତୁରିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ବାଦିମାଲ କ୍ଲଷ୍ଟରର ମୋଟ ୧୧ଟି ବିଦ୍ୟାଳୟରୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୨୦୦ ଜଣ ଛାତ୍ରଛାତ୍ରୀ ଭାଗ ନେଇ ଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସୁମନ୍ତ ସାହୁ, ତିଳୋତ୍ତମା ମହାନନ୍ଦ, ଅର୍ଚ୍ଚନା ନାୟକ, ଜନକ ବରିହା, ସଂଯୁକ୍ତା ଭଗତ, ବାସନ୍ତୀ ସାହୁ, ବୁଦ୍ଧଦେବ ବଡଗୁଛିଆ, ଚନ୍ଦ୍ର ଶେଖର ବାରିକ, ସରୋଜ ଷଡଙ୍ଗୀ, ଅଭିଷେକ ଦାଶ, ନଳିନୀକାନ୍ତ ବିଶ୍ୱାଳ, ବବିତା ମେହେର, ରତ୍ନାକରରଣବିଡା, ପ୍ରମୋଦ ପତି, ଗୌର ସାହା ପ୍ରମୁଖ ବିଚାରକ ଦାୟିତ୍ୱ ସମ୍ପାଦନ କରିଥିଲେ। ପ୍ରତି ବିଭାଗର ଶ୍ରେଷ୍ଠ ପ୍ରତିଯୋଗୀ ମାନେ ବ୍ଲକ ସ୍ତରୀୟ ସୁରଭିକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ସମିତି ସଭ୍ୟ ପ୍ରତିନିଧି ଭବାନୀ ସାମନୀ ମୁଖ୍ୟ ଅତିଥି ଭାବେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଦୀପ ସାହୁ, ଯୁଗଳ ଭୋଇ, ଘନଶ୍ୟାମ ବିଶି, ବିଷ୍ଣୁ ପ୍ରସାଦ ଅଦାବରିଆ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ତେଣ୍ଡାପଦର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ବିଶି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**ପଦ୍ମପୁର:** ବାପୁଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମହୁଲପାଲିରେ ଡଙ୍ଗାଘାଟ ଆଞ୍ଚଳିକ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର ରଣାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଡଙ୍ଗାଘାଟ ସରପଞ୍ଚ ଶଙ୍କର୍ଷଣ ନାଗ ଉଦ୍‌ଘାଟନ କରିଥିଲେ। ସେହିପରି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକନାଥ ଭୋଇ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟ ସାହୁ ଯୋଗଦାନ କରି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିବା ବେଳେ ସିଆରସିସି ସନ୍ତୋଷ ବେହେରା ଉଦ୍ଦେଶ୍ୟ ଜ୍ଞାପନ, ଶିକ୍ଷକରବି ଶଙ୍କର ପ୍ରଧାନ ମଞ୍ଚ ପରିଚାଳନା ଏବଂ ବୈଷ୍ଣବ କୁଦେଇ ଧନ୍ୟବାଦ ଅର୍ପଣ କରିଥିଲେ।

**ଗାଇସିଲେଟ:** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଅଧୀନ ଆଞ୍ଚଳିକ ସାଧନା କେନ୍ଦ୍ରର କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ପରମାନନ୍ଦପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନା ସଂଯୋଜକ ପ୍ରଶାନ୍ତ ଦୀପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍‌ଘାଟନୀ ଉତ୍ସବରେ ଶ୍ରୀବତ୍ସ ଶାସ୍ତ୍ରୀ ଅବସରପ୍ରାପ୍ତ ପ୍ରାଧାପକ ମତିଲାଲ ନେହେରୁ କଲେଜ ଦିଲ୍ଲୀ, ବରିଷ୍ଠ ନାଗରିକ ରାଧେଶ୍ୟାମ ଭୋଇ, ପୂର୍ବତନ ସରପଞ୍ଚ ଇନ୍ଦ୍ରମଣି ପ୍ରଧାନ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ କ୍ଲଷ୍ଟର ଅଧୀନ ୧୨ଟି ସ୍କୁଲରୁ ୧୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ସମାଜସେବୀ ସୁଶାନ୍ତ ପଣ୍ଡା, ବରିଷ୍ଠ ପ୍ରଧାନଶିକ୍ଷକ ସୁରେନ୍ଦ୍ର ମିଶ୍ର, ସୁଦର୍ଶନ ବାରିକ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ମାଧବ ବରିହା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଞ୍ଚଳିକ ସାଧନା କେନ୍ଦ୍ରର କ୍ଲଷ୍ଟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଗ୍ରାମବାସୀ ସହଯୋଗ କରିଥିଲେ। ନବୀନ ବରିହା ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଶାନ୍ତ ଦୀପ ଧନ୍ୟବାଦ୍ ଅର୍ପଣ କରିଥିଲେ।

**ସୋହେଲା:** ସୋହେଲା ବ୍ଲକ କନଗାଁ କ୍ଲଷ୍ଟରର ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ବେହେରାପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କ୍ଲଷ୍ଟରର ୧୦ଟି ବିଦ୍ୟାଳୟର ୧୬୪ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ତୁଷାରକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଡୋଲାମଣୀ ସାହୁ, ନାରାୟଣ ସାହୁ, ଦିବାକର ମେହେର, ବୁଦ୍ଧଦେବ ସାହୁ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷୟିତ୍ରୀ ବିଜୟା ମଗ୍ରୀ, ପରିଚାଳନା କମିଟିର ସଭାପତି ସ୍ୱର୍ଣ୍ଣକାନ୍ତୀ ବାଗ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ସିଆରସିସି କେଦାରନାଥ ସାହୁ ସଂଯୋଜନା କରିଥିବା ବେଳେ ସହକାରୀ ଶିକ୍ଷକ ପ୍ରଦୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶିକ୍ଷକ ଲଳିତ ବାରିକ ପରିଚାଳନା କରିଥିବା ବେଳେ ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଶିକ୍ଷକ ବାଳମୁକୁନ୍ଦ ବାରିକ ପରିଚାଳନା କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ଜତୀନ୍ଦ୍ର ସାହୁ, ଜିଲାନୀ ବାଗ, ଦେବକୀ ତାଣ୍ଡି, ବୃନ୍ଦାବତୀ ମେହେର ହେମଲତା ବାଗଙ୍କ ସହ ପରିଚାଳନା କମିଟୀର ସଦସ୍ୟ ସଦସ୍ୟା ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଅତାବିରା:** ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସରଣ୍ଡାଠାରେ ସିଆର୍‌ସିସି ବଳରାମ ମେହେରଙ୍କ ତତ୍ତ୍ୱାବଧାନରେ ଏବଂ ସ୍ଥାନୀୟବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ମେହେରଙ୍କ ସଭାପତିତ୍ୱରେ ଚକୁଳି ଫାର୍ମ କ୍ଲଷ୍ଟର ସ୍ତରୀୟ ସୁରଭି ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଚକୁଳି ପଞ୍ଚାୟତର ସରପଞ୍ଚ ତ୍ରିନାଥ ପ୍ରଧାନ, ସମ୍ମାନିତ ଅତିଥିରୂପେ ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜିତ ସାହୁ, ବିଦ୍ୟାଳୟ ଏସ୍‌ଏମଡିସି ଚେୟାରମେନ ଆନନ୍ଦ ମେହେର, ବିଦ୍ୟାଳୟର ଏସ୍‌ଏମସି ଚେୟାରମେନ୍ ଯତୀନ ପ୍ରଧାନ ଏବଂ କ୍ଲଷ୍ଟର ଅଧୀନ ବିଦ୍ୟାଳୟ ମାନଙ୍କର ପ୍ରଧାନଶିକ୍ଷକ ପ୍ରମୋଦ ମେହେର, ମନବୋଧ ମାଝୀ, ପ୍ରଦୀପ ମେହେର ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ କ୍ଲଷ୍ଟର ଅଧୀନ ସମସ୍ତ ୧୧ ଟି ବିଦ୍ୟାଳୟର ୧୫୧ ଜଣ ଛାତ୍ରଛାତ୍ରୀ ଯୋଗଦାନ କରି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ମୋର ସ୍ୱପ୍ନର ଓଡ଼ିଶା ୨୦୩୬ ପ୍ରସଙ୍ଗକୁ ନେଇ ତିନୋଟି ବିଭାଗରେ ହୋଇଥିବା ପ୍ରତିଯୋଗିତାରେ ଯେଉଁ ଛାତ୍ରଛାତ୍ରୀ ପ୍ରଥମ ସ୍ଥାନ ଅଧିକାର କରିଥିଲେ ତାଙ୍କୁ ବ୍ଲକ ସ୍ତରୀୟ ସୁରଭି ପ୍ରତିଯୋଗିତାରେ ଯୋଗଦାନ କରିବା ପାଇଁ ମନୋନୀତ କରାଯାଇ ଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ମୋଟ ୯ଟି ଦଳ ଭାଗ ନେଇଥିଲେ। ଏଥିରୁ ପ୍ରଥମ ସ୍ଥାନ ସରଣ୍ଡା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅଧିକାର କରି ବ୍ଲକ ସ୍ତରୀୟ ସୁରଭିରେ ଭାଗ ନେବାକୁ ମନୋନୀତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିରୂପେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ ଯୋଗଦାନ କରି କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର, ଟ୍ରଫି ପୁରସ୍କାର ପ୍ରଦାନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ରାଜେଶ୍ୱର ପ୍ରଧାନ ପରିଚାଳନା କରିଥିଲେ। ଧନ୍ୟବାଦ୍ ଅର୍ପଣ କରିଥିଲେ ପ୍ରଧାନଶିକ୍ଷକ ପ୍ରମୋଦ ମେହେର। ବ୍ଲକର ଅନ୍ୟ କ୍ଲଷ୍ଟରର ସିଆର୍‌ସିସି ମାନେ ମଧ୍ୟ ଯୋଗଦାନ କରିଥିଲେ।

## ଜନ୍ମଦିନ ଅବସରରେ ରକ୍ତଦାନ ଶିବିର

**ବରଗଡ଼, ୧୭।୧୦(ସମିସ):** ନିଜ ଜନ୍ମ ଦିନକୁ ସ୍ମରଣୀୟ କରିବାକୁ ଓ ଅଜଣାରୋଗୀଙ୍କୁ ସହଯୋଗ କରିବା ପାଇଁ ଆଜି ନିଷ୍ଠା ପରିବାରର ସକ୍ରିୟ ସଦସ୍ୟ ତଥା ବଗେଇବିରା ଇଣ୍ଡିଆନ ମିଲଟାରୀ ଏକାଡେମୀର ପ୍ରତିଷ୍ଠାତା ପୁରନ୍ଦର ଭୋସାଗର ଗୋବିନ୍ଦପୁର ଗାଁ ପଞ୍ଚାୟତ ଅଧୀନ ବଗେଇବିରା ପଡ଼ିଆଠାରେ ନିଷ୍ଠା ପରିବାର ଓ ଗାଁବାସୀଙ୍କ ମିଳିତ ଉଦ୍ୟମରେ ଏକ ରକ୍ତଦାନ ଶିବିରର ଆୟୋଜନ କରିଥିଲେ। ଏହି ଶିବିରରେ ମୁଖ୍ୟଅତିଥି ଭାବେ ଗୋବିନ୍ଦପୁର ସରପଞ୍ଚ ତଥା ପାକ୍ସ ସଭାପତି ପ୍ରଫୁଲ୍ଲ ନାୟକ ସମ୍ମାନିତ ଅତିଥି ଭାବେ ନିଷ୍ଠା ପରିବାରର ସଭାପତି ଅଶ୍ୱିନୀ ତ୍ରିପାଠୀ, ଯୁବ ଆଇନଜୀବୀ ତଥା ସମାଜସେବୀ ଅଭିନାଶ ବାଗ, ଯୁବନେତା ସମାଜସେବୀ କମଳ ତାଣ୍ଡି ଯୋଗଦେଇ ଥିଲେ। ଏହି ଶିବିରରେ ପୁରନ୍ଦର ଭାଇଙ୍କ ସମେତ ମୋଟ ୨୩ ଜଣ ରକ୍ତଦାନ କରିଥିଲେ। ବ ଏହି ଶିବିରକୁ ବଗେଇବିରା ଇଣ୍ଡିଆନ ମିଲଟାରୀ ଏକାଡେମୀର ସମସ୍ତ ସଦସ୍ୟ ଓ ଛାତ୍ର ଛାତ୍ରୀ, ନାଗାର୍ଜୁନ ବୁଦ୍ଧ ବିହାରର ସମସ୍ତ ସଦସ୍ୟ ସଦସ୍ୟା, ବଗେଇ ବିରା ଗାଁବାସୀ ଓ ନିଷ୍ଠା ପରିବାରର ସଦସ୍ୟମାନେ ପରିଚାଳନା କରିଥିଲେ।

## ବିକାଶ ଡିଗ୍ରୀ କଲେଜରେ ଫ୍ରେସର୍ସ ଡେ' 'ନବ ମନ୍ଥନ'



**ବରଗଡ଼, ୧୭।୧୦(ସମିସ):** ବିକାଶ ହାୟର୍ ଏଜୁକେସ୍ନାଲ ଇଂଷ୍ଟିଚ୍ୟୁସନ୍ସ ଅଧୀନ ବିକାଶ ଡିଗ୍ରୀ କଲେଜରେ ନବାଗତ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱାଗତ ସମାରୋହ ଫ୍ରେସର୍ସ ଡେ ନବ ମନ୍ଥନ ଶୀର୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ର. ସତ୍ୟବ୍ରତ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାର୍‌ମ୍ୟାନ୍ ଡି. ନାଗେଶ୍ୱରରାଓ ତାଙ୍କ ଉଦ୍‌ବୋଧନରେ ବିକାଶ ଡିଗ୍ରୀ କଲେଜର ଗୌରବମୟ ଇତିହାସ, ଛାତ୍ରଛାତ୍ରୀଙ୍କ ଉପଲବ୍ଧି ଏବଂ ଅଧ୍ୟାପକ ଅଧ୍ୟାପିକାଙ୍କ ମାର୍ଗଦର୍ଶନର ଗୁରୁତ୍ୱକୁ ରେଖାଙ୍କିତ କରିଥିଲେ। ଚିଫ୍ ଏଡ୍‌ମିନିଷ୍ଟ୍ରେଟିଭ୍ ଅଫିସର ଇ. ଅଜୟ ମହାପାତ୍ର, ସମସ୍ତ ଅଧ୍ୟକ୍ଷ-ଅଧ୍ୟକ୍ଷା ଏବଂ ଡୀନ୍ ( ଷ୍ଟୁଡେଣ୍ଟ୍ ଏଫେୟାର) ଙ୍କ ଉପସ୍ଥିତିରେ ବିଭିନ୍ନ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟକ୍ଷ ପ୍ର. ସତ୍ୟବ୍ରତ ମିଶ୍ର ସଫଳ କାର୍ଯ୍ୟକ୍ରମର ସଂଯୋଜନା ଦାୟିତ୍ୱ ତୁଲାଇଥିବା ସମସ୍ତ କୋଅର୍ଡିନେଟର, ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀଙ୍କୁ ସାଧୁବାଦ ଜଣାଇଥିଲେ।

## କନ୍ଧାଡ଼ୁଙ୍ଗରରେ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟାଦେଶ ବଣ୍ଟନ



**ଝାରବନ୍ଧ, ୧୭।୧୦(ସମିସ):** ଗ୍ରାମାଞ୍ଚଳରେ ସ୍ୱତନ୍ତ୍ର ଭାବେ ହିତାଧିକାରୀ ଚିହ୍ନଟ କରି ଅନ୍ତ୍ୟୋଦୟ ଗୃହ ଯୋଜନା ପାଇଁ ହିତାଧିକାରୀ ଚୟନ ପାଇଁ ସରକାରଙ୍କ ଆଦେଶ ହୋଇଛି। ଏହି ପରିପ୍ରେକ୍ଷୀରେ ଝାରବନ୍ଧ ବ୍ଲକର କନ୍ଧାଡ଼ୁଙ୍ଗର ଗ୍ରାମପଞ୍ଚାୟତ ଗାଁ ମାନଙ୍କରେ ହିତାଧିକାରୀ ଚୟନ କରାଯାଇଥିଲା। କନ୍ଧାଡ଼ୁଙ୍ଗର ପଞ୍ଚାୟତରେ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟାଦେଶର ପ୍ରଥମ ପର୍ଯ୍ୟାୟରେ ୨୦ ଜଣ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧୩ ଜଣ ହିତାଧିକାରୀଙ୍କୁ ବଣ୍ଟନ ହୋଇଥିବା ବେଳେ ଆଜି ୨୨ ଜଣ ହିତାଧିକାରୀଙ୍କୁ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କନ୍ଧାଡ଼ୁଙ୍ଗର ପଞ୍ଚାୟତର ସରପଞ୍ଚ ସୁନୀଲ ରାୟଙ୍କ ସହିତ ବିଏଫଓ ଜୟଦେବ କିଷାନ, ପିଇଓ ଉପେନ୍ଦ୍ର ପ୍ରଧାନ, ଏଡିଇଓ ଅଲେଖ ଛତର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ।

## ବିକାଶ ନର୍ସିଂ କଲେଜ ଦ୍ୱାରା ସଚେତନତା ସପ୍ତାହ ଉଦ୍‌ଯାପିତ

**ବରଗଡ଼, ୧୭।୧୦(ସମିସ):** ବରଗଡ଼ ବିକାଶ ନର୍ସିଂ କଲେଜ ଗତ ଅକ୍ଟୋବର ୧୩ରୁ ୧୭ ତାରିଖ ପର୍ଯ୍ୟନ୍ତ ସି.ପି.ଆର ସଚେତନତା ସପ୍ତାହ ସଫଳତାର ସହ କାର୍ଯ୍ୟକାରିତା କରିଛି। ସ୍ୱାସ୍ଥ୍ୟ ଏବଂ ପରିବାର



ମନ୍ତ୍ରାଳୟ ପକ୍ଷରୁ ଆୟୋଜିତ ହୋଇଥିବା ଉକ୍ତ ସି.ପି.ଆର ସପ୍ତାହରେ ବିକାଶ ନର୍ସିଂ କଲେଜର ପ୍ରଥମ ସେମିଷ୍ଟାରର ଛାତ୍ରଛାତ୍ରୀମାନେ ଏକ ଶପଥ ଗ୍ରହଣ କରିଥିଲେ। ଷଷ୍ଠ ସେମିଷ୍ଟାରର ଛାତ୍ରଛାତ୍ରୀମାନେ ପ୍ୟାନେଲ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିକାଶ ନର୍ସିଂ କଲେଜର ଷଷ୍ଠ ସେମିଷ୍ଟାରର ଛାତ୍ରଛାତ୍ରୀମାନେ ନୁକ୍କଡ ନାଟକ ମାଧ୍ୟମରେ କ୍ରିଷ୍ଣା ବିକାଶ ମଲ୍ଟିସ୍ପେସିଆଲିଟି ହସ୍ପିଟାଲ ସହ ମିଳିତ ହୋଇ ବରଗଡ଼ ସ୍ଥିତ ବାଳିକା ମହାବିଦ୍ୟାଳୟଠାରେ ସି.ପି.ଆରର ମହତ୍ୱ ବିଷୟରେ ପରିବେଷଣ କରିଥିଲେ। ଗତକାଲି ବିକାଶ ନର୍ସିଂ କଲେଜର ତୃତୀୟ ସେମିଷ୍ଟାରର ଛାତ୍ରଛାତ୍ରୀମାନେ କୁଇଜ୍ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମଟି ଅଧ୍ୟକ୍ଷା ଦିପାଞ୍ଜଳି ପଟେଲଙ୍କ ତତ୍ତ୍ୱାବଧାନରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ମାନଙ୍କ ସହାୟତାରେ ଉଦ୍‌ଯାପିତ ହୋଇଥିଲା।

## ହୃଷୀକେଶ ଭୋଇଙ୍କ ଉପରୁ କଟକଣା ଉଠିଲା

**● ଚୟନ ପ୍ରକ୍ରିୟାରେ ଭାଗ ନେବାକୁ ଅନୁମତି ପାଇଁ ଦାବିପତ୍ର**



**ବରଗଡ଼, ୧୭।୧୦(ସମିସ):** ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଥିବା ହୃଷୀକେଶ ଭୋଇଙ୍କ ଉପରୁ କଟକଣା ଉଠିଛି। ୧୧ ବର୍ଷ ଧରି ବରଗଡ଼ ଧନୁଯାତ୍ରା ମହୋତ୍ସବରେ ସେ କଂସ ମହାରାଜ ଭୂମିକାରେ ଅଭିନୟ କରି ଆସୁଥିଲେ। ନିଜର ଚମତ୍କାର ଅଭିନୟ ପ୍ରଦର୍ଶନ କରି ଦର୍ଶକଙ୍କ ହୃଦୟରେ ରହି ଆସୁଥିଲେ। ଗତ ବର୍ଷ ଏକ ବିବାଦୀୟ ଘଟଣା କ୍ରମରେ ତାଙ୍କୁ ଅଭିନୟରୁ ଜିଲ୍ଲା ପ୍ରଶାସନ ବାଦ୍ ଦେଇଥିଲା। ଏବେ ଧନୁଯାତ୍ରାରେ କଂସ ଭୂମିକାର ଚୟନ ପ୍ରକ୍ରିୟାରେ ଭାଗ ନେବା ନିମନ୍ତେ ଅନୁମତି ପ୍ରଦାନ ପାଇଁ ଧନୁଯାତ୍ରା ମହୋତ୍ସବ କମିଟିକୁ ସେ ଦାବିପତ୍ର ପ୍ରଦାନ କରିଛନ୍ତି। ଶୁକ୍ରବାର ଅପରାହ୍ନ ୨ଟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମହାପ୍ରୟାଣ ଗାଡ଼ିର ଡ୍ରାଇଭର ଥିବା ବେଳେ ଟଙ୍କା ମାଗିଥିବା ଅଭିଯୋଗ ହୋଇଥିଲା। ଏନେଇ ତାଙ୍କୁ ନିଲମ୍ବନ କରାଯାଇଥିଲା। ଏବେ ତାଙ୍କ ଉପରୁ ଏହି ନିଲମ୍ବନ ଆଦେଶ ହଟା ଯାଇ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବଦଳି ହୋଇଛି। ତେବେ ଏଥର ଯଦି ତାଙ୍କୁ ସୁଯୋଗ ମିଳେ ତାହାହେଲେ ମଥୁରାବାସୀ ତାଙ୍କ ସର୍ବଶ୍ରେଷ୍ଠ ଅଭିନୟ ଦେଖିବେ ବୋଲି ହୃଷୀକେଶ କହିଛନ୍ତି।

## ଝାରବନ୍ଧରେ ଏକଦିବସୀୟ ଅଭିମୁଖିକରଣ କାର୍ଯ୍ୟକ୍ରମ

**ଝାରବନ୍ଧ, ୧୭।୧୦(ସମିସ):** ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଅଭିମୁଖିକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୟାନିଧି କୈବର୍ତ୍ତ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ମତବ୍ୟକ୍ତ କରିଥିଲେ। ସାଧନକର୍ମୀ ଭାବେ ପୁରନ୍ଦର କୁମ୍ଭାର ସିଆରସିସି ଗୌଡମାଲ, ବିଷ୍ଣୁ ଚରଣ ସାହୁ ସିଆରସିସି ଭଣ୍ଡାରଯୋରୀ, ସହକାରୀ ଶିକ୍ଷକ ଅଜାମ୍ବର ବାରିକ କୁମ୍ଭୀର ବିଦ୍ୟାଳୟ ଯୋଗ ଦେଇଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ରାଜକିଶୋର ବାରିକ ସରକାରଙ୍କଠାରୁ ମିଳୁଥିବା ସମସ୍ତ ସୁବିଧା ସୁଯୋଗ ତଥା ତାଙ୍କ ପାଇଁ ବିଭିନ୍ନ ବ୍ୟବସ୍ଥା ସମ୍ବନ୍ଧରେ ଆଲୋକପାତ କରିଥିଲେ।

**● ମାଣ୍ଡୋସିଲରେ ଭାଗବତ କଥାମୃତ**

## ଭଗବାନ ଶ୍ରୀକୃଷ୍ଣଙ୍କ ସହ ରୁକ୍ମିଣୀଙ୍କ ବିବାହ



**ପାଇକମାଳ, ୧୭।୧୦(ସମିସ):** ପାଇକମାଳ ବ୍ଲକ ମାଣ୍ଡୋସିଲରେ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଗାଁବାସୀଙ୍କ ତରଫରୁ ଭାଗବତ କଥାମୃତ ଆରମ୍ଭ ହୋଇଛି। ଶରତ ଚନ୍ଦ୍ର ହଂସ ଓ ଲିଲା ହଂସ କର୍ତ୍ତା ଅଛନ୍ତି। ମୁଖ୍ୟ ଆଚାର୍ଯ୍ୟ ଭାବେ ଲୋକେଶ୍ୱର ସାବତ ଓ ଟିକେଶ୍ୱର ନନ୍ଦ ପୂଜା କାର୍ଯ୍ୟ ସମ୍ପାଦନା କରୁଛନ୍ତି। ଶୁକ୍ରବାର ସକାଳେ ଶ୍ରୀକୃଷ୍ଣ ଭଗବାନଙ୍କ ଅନ୍ନପ୍ରାସନ୍ନ ହୋଇଥିଲା। ପରେ ଭଗବାନଙ୍କ ଉପନୟନ ହେଲା ପରେ ହଳଦୀ କାର୍ଯ୍ୟକ୍ରମ ହୋଇଥିଲା। ଗାଁବାସୀ ଭଗବାନଙ୍କ ଏକ ଭବ୍ୟ ବରାନୁଗମନରେ ସାମିଲ ହୋଇଥିଲେ।

କନ୍ୟା ପକ୍ଷ ସାଜିଥିବା ରୁକ୍ମିଣୀଙ୍କ ପିତା ଗଜରାଜ ଡନସନା, ମାତା ଗୀତା ଡନସନାଙ୍କ ବାସଭବନକୁ ସମସ୍ତେ ଯାଇଥିଲେ। ସେଠାରେ ଭଗବାନ ଓ ରୁକ୍ମିଣୀ ଦେବୀଙ୍କ ସହ ହସ୍ତ ବନ୍ଧନ ହୋଇଥିଲା। ପରେ ଶ୍ରୀକୃଷ୍ଣ ଭଗବାନଙ୍କ ବରପକ୍ଷ ସାଜିଥିବା ପିତା ଶରତ ହଂସ, ମାତା ଲିଲା ହଂସ ଭଗବାନ ଶ୍ରୀକୃଷ୍ଣ ଓ ପୁତ୍ରବଧୂ ରୁକ୍ମିଣୀଙ୍କୁ ପାଛୋଟି ଆଣି ନିଜ ଘରେ ରଖି ଆଳତି କରି ପୂଜା ମଣ୍ଡପକୁ ନେଇଥିଲେ। ବରାଗମନ ସମୟରେ ଗାଁ କମିଟି ସଭାପତି ଜଗନ୍ନାଥ ପୁଟା, ସମ୍ପାଦକ ରାଧେଶ୍ୟାମ ପଟେଲ, ସତ୍ୟଭୂଷଣ ସାହୁ, କିଶୋର ଖୁଣ୍ଟିଆ, ପଞ୍ଚୁରାମ ସାହୁ, ଗୋପାଳ ପ୍ରସାଦ ବେହେରା, ହେମନ୍ତ ଖୁଣ୍ଟିଆ, ନବୀନ ଡନସନା, ହୃଷିକେଶ ପ୍ରଧାନ, ବାଲ ଡନସନା, ଚନ୍ଦ୍ରମଣି ସାହୁ, ଭୀମସେନ ଖୁଣ୍ଟିଆ, ମହେନ୍ଦ୍ର ଖୁଣ୍ଟିଆ, ଅରୁଣାଚାନ୍ଦ ସାହୁ, ବାଳକୃଷ୍ଣ ଡନସନା, ଲଳିତା ଗଡ଼ତିଆ, ପ୍ରେମଲତା ସାହୁ, ହୀରାବତୀ ଡନସନା, କବିତା ସାହୁ, ଲତା ସାହୁ, ସନ୍ତୋଷିନୀ ପ୍ରଧାନ, ହେମାଙ୍ଗିନୀ ପ୍ରଧାନ, କ୍ଷେତ୍ରଶ୍ୱରୀ ସାହୁ, ଚମ୍ପା ବେହେରା, ଚଞ୍ଚଳା ସାହୁଙ୍କ ସମେତ ଗାଁର ଭଦ୍ରବ୍ୟକ୍ତି, ମାଁ ମାଉସୀ ତଥା ଗାଁବାସୀମାନେ ଯାଇଥିଲେ। ପରିଚାଳନାରେ ସମସ୍ତ ଗାଁବାସୀ ସହଯୋଗ କରିଥିଲେ। ଶନିବାର ଭାଗବତ କଥାମୃତ ଶେଷ ହେବ।

## ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବରଗଡ଼, ୧୭।୧୦(ସମିସ)**



ସ୍ଥାନୀୟ ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବରଗଡ଼ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର 'ସମ୍ଭବ'ର ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକଙ୍କ ଦକ୍ଷତା ଓ ନେତୃତ୍ୱ ବିକାଶ ନିମନ୍ତେ ଆୟୋଜିତ ଏହି ଶିବିରର ଅନ୍ତିମ ଦିବସରେ ବରଗଡ଼ ବିଇଓ ସୁରେନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ବୈଠକରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ ଯୋଗ ଦେଇଥିଲେ। ଝାରବନ୍ଧ ବିଇଓ ଶୁଭମ୍ ପତି, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ବେଣୁଧର ବରିହା, ଅତାବିରା ବିଇଓ ମିଶ୍ରାଣୀ କୁମ୍ଭାର, ପେଡ଼ାଗୋଜି କୋ-ଅର୍ଡିନେଟର ପୁଷ୍ପାଞ୍ଜଳି ଦାଶ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ବୈଠକରେ ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ ଏବଂ ଶିକ୍ଷକ ପୁସ୍ତମ ବିଶି ସଭାକାର୍ଯ୍ୟ ପରିଚାଳନା କରିଥିଲେ। ପ୍ରଶିକ୍ଷଣ ଶିବିରରେ ଉଟଲି ବ୍ଲକ, ବରଗଡ଼, ବରପାଲି ଓ ଭେଡେନ ବ୍ଲକର ସମସ୍ତ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ। ପ୍ରଶିକ୍ଷକ ଭାବେ ଝାରବନ୍ଧ ବ୍ଲକ ଶିକ୍ଷା ଅଧିକାରୀ ଶୁଭମ୍ ପତି, ଭୁକ୍ତା ଜନତା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ, ଶିକ୍ଷକ ପ୍ରଶିକ୍ଷକ ବେଣୁଧର ବରିହା, ରୁଚିଦା ପୁରୁଷୋତ୍ତମ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଜୟ ମେହେର, ତୋରା ହାଇସ୍କୁଲର ପ୍ରଧାନଶିକ୍ଷକ ସଙ୍ଗୀତାରାଣୀ ମିଶ୍ର, ଚାରପାଲି ହାଇସ୍କୁଲର ପ୍ରଧାନଶିକ୍ଷକ ଭାର୍ଗବ ନାଏକ, ଟାଉନ୍ ହାଇସ୍କୁଲ ବରଗଡ଼ର ପ୍ରଧାନ ଶିକ୍ଷକ ଆଲୋକ ସାହୁ, ପଣକିପାଲି ହାଇସ୍କୁଲର ଶିକ୍ଷକ ପୁସ୍ତମ୍ ବିଶି ଯୋଗ ଦେଇ ତାଲିମ୍ ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଜାତୀୟ ଶିକ୍ଷାନୀତି ୨୦୨୦ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ, ମାନ ନିର୍ଦ୍ଧାରଣ, ନେତୃତ୍ୱ ବିକାଶ, ସାମାଜିକ, ଆବେଗିକ ଓ ନୈତିକ ବିକାଶ, ଅନ୍ତର୍ନିବେଶୀ ଶିକ୍ଷା ଓ ସମତା, ଶିକ୍ଷାରେ ସୂଚନାଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର, ସାଇବର ସୁରକ୍ଷା, ବିଦ୍ୟାଳୟ ଓ ଆର୍ଥିକ ପରିଚାଳନା, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ବିପର୍ଯ୍ୟୟ ପରିଚାଳନା, ବିଦ୍ୟାଳୟ ଓ ଗୋଷ୍ଠୀ ସମ୍ପର୍କ, ଉପସ୍ଥାପନ ଅବଧାରଣ ବୃଦ୍ଧି ଓ ପାଠ ତ୍ୟାଗୀର ନିରାକରଣ, ଧନ୍ଦାମୂଳକ ଶିକ୍ଷା, ବିଦ୍ୟାଳୟ ବିକାଶ ଯୋଜନା ଇତ୍ୟାଦି ସମ୍ପର୍କରେ ବିଶଦ ଭାବେ ଆଲୋଚନା କରାଯାଇଥିଲା। ପ୍ରଧାନ ଶିକ୍ଷକ ଆକ୍ଷାରାମ ଭୋଇ, ଯୁଧିଷ୍ଠିର ଦାଶ, ରୁଦ୍ରଦେବ ସାହୁ, ସଞ୍ଜୀବ ପ୍ରଧାନ ଓ ଅଶୋକ ପଣ୍ଡା ପ୍ରଶିକ୍ଷଣର ଅନୁଭୂତି ବର୍ଣ୍ଣନା କରିଥିଲେ। ସମସ୍ତ ସାଧନକର୍ମୀ ଓ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ପ୍ରଧାନଶିକ୍ଷକ ଅଜୟ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶାନ୍ତ ମଙ୍ଗୁଆଲଙ୍କ ସମେତ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଟ୍ରାନ୍ସଫର୍ମର ଚାରିପଟେ ପାଚେରି କାମ ଆରମ୍ଭ

**ବିନିକା,୧୭ ।୧୦(ସମିସ):** ବିନିକା-ସୋନପୁର ରାସ୍ତାର ଫୁଲମୁଠି ଛକରୁ ଗ୍ରାମକୁ ଗଲେ ରାସ୍ତାର ବାମ ଓ ଡାହାଣ ପଟରେ ଥିବା ୨ଟି ବିପଦପୂର୍ଣ୍ଣ ମୁକୁଳା ଟ୍ରାନ୍ସଫର୍ମର ଚାରିପଟେ ପାଚେରି କାମ ଆରମ୍ଭ ହୋଇଛି। ଟ୍ରାନ୍ସଫର୍ମର ମୁକୁଳା ପଡିଥିବା ନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଏହି ଖବରକୁ ସାମାଜିକ କର୍ମୀ ରମେଶ ମେହେର ବିଦ୍ୟୁତ ବିଭାଗ ଅଧିକାରୀ, ମୁଖ୍ୟମନ୍ତ୍ରୀ, ଶକ୍ତିମନ୍ତ୍ରୀଙ୍କୁ 'ଏକ୍ସ' ହାଣ୍ଡେଲରେ ପୋଷ୍ଟ କରିଥିଲେ। ପଦକ୍ଷେପ ନିଆଯିବ ବୋଲି ବିଦ୍ୟୁତ ବିଭାଗ ଅଧିକାରୀ ଉତ୍ତର ଦେଇଥିଲେ। ତେବେ ଖବର ପ୍ରକାଶ ପାଇବାର ପ୍ରାୟ ୩ମାସ ପରେ ସମସ୍ୟାର ସମାଧାନ ହୋଇଛି। ବିଳମ୍ବରେ ହେଲେ ମଧ ସମସ୍ତଙ୍କ ସୁରକ୍ଷା ପାଇଁ ବିପଦପୂର୍ଣ୍ଣ ମୁକୁଳା ଟ୍ରାନ୍ସଫର୍ମର ଚାରିପଟେ ପାଚେରି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ବାମ ପାଶ୍ୱର୍ରେ ଥିବା ଟ୍ରାନ୍ସଫର୍ମର ଖମ୍ବ ଢଳି ରହିଥିବାରୁ କେତେବେଳେ ଛିଣ୍ଡି ଯାଇ ଅଘଟଣ ଘଟିବ ତାହା କହି ହେଉନାହିଁ।

## ବିପୁଳ କାଠ ଜବତ, ଜଣେ ଗିରଫ

**ଶଗଡା,୧୭ ।୧୦(ସମିସ):** ବୌଦ୍ଧ ବନଖଣ୍ଡ କନ୍ଧମାଳ ରେଞ୍ଜ ନାରାୟଣ ପ୍ରସାଦ ସେକ୍ସନ ଅଧୀନ ଭଟାଗୋରା ଗ୍ରାମରୁ ବିପୁଳ ପରିମାଣର କାଠ ଜବତ ହୋଇଛି। ଏହା ଜଣେ କାଠ ମାଫିଆକୁ ଗିରଫ କରାଯାଇଛି। ବୌଦ୍ଧ ଏସିଏଫ ଆଶିଷ କହଁର, ଏସିଏଫ ମୀନାକ୍ଷୀ କୁମୁରା, ବୌଦ୍ଧ ରେଞ୍ଜ ଅଧିକାରୀ, ମନମୁଣ୍ଡା ରେଞ୍ଜ ଅଧିକାରୀ ଶ୍ରୀବତ୍ସ କୁମୁରା, କନ୍ଧମାଳ ରେଞ୍ଜ ଅଧିକାରୀ ଜୟକୃଷ୍ଣ ପଟ୍ଟନାୟକ, ଫରେଷ୍ଟର ବରୁଣ ମୁଖୀ ପ୍ରମୁଖ ଫରେଷ୍ଟ ଗାର୍ଡମାନଙ୍କ ସହାୟତାରେ ଭଟାଗୋରା ଗ୍ରାମର ଲକ୍ଷ୍ମୀକାନ୍ତ ମଲ୍ଲିକ ଘରେ ଚଢ଼ଉ କରିଥିଲେ। ତାଙ୍କ ଘରୁ ୬ଖଣ୍ଡ ଶାଳ ଗଣ୍ଡି, ଗୋଟିଏ ପିଆଶାଳ, ୧୩ ଖଣ୍ଡ ଶାଳ ଚୌକାଠ ଜବତ ହୋଇଛି। ଏହାସହ ଅନେକ କାଠ କାର୍ଯ୍ୟରେ ବ୍ୟବହୃତ ସରଞ୍ଜାମ ଜବତ କରାଯାଇଛି। ଘର ମାଲିକ ଅଭିଯୁକ୍ତ ଲକ୍ଷ୍ମୀକାନ୍ତକୁ ଗିରଫ କରାଯାଇଛି। ଏ ସଂକ୍ରାନ୍ତରେ ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି।

## ମହାନଦୀରେ କୁମ୍ଭୀର, ନଦୀକୂଳିଆ ଲୋକେ ଆତଙ୍କିତ

**ବିନିକା,୧୭ ।୧୦(ସମିସ):** ବିନିକା ସହର ଦେଇ ଯାଇଥିବା ମହାନଦୀ ପାଣିରେ ଘଡିଆଳ କୁମ୍ଭୀର ଦେଖି ଲୋକେ ଭୟଭୀତ ହୋଇ ପଡିଛନ୍ତି। କୁମ୍ଭୀର ଦେଖିବାକୁ ବ୍ରିଜ ଉପରେ ଲୋକଙ୍କ ଭିଡ଼ ହୋଇଥିଲା। ପ୍ରବାହିତ ନଦୀକୂଳର ଗୋଟିଏ ପଟେ ବିନିକା ସହରବାସୀ, ରହିଲା ଭମରପାଲି, ମଣିଗାଁ, ସେଳେଡି, କର୍ତଙ୍ଗ, ପଣ୍ଡକିତାଲ ଏବଂ ଅନ୍ୟପଟରେ ଇଚ୍ଛାପୁର, ଚଢେଇପଙ୍କ ଆଦି ଅନେକ ଗ୍ରାମର ଲୋକେ ସ୍ନାନଶୌଚ ପାଇଁ ନିର୍ଭର କରନ୍ତି। ବର୍ତ୍ତମାନ ନଦୀ ଭିତରକୁ ଯିବାକୁ ଭୟଭୀତ ହୋଇ ପଡିଛନ୍ତି। ଖବର ପାଇ ବିନିକା ବନ ବିଭାଗ ଫରେଷ୍ଟର ବନମାଳୀ ପାଣ୍ଡେଙ୍କ ନେତୃତ୍ୱରେ ଏକ ଟିମ୍ ମହାନଦୀକୁ ସଂଯୋଗ କରୁଥିବା ଅଙ୍ଗନଦୀ ମୁହାଣରୁ ଜିରାନଦୀ ପର୍ଯ୍ୟନ୍ତ ମାଇକ୍ ଯୋଗେ ମହାନଦୀରେ କୁମ୍ଭୀର ଆସିଥିବା ନେଇ ଲୋକଙ୍କୁ ସଚେତନ କରିଥିଲେ।

## ବେଆଇନ ବାଲିଗଦା ଉପରେ ଚଢଉ

**ହରଭଙ୍ଗା,୧୭ ।୧୦(ସମିସ):** ହରଭଙ୍ଗା ତହସିଲ ସୁରୁଣ୍ଡି ମହାନଦୀ ଘାଟ ନିକଟରେ ବେଆଇନ ଭାବେ ବାଲିଗଦା ଉପରେ ଏନଫୋର୍ସମେଣ୍ଟ ଟିମ୍ ଚଢଉ କରିଛି। ଗତବର୍ଷରୁ ଏହି ସୈରାତର କାଗଜପତ୍ର ନ ଥିବାବେଳେ ଏତେ ପରିମାଣର ବାଲିକୁ ନେଇ ଟିମ୍ ତଦନ୍ତ ଜାରି ରଖିଛି। ଏହି ଚଢଉରେ ହରଭଙ୍ଗା ତହସିଲଦାର ବଳଦେବ ବେହେରା, ହରଭଙ୍ଗା ରାଜସ୍ୱ ନିରୀକ୍ଷକ ପଙ୍କଜ କହଁର, ବୌଦ୍ଧ ଖଣି ଅଧିକାରୀ ମନୋହର ମହନ୍ତ ପ୍ରମୁଖ ସାମିଲ ଥିଲେ। ଏ ସର୍ମ୍ପକରେ ହରଭଙ୍ଗା ତହସିଲଦାର ବଳଦେବ ବେହେରାଙ୍କୁ ପଚାରିବାରୁ ଚଢାଉ କରାଯାଇଥିଲା ଖଣି ବିଭାଗ ଆକଳନ କରି ଜରିମାନା ଆଦାୟ କରିବେ ବୋଲି କହିଥିଲେ।

● ସହିଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ

## ତାଳଚେରକୁ ହରାଇ ସେମିରେ କେନ୍ଦ୍ରାପଡ଼ା

**ବୀରମହାରାଜପୁର,୧୭ ।୧୦(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଉଫୁଲା ପଞ୍ଚାୟତର ପଣ୍ଡିଆପାଲି ଗ୍ରାମର ଖେଳ ପଡ଼ିଆରେ ଚାଲିଥିବା ୧୬ତମ ସହିଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଥିଲା ଚତୁର୍ଥ ଦିବସ। ଶୁକ୍ରବାର ୩ଟି ମ୍ୟାଚ ହୋଇଥିଲା। ପ୍ରଥମ ମ୍ୟାଚ୍ ଡିସିସି ଶାନ୍ତାପୁର, କେନ୍ଦ୍ରାପଡ଼ା ଏବଂ ଷ୍ଟ୍ରାଇକର-୧୧ ଫୁଲବାଣୀ ମଧ୍ୟରେ ହୋଇଥିଲା। ଏଥିରେ କେନ୍ଦ୍ରାପଡ଼ା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୭ ଉଇକେଟ ହରାଇ ୭୮ ରନ୍ କରିଥିଲା। ଜବାବରେ ଫୁଲବାଣୀ ଦଳ ନିର୍ଦ୍ଧାରିତ ୮ ଓଭରରେ ୪ ଉଇକେଟ ହରାଇ ୫୫ ରନ୍ କରି ପରାସ୍ତ ହୋଇଥିଲା। ଏଥିରେ କେନ୍ଦ୍ରାପଡ଼ା ଦଳର ହିରାଲାଲ ମେଣ୍ଡିସଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ମ୍ୟାଚ୍ ଷ୍ଟ୍ରାଇକର ଏକାଦଶ ନୂଆପଡ଼ା ଓ ସିଆରଏନ ତାଳଚେର ମଧ୍ୟରେ ହୋଇଥିଲା। ଏଥିରେ ନୂଆପଡ଼ା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୮୩ ରନ୍ କରିଥିଲା। ଜବାବରେ ତାଳଚେର ଦଳ ୭ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକ ୮୪ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ତାଳଚେରର ବିଞ୍ଚ ପ୍ରସାଦ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ତୃତୀୟ ମ୍ୟାଚ୍ ପ୍ରଥମ ମ୍ୟାଚର ବିଜେତା କେନ୍ଦ୍ରାପଡ଼ା ଓ ଦ୍ୱିତୀୟ ମ୍ୟାଚର ବିଜେତା ତାଳଚେର ମଧ୍ୟରେ ହୋଇଥିଲା। ଏଥିରେ ତାଳଚେର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୩ ଉଇକେଟ ହରାଇ ୬୪ ରନ୍ କରିଥିଲା। ଜବାବରେ କେନ୍ଦ୍ରାପଡା ଦଳ ୭.୪ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକ ୬୫ ରନ୍ ସଂଗ୍ରହ କରି ବିଜୟୀ ହୋଇ ତୃତୀୟ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ପୁରସ୍କାର ବିତରଣ ଉତ୍ସବରେ କ୍ରୀଡାବିତ ଲକ୍ଷ୍ମଣ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦ୍ରାପଡ଼ାର ବବଲୁ ଦାସଙ୍କୁ ମ୍ୟାନ ଅଫ ମ୍ୟାଚ ଭାବେ ପୁରସ୍କୃତ କରାଯାଇଛି। ଜିତେଶ ବେହେରା ଓ ଜ୍ଞାନରଞ୍ଜନ ସ୍ୱାଇଁ ଆମ୍ପାୟର ଥିଲେ। ହେମନ୍ତ ବେହେରା ଓ ସନାତନ ବେହେରା ସ୍କୋରର ଥିଲେ। ବୁଦ୍ଧଦେବ ଦାସ ଧାରାବିବରଣୀ ପ୍ରଦାନ କରିଥିଲେ।

ବୈଷ୍ଣୋଦେବୀ ଦର୍ଶନରେ ଯାଇଥିବା ୩ ଭକ୍ତଙ୍କ ମୃତ୍ୟୁ

# ଏକାଠି ଜଳିଲା ପତିପତ୍ନୀଙ୍କ ଜୁଇ



**ବାଲ୍ୟବନ୍ଧୁଙ୍କ ଅକାଳ ବିୟୋଗରେ ଅଶ୍ରୁଳ ବିଦାୟ**

**ତରଭା,୧୭ ।୧୦(ସମିସ)**

ତରଭାର ବିଚିତ୍ର ସାହୁ, ତାଙ୍କ ପତ୍ନୀ କବିତା ସାହୁ ଓ ବିଚିତ୍ରଙ୍କ ବାଲ୍ୟ ବନ୍ଧୁ ସହକର୍ମୀ ଯୋଗୀନ୍ଦ୍ର ମଟାରୀ ବୈଷ୍ଣୋଦେବୀଙ୍କ ଦର୍ଶନରେ ଯାଇଥିବାବେଳେ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ତେବେ ବିଚିତ୍ର ଓ କବିତାଙ୍କ ମରଶରୀର ନେଇ ଶୁକ୍ରବାର ତାଙ୍କ ପୁଅ ଅଭିଜିତ, ପୁତୁରା ଶେଖର ଓ ସୌମ୍ୟାଜିତ ଅପରାହ୍ନ ୨ଟା ୪୨ରେ ପଦରପଡାସ୍ଥିତ ବସଭାବନ ସମ୍ମୁଖରେ ପହଞ୍ଚିଛନ୍ତି। ତରଭା ସ୍ୱର୍ଗଦ୍ୱାରରେ ଉଭୟଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବିଚିତ୍ରଙ୍କ ପୁତ୍ର ଅଭିଜିତ ମୁଖାଗ୍ନି ଦେଇଥିଲେ।

ପୂର୍ବରୁ ସେଠାରେ ସୋନପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ, ଏସ୍‌ପି ନାରାୟଣ ନାୟକ, ତରଭା ତହସିଲଦାର ଶ୍ୱେତାଲିନା ମାହାଣା, ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଭୋଇ, ଆଇଆଇସି ଅନିତା କିଡୋ, ଏସଆଇ ରବୀନ୍ଦ୍ର ସାହୁ, ଏନଏସି ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲ୍ଲିକ ଉପସ୍ଥିତ ଥିଲେ। ସେହିଭଳି ବରିଷ୍ଠ ନାଗରିକ କମିଟିର କର୍ମକର୍ତ୍ତା, ଓଡିଶା ଗ୍ରାମ୍ୟ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଗଠନର ବଲାଙ୍ଗୀର ଉପ ସଭାପତି ଆଶୁତୋଷ ମିଶ୍ର ଓ କର୍ମକର୍ତ୍ତା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟାଳ, ଗୁରୁଜୀ, ଗୁରୁମା ଓ ଛାତ୍ରଛାତ୍ରୀ, ବନ୍ଧୁ ବାନ୍ଧବ, ସାହି ପଡ଼ିଶା, ତରଭା, ବୈରାସର, ବଲାଙ୍ଗୀର, କମସରା, ନାରାୟଣପୁର ସମେତ ଆଖପାଖ ଗ୍ରାମରୁ ଆସିଥିବା ଶତାଧିକ ମାନ୍ୟଗଣ୍ୟ ବ୍ୟକ୍ତି, ସୋନପୁର ଓ ତରଭାର ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହି ଶେଷ ବିଦାୟ ଜଣାଇଥିଲେ। ସମସ୍ତଙ୍କ ଆଖିରେ ଲୁହ ଥିଲା।

ପତିପତ୍ନୀଙ୍କ ମରଶରୀର ପହଞ୍ଚିବା ପରେ କାନ୍ଦ ବୋବାଳିରେ ଫାଟି ପଡିଥିଲା। ପ୍ରଶାସନ ଓ ଜନସାଧାରଣ ଅଶ୍ରୁଳ ନୟନରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ। ଦୁଇ ଅନନ୍ୟ ବାଲ୍ୟବନ୍ଧୁ, ସହପାଠୀ ଓ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀ ବିଚିତ୍ର ଓ ଯୋଗୀନ୍ଦ୍ର ଙ୍କ ଅକାଳ ବିୟୋଗ ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି। ଗତ ୧୪ ତାରିଖ ସକାଳେ ଜାମ୍ମୁର କଟରା ହେଲିପ୍ୟାଡ ନିକଟସ୍ଥ ଏକ୍ସପ୍ରେସ୍ ୱେରେ ଏକ ଭୟଙ୍କର ଦୁର୍ଘଟଣା ଘଟିଥିଲା। ବୈଷ୍ଣୋଦେବୀଙ୍କ ଦର୍ଶନ ସାରି ବିଚିତ୍ର ଓ ଯୋଗୀନ୍ଦ୍ର ସପତ୍ନୀଙ୍କ ଏକ ଅଟୋରେ ଫେରୁଥିଲେ। ଏକ ଦ୍ରୁତଗାମୀ ବସ୍ ସେମାନଙ୍କୁ ଧକ୍କା ଦେଇଥିଲା। ଏହି ଘଟଣାରେ ବିଚିତ୍ର ଓ ଯୋଗୀନ୍ଦ୍ରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଗୁରୁତର ଆହତ କବିତା ଓ ସ୍ନେହଲତାଙ୍କୁ ଜାମ୍ମୁ ଡାକ୍ତରଖାନା ନିଆଯାଉଥିବା ବେଳେ ରାସ୍ତାରେ କବିତା ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଜାମ୍ମୁରେ ସ୍ନେହଲତାଙ୍କ ଚିକିତ୍ସା ଜାରି ରହିଛି। ତେବେ ଓଡ଼ିଶା ସରକାରଙ୍କ ତ୍ୱରିତ ପଦକ୍ଷେପ ଯୋଗୁଁ ବିଚିତ୍ର ଓ କବିତାଙ୍କ ମରଶରୀର ଏୟାର ଲିଫ୍ଟ ଓ ଆମ୍ବୁଲାନ୍ସ ମାଧ୍ୟମରେ ଜାମ୍ମୁରୁ ଦିଲ୍ଲୀ, ରାୟପୁର ହେଇ ତରଭା ପହଞ୍ଚାଯାଇଥିଲା। ବଲାଙ୍ଗୀରରେ ଉଭୟଙ୍କ ମରଶରୀର ପହଞ୍ଚିବା ପରେ ଗ୍ରାମୀଣ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀଙ୍କ ତରଫରୁ ଶ୍ରଦ୍ଧା ସୁମନ ଜ୍ଞାପନ କରାଯାଇଥିଲା। ଶନିବାର ଯୋଗୀନ୍ଦ୍ରଙ୍କ ମରଶରୀର ତରଭାରେ ପହଞ୍ଚିବ।

ତେବେ ବିଚିତ୍ର ଓ ଯୋଗୀନ୍ଦ୍ରଙ୍କ ବନ୍ଧୁତ୍ୱ ଖୁବ୍ ନିବିଡ। ସ୍କୁଲ ଜୀବନରୁ ଉଭୟଙ୍କ ବନ୍ଧୁତା ଆରମ୍ଭ ହୋଇଥିଲା। ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରେ ଏକାଠି କାର୍ଯ୍ୟ କରି ଦିହେଁ ଅବସର ଗ୍ରହଣ କରିଥିଲେ। ଏହି ଦୁଇ ବନ୍ଧୁଙ୍କ ସର୍ମ୍ପକ ଅତୁଟ ଥିଲା। ସେମାନେ ହସଖୁସି ସ୍ୱଭାବର ଥିଲେ। ଉଭୟ ତରଭାବାସୀଙ୍କ ହୃଦୟରେ ସବୁଦିନ ଜୀବନ୍ତ ରହିବେ। ଅବସରପ୍ରାପ୍ତ ବ୍ୟାଙ୍କ ସଂଗଠନ ତରଫରୁ ଓଡ଼ିଶା ସରକାରଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ପାଇଁ ନିବେଦନ କରାଯାଇଛି। ଏହି ଅପୂରଣୀୟ କ୍ଷତିରେ ତରଭାର ପ୍ରତ୍ୟେକ ବ୍ୟକ୍ତି ମର୍ମାହତ।

## ଜାତିଆଣ ସମସ୍ୟାକୁ ନେଇ ବିଲରେ କୀଟନାଶକ ପକାଇଦେଲେ

**ଶଗଡା,୧୭ ।୧୦(ସମିସ):** ବୌଦ୍ଧ ଥାନା ଆମ୍ବଝରୀ ପଞ୍ଚାୟତ କୁଟୁକୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗାଁର ଶଙ୍କର ପ୍ରଧାନଙ୍କ ବିଲରେ ଜାତିଆଣ ବିବାଦକୁ ନେଇ କିଛି ବ୍ୟକ୍ତି ତାଙ୍କ ବିଲରେ କୀଟନାଶକ ପକାଇ ଦେଇଛନ୍ତି। ଧାନ ଗଛ ସବୁ ନଷ୍ଟ କରିବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଶଙ୍କର ଗତ ମାସ ୧୮ ତାରିଖରେ ବୌଦ୍ଧ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆଜି ପର୍ଯ୍ୟନ୍ତ ଏହାର ସମାଧାନ ହୋଇନି। ଏ ନେଇ ଶଙ୍କର ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁସାରେ ଶଙ୍କର ପାବୁଲିପଡ଼ା ଗ୍ରାମର ଏକ ପରିବାର ସହ ଚଳି ଆସୁଛନ୍ତି; ହେଲେ କୁଟୁକୁର ଗ୍ରାମର କିଛି ବ୍ୟକ୍ତି ଏକ ସଭା କରି ଶଙ୍କରଙ୍କୁ ଉକ୍ତ ଜାତି ସମାଜ ଛାଡି ନିଜ ଜାତି ସମାଜରେ ରହିବାକୁ କହିଥିଲେ; ହେଲେ ଶଙ୍କର ମନା କରିବାରୁ ତାଙ୍କୁ ବିଭିନ୍ନ ପ୍ରକାର ଧମକ ଦିଆ ଯିବା ସହ ତାଙ୍କ ଜମିରେ କୀଟନାଶକ ପକାଇ ନଷ୍ଟ କରିବାକୁ ପ୍ରୟାସ କରାଯାଇଥିବା ଶଙ୍କର ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଥାନାରେ ଅଭିଯୋଗ କରିବା ପରେ ମଧ ସମସ୍ୟାର ସମାଧାନ ହୋଇନି। ଏଣୁ ଶଙ୍କର ବୌଦ୍ଧ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ ଏହାର ତଦନ୍ତ କରି ଉଚିତ ନ୍ୟାୟ ଦେବା ପାଇଁ ଗୁହାରି କରିଛନ୍ତି।

# ଖଣ୍ଡହତାରୁ ଗଞ୍ଜେଇ ଭର୍ତ୍ତି କାର୍ ଜବତ

**ବାରମ୍ବାର ଗଞ୍ଜେଇ ଚୋରା ଚାଲାଣ** | **ଅବକାରୀ ବିଭାଗ ଓ ପୁଲିସ ସାଜିଛନ୍ତି ନୀରବଦ୍ରଷ୍ଟା**

**ବୀରମହାରାଜପୁର,୧୭ ।୧୦(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ଥାନା ଅଧୀନ ଖଣ୍ଡହତା ଗାଁ ଦେଇ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ଧରା ପଡିଛି। ଖବର ପାଇ ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକଙ୍କ ସହ ପୁଲିସ ଟିମ୍ କାବୁ କରିଛି। ଶୁକ୍ରବାର ସକାଳ ପ୍ରାୟ ୧୧ଟାରେ ଏକ କାରରେ ଗଞ୍ଜେଇ ମାଫିଆମାନେ ୬୮ କେଜି ୮୦୦ଗ୍ରାମ ଗଞ୍ଜେଇ ନେଇ ଖଣ୍ଡହତା ଦେଇ ସମ୍ବଲପୁର ଆଡ଼କୁ ଯାଉଥିଲା। କୌଣସି ସୂତ୍ରରୁ ସୁବର୍ଣ୍ଣପୁର ଏସପି ଶ୍ରୀ ନାୟକ ଖବର ପାଇ ଧରିବାକୁ ଯୋଜନା କରିଥିଲେ। ଗଞ୍ଜେଇ ଚୋରା ଚାଲାଣ ଗାଡ଼ିରେ ଉତ୍ତରପ୍ରଦେଶର ୪ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ମହିଳା ସାମିଲ ଥିଲେ। ସେହିପରି ଏହି ଚୋରା ଚାଲାଣ କରୁଥିବା ଗାଡ଼ିକୁ ଏସକର୍ଟ ଯୋଗାଇ ଦେଉଥିବା ଏକ ଗାଡିକୁ ମଧ



ପୁଲିସ ଜବତ କରିଛି। ଏହି ଏସକର୍ଟ ଗାଡ଼ିରେ ଥିବା ବୌଦ୍ଧ ଜିଲ୍ଲାର ୫ ଜଣଙ୍କୁ ମଧ ପୁଲିସ ଗିରଫ କରିଛି। ଏ ନେଇ ବୀରମହାରାଜପୁର ଥାନାରେ ଏକ ମାମଲା ରୁଜୁ କରାଯାଇଛି। ସୁବଳୟା ଥାନା ଅଧିକାରୀ ଓ ବିରମହରକ୍ଷଜପୁର ପୁଲିସ ସହ ଏସ୍‌ଡିପିଓ ହେମନ୍ତ ରାଓ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଚଳାଇଛି। ଅଭିଯୁକ୍ତମାନଙ୍କୁ ବୀରମହାରାଜପୁର ପୁଲିସ୍ ଥାନାକୁ ଆଣିଛି। ଥାନା ଅଧିକାରୀ ଅବିନାଶ ପଧାନ ଅଧିକ ତଦନ୍ତ ଚଳାଇଥିବା କହଛନ୍ତି।

ବୌଦ୍ଧ ଜିଲ୍ଲାରୁ ପ୍ରତିଦିନ ବୀରମହାରାଜପୁର, ସୁବଳୟା ଦେଇ ବାହାର ରାଜ୍ୟ ଛତିଶଗଡ଼, ମଧ୍ୟପ୍ରଦେଶ ଓ ଅନ୍ୟାନ୍ୟ ରାଜ୍ୟକୁ ଗଞ୍ଜେଇ ଚାଲାଣ ହେଉଥିବା ବାରମ୍ବାର ଅଭିଯୋଗ ହେଉଛି। ଅବକାରୀ ବିଭାଗ ଓ ସ୍ଥାନୀୟ ପୁଲିସ କିନ୍ତୁ ନୀରବତା ଅବଲମ୍ବନ କରୁଛି।

## ଶିକ୍ଷକ ଅଭାବ: ସ୍କୁଲରେ ତାଲା ପକାଇଲେ ଅଭିଭାବକ




**ବୌଦ୍ଧ,୧୭ ।୧୦(ସମିସ):** ବୌଦ୍ଧ ଏନଏସି ଅଧୀନ ବାପୁଜୀନଗର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଶିକ୍ଷକ ଅଭାବରୁ ବାରମ୍ବାର ଅଭିଭାବକମାନେ ଜିଲ୍ଲା ଶିକ୍ଷା ବିଭାଗକୁ ଅଭିଯୋଗ କରିଥିଲେ ମଧ କେହି ଶୁଣି ନ ଥିଲେ। ଏହି ବିଦ୍ୟାଳୟରେ ୧୧୭ ଛାତ୍ରଛାତ୍ରୀ ପଢୁଛନ୍ତି। ୯ଟି ଶ୍ରେଣୀ ଲାଗି ୨ଜଣ ଶିକ୍ଷୟିତ୍ରୀ ଅଛନ୍ତି। ଏଣୁ ଶିକ୍ଷକ ଅଭାବରୁ ପାଠପଢା ଠିକ୍‌ରେ ହେଉନି। ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରି ସ୍କୁଲ ଗେଟ୍‌ରେ ତାଲା ପକାଇଥିଲେ। ଛାତ୍ରଛାତ୍ରୀ ମଧ ସ୍କୁଲ ନ ଯାଇ ଗେଟ୍ ସମ୍ମୁଖରେ ବସିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ନ ଦେବା ଯାଏଁ ଗେଟ୍ ତାଲା ଖୋଲାଯିବ ନାହିଁ ବୋଲି ଅଭିଭାବକମାନେ ପ୍ରକାଶ କରିଥିଲେ। ତୁରନ୍ତ ଶିକ୍ଷକ ପଦବୀ ପୂରଣ ନ କଲେ ଆନ୍ଦୋଳନ ଜାରି ରଖିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## କଂଗ୍ରେସର ସାମ୍ବାଦିକ ସମ୍ମିଳନୀ



**ବୌଦ୍ଧ,୧୭ ।୧୦(ସମିସ):** ବୌଦ୍ଧ ସର୍କିଟ ହାଉସ୍‌ରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନବ ନିର୍ବାଚିତ ଜିଲ୍ଲା କଂଗ୍ରେସ କମିଟି ସଭାପତି ବିନ୍ଧ୍ୟବିନୀ ସାହୁ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ନାରାୟଣ ପ୍ରସାଦ ପରିଜା ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହି କଂଗ୍ରେସର ଆଗାମୀ କାର୍ଯ୍ୟପନ୍ଥା ସର୍ମ୍ପକରେ ସୂଚନା ଦେଇଥିଲେ।

## ନାଏକପଡା ସାପ୍ତାହିକ ବଜାରରୁ ବାଇକ୍ ଚୋରି

**ବୌଦ୍ଧ,୧୭ ।୧୦(ସମିସ):** ବୌଦ୍ଧ ଥାନା ନାଏକପଡା ସାପ୍ତାହିକ ବଜାରରୁ ଏକ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସରସରା ଗ୍ରାମର ସଞ୍ଜୀବ ବେହେରା ବାମଣ୍ଡା ପଞ୍ଚାୟତର ନାଏକପଡାରେ ହେଉଥିବା ଶୁକ୍ରବାର ସାପ୍ତାହିକ ବଜାରକୁ ସଉଦା କରିବାକୁ ଯାଇଥିଲେ। ବଜାର କରି ସାରି ଘରକୁ ଆସିବା ପାଇଁ ବାହାରିବା ବେଳେ ତାଙ୍କ ବାଇକ୍ ନ ଥିଲା। ଆଖ ପାଖରେ ଖୋଜାଖୋଜି କରି ବାଇକ ନ ପାଇବାରୁ ବୌଦ୍ଧ ଥାନାରେ ଅଭିଯୋଗ କରିଛନ୍ତି।

## ବରପଦର, ବରଗୋଚ୍ଛାରେ ଶିଶୁ ମହୋତ୍ସବ 'ସୁରଭି'



**ଡୁଙ୍ଗୁରିପାଲି,୧୭ ।୧୦(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ବନ୍ଧପାଲି ପଞ୍ଚାୟତ ବରପଦର ପ୍ରାଥମିକ ବିଦ୍ୟାଳୟରେ ସର୍ଗୁଲ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରପଦର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ଦେବବ୍ରତ ବୁଡେକ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡୁଙ୍ଗୁରିପାଲି ବ୍ଲକ ଶିକ୍ଷା ଅଧିକାରୀ ଗଣେଶ କିଷାନ ମୁଖ୍ୟ ଅତିଥି, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଗଞ୍ଜୁଲୁ ମିର୍ଦ୍ଧା ମୁଖ୍ୟବକ୍ତା, ଗୋଷ୍ଠୀ ସହ ଶିକ୍ଷା ଅଧିକାରୀ ଜଗତ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥଲେ। ଚମ୍ପାଡୁଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷକ କୃପାସିନ୍ଧୁ ହରିପାଲ ମଞ୍ଚ ପରିଚାଳନା କରିଥିଲେ। ବନ୍ଧପାଲି ପ୍ରଧାନ ଶିକ୍ଷକ ଥବିର ବୁଡେକ୍, ଚିନାପୁରୀ ସିଆରସିସି ରମେଶ ଚନ୍ଦ୍ର ଭୋଇ, ଅନ୍ଧାରୀବାଞ୍ଜି ସିଆରସିସି ଚିତ୍ତରଞ୍ଜନ ଠାକୁର ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରସନ୍ନ ତାଣ୍ଡି ଏବଂ ଶିକ୍ଷୟିତ୍ରୀ ସୁନୀତା ସେଠ୍ ମଞ୍ଚ ପରିଚାଳନା କରିଥିଲେ। ଯୋଗାନନ୍ଦ ପ୍ରଧାନ, ବାଳକିଶୋର ମେହେର, ଦିବ୍ୟକିଶୋର ଯୋଶୀ, ପୂର୍ଣ୍ଣଚନ୍ଦ୍ର କୁମ୍ଭାର, ଦୟାନିଧି ବୁଡେକ, ପ୍ରଫୁଲ୍ଲ ସାହୁ, ଗୋପବନ୍ଧୁ ବାଗ, ପ୍ରତ୍ୟୁଷ ସାହୁ, ପ୍ରବୀଣ ବିଶି, ସୁଶୀଲ ସେଠ୍, ଅଶ୍ୱିନୀ ବେହେରା ପ୍ରମୁଖ ବିଭିନ୍ନ ପ୍ରତିଯୋଗିତାରେ ବିଚାରକ ଦାୟିତ୍ୱ ତୁଲାଇଥିଲେ।

**ଶଗଡା:** ବରଗୋଚ୍ଛା ଆଶ୍ରମ ବିଦ୍ୟାଳୟ ବିଦ୍ୟାଳୟରେ ଲୁଣପଙ୍ଗା କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ



ଅଶୋଭା ରଞ୍ଜନ ମାଲି ଓ ବରଗୋଚ୍ଛା ସରପଞ୍ଚ ଲକି କର୍ମୀ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସମିତି ସଭ୍ୟ ମମତା କହଁର, ବରଗୋଚ୍ଛା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରଞ୍ଚି ପ୍ରସାଦ ମହାରଣା, ଚୈତନ୍ୟ ମହାନନ୍ଦିଆ, ସୁଦାମ ଚରଣ ଦିଶ୍ରୀ, ବିନୋଦ ବିହାରୀ ପ୍ରଧାନ, ଦପଲା ସିଆରସିସି ଶ୍ରୀମନ୍ତ କହଁର, ଖୁଣ୍ଟିଗୋରା ସିଆରସିସି ଶତ୍ରୁଘ୍ନ ଜାନି ପ୍ରମୁଖ ଉପସ୍ଥିତ ଥିଲେ। ବାରଡୋଳ ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ. ସତ୍ୟ ନାରାୟଣ ମଲିକ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିବା ବେଳେ ସିଆରସିସି ନରୋତ୍ତମ ତାଣ୍ଡିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ଶିକ୍ଷକ ମହେଶ୍ୱର ମହାଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟରେ ସଂକ୍ରାନ୍ତି ପାଳନ



**ବୀରମହାରାଜପୁର,୧୭ ।୧୦(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସଦରସ୍ଥିତ ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ସଂକ୍ରାନ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟାସ ଗାୟକ ଭାବେ ସତ୍ୟ ନାରାୟଣ ଚାନ୍ଦ ରାମାୟଣ ପାଠ କରିଥିବା ବେଳେ ବାସୁଦେବ ରଥ ପୂଜାର୍ଚ୍ଚନା କରିଥିଲେ। କୃଷ୍ଣଚନ୍ଦ୍ର ପାଢ଼ୀ ପ୍ରବଚନ ଦେଇଥିଲେ। ଯୁଗଳ କିଶୋର ମିଶ୍ର ତବଲା ଓ ଜ୍ଞାନେନ୍ଦ୍ର ତ୍ରିପାଠୀ ହାରମୋନିୟମ୍‌ରେ ସହଯୋଗ କରିଥିଲେ। ସଭାପତି ପ୍ରଫୁଲ୍ଲ ରଥ, ସଂପାଦକ ସନ୍ତୋଷ ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ଦୟାନିଧି ହୋତା, ଚମରା ମହାକୁର, ଅକ୍ଷୟ ମିଶ୍ର, ଚନ୍ଦ୍ରେଦାଶ, ବାସୁଦେବ ପଣ୍ଡା, ଗୋପୀ ମହାକୁର, ଅକ୍ରୂର ଦନ୍ତା, ତ୍ରିନାଥ ମିଶ୍ର, କୃଷ୍ଣଚନ୍ଦ୍ର ମଲ୍ଲିକ, ଶ୍ୟାମସୁନ୍ଦର ସେଠୀ, ଜୀତେନ୍ଦ୍ରୀୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**ବେଆଇନ ପଥର ଉତ୍ତୋଳନ**

# ପଥର ଖାଦାନରେ ଚଢଉ, ୪ ମେସିନ ଜବତ

**ହରଭଙ୍ଗା,୧୭ ।୧୦(ସମିସ)**

ବୌଦ୍ଧ ଜିଲ୍ଲା ଖଣି ବିଭାଗ ସ୍ଥାଣୁ ପାଲଟିଛି। ବିନା କାଗଜପତ୍ରରେ ବିଭିନ୍ନ ସ୍ଥାନରୁ ଦିନ ଦ୍ୱିପହରରେ ପଥର ଚୋରି ଜିଲ୍ଲାରେ ଏକ ସାଧାରଣ କଥା ହୋଇଛି। ଖଣି ବିଭାଗର ନୀରବତା ମାଫିଆଙ୍କ ପାଇଁ ଭୂ-ସ୍ୱର୍ଗ ପାଲଟିଛି। ଏଭଳି ବେଆଇନ ଭାବେ ହରଭଙ୍ଗା ତହସିଲ ଅଧୀନ ଖରଭୁଇଁର ବିଭିନ୍ନ ପଥର ଖାଦାନାରୁ ଦିନ ଦ୍ୱିପହରରେ ପଥର ଚୋରି ଘଟଣା ଖଣି ବିଭାଗର ନୀରବତା ଉପରେ ବଡ ପ୍ରଶ୍ନଚିହ୍ନ ଛିଡା କରିଛି। ଖଣି ବିଭାଗ ଏବଂ ପଥର ମାଫିଆଙ୍କ ଭିତିରିଆ ସଲାସୁତ୍ରରାରେ ବିଭିନ୍ନ ପଥର ଖାଦାନରୁ ପଥର ଚୋରି ଏବେ ଜିଲ୍ଲାରେ ଏକ ସାଧାରଣ କଥା ହୋଇଛି। ଏହା ଫଳରେ ଜିଲ୍ଲାରେ ପଥର ଏବଂ ବାଲି ଭଳି ଲଘୁ ଖଣିଜ ଦ୍ରବ୍ୟର ପ୍ରଚୁର ପରିମାଣରେ ଚୋରି ଯୋଗୁଁ ସରକାର ବାର୍ଷୀକ କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। ଏ ନେଇ ଗତ ରାଜସ୍ୱ ବୈଠକରେ ବୌଦ୍ଧ ଜିଲ୍ଲାପାଳ ଖଣିବିଭାଗକୁ ତାଗିଦ୍



ସହିତ ତାଙ୍କ କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇଥିଲେ। ଜିଲ୍ଲାପାଳଙ୍କ ତାଗିଦ୍ ପରେ ଖଣି ବିଭାଗ ପକ୍ଷରୁ ହରଭଙ୍ଗା ତହସିଲର ଖରଭୂଇଁ –(୨) ନମ୍ବର ପଥର ଖାଦାନାରେ ଏନଫୋର୍ସମେଣ୍ଟ ଦଳ ଚଢଉ କରିଥିଲା। ବେଆଇନ ଭାବେ ପଥର ଉତ୍ତୋଳନ ଚାଲିଥିବାବେଳେ ସେଠାରୁ ୩ଟି ଡ୍ରିଲିଂ ମେସିନ୍ ଏବଂ ଗୋଟିଏ ପ୍ରୋକୋଲିଂ ମେସିନ ଜବତ କରାଯାଇଥିବା ବୌଦ୍ଧ ଖଣି ଅଧିକାରୀ ମନୋହର ମହନ୍ତ ସୂଚନା ଦେଇଛନ୍ତି। ଏହି ଚଢଉରେ

**୩/୪ମାସ ପରେ ଖଣି ବିଭାଗର ନିଦ ଭାଙ୍ଗିଲା**

ହରଭଙ୍ଗା ତହସିଲଦାର ବଳଦେବ ବେହେରା, ଅତିରିକ୍ତ ତହସିଲଦାର ସନ୍ଦୀପ ଶୁଭଦର୍ଶନ ଧଳ, ବୌଦ୍ଧ ଖଣି ଅଧିକାରୀ ମନୋହର ମହନ୍ତ, କନିଷ୍ଠ ଖଣି ଅଧିକାରୀ ଦିବ୍ୟ ପ୍ରଧାନ, ହରଭଙ୍ଗା ପୁଲିସ ଚଢଉରେ ସାମିଲ ଥିଲେ। ବିନା କାଗଜପତ୍ରରେ ଦୀର୍ଘ ମାସ ଧରି ଖରଭୂଇଁସ୍ଥିତ ବିଭିନ୍ନ ପଥର ଖାଦାନାରୁ ବେଆଇନ ଭାବେ ପଥର ଚୋରି ଚାଲିଥିବାବେଳେ ଖଣି ବିଭାଗ ଏବଂ ଏନଫୋର୍ସଟିମ୍ ପାଖରେ ଆଦୌ ଖବର ନ ଥିବା ଘଟଣା ପଛରେ ସରକାରୀ ବାବୁମାନଙ୍କ କାର୍ଯ୍ୟଶୈ÷ଳୀ ଉପରେ ବଡ ପ୍ରଶ୍ନଚିହ୍ନ ଛିଡା କରିଛି। ପୂର୍ବରୁ ଅନେକ ସମୟରେ ବିଭିନ୍ନ ସ୍ଥାନରେ ଏଭଳି ଚଢଉ କରାଯାଇଥିବା ନଜରକୁ ଆସିଛି; ମାତ୍ର ଏହି ଚଢଉ ପରେ ସେଭଳି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଖଣି ବିଭାଗର ଛାଟ ମାଫିଆଙ୍କ ଉପରେ କାଟୁ କରୁ ନ ଥିବା ଦେଖାଯାଉଛି। ଏହାଫଳରେ ବାହାର ଜିଲ୍ଲାରୁ ଲୋକ ଆସି ଖଣି ବିଭାଗ ସଲାସୁତ୍ରରାରେ ବାଲି/ ପଥର ରାତି ଅଧିଆ ଚୋରି କରି ମୁନାଫା କମାଇବାରେ ସକ୍ଷମ ହେଉଥିବା ନଜିର ଆସିଛି। ଏ ଦିଗରେ ରାଜ୍ୟ ଖଣି ନିର୍ଦ୍ଦେଶକ ସ୍ୱତନ୍ତ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଦୁର୍ନୀତିଗ୍ରସ୍ତ ଅଫିସରଙ୍କୁ ବଦଳି କରାଗଲେ ଏଥିରେ ସୁଧାର ଆସିପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଉଛି। ଏ ସର୍ମ୍ପକରେ ବୌଦ୍ଧ ଖଣି ଅଧିକାରୀ ମନୋହର ମହନ୍ତଙ୍କୁ ପଚାରିବାରୁ ସେ କହିଲେ ଖରଭୁଇଁ -୨ ନମ୍ବର ପଥର ଖାଦାନାରେ ଚଢଉ କରାଯାଇ ୪ଟି ମେସିନ ଜବତ କରାଯାଇଛି। ଯଥାଶୀଘ୍ର ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।



## ଭୁବନେଶ୍ୱର ସିଟି

# ରାଜଧାନୀରୁ ଅପହରଣ; ଭଦ୍ରକରୁ ଉଦ୍ଧାର

- ଅପହରଣର ୪ ଦିନ ପରେ ୩ ଗିରଫ; କାର୍ ଜବତ
- ଅପହରଣ ପଛରେ ବକେୟା ଟଙ୍କା

ଭୁବନେଶ୍ୱର, ୧୭।୧୦ (ସମିସ): ୪ ଦିନ ତଳେ ରାଜଧାନୀରୁ ଅପହରଣ ହୋଇଥିବା ବ୍ୟବସାୟୀଙ୍କୁ ଭଦ୍ରକରୁ ଉଦ୍ଧାର କରିଛି କ୍ୟାପିଟାଲ ଥାନା ପୁଲିସ। ଉଦ୍ଧାର ବ୍ୟବସାୟୀ ହେଉଛନ୍ତି ଭିମଟାଙ୍ଗୀ ଅଞ୍ଚଳର ବିକାଶ ଚନ୍ଦ୍ର ରଥ। ବକେୟା ଟଙ୍କାକୁ ନେଇ ତାଙ୍କୁ ଅପହରଣ କରାଯାଇଥିବା ବେଳେ ୩ ଜଣଙ୍କୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଭରତପୁରରେ ରହୁଥିବା ନାଇକାଣିଡ଼ିହି ଥାନା ଅଞ୍ଚଳର ବାବୁଲା କୁମାର ମହାନ୍ତି (୨୯), ପାଇକନଗରରେ ରହୁଥିବା ଅସ୍ତରଙ୍ଗ ବାଲିସାହିର ଅଭିଷେକ ସାହୁ (୧୯) ଓ କଳିଙ୍ଗ ବିହାରରେ ରହୁଥିବା ଆଳି ଥାନା ଅଞ୍ଚଳର ରିତିକ ରୋହନ ତରାଇ (୧୯)।



ପୁଲିସ ସୂଚନା ଅନୁସାରେ, କଳିଙ୍ଗନଗର କେ୮ ଅଞ୍ଚଳରେ ଥିବା ବାବୁଲାର ଏକ ବିଆର୍ ଫାର୍ମା ନାମରେ ଏକ ଦୋକାନ ରହିଛି। ବାବୁଲା ୨୦୨୩ ମସିହାରେ ବିକାଶ ଓ ପତ୍ନୀ ପ୍ରମୋଦିନୀ ରଥଙ୍କୁ ଓଆରଏସ୍ ସାମଗ୍ରୀ ଯୋଗାଇଥିଲେ। ବାବୁଲା ବ୍ୟବସାୟ ସମୟରେ ବିକାଶଙ୍କୁ ଲକ୍ଷାଧିକ ଟଙ୍କାର ବକେୟା ଦେଇଥିଲା। ବକେୟା ଟଙ୍କା ମାଗିବାରୁ ବିକାଶ ୩ଟି ବ୍ୟାଙ୍କ ଚେକ୍ ଦେଇଥିଲେ। ପରବର୍ତ୍ତୀ ସମୟରେ ସେଥିରୁ ଗୋଟିଏ ଚେକ୍ ବାଉନ୍ସ ହୋଇଯାଇଥିଲା। ଟଙ୍କା ନ ମିଳିବାରୁ ବାବୁଲା ତା'ର ସହଯୋଗୀ ଅଭିଷେକ ଓ ରିତିକ ସହ ମିଶି ବିକାଶଙ୍କୁ ଅପହରଣ କରିବା ଲାଗି ଯୋଜନା କରିଥିଲା। ଗତ ୧୩ ତାରିଖ ଦିନ ୩ ଜଣ ଯାକ ମିଶି ମାଷ୍ଟରକ୍ୟାଣ୍ଟିନ ଛକରୁ ବିକାଶଙ୍କୁ କାରରେ ଅପହରଣ କରି ନେଇଥିଲେ। ସେମାନେ ବିଭିନ୍ନ ମୋବାଇଲ୍ ଫୋନରୁ ପତ୍ନୀ ପ୍ରମୋଦିନୀଙ୍କୁ କଲ୍ କରି ୬ ଲକ୍ଷ ଟଙ୍କା ଦାବି କରିଥିଲେ। ନଚେତ୍ ତାଙ୍କ ସ୍ୱାମୀଙ୍କୁ ଛାଡିବେ ନାହିଁ ବୋଲି ଧମକ ଦେଇଥିଲେ। ପ୍ରମୋଦିନୀ ଏନେଇ କ୍ୟାପିଟାଲ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ମୋବାଇଲ ଟ୍ରାକିଂ କରି ଥାନାର ଏକ ଟିମ୍ ଭଦ୍ରକ ଅଭିମୁଖେ ଯାଇଥିଲା। ନାଇକାଣିଡିହି ଥାନା ନିକଟରେ କାରକୁ ଠାବ କରି ଅଟକାଇଥିଲା। କାର ଭିତରୁ ବିକାଶଙ୍କୁ ଉଦ୍ଧାର କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ୪ଟି ମୋବାଇଲ ଫୋନ ଓ ଘଟଣାରେ ବ୍ୟବହୃତ ଏକ କାରକୁ ଜବତ କରିଥିଲା।

## ସ୍କର୍ପିଓ ସହ ୬୦ ଲକ୍ଷର ବ୍ରାଉନ୍‌ସୁଗର ଜବତ; ମହିଳାଙ୍କ ସମେତ ୩ ଗିରଫ

ଭୁବନେଶ୍ୱର, ୧୭।୧୦(ସମିସ): ବ୍ରାଉନ୍‌ସୁଗର କାରବାର ଅଭିଯୋଗରେ ଶୁକ୍ରବାର ସ୍ପେଶାଲ କ୍ରାଇମ୍ ୟୁନିଟ୍ ଜଣେ ଲେଡି ଡନ୍ ସହ ୨ ଜଣ ପୁରୁଷଙ୍କୁ ଗିରଫ କରିଛି। ସେମାନେ କଳା ସ୍କର୍ପିଓରେ ଧଳା ଜହର କାରବାର କରୁଥିଲେ। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଅନିତା ପରମଗୁରୁ ଓରଫ ଲିନା, ରାଜେନ୍ଦ୍ର କୁମାର ସାହୁ ଏବଂ ଶିବ ପ୍ରସାଦ ଦାଶ। ସେମାନେ ୫ ଜିଲ୍ଲା ପାଇଁ ଥିଲେ ମୋଷ୍ଟ ୱାଣ୍ଟେଡ। ସେମାନଙ୍କ ଠାରୁ ୫୫୬ ଗ୍ରାମରୁ ଊର୍ଦ୍ଧ୍ୱ ବ୍ରାଉନ୍‌ସୁଗର ଜବତ କରାଯାଇଛି। ଜବତ ବ୍ରାଉନ୍ ସୁଗର ମୂଲ୍ୟ ହେଉଛି ୬୦ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଜଟଣୀ ଥାନା ହଇରାଜପୁର ଛକରେ ଏହି ନିଶା ମାଫିଆମାନେ ବ୍ରାଉନ୍ ସୁଗାର କରବାର ନେଇ ଡିଲ୍ କରୁଥିଲେ। ଏହି ସମୟରେ ଖବର ପାଇ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଟିମ୍ ଚଢଉ କରି ଜଣେ ମହିଳା ସମତେ ୨ଜଣଙ୍କୁ ଗିରଫ କରିଥିଲା। ଗାଡି ଯାଞ୍ଚ କରିବା ପରେ ସେମାନଙ୍କ ନିକଟରୁ ୫୫୬ ଗ୍ରାମର ବ୍ରାଉନ୍ ସୁଗର ଜବତ କରାଯାଇଥିଲା। ୨୦୨୩ ପରଠାରୁ ଚଳାଉଥିଲା ବ୍ରାଉନ ସୁଗାର କାରବାର। ତାର ୨ ସହଯୋଗୀ ରାଜେନ୍ଦ୍ର କୁମାର ସାହୁ, ଶିବ ପ୍ରସାଦ ଦାସ ନିମାପଡ଼ା ଅଞ୍ଚଳର ବୋଲି ଜଣାପଡ଼ିଛି। କଳା ସ୍କର୍ପିଓ ଓ ଧଳା ହେକ୍ଟର ଗାଡ଼ି ଜବତ କରିଛି ପୁଲିସ୍।

## ମୁଣ୍ଡୁଳି ବ୍ୟାରେଜ୍‌ରୁ ଡେଇଁ ଯୁବକ ନିଖୋଜ

- କୁଆଖାଇ ବ୍ରିଜ୍‌ରୁ ଡେଇଁଲେ ମହିଳା

ଭୁବନେଶ୍ୱର, ୧୭।୧୦(ସମିସ): ମୁଣ୍ଡୁଳି ବ୍ୟାରେଜ ଉପରେ ଗାଡି ରଖି ଜଣେ ଯୁବକ ଆଜି ମହାନଦୀକୁ ଡେଇଁ ପଡ଼ିଥିଲେ। ଏପର୍ଯ୍ୟନ୍ତ ତାଙ୍କର ପତ୍ତା ମିଳି ନ ଥିବା ବେଳେ ଆଜି ଅପରାହ୍ଣରେ ମଞ୍ଚେଶ୍ୱର ଥାନା କୁଆଖାଇ ନଦୀକୁ ଡେଇଁ ଜଣେ ମହିଳା ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସ୍ଥାନୀୟ ଲୋକ ଏବଂ ପୁଲିସର ତତ୍ପରତା ପାଇଁ ମହିଳା ଜଣଙ୍କ ନିହାତି ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଛନ୍ତି। ତାଙ୍କୁ ପୁଲିସ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ମହିଳାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ଥିବା ଡାକ୍ତର କହିଛନ୍ତି। ଆତ୍ମହତ୍ୟା ଉଦ୍ୟମ କରିଥିବା ମହିଳା ଜଣଙ୍କ ହେଲେ କଟକ, ନିଆଳି ଅଞ୍ଚଳର ସୂତାଞ୍ଜଳି ପରିଡ଼ା(୩୯)। ପୁଲିସ ଆତ୍ମହତ୍ୟା ଉଦ୍ୟମ ପଛର କାରଣ ପଚାରିଥିଲେ ମଧ୍ୟ ସେ କିଛିବି ପାଟି ଖୋଲିନଥିବା ପୁଲିସ କହିଛି।

ମହିଳାଙ୍କ ସ୍ୱାମୀ ପାର୍ଥସାରଥି ପରିଡ଼ା ରାଜ୍ୟ ବାହାରେ ରହି କାମ କରୁଥିବା ବେଳେ ମହିଳା ଜଣଙ୍କ ନିଆଳିରେ ଏକ ପାର୍ଲର କରି ପରିବାର ଚଳାନ୍ତି। ହେଲେ ଆଜି ମହିଳା ଜଣଙ୍କ କୌଣସି କାମ ପାଇଁ ଭୁବନେଶ୍ୱର ଆସିଥିଲେ। ସେ ଭୁବନେଶ୍ୱରରୁ କାମ ସାରି ସନ୍ଧ୍ୟା ୫ଟା ସମୟରେ ନିଜ ସ୍କୁଟିରେ ଘରକୁ ଫେରୁଥିଲେ। ହେଲେ କୁଆଖାଇ ବ୍ରିଜ୍ ଉପରେ ସ୍କୁଟି ରଖି କେହି କିଛି ଭାବିବା ପୂର୍ବରୁ ନଦୀକୁ ଡେଇଁ ପଡ଼ିଥିଲେ। କିନ୍ତୁ ସେଠାରେ ଥିବା ସ୍ଥାନୀୟ ଲୋକ ତୁରନ୍ତ ଦେଖି ମହିଳାଙ୍କୁ ଉଦ୍ଧାର କରିବା ପାଇଁ ପାଣିକୁ ଡେଇଁ ପଡ଼ିଥିଲେ। ଏହି ସମୟରେ ଖବର ପାଇ ପୁଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ଅଧିକ ତ୍ୱରାନିତ କରିଥିଲେ। ହେଲେ ମହିଳା ଜଣଙ୍କ ପାରିବାରିକ ସମସ୍ୟା ପାଇଁ ଏଭଳି ଭାବେ ଆତ୍ମହତ୍ୟା ଉଦ୍ୟମ କରିଥିବା ପୁଲିସ ତଦନ୍ତରୁ ଜାଣିବାକୁ ପାଇଛି।

## ଓଲଟିଲା ବାଉଁଶ ବୋଝେଇ ଅଟୋ

- ଚାପିହୋଇଗଲା ୨ ବାଇକ୍

ଧଉଳି, ୧୭।୧୦(ସମିସ): ଭୁବନେଶ୍ୱର-ପୁରୀ ପୁରାତନ ଜାତୀୟ ରାଜପଥ ଉତ୍ତରା ଛକ ନିକଟରେ ଏକ ବାଉଁଶ ବୋଝେଇ ଅଟୋ ଓଲଟି ପଡ଼ିବାରୁ ତଳେ ଚାପି ହୋଇ ୨ଟି ମୋଟର ସାଇକଲ ନଷ୍ଟ ହେବା ସହ ଚାଳକ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ଖବର ନେଲାବେଳେ ଜଣାପଡ଼ିଛି ଯେ ଆଜି ଅପରାହ୍ଣ ପ୍ରାୟ ସାଢ଼େ ୪ ଟାରେ ଉତ୍ତରା ପୁରୁଣା ରାସ୍ତାରୁ ଏକ ମାଲବାହୀ ଅଟୋ ବାଉଁଶ ନେଇ ପିପିଲି ଅଭିମୁଖେ ଯାଉଥିଲା। ପୁରୁଣା ରାସ୍ତାରୁ ନୂଆ ରାସ୍ତାକୁ ଆସିବା ବେଳେ ଭାରସାମ୍ୟ ହରାଇ ଅଟୋଟି ରାସ୍ତା ଉପରେ ଓଲଟି ପଡ଼ିଥିଲା। ଏହି ସମୟରେ ଅଟୋଟି ଓଲଟିବା ଦେଖି ଭୁବନେଶ୍ୱରରୁ ପୁରୀ ଯାଉଥିବା ୨ ଟି ମୋଟର ସାଇକଲ ଚାଳକ ଭୟଭୀତ ଅବସ୍ଥାରେ ଗାଡି ଛାଡି ଡେଇଁପଡ଼ିଥିଲେ। ଯାହା ଦ୍ୱାରା ଅଟୋ ତଳେ ୨ ମୋଟର ସାଇକଲ ଚାପି ହୋଇ ଭାଙ୍ଗି ଯାଇଥିବା ବେଳେ ଅଳ୍ପକେ ବର୍ତ୍ତି ଯାଇଥିଲେ ଚାଳକ। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଯାଇଥିଲା। ପରେ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିଛି।

## ମଝି ଓଭରବ୍ରିଜ୍ ଉପରେ ଓଲଟିଲା କାର୍, ୨ଗୁରୁତର

ଭୁବନେଶ୍ୱର, ୧୭।୧୦(ସମିସ): ସହିଦନଗର ଥାନା ବାଣୀବିହାର ଓଭରବ୍ରିଜ୍ ଉପରେ ଏକ କାର ଓଲଟି ପଡ଼ିବାରୁ କାରରେ ବସିଥିବା ଜଣେ ମହିଳା ଏବଂ ପୁରୁଷ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି କାରକୁ ଜବତ କରି ତଦନ୍ତ କରୁଛି। ସୂଚନା ଅନୁସାରେ, କାରଟି ରସୁଲଗଡ଼ରୁ ଆଚାର୍ଯ୍ୟବିହାର ଅଭିମୁଖେ ଯାଉଥିଲା। ହେଲେ କାରର ବେଗ ଅଧିକ ଥିବାରୁ ମହାରାଜା ଫିଲ୍ମ ହଲ୍ ସମ୍ମୁଖ ଓଭରବ୍ରିଜ୍ ଉପରେ ଭାରସ୍ୟାମ ହରାଇ ରୋଡ଼ ଡିଭାଇଡରରେ ମାଡ଼ ହୋଇ କାରଟି ଓଲଟି ପଡ଼ିଥିଲା। କାର ଭିତରେ ରହିଥିବା ମହିଳା ଏବଂ ପୁରୁଷ ଚାପି ହୋଇ ରହିଥିଲେ। ସେଠାରେ ଥିବା ଅନ୍ୟ ଗାଡି ଚାଳକ ସେମାନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ।

## ଘରୋଇ ସହାୟିକା ସମେତ ଦୁଇ ଗିରଫ

ଭୁବନେଶ୍ୱର, ୧୭।୧୦ (ସମିସ): ଘରୁ ସୁନାଗହଣା ଚୋରି କରିଥିବା ଅଭିଯୋଗରେ ଘରୋଇ ସହାୟିକାଙ୍କ ସମେତ ଦୁଇ ଜଣଙ୍କୁ ଗିରଫ କରିଛି ଇନଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଲେ ସାଲିଆ ସାହିର ସୁଜାତା ନାୟକ (୨୮) ଓ ଚନ୍ଦ୍ରଶେଖରପୁର ଅଞ୍ଚଳର ମାନସ କୁମାର ଚିନାରା (୩୦)।

ପୁଲିସ ସୂଚନା ଅନୁସାରେ, ସାଲିଆ ସାହିର ସୁଜାତା କିଟ୍ ରୋଡସ୍ଥିତ ଫାଲକନ ରେସିଡେନ୍ସିରେ ରହୁଥିବା ମିତା କାନୁନଗୋଙ୍କ ଘରେ ଦୁଇମାସ ହେବ ଘରୋଇ ସହାୟିକା ଭାବେ କାମ କରୁଥିଲେ। ମିତା ଗତ ୩ ତାରିଖ ଦିନ ନିଜ ସୁନା ଅଳଙ୍କାର ଓ ୨୦୦୦ ଟଙ୍କା ଭୁଲବଶତଃ ଶୋଇବା ଘର ଖଟ ଉପରେ ରଖିଦେଇ ଲକ୍ଷ୍ମୀରୋ ପଳାଇ ଯାଇଥିଲେ। ସୁଜାତା ଏହାର ସୁଯୋଗ ନେଇ ଖଟ ଉପରେ ଥିବା ୪ଟି ଛୋଟ ସୁନା କାନଫୁଲ, ହଳେ ସୁନା ଚୁଡ଼ି, ଗୋଟିଏ ସୁନା ଚେନ୍ ଓ ୨୦୦୦ ଟଙ୍କା ଚୋରି କରି ନେଇ ଯାଇଥିଲେ। ଲକ୍ଷ୍ମୀରୋରୁ ଫେରିବା ପରେ ସୁନା ଓ ଟଙ୍କା ଚୋରି ହୋଇଥିବା ମିତା ଜାଣିବାକୁ ପାଇଥିଲେ। ସୁଜାତାଙ୍କୁ ସନ୍ଦେହ କରି ଇନଫୋସିଟି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ସୁଜାତାକୁ କାବୁ କରିବା ସହ ତାଙ୍କ ହେପାଜତରୁ ଗୋଟିଏ ସୁନା ଚେନ୍, ପଟେ ସୁନା ଚୁଡ଼ି, ଦୁଇ ହଳ ଛୋଟ ସୁନା କାନଫୁଲ ଓ ୨, ୦୦୦ ଟଙ୍କା ଜବତ କରିଥିଲା। ସେ ପଟେ ସୁନା ଚୁଡିକୁ ୮୦ ହଜାର ଟଙ୍କାରେ ସୁନା ଦୋକାନୀ ମାନସକୁ ଓ ୨ ହଳ ଛୋଟ ସୁନା କାନଫୁଲକୁ ଇନ୍ଦ୍ରଧନୁ ମାର୍କେଟରେ ଥିବା ଏକ ସୁନା ଦୋକାନୀଙ୍କୁ ୬, ୦୦୦ ଟଙ୍କାରେ ବିକ୍ରି କରିଥିବା ପୁଲିସ ଆଗରେ ସ୍ୱୀକାର କରିଥିଲା। ସୂଚନା ପାଇବା ପରେ ପୁଲିସ ମାନସକୁ ଗିରଫ କରିବା ସହ ପଟେ ସୁନା ଚୁଡି ଜବତ କରିଥିଲା।

## ବିଡିଏ ଉପାଧ୍ୟକ୍ଷ ପଦ ସମ୍ଭାଳିଲେ ଚଞ୍ଚଳ ରାଣା



ଭୁବନେଶ୍ୱର, ୧୭।୧୦ (ସମିସ): ବିଡିଏର ୨୭ତମ ଉପାଧ୍ୟକ୍ଷ ଭାବେ ଶୁକ୍ରବାର ଚଞ୍ଚଳ ରାଣା ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ସେ ବିଡିଏର ଅଧିକାରୀମାନଙ୍କ ସହିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବା ପାଇଁ ଏକ ବୈଠକ କରିଥିଲେ। ଏହା ସହିତ ଆଗାମୀ ଦିନରେ ଭୁବନେଶ୍ୱରର ବିକାଶ ପ୍ରକ୍ରିୟାକୁ ନୂତନ ଦିଗନ୍ତ ପ୍ରଦାନ କରିବା ପାଇଁ କେଉଁ କ୍ଷେତ୍ରମାନଙ୍କୁ ବିଶେଷ ଗୁରୁତ୍ୱ ଦିଆଯିବ ସେ ବିଷୟରେ ମଧ୍ୟ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ବିଡିଏ କାର୍ଯ୍ୟାଳୟରେ ପଦଗ୍ରହଣ ପରେ ଶ୍ରୀ ରାଣା ଅଧିକାରୀମାନଙ୍କୁ କହିଛନ୍ତି ଯେ, ଭୁବନେଶ୍ୱରକୁ ଏକ ଆଧୁନିକ, ସ୍ମାର୍ଟ ଏବଂ ସ୍ୱଚ୍ଛ ସହରଭାବେ ଗଢ଼ିବା ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ପଡ଼ିବ। ଏହି ଅବସରରେ ସହରର ବିଭିନ୍ନ ଉନ୍ନୟନ ଯୋଜନାର ସମୀକ୍ଷା କରିବା ସହ ରାଜଧାନୀର ବିକାଶ କ୍ଷେତ୍ରମାନଙ୍କୁ ପ୍ରାଧାନ୍ୟ ଦେବା ଉପରେ ଜୋର ଦେଇଥିଲେ। ଅଧିକାରୀମାନେ ମଧ୍ୟ ଏହି ବୈଠକରେ ନିଜର ମତାମତ ରଖିଛନ୍ତି। ବୈଠକରେ ବିଡ଼ିଏ ସଚିବ ମାନସ ରଞ୍ଜନ ପାଢ଼ୀଙ୍କ ସହ ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅନୁଦାନପ୍ରାପ୍ତ କଲେଜ ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନ ଦାବି

ଭୁବନେଶ୍ୱର, ୧୭।୧୦(ସମିସ): ଅନୁଦାନପ୍ରାପ୍ତ ଓ ଅଣଅନୁଦାନପ୍ରାପ୍ତ କଲେଜରେ ୨୦୦୮ ରୁ ୨୦୨୫ ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନ ପ୍ରଦାନ କରିବା ପାଇଁ ଓଡ଼ିଶା ବେସରକାରୀ ଅଧ୍ୟାପକ ସଂଘ ଦାବି କରିଛି। ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀ କରି ସଂଘର ସଭାପତି ନରେନ୍ଦ୍ର ମହାଳିକ କହିଛନ୍ତି ଯେ, ଅଣ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସ୍ନାତକ ଏବଂ କମ୍ପୋଜିଟ୍ କଲେଜରେ ବହୁ ଅଧ୍ୟାପକ ୨୦୦୮ ରୁ ୨୦୨୫ ମଧ୍ୟରେ କଲେଜ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଛନ୍ତି। ସେମାନଙ୍କୁ ସମାନ କାମ ପାଇଁ ସମାନ ଦରମା ପ୍ରଦାନ କରାଯାଉ। ସେହିପରି ସରକାର ଏକ ନୂତନ ପଲିସି ଆଣି ସରକାରୀ ଅନୁଦାନ ଅନ୍ତର୍ଭୁକ୍ତ କରନ୍ତୁ ବୋଲି ସଂଘ ଦାବି କରିଛି। ଗତ ନଭେମ୍ବର ମାସରେ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ସ୍ୱଳ୍ପ ବେତନରେ ଏକ ଦଶନ୍ଧିରୁ ଅଧିକ ସମୟ ଧରି କାର୍ଯ୍ୟ କରୁଥିବା ଅଧ୍ୟାପକ ଅଧ୍ୟାପିକା ମାନେ ମାନସିକ ଯନ୍ତ୍ରଣା ପାଉଛନ୍ତି। ଏଣୁ ଅନୁଦାନ ପ୍ରଦାନ କରିବା ପାଇଁ ସରକାର ପଦକ୍ଷେପ ନେବାକୁ ସଂଘର ଉପସଭାପତି ଅଧ୍ୟାପିକା ସବିତା ବାରିକ, ସରୋଜ କୁମାର ଲେଙ୍କା, ମଧୁସ୍ମିତା ପାଣିଗ୍ରାହୀ ଓ କୋଷାଧ୍ୟକ୍ଷ ଶ୍ରୁତିରଞ୍ଜନ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।

## ୮ କଂସାବାସନ କାରିଗରଙ୍କୁ କାର୍ଯ୍ୟାଦେଶ



ବାଲିଅନ୍ତା, ୧୭।୧୦(ସମିସ): ପ୍ରତାପ ଶାସନ ପଞ୍ଚାୟତ ଅଧୀନ ରଥିଜେମା କଂସାରୀ ପରିବାର କାର୍ଯ୍ୟାଳୟରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ କଂସାବାସନ କର୍ମଶାଳା ନିର୍ମାଣ ନେଇ ଆଜି ୮ ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। କାରିଗର କର୍ମଶାଳା ଘର ନିର୍ମାଣ ନେଇ ବିଭାଗ ପକ୍ଷରୁ ୧ ଲକ୍ଷ ୨୦ ହଜାର ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ହସ୍ତଶିଳ୍ପ ବିକାଶ ଅଧିକାରୀ ଗୌରବ କୁମାର ସେନାପତି ଏବଂ କଂସାରୀ ପରିବାର ସଭାପତି ବୈଷ୍ଣବ ମହାରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ।

### ପଥରରେ ଛେଚି ହତ୍ୟା ଘଟଣା

## ମିଳିଲା ମୃତକଙ୍କ ପରିଚୟ; ଧରାପଡ଼ିଲା ଅଭିଯୁକ୍ତ



ରକ୍ତ ଭିଜା ସାର୍ଟ, ମୃତକଙ୍କ ମୋବାଇଲ ଜବତ

ଭୁବନେଶ୍ୱର, ୧୭।୧୦ (ସମିସ): ଚୁନୁକୋଳି ବସ୍ତି ନିକଟରେ ଶ୍ରମିକଙ୍କୁ ପଥରରେ ଛେଚି ହତ୍ୟା ଘଟଣାରୁ ପରଦା ହଟିଛି। ୪ ଦିନ ପରେ ମୃତକଙ୍କ ପରିଚୟ ମିଳିଥିବା ବେଳେ ଅଭିଯୁକ୍ତକୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ମୃତକ ହେଉଛନ୍ତି କେନ୍ଦୁଝର ଜିଲ୍ଲା ବାଂଶପାଳ ଥାନା କଡ଼ଖସଡ଼ା ଗାଁର ଅଜୁ ଓରଫ୍ ଅନାଦି ଦେହୁରୀ। ସେହିପରି ଏଭଳି କାଣ୍ଡ ଭିଆଇଥିବା ଭଞ୍ଜନଗର ଥାନା ଅଞ୍ଚଳର ଶଙ୍କର ନାୟକକୁ କାବୁ କରିଛି ପୁଲିସ।

ପୁଲିସ ସୂଚନା ମୁତାବକ, ଅନାଦି ନୀଳାଦ୍ରି ବିହାର ଅଞ୍ଚଳରେ ଶ୍ରମିକ ଭାବେ କାମ କରୁଥିବା ବେଳେ ଶଙ୍କର ସହ ଏକ ନିର୍ମାଣାଧୀନ କୋଠାରେ ରହୁଥିଲେ। ଶଙ୍କରର ବଡ଼ଭାଇ ପଞ୍ଚାନନ ଓ ପତ୍ନୀ ମଧ୍ୟ ସେହିଠାରେ ରହୁଥିଲେ। ଅନାଦି ବିଭିନ୍ନ ସମୟରେ ମଦ୍ୟପାନ କରି ଆସି ପଞ୍ଚାନନ ଓ ପତ୍ନୀଙ୍କ ସହିତ ଝଗଡ଼ା କରୁଥିଲା। ଭାଇ ଓ ଭାଉଜ ସହ ଅନାଦି ସବୁବେଳେ ଝଗଡ଼ା କରୁଥିବାରୁ ଶଙ୍କର ତାକୁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲା। ପୂର୍ବରୁ ଯୋଜନା ମୁତାବକ ଶଙ୍କର ଗତ ୧୩ ତାରିଖ ଦିନ ଅନାଦିଙ୍କୁ ମଦ୍ୟପାନ କରିବାକୁ ଡାକିଥିଲା। ଉଭୟ ମିଶି ଚୁନୁକୋଳି ବସ୍ତିକୁ ଯାଇ ସେଠାରେ ମଦ୍ୟପାନ କରିଥିଲେ। ଶଙ୍କର ଚତୁରତାର ସହ ଅନାଦିଙ୍କୁ ଅଧିକ ମଦ ପିଆଇଥିଲା। ରାତି ପ୍ରାୟ ସାଢେ ଦଶଟା ସମୟରେ ଉଭୟ ମିଶି ଫେରୁଥିଲେ। ଅନାଦି ଆଗେ ଆଗେ ଯାଉଥିବା ବେଳେ ଶଙ୍କର ପଛେ ପଛେ ଯାଉଥିଲା। ଗେଲ୍ ଇଣ୍ଡିଆ ନିକଟସ୍ଥ ନୂଆ ବକ୍ସ ଡ୍ରେନ ନିକଟରେ ନିଛାଟିଆ ସ୍ଥାନ ଦେଖି ଶଙ୍କର ଅଟକିଥିଲା। ରାସ୍ତାକଡ଼ରୁ ଏକ ପଥର ଉଠାଇ ଅନାଦିଙ୍କ ମୁଣ୍ଡକୁ ଛେଚି ଦେଇଥିଲା। ଅନାଦି ତଳେ ପଡ଼ିଯିବା ପରେ ଶଙ୍କର ଏକାଧିକ ଥର ତାଙ୍କ ମୁହଁକୁ ପଥରରେ ଛେଚି ଦେଇ ଘଟଣାସ୍ଥଳରୁ ଖସି ଯାଇଥିଲା। ଏହାପରେ ବଡ଼ ଭାଇ ପଞ୍ଚାନନ ଓ ସହକର୍ମୀ ଅରବିନ୍ଦଙ୍କୁ ଘଟଣା ବିଷୟରେ ଜଣାଇ ଚାଲି ଯାଇଥିଲା। ବରମୁଣ୍ଡା ବସଷ୍ଟାଣ୍ଡରୁ ବସ୍ ଯୋଗେ ନିଜ ଗାଁ ଭଞ୍ଜନଗର ପଳାଇଥିଲା। ଏପଟେ ସ୍ଥାନୀୟ କର୍ପୋରେଟର ଯଶୋଧାରା ପ୍ରଧାନଙ୍କ ଅଭିଯୋଗ କ୍ରମେ ଚନ୍ଦ୍ରଶେଖରପୁର ଥାନା ପୁଲିସ ହତ୍ୟା ମାମଲା ରୁଜୁ କରିଥିଲା। ସିସିଟିଭି କ୍ୟାମେରା ଫୁଟେଜ ଓ ପଚରାଉଚରା ପରେ ଶଙ୍କରର ସମ୍ପୃକ୍ତି ଥିବା ଜଣାପଡ଼ିଥିଲା। ଗତକାଲି ଗଞ୍ଜାମରେ ଚଢ଼ଉ କରି ଶଙ୍କରକୁ ଉଠାଇ ଆଣି ପଚରାଉଚରା କରିବା ପରେ ପୂରା ଘଟଣା ପଦାକୁ ଆସିଥିଲା। ଶଙ୍କର ନିକଟରୁ ମୃତ ଅନାଦିଙ୍କ ମୋବାଇଲ ଫୋନ ଓ ଘଟଣା ଦିନ ଶଙ୍କର ପିନ୍ଧିଥିବା ରକ୍ତଭିଜା ସାର୍ଟକୁ ଜବତ କରିଛି।

### ଆଗେଇଲା ଜୟଦେବ ବିହାର-ନନ୍ଦନକାନନ ବାମ ସମାନ୍ତରାଳ ରାସ୍ତା

## ସାଲିଆସାହିରୁ ହଟିଲା ଜବରଦଖଲ

ଦିନକରେ ସ୍ଥାନାନ୍ତରଣ ହେଲେ ୨୯ ପରିବାର

ଭୁବନେଶ୍ୱର, ୧୭।୧୦ (ସମିସ): ବିଡିଏ ଓ ବିଏମ୍‌ସି ମିଳିତ ସହଯୋଗରେ ସାଲିଆସାହି ଆଦିବାସୀ ଗାଁରୁ ବାମପାର୍ଶ୍ୱ ସମାନନ୍ତରଳ ରାସ୍ତା ପାଇଁ ଉଚ୍ଛେଦ କରାଯାଇଛି। ଏଠାରେ ରହୁଥିବା ଆଦିବାସୀ ଲୋକଙ୍କ ଘର ଭଙ୍ଗା ଯିବା ସହ ସେମାନଙ୍କୁ ବୁଦ୍ଧବିହାରସ୍ଥିତ ଆଫୋଡେବୁଲ ହାଉସିଂ ସ୍କିମ୍‌ରେ ଘର ପ୍ରଦାନ କରାଯାଇଛି। ଉତ୍ତର ଜୋନର ଡେପ୍ୟୁଟି କମିସନର ମନମୋହନ ନାୟକଙ୍କ ତତ୍ତ୍ୱାବଧାନରେ ସକାଳ ୮ଟାରୁ ସନ୍ଧ୍ୟା ୫ଟା ଯାଏ ଉଚ୍ଛେଦ ଜାରି ରହିଥିଲା। ଏଠାରେ ମୋଟ୍ ୫୩ ଘର ଭଙ୍ଗା ହେବାକୁ ଥିବା ବେଳେ ପ୍ରଥମ ଦିନରେ ୨୯ଟି ଘର ଭଙ୍ଗା ଯାଇଥିଲା। ବାକିଥିବା ଘର ଗୁଡିକ ଶନିବାର ଉଚ୍ଛେଦ କରାଯିବ। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଏକ ପ୍ଲାଟୁନ୍ ପୁଲିସ ଫୋର୍ସ ଓ ଗୋଟିଏ ସେକ୍ସନ ମହିଳା ପୁଲିସ ମୁତୟନ କରାଯାଇଥିଲା। ଉଚ୍ଛେଦ ସମୟରେ ବିଏମସିର ୩ ଜଣ ସହକାରୀ କମିସନର, ବିଡିଏ ଜେଇ ସିଦ୍ଧାର୍ଥ ବେହେରା, ଏନ୍‌ଫୋର୍ସମେଣ୍ଟ ଇନ୍ସପେକ୍ଟର ହରିହର ରାଉତ, ରଘୁନାଥ ବିଶ୍ୱାଳ, ରମେଶ ଚନ୍ଦ୍ର ବଳିଆରସିଂ, ରମେଶ ଚନ୍ଦ୍ର ମହାପାତ୍ର, ସୁକାନ୍ତ ବେହେରା, ଭାଗିରଥୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



### ଜଳାଶୟକୁ ନଷ୍ଟ ପାଇଁ ୱାଟ୍‌କୋର ଷଡ଼ଯନ୍ତ୍ର

## କେନାଲରେ ଛାଡ଼ିଦେଲେ ସ୍ୱେରେଜ୍ ପାଇପ୍

- ଲୋକଙ୍କ ବିରୋଧ ଯୋଗୁଁ ଲୁଚିଲୁଚି ପାଇପ ପକାଇଲେ ଠିକାଦାର
- ରାଜଧାନୀରେ ହଇଜା ବ୍ୟାପିବା ପଛରେ ସ୍ୱେରେଜ୍ ପାଣି

ଭୁବନେଶ୍ୱର, ୧୭।୧୦ (ସମିସ): ସହରର ଜଳାଶୟକୁ ନଷ୍ଟ କରିବାକୁ ୱାଟକୋ କାର୍ଯ୍ୟାଳୟରେ ଯୋଜନା ପ୍ରସ୍ତୁତ ହୋଇଛି। ଏହି ଯୋଜନା ମୁତାବକ ଜଳାଶୟରେ ସିଧାସଳଖ ସ୍ୱେରେଜ ପାଣି ଛଡାଯିବ। ଜରୁରିକାଳୀନ ପରିସ୍ଥିତି ଆଳରେ ଏଭଳି କରାଯିବାକୁ ନିଷ୍ପତ୍ତି ହୋଇଛି। ତଳସ୍ତରରେ ଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଉପରସ୍ତରରେ ବଡ ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଜଳାଶୟ ଧ୍ୱଂସକାରୀ ଏହି ଯୋଜନାରେ ସାମିଲ ହୋଇଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ଦୟା ୱେଷ୍ଟର ଶାଖା ଲିଙ୍ଗିପୁର କେନାଲକୁ ନିଆଯାଇଛି। ଏଠାକୁ ସିଧାସଳଖ ସ୍ୱେରେଜ ପାଣି କେନାଲକୁ ଛଡାଯିବ। ସଫଳ ହେଲେ ଆଗକୁ ଅନ୍ୟ ଜଳଶୟଗୁଡ଼ିକର ଅବସ୍ଥା ବିଗାଡିବ। ୱାଟକୋର ଏଭଳି ନିନ୍ଦନୀୟ କାମ ପାଇଁ ସ୍ଥାନୀୟ ଲୋକେ ବିରୋଧ କରିବାରୁ ୱାଟ୍‌କୋ ଅଧିକାରୀମାନେ ରାତିଅଧିଆ କେନାଲକୁ ସ୍ୱେରେଜ ଲାଇନ୍ ପାଇଛନ୍ତି।

ୱାର୍ଡ ନମ୍ବର ୫ସ୍ଥିତ କିସନ ନଗର ଅଞ୍ଚଳରେ ଦୟାୱେଷ୍ଟର ଶାଖା ଲିଙ୍ଗିପୁର କେନାଲ ପ୍ରବାହିତ ହେଉଛି। ଅପରିଷ୍କାର ପାଣି ଯୋଗୁଁ କେନାଲ ପ୍ରଦୂଷିତ ହୋଇଗଲାଣି। ଏଣୁ ସ୍ଥାନୀୟ ଅଞ୍ଚଳରେ ଅନେକ ସମୟରେ ଡେଙ୍ଗୁ, ମେଲେରିଆ ଭଳି ରୋଗ ହେଉଛି। କେନାଲ ଟିକୁ ସଫା କରିବାକୁ ସ୍ଥାନୀୟ ଲୋକେ ବିଭିନ୍ନ କାର୍ଯ୍ୟାଳୟ ସମେତ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ ପର୍ଯ୍ୟନ୍ତ ବୁଲିଆସିଲେଣି। କେନାଲକୁ ଅଳିଆ ନ ପକାଇବାକୁ ସଚେତନ କରାଇବା ସହ ଅବମାନନାକାରୀଙ୍କ ବିରୋଧରେ ଫାଇନ୍ ଆଦାୟ କରିବାକୁ ତତ୍‌କାଳୀନ ବିଏମ୍‌ସି କମିସନରଙ୍କୁ କିସନ ନଗର ଉନ୍ନୟନ ପରିଷଦ ପ୍ରସ୍ତାବ ଦେଇଥିଲା। ଏହାକୁ ସଫା ରଖିବାକୁ ସ୍ଥାନୀୟ ଲୋକ ପ୍ରାଣପଣେ ଚେଷ୍ଟା କରୁଥିଲା ବେଳେ ୱାଟ୍‌କୋର କାର୍ଯ୍ୟକାଳପ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଗୋଟିଏ ସପ୍ତାହ ପୂର୍ବେ କେନାଲରେ ସିଧାସଳଖ ସ୍ୱେରେଜ ଲାଇନ୍ ପକାଇବାକୁ ୱାଟକୋ ଅଧିକାରୀମାନେ ଆସିଥିଲେ। କିନ୍ତୁ ସ୍ଥାନୀୟ ଲୋକେ ଏହାକୁ ତୀବ୍ର ବିରୋଧ କରିଥିଲେ। କେନାଲକୁ ଅପରିଷ୍କାର କରିବାକୁ ଦିଆଯିବନି ବୋଲି କହିବାରୁ ଫେରି ଯାଇଥିଲେ। ଠିକ୍ ଗୋଟିଏ ଦିନ ପରେ ୱାଟକୋ ଅଧିକାରୀ ଠିକାଦାରଙ୍କୁ ଧରି ଲୁଚି ଲୁଚି ପାଇପ୍ ପକାଇ ଚାଲିଗଲେ। ଜରୁରିକାଳୀନ ପରିସ୍ଥିତି ପାଇଁ ଏଭଳି କରାଯାଇଛି ବୋଲି କୁହାଯାଇଥିଲା। ହେଲେ ଜରୁରୀକାଳୀନ ପରିସ୍ଥିତି ପାଇଁ ଉଦିଷ୍ଟ ବ୍ୟବସ୍ଥା ଅଧିକାଂଶ ସମୟରେ ନିୟମିତ ହୋଇଯାଏ ବୋଲି ଚିନ୍ତା ପ୍ରକଟ କରାଯାଇଛି। ଏସମ୍ପର୍କରେ ୱାଟକୋ ପ୍ରୋଜେକ୍ଟ ମ୍ୟାନେଜର ରାଜେନ୍ଦ୍ର କୁମାର ସେଠୀ କହିଛନ୍ତି କେନାଲରେ ପକାଯାଇଥିବା ପାଇପ୍ ଲାଇନ୍‌ରେ ଭଲଭ୍ ବ୍ୟବସ୍ଥା କରାଯାଇଛି। କେବଳ ଜରୁରୀକାଳୀନ ପରିସ୍ଥିତିରେ ଏହି ପାଇପ୍ ଲାଇନ୍‌କୁ ବ୍ୟବହାର କରାଯିବ।



ଜଳାଶୟ ତ ଦୂର କଥା ଓପନ ଡ୍ରେନ୍‌କୁ ବି ସ୍ୱେରେଜ ପାଣି ଛାଡିବା ବେଆଇନ୍। ଏଥିପାଇଁ କଳିଙ୍ଗ ବିହାର ଅଞ୍ଚଳରେ ହଇଜା ବ୍ୟାପିଥିଲା। ସ୍ୱେରେଜ ପାଣି ଛାଡ଼ିବା ଯୋଗୁଁ ରାଜଧାନୀର ଜଳାଶୟଗୁଡ଼ିକ ନଷ୍ଟ ହୋଇ ଗଲାଣି। କିଛିଦିନ ତଳେ ମଞ୍ଚେଶ୍ୱର ଶିଳ୍ପାଞ୍ଚଳର ଡ୍ରେନେଜ୍ ଏବଂ ସ୍ୱରେଜ ପାଣିକୁ ଇଡକୋ ପକ୍ଷରୁ ସିଧାସଳଖ ଦୟା ୱେଷ୍ଟ କେନାଲକୁ ଛଡାଗଲା। ସ୍ଥାନୀୟ ଲୋକେ ଏହାକୁ ନେଇ ପ୍ରଶ୍ନ କରିଥିଲେ। ସମସ୍ତ ଶିଳ୍ପ ପ୍ରତିଷ୍ଠାନ ଯେପରି ସ୍ୱରେଜ ପାଣିକୁ ଟ୍ରିଟ୍‌ମେଣ୍ଟ କରି ଛାଡିବେ ସେ ଦିଗରେ ଧ୍ୟାନ ଦିଆଯିବ ବୋଲି କୁହାଯାଇଥିଲେ। ଲୋକେ ଆଜି ନାଆଁ ଶିଳ୍ପ ଅନୁଷ୍ଠାନ ଧ୍ୟାନ ଦେଲେ। ନାଆଁ ଇଡକୋ ଡ୍ରେନ୍‌କୁ ସିଧାସଳଖ ପାଣି ଛାଡୁଥିବା ଅନୁଷ୍ଠାନ ବିରୋଧରେ ଇଡକୋ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା। କେବଳ ଜଳାଶୟ ବରବାଦ ହେଲା। ସେଠାରୁ ବାହାରୁ ଥିବା ଅପରିଷ୍କାର ପାଣି ଦୟା ୱେଷ୍ଟରେ ପ୍ରବାହିତ ହେଉଛି। ଗୋଟିଏ ପଟେ ଦୟା ୱେଷ୍ଟ ସଫା କରିବାକୁ ୩ଶହ କୋଟି ଖର୍ଚ୍ଚ କରିବାକୁ ଯୋଜନା କରାଯାଇଥିଲା ବେଳେ ଆଉ ଗୋଟିଏ ପଟେ ସରକାରୀ ବିଭଗ ଗୁଡ଼ିକର ଷଡଯନ୍ତ୍ର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

# ଟ୍ରକ୍ ଧକ୍କାରେ ଠିକାଦାର ମୃତ

ବ୍ରହ୍ମପୁର,୧୭ ।୧୦(ସମିସ):ଗୋପାଳପୁର ଥାନା ଅନ୍ତର୍ଗତ ପୁକୁଡ଼ିବନ୍ଧ ଛକ ନିକଟରେ ଶୁକ୍ରବାର ଅପରାହ୍ନ ସାଢେ ୩ଟାରେ ବ୍ରହ୍ମପୁର ଅଭିମୁଖେ ଫେରୁଥିବା ବେଳେ ପୁକୁଡ଼ିବନ୍ଧ ଛକ ନିକଟରେ ପଶ୍ଚିମବଙ୍ଗ ଠାରୁ କେରଳ ଅଭିମୁଖେ ଯାଉଥିବା ଏକ



ଏକ ଟ୍ରକ ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଛି । ମୃତକ ଜଣକ ହେଲେ ବ୍ରହ୍ମପୁର ଗୋଷାଣିନୂଆଗାଁ ବେଡାବନ୍ଧ ସାହିର ଚାଉଳ ବୋଝେଇ ଟ୍ରକ (ଡ଼ବ୍ଲୁ ବି ୪୧ କେ ୨୦୬୫) ତାଙ୍କୁ ଧକ୍କା ଦେବା ଫଳରେ ଘଟଣା ସ୍ଥଳରେ ହିଁ ପ୍ରମୋଦଙ୍କର ମୃତ୍ୟୁ ଘଟିଥିଲା । ସେହି ରାସ୍ତା

**ଡ୍ରାଇଭର ଓ ହେଲ୍‌ପର ଅଟକ**

**ଦୁର୍ଘଟଣାସ୍ଥଳରେ ସହଯୋଗ କଲେ ୨ ବିଧାୟକ**

ପ୍ରମୋଦ ପାତ୍ର(୫୦) । ସୂଚନା ଯୋଗ୍ୟ ଯେ, ଠିକାଦାର ପ୍ରମୋଦ ନିଜ ସ୍କୁଟି (ଓଡ଼ି ୦୭ ଏସ ୭୧୮୧) ଯୋଗେ କୌଣସି କାମରେ ଗୋବିନ୍ଦପୁର ଯାଇଥିଲେ । ଶୁକ୍ରବାର ଅପରାହ୍ନ ପ୍ରାୟ ୪ଟା ବେଳେ ସେ ଦେଇ ଯାଉଥିବା ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଓ ଛତ୍ରପୁର ବିଧାୟକ କୃଷ୍ଣ ନାୟକ ମୃତକଙ୍କୁ ଉଦ୍ଧାର କରି ମେଡ଼ିକାଲ ପଠାଇବା ସହ ଦୁର୍ଘଟଣା ଭିଆଇ ଫେରାର ହେବାକୁ ଉଦ୍ୟମ କରୁଥିବା ଟ୍ରକକୁ କାବୁ କରି ପୁଲିସକୁ ସହଯୋଗ କରିଥିଲେ । ଖବର ପାଇ ଗୋପାଳପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ସ୍କୁଟି ଓ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରିଥିଲା । ଟ୍ରକର ଡ୍ରାଇଭର ଓ ହେଲପର ଉଭୟଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରୁଥିବା ଜଣାପଡଛି ।

## ରେଳ ଧାରଣାରୁ ଡିଏଫ୍‌ଓଙ୍କ ଡ୍ରାଇଭରର ମୃତଦେହ ଉଦ୍ଧାର

ବ୍ରହ୍ମପୁର,୧୭ ।୧୦(ସମିସ): ଆଙ୍କୁଲି ଓଭରବ୍ରିଜ ନିକଟ ରେଳଧାରଣାରୁ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ(ଡିଏଫଓ)ଙ୍କ ଗାଡି ଚାଳକଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତକ ହେଲେ ଲାଞ୍ଜିପଲ୍ଲୀ ଇନ୍ଦିରା ନଗର ପ୍ରଥମ ଲାଇନ ନିବାସୀ ସନୋଜ କୁମାର ଶଙ୍ଖୁଆ(୩୨) । ଏ ନେଇ ସରକାରୀ ରେଳବାଇ ଥାନା(ଜିଆରପି)ରେ ଏକ ମାମଲା(୯୦/୨୫) ରୁଜୁ ହୋଇଥିବା ବେଳେ ପୁଲିସ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । କୌଣସି ଚଳନ୍ତା ଟ୍ରେନ ସମ୍ମୁଖକୁ ଚାଲି ଆସିବାରୁ ଟ୍ରେନ ଧକ୍କାରେ ତାଙ୍କର ମୃତ୍ୟୁ ହୋଇଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି । ଗୁରୁବାର ବିଳମ୍ବିତ ରାତିରେ ଆଙ୍କୁଲି ଓଭରବ୍ରିଜ ନିକଟରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡିଥିବା ଜିଆରପିକୁ ଖବର ମିଳିଥିଲା । ଘଟଣାସ୍ଥଳରେ ପୁଲିସ ପହଞ୍ଚି ମୃତକଙ୍କ ନିକଟରୁ ମିଳିଥିବା ପରିଚୟପତ୍ରରୁ ତାଙ୍କ ଠିକଣା ପାଇଥିଲା । ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ । ସନୋଜ ଅନେକ ବର୍ଷ ଧରି ଆଉଟସୋର୍ସିଂ ଭାବେ ଡିଏଫ୍‌ଓଙ୍କ ଗାଡି ଚାଳକ ଭାବେ କାର୍ଯ୍ୟ କରିବା ସହ ନିଜ ସହଯୋଗୀଙ୍କ ସହ ମିଶି ତହସିଲ ଅଫିସ ନିକଟରେ ଏକ ଫାଷ୍ଟଫୁଡ ଦୋକାନ କରିଥିଲେ । ଗୁରୁବାର ସନ୍ଧ୍ୟାରେ ସେ ଡିଏଫଓ କାର୍ଯ୍ୟାଳୟରେ ଡ୍ୟୁଟି ସାରି ଦୋକାନକୁ ଯାଇଥିଲେ । ହେଲେ ରାତିରେ ଘରକୁ ଫେରିନଥିଲେ । ବିଳମ୍ବ ହେବାରୁ ପରିବାର ଲୋକେ ଦୋକାନକୁ ଆସି ଖୋଜାଖୋଜି କରି ମଧ ତାଙ୍କ ପତ୍ତା ପାଇନଥିଲେ । ହେଲେ ବିଳମ୍ବିତ ରାତିରେ ରେଳଧାରଣାରେ ତାଙ୍କ ମୃତଦେହ ପଡିଥିଲା । ସନୋଜ କିଛିଦିନ ଧରି ମାନସିକ ଚାପରେ ରହିଥିବା ସୂଚନା ମିଳିଛି ।

**ପୀତବାସଙ୍କ ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି ସଭା**

# ଯୋଗଦେଲେ ମନ୍ତ୍ରୀ, ସାଂସଦ, ବିଧାୟକ ଓ ଆଇନଜୀବୀ

ବ୍ରହ୍ମପୁର,୧୭ ।୧୦(ସମିସ)



ବିଜେପି ନେତା ତଥା ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ପୀତବାସ ପଣ୍ଡାଙ୍କ ଦ୍ୱାଦଶାହ କାର୍ଯ୍ୟକ୍ରମ ବ୍ରହ୍ମପୁର ହଳଦିଆପଦର ସ୍ଥିତ ଏକ ଘରୋଇ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉଚ୍ଚଶିକ୍ଷା ମନ୍ତ୍ରୀ ସୁରଜ୍ ସୂର୍ଯ୍ୟବଂଶୀଙ୍କ ସମେତ ଆସିକା ସାଂସଦ ଅନିତା ଶୁଭଦର୍ଶନୀ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ଦିଗପହଣ୍ଡି ବିଧାୟକ ଡଃ ସିଦ୍ଧାନ୍ତ ମହାପାତ୍ର, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଆସିକା ବିଧାୟକ ସରୋଜ ପାଢୀ, ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ଆଇନଜୀବୀ ପରିଷଦ ଅଧକ୍ଷ ସୀତାଂଶୁ ଦ୍ୱିବେଦୀ ଓ ବରିଷ୍ଠ ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀଙ୍କ ସମେତ ବନ୍ଧୁ, ପରିବାର ବର୍ଗ, ଆଇନଜୀବୀ, ବିଜେପି ନେତା ଓ କର୍ମୀ ଯୋଗ ଦେଇଥିଲେ । ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା । ପୀତବାସ ନିର୍ଭୀକ ଭାବେ ଉଭୟ ଜନସାଧାରଣ ଓ ଆଇନଜଜୀବୀଙ୍କ ସମସ୍ୟା ପାଇଁ ଲଢୁଥିଲେ । ଯେଉଁମାନେ ତାଙ୍କ ହତ୍ୟା ଭଳି କୁକର୍ମରେ ଲିପ୍ତ ଅଛନ୍ତି ସେମାନଙ୍କୁ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଆଇନମନ୍ତ୍ରୀ କହିଥିଲେ ।

- ଅପରାଧୀଙ୍କୁ ଧରିବାକୁ ସରକାର ସମସ୍ତ ଚେଷ୍ଟା କରୁଛନ୍ତି: ଆଇନ ମନ୍ତ୍ରୀ
- ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆ ପକ୍ଷରୁ ୫ଲକ୍ଷ ଟଙ୍କା ସହାୟତା

ହତ୍ୟା ଷଡ଼ଯନ୍ତ୍ରରେ ଯେଉଁମାନେ ସାମିଲ ଅଛନ୍ତି କାହାରିକୁ ଛଡ଼ା ଯିବନାହିଁ । ହତ୍ୟା ଘଟଣାର ତଦନ୍ତ ନେଇ କ୍ରାଇମ୍‌ବ୍ରାଞ୍ଚ ସହ ଆଲୋଚନା ହୋଇଛି । ଅଭିଯୁକ୍ତଙ୍କୁ ଧରିବାକୁ ସରକାରଙ୍କ ପକ୍ଷରୁ ସବୁ ଉଦ୍ୟମ ଜାରି ରହିଛି । ପରିବାର ବର୍ଗଙ୍କୁ ଭଗବାନ ସାହସ ଦିଅନ୍ତୁ ବୋଲି ମନ୍ତ୍ରୀ କହିଥିଲେ । ଅନ୍ୟପକ୍ଷରେ ମନ୍ତ୍ରୀ, ସାଂସଦ ଓ ବିଧାୟକମାନେ ସ୍ୱର୍ଗତ ପୀତବାସ ପଣ୍ଡାଙ୍କ ପରିବାର ସଦସ୍ୟଙ୍କ ସହ ଆଲୋଚନା କରିଥିଲେ । ଶେଷରେ ବିଜେପି ନେତା କାହ୍ନୁଚରଣ ପତି ଧନ୍ୟବାଦ ଅର୍ପଣ କରିଥିଲେ । ସ୍ୱର୍ଗତ ଶ୍ରୀ ପଣ୍ଡାଙ୍କୁ ବାର୍ କାଉନସିଲ ଅଫ ଇଣ୍ଡିଆ ପକ୍ଷରୁ ୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି । କାଉନ୍‌ସିଲର ସଦସ୍ୟ ଆଇନଜୀବୀ ଭକ୍ତ ଭୂଷଣ ବାରିକ ଶୁକ୍ରବାର ଏହି ସହାୟତା ରାଶି ସ୍ୱର୍ଗତ ଶ୍ରୀ ପଣ୍ଡାଙ୍କ ପରିବାର ସଦସ୍ୟଙ୍କୁ ପ୍ରଦାନ କରିଥିଲେ ।

## ଓଡ଼ିଆ ଭାଷା ଆନ୍ଦୋଳନର ନୂତନ କର୍ମକର୍ତ୍ତା ଚୟନ

ବ୍ରହ୍ମପୁର,୧୭ ।୧୦(ସମିସ): ବଡ଼ଖେମୁଣ୍ଡି ଭଣ୍ଡାରୀ ସାହି କାର୍ଯ୍ୟାଳୟରେ ଓଡ଼ିଆ ଭାଷା ଆନ୍ଦୋଳନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠାତା ସଭାପତି ତ୍ରିନାଥ ମହାରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ସର୍ବସମ୍ମତି କ୍ରମେ ସଭାପତି ଭାବେ ସୀମାଞ୍ଚଳ ପତିଙ୍କୁ ଚୟନ କରାଯାଇଥିବା ବେଳେ ସମ୍ପାଦକ ରୂପେ ଶିକ୍ଷାବିତ୍ ହରେକୃଷ୍ଣ ପଣ୍ଡା, ସଂଯୋଜକ ଭିକାରୀ ଚରଣ ଗୌଡ଼ ଓ କାର୍ଯ୍ୟକାରୀ ସଦସ୍ୟ ଭାବେ ସର୍ବଶ୍ରୀ ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ପ୍ରଶାନ୍ତ କୁମାର ଶତପଥି, ଦୀପ୍ତି



ଶଙ୍କର ପଟ୍ଟନାୟକ ଓ ଅଶୋକ ଦଳାଇ ମନୋନୀତ ହୋଇଥିଲେ । ଆସନ୍ତା ଦୁଇବର୍ଷ ପର୍ଯ୍ୟନ୍ତ ନବ ନିର୍ବାଚିତ କର୍ମମର୍ତ୍ତାମାନେ ଓଡ଼ିଆ ଭାଷାର ବିକାଶ ପାଇଁ କାର୍ଯ୍ୟ କରିବେ । ଶେଷରେ ଭିକାରି ଚରଣ ଗୌଡ଼ ଧନ୍ୟବାଦ ଜଣାଇଥିଲେ ।

## ଘରୁ ମୋବାଇଲ ଓ ଟଙ୍କା ଚୋରି

ବ୍ରହ୍ମପୁର,୧୭ ।୧୦(ସମିସ): ବଡ଼ବଜାର ଥାନା ଅଞ୍ଚଳର ଜଣେ ମହିଳାଙ୍କ ଘରୁ ମୋବାଇଲ ଫୋନ ଓ ନଗଦ ଟଙ୍କା ଚୋରି ହୋଇଯାଇଛି । ଏ ନେଇ ମହିଳା ଜଣକ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ଫାଷ୍ଟ ଗେଟ ପାଣିଗ୍ରାହୀ ନଗର ନିବାସୀ ସୁନିତା ସାହୁ ଗତ ୧୫ତାରିଖ ସକାଳୁ ଉଠି ତାଙ୍କ ଘର କବାଟ ଭାଙ୍ଗିଥିବା ଦେଖିବାକୁ ପାଇଥିଲେ । କେହି ଦୃର୍ବୃତ୍ତ ତାଙ୍କ କବାଟ ଭାଙ୍ଗି ଘରେ ପଶି ୩ଟି ମୋବାଇଲ ଓ ନଗଦ ୧୦ହଜାର ଟଙ୍କା ଚୋରି କରି ନେଇଥିବା ସୁନିତା ଜାଣି ଥାନରେ ଲିଖିତ ଅଭିଯୋଗ କରିଥିଲେ ।

## ଜିଲ୍ଲାସ୍ତରୀୟ କଳା ଉତ୍ସବ-୨୦୨୫



ବ୍ରହ୍ମପୁର,୧୭ ।୧୦(ସମିସ): ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ମେଡ଼ିକାଲ କ୍ୟାମ୍ପସ ଠାରେ ଜିଲ୍ଲା ସମଗ୍ର ଶିକ୍ଷା ପ୍ରକଳ୍ପ ପକ୍ଷରୁ ଜିଲ୍ଲାସ୍ତରୀୟ କଳା ଉତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି । ସରୋଜ ମୋହନ ପାଳଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ. ପ୍ରଭାତି କୁମାରୀ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଏସ. ଧନଞ୍ଜୟ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ରାମଚନ୍ଦ୍ର ମହାରଣା, ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା, ଏବିଇଓ ଜଗନ୍ନାଥ ଭୂୟାଁ, ବାଳକୃଷ୍ଣ ପାତ୍ର, ଭିଭି ଗିରି ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଚାନ୍ଦିନୀ ପଣ୍ଡା ଓ ପ୍ରାକ୍ତନ ଜିଲ୍ଲା ସଂସ୍କୃତି ଅଧିକାରୀ ରବିନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ହୋଇଥିଲେ । ଅତିଥିମାନେ କଳା ଉତ୍ସବର ଲକ୍ଷ୍ୟ ଓ ବିଦ୍ୟାର୍ଥୀଙ୍କ ଜୀବନରେ କଳାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ସମଗ୍ର ଜିଲ୍ଲାରୁ ୧୩୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ସୁନାମଧନ୍ୟ ବ୍ୟକ୍ତିବିଶେଷ ବିଚାରକ ଭାବେ ପ୍ରତିଯୋଗୀଙ୍କ ପ୍ରଦର୍ଶନକୁ ମୂଲ୍ୟାଙ୍କନ କରିଥିଲେ । କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରଥିବା ପ୍ରତିଯୋଗୀ ଜୋନସ୍ତରୀୟ କଳା ଉତ୍ସବ ପାଇଁ ମନୋନୀତ ହୋଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କମଳ କୁମାରୀ ପଟ୍ଟନାୟକ, ନିତ୍ୟାନନ୍ଦ ଦାଶ, ବିଜୟ କୁମାର ପାଢ଼ୀ ଓ ବିପିନ ବିହାରୀ ପାଠୀଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

# ନାବାଳିକାକୁ ଅପହରଣ ଅଭିଯୋଗ; ଯୁବକ ଗିରଫ

ବ୍ରହ୍ମପୁର,୧୭ ।୧୦(ସମିସ): ନାବାଳିକା ଅପହରଣ ଅଭିଯୋଗରେ ଗୋଷାଣିନୂଆଗାଁ ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଯୁବକ ହେଲେ ଟାଉନ ଥାନା ଅନ୍ତର୍ଗତ ଭବାନୀ ନଗର ପ୍ରଥମ ଲାଇନ୍ ନିବାସୀ ସମୀର କୁମାର ବେହେରା(୨୪) ବୋଲି ତଦନ୍ତ ଅଧିକାରୀ ରଶ୍ମିତା ସାମଲ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଗତ ଅଗଷ୍ଟ ୨ରେ ଗୋଷାଣିନୂଆଗାଁ ଥାନା ଅଞ୍ଚଳରେ ଜଣେ ୧୬ବର୍ଷୀୟ ନାବାଳିକା ସ୍କୁଲରୁ ଘରକୁ ଫେରିନଥିଲେ । ୩ ତାରିଖରେ ପରିବାର



ପକ୍ଷରୁ ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ତଦନ୍ତ ବେଳେ ନିଖୋଜ ନାବାଳିକା ଜଣକ ସମୀର ବେହେରା ନାମକ ଜଣେ ଯୁବକଙ୍କ ନିକଟରେ ରହିଥିବା ପୁଲିସ ଜାଣିପାରିଥିଲା । ସମୀର ଓ ନାବାଳିକାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଝଗଡ଼ା ପରେ ନାବାଳିକା ଜଣକ ମୁମ୍ବାଇରେ ଥିବା ନେଇ ତାଙ୍କ ପରିବାର ଲୋକକୁ ଜଣାଇଥିଲେ । ପରିବାର ଲୋକେ ଝିଅ ଠାରୁ ଖବର ପାଇ ମୁମ୍ବାଇରୁ ଝିଅକୁ ଉଦ୍ଧାର କରି ବ୍ରହ୍ମପୁର ଆଣି ଥାନାରେ ପହଞ୍ଚିଥିଲେ । ଥାନାରେ ପୁଲିସ ନାବାଳିକାଙ୍କ ବୟାନ ରେକର୍ଡ କରିଥିଲା । ସେଠାରେ ସମୀର ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ପୁଲିସ ତଦନ୍ତ ବେଳେ ଜଣାପଡ଼ିଥିଲା । ପରେ ଅଭିଯୁକ୍ତକୁ ଧରିବାକୁ ପୁଲିସ ଚଢ଼ାଉ ଜାରି ରଖିଥିବା ବେଳେ ଗୁରୁବାର ଅଭିଯୁକ୍ତ ସମୀର ନିଜ ଘରକୁ ଫେରିଥିବା ନେଇ ଖବର ପାଇ ଗିରଫ କରିଥିଲା । ଶୁକ୍ରବାର ଅଭିଯୁକ୍ତ ସମୀରକୁ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ କହିଛନ୍ତି ।

## ୨୩୪ଜଣକୁ ମିଳିଛି ବାଣ ଲାଇସେନ୍ସ

ଛତ୍ରପୁର,୧୭।୧୦(ସମିସ): ଦୀପାବଳିରେ ବାଣ ବିକିବାକୁ ଛତ୍ରପୁର ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ୪୩୮ ଟି ଆବେଦନ ହୋଇଥିବାବେଳେ ସେମାନେ କିପରି ଅନୁମତି ପାଇବେ ସେନେଇ ସଂଧାରେ କାର୍ଯ୍ୟାଳୟ ନିକଟରେ ଭିଡ଼ ଜମୁଛି । ପ୍ରଥମ ଦିନରେ ୨୮ ଜଣକୁ ଅନୁମତି ମିଳିଥିବା ବେଳେ ଦ୍ୱିତୀୟ ଦିନରେ ୧୬୭ ଜଣକୁ ଏବଂ ତୃତୀୟ ଦିନରେ ୩୯ ଜଣଙ୍କୁ ଅନୁମତି ପ୍ରଦାନ କରାଯାଇଛି । ଶୁକ୍ରବାର ସୁଦ୍ଧା ମୋଟ ୨୩୪ ଜଣକୁ ଅନୁମତି ଦିଆଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ସରକାରଙ୍କ ଯେଉଁ ଗାଇଡ୍‌ଲାଇନ୍ ରହିଛି ସେହି ଅନୁସାରେ ବିକ୍ରି କରିବାକୁ ବ୍ୟବସାୟୀମାନଙ୍କୁ କୁହାଯାଇଛି । ଅସ୍ଥାୟୀ ଭାବେ ଜନଗହଳିରୁ ୫୦ ମିଟର ଦୂର ଏବଂ ଦୋକାନକୁ ଦୋକାନ ୪ ମିଟର ଦୂରତା ରଖିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି । ଯେଉଁ ସ୍ଥାନ ପାଇଁ ନେଇଛନ୍ତି ସେଠାରେ ହିଁ ବିକ୍ରି କରିବେ ଯଦି ନିୟମ ବିରୁଦ୍ଧରେ ଦୋକାନ ଖୋଲିବେ ସିଜ୍ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଡ.ପ୍ରମୋଦ କୁମାର ପୃଷ୍ଟି କହିଛନ୍ତି । ଦୋକାନରେ ଅଗ୍ନିନିରାପତା ବ୍ୟବସ୍ଥା ସହ ସବୁଜ ବାଣ ବିକ୍ରି ପାଇଁ ଅନୁମତି ଦିଆଯାଇଛି । ଅଗ୍ନିଶମ ବିଭାଗ, ତହସିଲଦାର ଓ ପୁଲିସ ଯେଉଁସବୁ ସ୍ଥାନରେ ବାଣ ବିକ୍ରି ହେଉଛି ସେଠାରେ ଅନୁମତି ଅଛି କି ନାହିଁ ତଦାରଖ କରିବେ । ଯଦି ନିୟମ ଉଲ୍ଲଂଘନ ହୋଇଥିବା ଦେଖିବେ ତୁରନ୍ତ ସିଜ୍ କରାଯିବ ।







୧୭/୧୦/୨୦୨୫ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୮୪,୮୧୪/- ସୁନା: ୦୪.୨୦୦ ଗ୍ରାମ୍ ରୁପା: ୦୧.୦୦୦ ଗ୍ରାମ୍





## ଜଗନ୍ନାଥଙ୍କ ଶ୍ୱଶୁର ଘରେ ପାଳନ ହେବ ମକର ମହୋତ୍ସବ



ପୁରୀ,୧୭।୧୦(ସମିସ): ଚକ୍ରତୀର୍ଥ ନିକଟ ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ଶ୍ରୀକ୍ଷେତ୍ର ମକର ମହୋତ୍ସବ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥ ସଂସ୍କୃତିର ପର୍ବ ମକରକୁ ପ୍ରତିଟି ଓଡ଼ିଆଙ୍କ ପାଖରେ ପହଞ୍ଚାଇବା ଓ ଏହାର ଆରମ୍ଭ ମହାପ୍ରଭୁଙ୍କ ଶ୍ୱଶୁର ଘରଠାରୁ ଆରମ୍ଭ ହେଉଥିବା ସମୟରେ ଏହାକୁ କିପରି ଶାନ୍ତି ଶୃଙ୍ଖଳାର ସହ ସମାପନ କରିବା ତାହା ହେଉଛି କମିଟି ମୂଳ ଲକ୍ଷ୍ୟ। ତେବେ ଶୁକ୍ରବାର ପ୍ରଥମ ପର୍ଯ୍ୟାୟ ଆଲୋଚନାରେ ୭ଟି କମିଟି ଗଠନ କରାଯିବା ସହ କାର୍ଯ୍ୟକ୍ରମର ରୋଡ୍‌ମ୍ୟାପ ପ୍ରସ୍ତୁତ କରାଯାଇଛି। ଏଥିରେ ଅତିଥି ଭାବେ ମଧୁସୂଦନ ସିଙ୍ଗାରୀ, ଦିଗ୍‌ଦର୍ଶନ ପଟ୍ଟନାୟକ, ଉମାକାନ୍ତ ନାୟକ, ସଞ୍ଜୀବ କୁମାର ମୁଖାର୍ଜୀ, ଅନିରୁଦ୍ଧ ରାଉତ, କୃଷ୍ଣଚନ୍ଦ୍ର ଦାଶ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ବର୍ଷ ଜାନୁଆରୀ ୧୬ ତାରିଖରୁ ଆରମ୍ଭ ହୋଇ ପାଞ୍ଚଦିନ ପର୍ଯ୍ୟନ୍ତ ଚାଲିବ ବୋଲି କର୍ମକର୍ତ୍ତାମାନେ ସ୍ଥିର କରିଛନ୍ତି। ବୈଠକକୁ ତାଳବଣିଆ ଉନ୍ନୟନ ପରିଷଦର କର୍ମକର୍ତ୍ତା ସିଉ ଜମାଟ ରାଓ, ରାଜେଶ କୁମାର ନନ୍ଦ, ସୁଜିତ ପଟ୍ଟନାୟକ, ବିସ୍ମୟ ମିଶ୍ର, ଶିବ ପ୍ରସାଦ ମହାନ୍ତି, ବିଶୁଦ୍ଧାନନ୍ଦ ଜେନା ଓ ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

### ଅନ୍‌ଲାଇନରେ ମହାପ୍ରସାଦ ବିକ୍ରି

# ସାଇବର ଥାନାରେ ଏତଲା ଦେଲା ଶ୍ରୀମନ୍ଦିର ପ୍ରଶାସନ

ପୁରୀ, ୧୭।୧୦ (ସମିସ): ଅନ୍‌ଲାଇନରେ ମହାପ୍ରଭୁଙ୍କ ମହାପ୍ରସାଦ ବିକ୍ରି ହେଉଛି। ଯଦିଓ ଏହା ଅନଲାଇନରେ ବିକ୍ରି ବେଆଇନ ତଥାପି ଏଥିରେ ବ୍ରେକ୍ ଲାଗିପାରୁ ନାହିଁ। ବାରମ୍ବାର ଏଭଳି ଅଭିଯୋଗ ଆସୁଛି। ନିକଟରେ ଏକ ଫୁଡ ଡେଲିଭରୀ ସଂସ୍ଥା ଅନ୍‌ଲାଇନରେ ମହାପ୍ରସାଦ ବିକ୍ରି ପାଇଁ ବିଜ୍ଞାପନ ଦେବା ଘଟଣା ସାମ୍ନାକୁ ଆସିବା ପରେ କଡା ଆଭିମୁଖ୍ୟ ଗ୍ରହଣ କରିଛି ଶ୍ରୀମନ୍ଦିର ପ୍ରଶାସନ। ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଇବର ଥାନାରେ ଏତଲା ଦେଇଛି। ଅଭିଯୋଗ ପାଇବା ପରେ ତଦନ୍ତ ଆରମ୍ଭ ହୋଇଥିବା କହିଛନ୍ତି ଏସ୍‌ପି ପ୍ରତୀକ ସିଂ।

ମହାପ୍ରଭୁଙ୍କ ପ୍ରତି ବିଶ୍ୱବ୍ୟାପୀ ଭକ୍ତଙ୍କ ଗଭୀର ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସ ରହିଛି। ବିଭିନ୍ନ ସମୟରେ ଭକ୍ତଙ୍କ ଭାବାବେଗର ଫାଇଦା ଉଠାଇଛନ୍ତି ଅନେକ ବ୍ୟକ୍ତି। ସେମାନେ ମହାପ୍ରଭୁଙ୍କ ନାଁ ଯୋଡି ବ୍ୟକ୍ତିଗତ ଭାବେ ଲାଭବାନ ହେଉଥିବା ଅନେକ ନଜିର ରହିଛି। ବିଭିନ୍ନ ଅନ୍‌ଲାଇନ ଶପିଂ କମ୍ପାନୀ ମହାପ୍ରସାଦ, ଶୁଖିଲି ଭୋଗ, ନୀଳଚକ୍ରବାନା ଆଦି ବିକ୍ରି କରିବା ଲାଗି ବିଜ୍ଞାପନ ଦେଉଛନ୍ତି। ବିଶେଷକରି ମହାପ୍ରସାଦ ନାଁରେ ମୁନାଫା କମାଇବାର ମାଧ୍ୟମ ସାଜିଛି ଏବେ ଅନ୍‌ଲାଇନ୍। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜେଲ୍ ଦଣ୍ଡର ଭୟ ଦେଖାଯାଇଛି। ସେବାୟତମାନେ କଡା ଭାଷାରେ ନିନ୍ଦା କରିଛନ୍ତି। ତଥାପି ଅନଲାଇନ୍‌ରେ ମହାପ୍ରସାଦ ନାଁରେ ବ୍ୟବସାୟ କରିବାର ମୋହ ଭଙ୍ଗ ହୋଇନାହିଁ। ଗତ ୧୫ ତାରିଖରେ ଅନ୍‌ଲାଇନରେ ମହାପ୍ରସାଦ ବିକ୍ରି ଘଟଣା ସାମ୍ନାକୁ ଆସିଥିଲା। ଏକ ଫୁଡ ଡେଲିଭରି ସଂସ୍ଥା ମହାପ୍ରସାଦ ବିକ୍ରି କରିବା ଲାଗି ଏକ ଭିଡ଼ିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇଥିଲା। ଏଥିରେ ଅନ୍ନ ପ୍ରସାଦ ମୂଲ୍ୟ ସୂଚିତ କରାଯାଇଥିଲା। କାର୍ତ୍ତିକ ମାସ ପାଇଁ ବିଶେଷ ରିହାତି ରହିଛି, ଯାହାର ମୂଲ୍ୟ ୪୯ ଟଙ୍କା ଦର୍ଶାଯାଇଥିଲା। ଯଦିଓ ମହାପ୍ରସାଦ ନ କହି ଅନ୍ନପ୍ରସାଦ ଲେଖା ରହିଛି କିନ୍ତୁ ଶ୍ରୀମନ୍ଦିର ଅବଢା ଏବଂ କୁଡୁଆ ଭଳି ଚିତ୍ର ରହିଛି। ଜଗନ୍ନାଥ ମନ୍ଦିର ଅନ୍ନପ୍ରସାଦ ସହିତ ମା' ତାରିଣୀ ଅନ୍ନପ୍ରସାଦ, ପ୍ରସାଦମ୍ ଟେମ୍ପଲ ଅନ୍ନପ୍ରସାଦ ଓ ବାବା ଆଖଣ୍ଡଳମଣି ଅନ୍ନପ୍ରସାଦ ଡେଲିଭରୀ ପାଇଁ ବ୍ୟବସ୍ଥା ରହିଥିବା ଦର୍ଶାଯାଇଥିଲା। ତେବେ ଅନ୍‌ଲାଇନରେ ଏଭଳି କୌଣସି ବ୍ୟବସାୟ ଶ୍ରୀମନ୍ଦିର ନିୟମ ବିରୋଧୀ। ତୁରନ୍ତ ମନ୍ଦିର ପ୍ରଶାସନ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେବାୟତ ଦାବି କରିଥିଲେ।

ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସାଇବର ଥାନାରେ ଅଭିଯୋଗ କରାଯାଇଛି। ବେଆଇନ ଭାବେ ଅନ୍‌ଲାଇନରେ ମହାପ୍ରସାଦ ବିକ୍ରି ଘଟଣାରେ ସଂପୃକ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ଏତଲାକୁ ପୁଲିସ ଗ୍ରହଣ କରି ତଦନ୍ତ ଆରମ୍ଭ କରିଛି। ଏସ୍‌ପି କହିଛନ୍ତି, 'ଶ୍ରୀମନ୍ଦିର ମହାପ୍ରସାଦକୁ ବେଆଇନ ଭାବେ ଅନ୍‌ଲାଇନରେ ବିକ୍ରି ଘଟଣାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅଭିଯୋଗ ଆସିବା ପରେ ଏ ନେଇ ଏତଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଯିଏ ଦୋଷୀ ବାହାରିବ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ'।

ସୂଚନାଥାଉ କି, ମହାପ୍ରସାଦର ଗାରିମା, ମର୍ଯ୍ୟାଦା ଓ ପବିତ୍ରତା ରକ୍ଷା ପାଇଁ ୨୦୧୮ ମସିହାରେ ଶ୍ରୀମନ୍ଦିର ପ୍ରଶାସନ ମହାପ୍ରସାଦକୁ ଅନ୍‌ଲାଇନରେ ଡେଲିଭରି ଉପରେ କଟକଣା ଲଗାଇଥିଲା। ଏଭଳି ବେଆଇନ କାର୍ଯ୍ୟ କରୁଥିବା ସଂସ୍ଥା ଓ ବ୍ୟକ୍ତି ବିଶେଷଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ପୁଲିସକୁ ଅବଗତ କରାଯିବା ସହ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ନିଜ ୱେବ୍ ସାଇଟରେ ସୂଚନା ପ୍ରଦାନ କରିଥିଲା। ହେଲେ ଏବେ ବି ଅନ୍‌ଲାଇନରେ ଅନେକ ମାଳ ମାଳ ୱେବସାଇଟ୍ ରହିଛି, ଯେଉଁମାନେ ଅନ୍‌ଲାଇନରେ ଶ୍ରୀମନ୍ଦିର ମହାପ୍ରସାଦ ଅର୍ଡରେ ନେଇ ଘରେ ପହଞ୍ଚାଇ ଦେବେ ବୋଲି ବିଜ୍ଞାପନ କରିଛନ୍ତି। ହେଲେ ଏମାନଙ୍କ ବିରୋଧରେ କାହିଁକି ଥାନାରେ ଏତଲା ଦିଆଯାଉ ନାହିଁ ବୋଲି ପ୍ରଶ୍ନ ଉଠାଇଛନ୍ତି ଜଗନ୍ନାଥପ୍ରେମୀ ଭକ୍ତ ଓ ସେବାୟତ। ସେମାନେ କହିଛନ୍ତି, ଅନ୍‌ଲାଇନରେ ମହାପ୍ରସାଦକୁ ଯେଭଳି ବେଆଇନ ଭାବେ ବିକ୍ରି ହେଉଛି, ତାହା ରୋକିବାକୁ ହେଲେ ସରକାର କଠୋର ଆଇନ ଆଣନ୍ତୁ। ସେହିପରି ଶ୍ରୀମନ୍ଦିରର ପ୍ରଚଳିତ ଆଇନରେ ପରିବର୍ତ୍ତନ ଅଣାଯାଉ।

### ବିଳମ୍ବ ହେଉଛି ଆର୍‌ଓବି ନିର୍ମାଣ

## ଚଲାପଥ ଦୟନୀୟ, ସ୍ଥାନୀୟବାସୀଙ୍କ ଉଦ୍‌ବେଗ

ପୁରୀ,୧୭।୧୦(ସମିସ): ମାଟିଆପଡାଠାରେ ନିର୍ମାଣାଧୀନ ରେଳ ଓଭର୍ ବ୍ରିଜ (ଆର୍‌ଓବି) ନିର୍ମାଣ ବିଳମ୍ବ ହେଉଛି। ଉଭୟ ପାର୍ଶ୍ୱ ଚଲାପଥ ରାସ୍ତା ଅବସ୍ଥା ନ କହିଲେ ଭଲ। ଖାଲ ଖମାରେ ଦୈନିକ ହଜାର ହଜାର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିୟମ ଅନୁସାରେ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ପୂର୍ବରୁ ଲୋକଙ୍କ ଚଲା ପଥ ରାସ୍ତା ସଠିକ୍ ହେବା ଦରକାର। ମାତ୍ର ଏଠାରେ ଜାତୀୟ ରାଜପଥ କର୍ମକର୍ତ୍ତାଙ୍କ ଖାମଖିଆଲି ମନୋଭାବ ଯୋଗୁ ଲୋକେ ହନ୍ତସନ୍ତ ହେଉଛନ୍ତି ଖାଲି ନୁହେଁ, ଆଘାତପ୍ରାପ୍ତ ମଧ୍ୟ ହେଉଛନ୍ତ। ଜାତୀୟ ରାଜପଥ କର୍ମକର୍ତ୍ତାଙ୍କ ଏତାଦୃଶ କାର୍ଯ୍ୟ ବିରୋଧରେ ରାଜପଥ ଉପଖଣ୍ଡ ଅଧିକାରୀଙ୍କୁ ଗଣ ସ୍ୱାକ୍ଷର ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରା ଯାଇଛି। ଉକ୍ତ ଦାବିପତ୍ରରେ ସର୍ବଶ୍ରୀ ସୁରେନ୍ଦ୍ର ତପସ୍ୱୀ, ସୀତାକାନ୍ତ ମହାନ୍ତି, ପ୍ରକାଶ ମହାନ୍ତି, ବୈଷ୍ଣବ ବେହେରା, ସନ୍ତୋଷ ମହାନ୍ତି, ବାବୁଲା ବେହେରା, ମିଟୁ ଜେନା, ଶୁଭାଶିଷ ରାଉତରାୟ, ବୈକୁଣ୍ଠ ମହାରଣା, ହରିହର ନାୟକ ପ୍ରମୁଖ ସ୍ୱାକ୍ଷର କରିବା ସହିତ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ଯୁଦ୍ଧ କାଳୀନ ଭିତ୍ତିରେ ସର୍ଭିସ୍ ରୋଡ (ଚଲା ପଥ ରାସ୍ତା) ନିର୍ମାଣ କରିବାକୁ ଦାବି କରିଛନ୍ତି ବୋଲି ଜୀବନ ଜୀବିକା ଓ ପରିବେଶ ସୁରକ୍ଷା ଅଭିଯାନର ଆବାହକ ସୁରେନ୍ଦ୍ର ତପସ୍ୱୀ ଜଣାଇଛନ୍ତି।

## ଅଗ୍ନିପଥ ଯୋଜନା ପାଇଁ ନିଯୁକ୍ତି ରାଲି

ପୁରୀ,୧୭।୧୦(ସମିସ)

ପୁରୀ ଜିଲ୍ଲା ସମେତ କେନ୍ଦ୍ରାଞ୍ଚଳ ରାଜସ୍ୱ ଅନ୍ତର୍ଗତ ଅନ୍ୟାନ୍ୟ ଜିଲ୍ଲାଗୁଡିକ ପାଇଁ ଅଗ୍ନିପଥ ଯୋଜନା ଅଧିନରେ ସଂକ୍ଷିପ୍ତ ତାଲିକାଭୁକ୍ତ ପ୍ରାର୍ଥୀଙ୍କ ନିଯୁକ୍ତି ରାଲି ଅନୁଷ୍ଠିତ ହେବ। ଏହି ନିଯୁକ୍ତି ରାଲି ଭୁବନେଶ୍ୱର ସୈନିକ ସ୍କୁଲରେ ଆସନ୍ତା ୨୨ ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ରିକ୍ରୁଟମେଣ୍ଟ ଡାଇରେକ୍ଟର କଲୋନେଲ ପିଏସ୍ ପ୍ରସନ୍ନ ସୂଚନା ଦେଇଛନ୍ତି। ନିଯୁକ୍ତି ରାଲି ସମୟରେ ଅନଲାଇନ କମନ ଏଣ୍ଟ୍ରାନ୍ସ ପରୀକ୍ଷାର ସଂକ୍ଷିପ୍ତ ତାଲିକାଭୁକ୍ତ ପ୍ରାର୍ଥୀମାନଙ୍କୁ ଶାରିରୀକ ସୁସ୍ଥତା ପରୀକ୍ଷା ଏବଂ ଡାକ୍ତରୀ ପରୀକ୍ଷା ପାଇଁ ଡକାଯାଇଛି। ପ୍ରାର୍ଥୀଙ୍କ ପ୍ରବେଶ ପତ୍ର ପୂର୍ବରୁ ସେମାନଙ୍କ ପଞ୍ଜିକୃତ ଇମେଲ୍ ଆଇଡିକୁ ପଠାଯାଇଛି। www.joinindianarmy.nic.inରେ ପ୍ରୋଫାଇଲରେ ଲଗ୍ ଇନ କରି ସେମାନେ ନିଯୁକ୍ତି ରାଲି ପାଇଁ ପ୍ରବେଶପତ୍ର ଡାଉନଲୋଡ୍ କରିପାରିବେ। ନିଯୁକ୍ତି ପ୍ରକ୍ରିୟା ସମୟରେ ପ୍ରାର୍ଥୀମାନଙ୍କୁ ସେମାନଙ୍କ ମୂଳ କାଗଜପତ୍ର କୌଣସି ବ୍ୟକ୍ତିଙ୍କୁ ହସ୍ତାନ୍ତର ନ କରିବାକୁ ପରାମର୍ଶ ଦିଆଯାଇଛି, ଯାହାଦ୍ୱାରା ସେମାନେ ଟାଉଟ୍ ବା ଏଜେଣ୍ଟଙ୍କ ଘୃଣ୍ୟ କାର୍ଯ୍ୟ କଳାପର ଶିକାର ନ ହୁଅନ୍ତି। ଏପରି କୌଣସି ଘଟଣା ଘଟିଲେ ତୁରନ୍ତ ସ୍ଥାନୀୟ ପୁଲିସ ଏବଂ କଟକର ସେନା ନିଯୁକ୍ତି କାର୍ଯ୍ୟାଳୟର ନିଯୁକ୍ତି କର୍ମଚାରୀଙ୍କୁ ରିପୋର୍ଟ କରାଯିବା ପାଇଁ କୁହାଯାଇଛି। ସ୍ଥାନୀୟ ପୁଲିସ ଏବଂ ସିଭିଲ ପ୍ରଶାସନ ମାଧ୍ୟମରେ ନିଯୁକ୍ତି ରାଲି ସମୟରେ ଏପରି ଟାଉଟ୍ ବା ଏଜେଣ୍ଟ ଏବଂ ଅପବ୍ୟବହାରକୁ ଗିରଫ କରିବା ପାଇଁ କଠୋର ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଶ୍ରୀ ପ୍ରସନ୍ନ ସୂଚନା ଦେବା ସହ କୌଣସି ପ୍ରଶ୍ନ ପାଇଁ ପ୍ରାର୍ଥୀ ମାନେ କଟକ ସେନା ନିଯୁକ୍ତି କାର୍ଯ୍ୟାଳୟ ସହ ୦୬୭୧୨୩୦୫୨୮୦, ୯୪୩୭୧୬୨୨୮୦ରେ ଯୋଗାଯୋଗ କରିପାରିବେ ବୋଲି ଅବଗତ କରାଇଛନ୍ତି।

## ନିଶାରେ ମା'କୁ ମାଡ଼ ମାରି ପୁଅ ଗିରଫ

ପୁରୀ,୧୭।୧୦(ସମିସ): ନିଶାସକ୍ତ ଅବସ୍ଥାରେ ଆସି ଘରେ ପଶିବାକୁ ଉଦ୍ୟମ କରୁଥିଲେ। ମା' ବାରଣ କରିବାରୁ ସାଙ୍ଗ ସହ ମିଶି ମା'କୁ ମାଡ଼ ମାରିଥିଲେ। ଏହି ଘଟଣାରେ ବଳିଆପଣ୍ଡା ଥାନା ପୁଲିସ ପୁଅ ଏବଂ ତାଙ୍କ ସାଙ୍ଗକୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବଳିଆପଣ୍ଡା ଥାନା ଧବଳେଶ୍ୱର ନଗରରେ ରହୁଥିବ ଗୁଜୁରାଟ ସୁରଟର ନିରଜ ଗୁପ୍ତା ଏବଂ ବିହାର ଶରନର ଶ୍ୟାମ କିଶୋର ସିଂ। ଅଭିଯୋଗ ଅନୁଯାୟୀ, ନିରଜ ଏବଂ ତାଙ୍କ ସାଙ୍ଗ ଶ୍ୟାମ ଗୁରୁବାର ରାତି ପ୍ରାୟ ସାଢେ ୧ଟାରେ ଚେନ୍ନାଇରୁ ଆସି ଧବଳେଶ୍ୱର ନଗରସ୍ଥିତ ତାଙ୍କ ଘରେ ପହଞ୍ଚିଥିଲେ। ଦୁହେଁ ନିଶାସକ୍ତ ଅବସ୍ଥାରେ ଆସିଥିବା ଦେଖି ନିରଜଙ୍କ ମା' ସୁଲୋଚନା ଗୁପ୍ତା ସେମାନଙ୍କୁ ଘରେ ପୁରାଇବାକୁ ବାରଣ କରିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ନିରଜ ଏବଂ ତାଙ୍କ ସାଙ୍ଗ ଶ୍ୟାମ ସୁଲୋଚନାକୁ ମାଡ଼ କରିଥିବା ସୁଲୋଚନା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଉଭୟଙ୍କୁ ଗିରଫ କରିବା ସହ ସେମାନେ ଆସିଥିବା କାର୍‌କୁ ମଧ୍ୟ ଜବତ କରିଛି। ଉଭୟଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି।

## ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ ଓ ଲୋକନୃତ୍ୟ ପ୍ରତିଯୋଗିତା

ପୁରୀ,୧୭।୧୦(ସମିସ): ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ର ପରିସରରେ ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ ଓ ଲୋକନୃତ୍ୟ ପ୍ରତିଯୋଗିତା ହୋଇଯାଇଛି। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଶ୍ରୀକୁମାର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ୧୧ଟି ବ୍ଲକରୁ ୧୮ଟି ଦଳ ଭାଗ ନେଇଥିଲେ। ଡିଆଇଇଟି ଅଧକ୍ଷ ସନ୍ତୋଷ ପରିଡ଼ା, ଉପାଧକ୍ଷା ଦେବସ୍ମିତା ମହାପାତ୍ର ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀରେ ମୁଖ୍ୟଅତିଥି ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବା ସହ ସଚେତନତା ସୃଷ୍ଟି ଏବଂ ସମାଜକୁ ବୈଜ୍ଞାନିକ ଦୃଷ୍ଟିକୋଣାଭିମୁଖୀ କରିବାରେ ବିଜ୍ଞାନ ନାଟକ ଓ ଲୋକନୃତ୍ୟ ଏକ ବଳିଷ୍ଠ ମାଧ୍ୟମ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦ୍ୱିତିକାନ୍ତ ପ୍ରଧାନ ଓ ଭବମ୍ ପ୍ରଧାନ ଅତିଥି ଭାବେ ଯୋଗଦେଇଥିଲେ।

ବିଜ୍ଞାନ ନାଟକ ପ୍ରତିଯୋଗିତାରେ ପିଏମ୍‌ଶ୍ରୀ ବିଶ୍ୱମ୍ଭର ବିଦ୍ୟାପୀଠ ପୁରୀ ପ୍ରଥମ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗୋବିନ୍ଦପୁର ଦ୍ୱିତୀୟ, ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ବ୍ରହ୍ମଗିରି ତୃତୀୟ ଏବଂ ଲୋକନୃତ୍ୟ ପ୍ରତିଯୋଗିତାରେ ସୁଖଲତା ସ୍ମୃତି ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ ପୁରୀ ପ୍ରଥମ, ସିରେଇ ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କଣାସ ଦ୍ୱିତୀୟ, ପୁରୀ ଜିଲ୍ଲା ସ୍କୁଲ ପୁରୀ ତୃତୀୟ ସ୍ଥାନ ହାସଲ କରିଥିଲେ। ବିଚାରକ ଭାବେ ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟର ଶିକ୍ଷକ ବିକାଶ ଦତ୍ତ, ଭରତ କୁମାର ନାୟକ ଓ ଅନୁପ କୁମାର ଷଡଙ୍ଗୀ କାର୍ଯ୍ୟ ତୁଲାଇଥିଲେ। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ଉମାକାନ୍ତ ମିଶ୍ର। ବିନୟ ଭୂଷଣ ବେହେରା, ନରେନ୍ଦ୍ର ପ୍ରଧାନ, ଆୟନ୍ ଚକ୍ରବର୍ତ୍ତୀ, ନିରଞ୍ଜନ ସେଠୀ, ହିରଣ୍ୟ ସେଠୀ ସଭା କାର୍ଯ୍ୟରେ ସହଯୋଗ କରିଥିଲେ। ଶେଷରେ ବିଜ୍ଞାନ ନିରୀକ୍ଷକ ଶ୍ରୀକୁମାର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

### ୨ ବାଇକ୍ ଲୁଟେରା ଗିରଫ, ୫ ଗାଡି ଜବତ

ପୁରୀ, ୧୭।୧୦ (ସମିସ): ସମୁଦ୍ରକୂଳ ଥାନା ପୁଲିସ ବାଇକ୍ ଲୁଟେରା ଗ୍ୟାଙ୍ଗକୁ ଠାବ କରି ସେମାନଙ୍କଠାରୁ ୫ଟି ଗାଡି ଜବତ କରି ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ସଦର ଥାନା ଅଞ୍ଚଳର ଅଭୟ ଭୋଇ ଏବଂ ରାମଚଣ୍ଡୀ ଥାନା ବାଁବରଡାର ପ୍ରକାଶ ବାରିକ। ଗତ ସେପ୍ଟେମ୍ବର ୨୫ ତାରିଖରେ ପେଣ୍ଟକଟା ପେଟ୍ରୋଲ ପମ୍ପ ଛକ ନିକଟରୁ ଏକ ସ୍କୁଟି ଚୋରି ହୋଇଥିଲା। ଏ ନେଇ ଅଭିଯୋଗକାରୀ ଥାନାରେ ଅଭିଯୋଗ କରିଥିଲେ। ସମୁଦ୍ରକୂଳ ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ସମ୍ପୃକ୍ତ ବାଇକ୍ ଲୁଟେରା ଗ୍ୟାଙ୍ଗ ସମ୍ପର୍କରେ ସୁରାକ୍ ପାଇଥିଲା। ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିବା ପରେ ସେମାନଙ୍କଠାରୁ ୫ଟି ଗାଡି ଜବତ କରାଯାଇଥିଲା।

### ୫୦୦ ଗ୍ରାମ ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

ପୁରୀ, ୧୭।୧୦ (ସମିସ): ଜିଲ୍ଲାକୁ ଅପରାଧ ଏବଂ ବେଆଇନ ନିଶା କାରବାରମୁକ୍ତ କରିବା ପାଇଁ ପୁଲିସ ପକ୍ଷରୁ ଚାଲିଛି ଅପରେଶନ ଚକ୍ର। ଏହା ଅଧୀନରେ ମାଦକବିରୋଧୀ ଅଭିଯାନ ମଧ୍ୟ ଜାରି ରହିଛି। ପୁଲିସ ୫୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଗୋପୀନାଥପୁରର ମନୋଜ କୁମାର ମହାପାତ୍ର। ଏ ନେଇ ଥାନାରେ ଏକ ମାମଲା (ନଂ.୬୩୦/୨୫) ରୁଜୁ କରାଯାଇଛି। ଅଭିଯୁକ୍ତ ନିକଟରୁ ଗଞ୍ଜେଇ ସମେତ ଗୋଟିଏ ମୋବାଇଲ ଫୋନ ଏବଂ ୧,୬୩୦ ଟଙ୍କା ମଧ୍ୟ ଜବତ କରାଯାଇଛି।











# ଆଦିବାସୀ ଅଳଙ୍କାର ପାଇଁ ଆଧୁନିକ ଯୁବତୀଙ୍କ ଭିଡ଼

ଭୁବନେଶ୍ୱର, ୧୭ ।୧୦(ସମିସ): ନିଜକୁ ସୁନ୍ଦର କରି ସାଜସଜ୍ଜା କରିବା ପାଇଁ ଲୋକମାନେ ବର୍ତ୍ତମାନ ନୂତନ ଧାରା ଆପଣାଉଛନ୍ତି। ଏପରିକ୍ଷେତ୍ରରେ ମହିଳାମାନେ ନିଜକୁ ଏବେ ପାରମ୍ପରିକ ଆଦିବାସୀ

- ଚାହିଦାରେ ପଇସା ମୁଦି, ପଇସା ହାର, ଗୁଆଣ୍ଠି
- ଅଳଙ୍କାର ବ୍ୟବସାୟୀଙ୍କୁ ଅଭାବ କଞ୍ଚାମାଲ୍




ଅଳଙ୍କାରରେ ନିଜକୁ ସଜ୍ଜିତ କରିବାକୁ ପସନ୍ଦ କରୁଛନ୍ତି। ଯେଉଁଥିପାଇଁ କି ଭୁବନେଶ୍ୱର ଆଦିବାସୀ ମେଳା ପରିସରରେ କ୍ରମେ ଆଦିବାସୀ ଅଳଙ୍କାର ବିକ୍ରି ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ଯୁବପିଢ଼ିମାନେ ଆଦିବାସୀ ଅଳଙ୍କାର କିଣିବା ପାଇଁ ଭିଡ଼ ଜମାଉଛନ୍ତି।

ରାଜଧାନୀରେ ଚାଲିଥିବା ଆଦିବାସୀ ମେଳାରେ ରାଜ୍ୟର ବିଭିନ୍ନ ସମ୍ପ୍ରଦାୟ ଆଦିବାସୀଙ୍କର ପୋଷାକ, ଅଳଙ୍କାର, ସହିତ ଘରକରଣା ସାମଗ୍ରୀ ଓ ଅନ୍ୟ ଖାଦ୍ୟ ପଦାର୍ଥ ବିକ୍ରି ହେଉଛି। ମହିଳାମାନେ ଘରକରଣା ସାମଗ୍ରୀକୁ ଅଧିକ ପସନ୍ଦ କରୁଥିବା ବେଳେ ଯୁବପିଢ଼ିଙ୍କ ପସନ୍ଦରେ ରହିଛି ଆଦିବାସୀ ଅଳଙ୍କାର। ରାଜଧାନୀର ସହରୀ ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଆଦିବାସୀ ପ୍ରବାଣ କନ୍ଧମାଳ, କୋରାପୁଟ, କଳାହାଣ୍ଡି ଆଦି ଜିଲ୍ଲାରୁ ୧୦ରୁ ଅଧିକ ଷ୍ଟଲରେ ଆଦିବାସୀ ଅଳଙ୍କାର ବିକ୍ରି ହେଉଛି। ଏସବୁ ୫୦ ଟଙ୍କାରୁ ଆରମ୍ଭ ହୋଇ ୧୫ ଶହ ଟଙ୍କାରେ ବିକ୍ରି ହେଉଛି। ପଇସା ହାର, ପଇସା କଡ୍ଡୁ, ଢ଼ଙ୍କି, ଦଣ୍ଡା, ଗୁଆଣ୍ଠି, ହାତକଡ଼ା, ଗୋଡ଼ କଡ଼ା, କମରପଟି, ଚିପ ମାଳି, ମୋଟା ସୂତା, ସରୁ ସୂତା, କଡ଼ି ଚାଙ୍ଗଡ଼ି ଆଦି ଅଳଙ୍କାରଙ୍କୁ ସମସ୍ତେ ପସନ୍ଦ କରୁଛନ୍ତି। ଏହି ସବୁ ଅଳଙ୍କାର ଆଲୁମିନିୟମ୍, ରସ, ଲୁହା, ତମ୍ବା, ପିତ୍ତଳ ଆଦିରେ ତିଆରି କରାଯାଇଛି। ଏବେ ଆଦିବାସୀ ମହିଳାମାନେ ଘରେ ବସି ଏସବୁ ଅଳଙ୍କାର ତିଆରି କରିପାରୁଛନ୍ତି। ଅନେକ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ଏସବୁ ଅଳଙ୍କାର ତିଆରି କରୁଥିବା ଜଣାପଡ଼ିଛି।

ଆଦିବାସୀ ଅଳଙ୍କାର ତିଆରି କରୁଥିବା ବ୍ୟବସାୟୀମାନେ ବର୍ଷକୁ ୫୦ରୁ ୬୦ ହଜାର ଟଙ୍କାର କଞ୍ଚାମାଲ୍ କିଣିଥାନ୍ତି। ପିତ୍ତଳ ପାଇଁ ପୁରୀ, ଭୁବନେଶ୍ୱର ଉପରେ ନିର୍ଭର କରୁଥିବା ବେଳେ ରସ ପାଇଁ କଟକ ଉପରେ ନିର୍ଭର କରୁଛନ୍ତି। ଏହିପରି ମଧ୍ୟ ଅନ୍ୟ କଞ୍ଚାମାଲ ପାଇଁ ନିଜ ଅଞ୍ଚଳର ବ୍ୟବସାୟୀଙ୍କଠାରୁ କିଣି ଆଣି ଅଳଙ୍କାର ତିଆରି କରିଥାନ୍ତି। କମର ପଟି ୧୧ଶହ ଟଙ୍କା ରହିଥିବା ବେଳେ ବଡ଼ କଡ଼ା ୧୫ଶହ ଟଙ୍କା, ଛୋଟ କଡ଼ା ୫୦୦ଶହ ଟଙ୍କା ରହିଛି। ଏହିପରି ମୋଟା ସୂତା ୧୫ଶହ ଟଙ୍କାରୁ ୭ଶହଟଙ୍କା ପର୍ଯ୍ୟନ୍ତ ରହିଛି। ଦଣ୍ଡା ୫୦ ଟଙ୍କା, ପଇସା ମୁଦି ୧୦୦ ଟଙ୍କା, ପଇସା ହାର ୧ହଜାର ଟଙ୍କା ରହିଛି। ଗୁଆଣ୍ଠି ମଧ୍ୟ ୫ଶହ ଟଙ୍କା ରହିଛି। ଏହି ସବୁ ଅଳଙ୍କାରକୁ ତିଆରି କରିବା ପାଇଁ ଗୋଟେ ଦିନ ସମୟ ଲାଗିଥାଏ। ସମସ୍ତେ ପଇସା ମୁଦି, ହାର, ଗୁଆଣ୍ଠି, ଦଣ୍ଡାକୁ ଅଧିକ ପସନ୍ଦ କରୁଛନ୍ତି। ଅଳଙ୍କାର ତିଆରି କରିବା ପାଇଁ କଞ୍ଚାମାଲର ବହୁତ ଅଭାବ ରହୁଛି। ଏଥିପାଇଁ ଅନେକ ସମୟରେ ଅଳଙ୍କାର ତିଆରି କରିବା ସମ୍ଭବ ହୁଏନାହିଁ। ଏଥିପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି କୋରାପୁଟରୁ ଆସିଥିବା ଅଦିବାସୀ ଅଳଙ୍କାର ବ୍ୟବସାୟୀ ବୃନ୍ଦାବନ ମାଝି କହିଛନ୍ତି।

## ଜାତୀୟ ସିପିଆର ସପ୍ତାହ ଉଦ୍‌ଯାପିତ୍

ଭୁବନେଶ୍ୱର, ୧୭।୧୦(ସମିସ): ସିପିଆର ଫାଉଣ୍ଡେସନ ଓଡ଼ିଶା ଆନୁକୂଲ୍ୟରେ ଖୋର୍ଦ୍ଧା ଜିଲ୍ଲା ଭାରତୀୟ ସେଣ୍ଟ ଜନ ଆମ୍ବୁଲାନ୍ସ, ତ୍ରିଧା ଆମ୍ବୁଲାନ୍ସ, ଟେମ୍ପଲ ସିଟି ଆମ୍ବୁଲାନ୍ସ, ମାତୃକୃପା ଆମ୍ବୁଲାନ୍ସ, ଏକାମ୍ର ଆମ୍ବୁଲାନ୍ସ, ମହର୍ଷି ମହାବିଦ୍ୟାଳୟ ଆମ୍ବୁଲାନ୍ସ, ଏଜି ଆମ୍ବୁଲାନ୍ସ ସହଯୋଗରେ ଗତ ୧୩ ରୁ ୧୭ ତାରିଖ ପ୍ରଯ୍ୟନ୍ତ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ବାଇଷ୍ଟାଣ୍ଡର ସିପିଆର ଉପରେ ଜନ ସଚେତନତା ସୃଷ୍ଟି ପାଇଁ ପ୍ରାୟୋଜିତ ହୋଇଥିବା ଜାତୀୟ ସିପିଆର ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ଏହି ସପ୍ତାହ ପାଳନ ଅବସରରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ସିପିଆର ଶପଥ ପାଠ, ପୋଷ୍ଟର ଓ କୁଇଜ ପ୍ରତିଯୋଗିତା, ସିପିଆର ତାଲିମ ପ୍ରଦାନ କରାଯାଇଥିଲା। ଏହି ସପ୍ତାହ ପାଳନ ଅବସରରେ ରମାଦେବୀ ବିଶ୍ୱବିଦ୍ୟାଳୟ, ମହର୍ଷି ମହାବିଦ୍ୟାଳୟ, ସରସ୍ୱତୀ ଜ୍ଞାନ ମନ୍ଦିର, ବିଭିନ୍ନ ଆବାସିକ କଲୋନୀର ମହିଳା ଓ ସାଧାରଣ ଜନତାଙ୍କୁ ସିପିଆର ତାଲିମ ପ୍ରଦାନ କରାଯାଇଥିଲା। ଆଜି ଏଜି କାର୍ଯ୍ୟାଳୟ ଠାରେ ଆୟୋଜିତ କର୍ମଶାଳାରେ ଏସସିବି ମେଡିକାଲ କଲେଜର ପ୍ରାଧାପିକ ଡା ଦୀପକ ରଞ୍ଜନ ଦାସ ଯୋଗ ଦେଇ ହୃଦଘାତ ପୀଡିତଙ୍କ ଜୀବନ ରକ୍ଷାରେ ସିପିଆର ର ଭୂମିକା, କାର୍ଯ୍ୟ ପଦ୍ଧତି, ତାଲିମ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସିପିଆର ଫାଉଣ୍ଡେସନର ସଭାପତି ଡ ସତ୍ୟଜିତ ସାହୁ, ସମ୍ପାଦକ ଡ. ଅଭିପ୍ସା ବଳ, ସୁଶାନ୍ତ କୁମାର ପଟ୍ଟନାୟକ, ଡ଼ ନମିତା ପଟ୍ଟନାୟକ, ଡ. ଯଶୋବନ୍ତ ନାରାୟଣ ଜେନା, ଡ. ପ୍ରମୋଦ କୁମାର ମହାପାତ୍ର ପ୍ରମୁଖ ସିପିଆର ତାଲିମ ପ୍ରଦାନ କରିଥିଲେ। ଏହି ସପ୍ତାହ ପାଳନ ଅବସରରେ ପ୍ରାୟ ୫ହଜାର ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ଗୃହିଣୀ, କର୍ମଚାରୀ ଓ ଜନସାଧାରଣଙ୍କୁ ସିପିଆର ତାଲିମ ପ୍ରଦାନ କରାଯାଇଥିଲା।

## ଫ୍ରାଙ୍କଫର୍ଟ ପୁସ୍ତକ ମେଳାରେ ଓଡ଼ିଆ ପ୍ରକାଶକ




ଭୁବନେଶ୍ୱର, ୧୭।୧୦(ସମିସ): ଜର୍ମାନୀର ଫ୍ରାଙ୍କଫର୍ଟଠାରେ ଚାଲିଥିବା ବିଶ୍ୱର ସର୍ବବୃହତ୍ ପୁସ୍ତକ ମେଳାରେ ୫ମ ଥର ପାଇଁ ସ୍ଥାନ ପାଇଛି ଓଡ଼ିଶାର ବି.କେ ପବ୍ଲିକେଶନ୍ସ। ଏହାର ଅଧ୍ୟକ୍ଷ ବିଜୟ କୁମାର ମହାପାତ୍ର ଓଡ଼ିଶାର ଏକମାତ୍ର ପ୍ରକାଶକ ଭାବେ ୨୦୧୮ ମସିହାରୁ ପୁସ୍ତକ ମହାକୁମ୍ଭରେ ଅଂଶଗ୍ରହଣ କରି ଆସୁଛନ୍ତି। ଚଳିତ ପୁସ୍ତକ ମେଳା ଅକ୍ଟୋବର ୧୫ ତାରିଖରୁ ଆରମ୍ଭ ହୋଇଛି ଏବଂ ଏହା ଆଗାମୀ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥର ବି.କେ ପବ୍ଲିକେସନ୍ସ ଷ୍ଟଲରେ ୪୦ ଖଣ୍ଡ ସଦ୍ୟ ପ୍ରକାଶିତ ଓଡ଼ିଆ ପୁସ୍ତକ ସହିତ ଇଂରାଜୀ ଭାଷାରେ ଇତିହାସ, ସଂସ୍କୃତି, ରାଜନୀତି ଠାରୁ ଆରମ୍ଭ କରି କାଳଜୟୀ କ୍ଲାସିକ ଯାଏ ୧୨୦ ଖଣ୍ଡ ପୁସ୍ତକ ସ୍ଥାନ ପାଇଛି।

## ୨୪ରୁ ଶ୍ରୀଜଗନ୍ନାଥଙ୍କ ବେଶ, ବସ୍ତ୍ର ପ୍ରଦର୍ଶନୀ

ଭୁବନେଶ୍ୱର, ୧୭ ।୧୦(ସମିସ): ଓଡ଼ିଶାର ବିଶିଷ୍ଟ ଶ୍ରୀଜଗନ୍ନାଥ ଚେତନାଭିତ୍ତିକ ସଂଗଠନ ନୀଳାଦ୍ରି ଆଧାତ୍ମିକ ଟ୍ରଷ୍ଟ ଆନୁକୂଲ୍ୟରେ ଆସନ୍ତା ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ଉତ୍କଳ ମଣ୍ଡପ ଠାରେ ମହାପ୍ରଭୁଙ୍କ ଆକର୍ଷଣୀୟ ନାଗାର୍ଜୁନ ବେଶ ପ୍ରଦର୍ଶନ, ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ଲାଗି ବସ୍ତ୍ର ପ୍ରଦର୍ଶନ କରାଯିବ। ଶ୍ରୀଜଗନ୍ନାଥ ଉପାସନାରେ ଦାରୁ ଦେବତା ଓ ଶାବର ସଂସ୍କୃତି ଶୀର୍ଷକ ଜାତୀୟ ଆଲୋଚନାଚକ୍ର, ହରିନାମ କୀର୍ତ୍ତନ, ପାରମ୍ପରିକ ଭକ୍ତି ସଙ୍ଗୀତ ଓ ନୃତ୍ୟ ସମେତ ଜଗନ୍ନାଥ ସଂସ୍କୃତିଭିତ୍ତିକ ଗ୍ରନ୍ଥ ଭଣ୍ଡାର ଆଦି ବିବିଧ ଆଧାର୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ପ୍ରଦର୍ଶନୀ ଦିବା ୧୦ ଘଣ୍ଟାଠାରୁ ରାତ୍ର ୧୦ ଘଣ୍ଟା ପର୍ଯ୍ୟନ୍ତ ଭକ୍ତ ତଥା ଶ୍ରଦ୍ଧାଳୁମାନଙ୍କ ନିର୍ମିତ୍ତ ଖୋଲା ରହିବ। ସେହିପରି ଆସନ୍ତା ୨୫ ତାରିଖ ଦିନ ବୁଦ୍ଧ ମନ୍ଦିର ସଭାକକ୍ଷ ଠାରେ ଜାତୀୟ ସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ନୀଳାଦ୍ରି ଟ୍ରଷ୍ଟ ପକ୍ଷରୁ ବରିଷ୍ଠ ଗବେଷକ, ବିଦ୍ୟାନ, ଶିକ୍ଷାବିତ ତଥା ବିଭିନ୍ନ ବର୍ଗର ଜନସାଧାରଣଙ୍କୁ ନିମନ୍ତ୍ରଣ କରାଯାଇଅଛି। ଏଥିରେ ମୁଖ୍ୟ ଆକର୍ଷଣ ରୂପେ ମହାପ୍ରଭୁଙ୍କ ବିରଳ ନାଗାର୍ଜୁନ ବେଶ ଓ ୫୦ରୁ ଅଧିକ ଲାଗି ବସ୍ତ୍ର ପ୍ରଦର୍ଶନ କରାଯିବ ବୋଲି ଟ୍ରଷ୍ଟର ସାଧାରଣ ସମ୍ପାଦକ ନନ୍ଦକିଶୋର ଜେନା ସୂଚନା ଦେଇଛନ୍ତି।

## 'ଓଡ଼ିଆ ଶିକ୍ଷାଦାନ ପଦ୍ଧତି' ଉନ୍ମୋଚିତ

ଭୁବନେଶ୍ୱର, ୧୭।୧୦(ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଶିକ୍ଷକ-ଶିକ୍ଷା ବିଭାଗର ଓଡ଼ିଆ ପ୍ରଶିକ୍ଷଣ ବିଭାଗ ତରଫରୁ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଭାଗର ମୁଖ୍ୟ ଡ. ଅଶୋକ କୁମାର ଦିଗଲ୍ ଯୋଗଦେଇ ବିଭାଗର ଓଡ଼ିଆ ଭାଷା ପ୍ରଶିକ୍ଷଣ ବିଶେଷଜ୍ଞ ଡ. ନାରାୟଣ ବାରିକ୍ ଓ ଡ. କୁଞ୍ଜଲତା ଦାସଙ୍କ ଲିଖିତ 'ଓଡ଼ିଆ ଶିକ୍ଷାଦାନ ପଦ୍ଧତି' ପୁସ୍ତକକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ 'ଶାସ୍ତ୍ରୀୟ ଓଡ଼ିଆ ଭାଷା ଏବଂ ଭାରତୀୟ ଭାଷା ପରମ୍ପରା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଆ ଭାଷା ପ୍ରଶିକ୍ଷଣ ବିଭାଗର ଛାତ୍ରୀମାନେ ଅଂଶଗ୍ରହଣ କରି ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଆଇ କେୟାର ପବ୍ଲିଶର୍ସ, ଭୁବନେଶ୍ୱରର ପ୍ରୋପାଇଟର୍ ନରେଶ ଚନ୍ଦ୍ର ବେହେରାଙ୍କ ଦ୍ୱାରା ପ୍ରକାଶିତ ଏ ପୁସ୍ତକର ଏକ କପି ମୁଖ୍ୟଅତିଥି ଡ. ଦିଗଲ୍‌ଙ୍କୁ ଡ. ବାରିକ୍ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ବି.ଇଡି ଛାତ୍ରୀ ମିତାଲି ସାହୁ ଏବଂ ବୈଶାଖୀ ତ୍ରିପାଠୀ ପରିଚାଳନା କରିଥିବା ବେଳେ ବି.ଇଡି ଛାତ୍ରୀ ଆରତୀ ବେହେରା ଓ ଦୀପ୍ତିସ୍ନେହା କରଣ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।



(ଫଟୋ: ସନ୍ତୋଷ)

ଧର୍ମମାସ ଚାଲିଥିବା ବେଳେ ବ୍ରତଧାରୀମାନେ ସ୍ନାନ ପାଇଁ ପୁଷ୍କରିଣୀ ଖୋଜିଥାନ୍ତି। ଏଭଳି ସମୟରେ ବରମୁଣ୍ଡା ପୁଷ୍କରିଣୀର ସ୍ଥିତି।

## ଅଟଳଜୀଙ୍କ ଭଳି ରାଷ୍ଟ୍ରନାୟକ ବିରଳ




ଭୁବନେଶ୍ୱର, ୧୭ ।୧୦(ସମିସ): ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ ତମ ଜୟନ୍ତୀ ଅବସରରେ ଶୁକ୍ରବାର ରବୀନ୍ଦ୍ର ମଣ୍ଡପରେ ନୃତ୍ୟଧାମ ଓ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଆନୁକୂଲ୍ୟରେ 'ଅଟଳନାମା' କାର୍ଯ୍ୟକ୍ରମରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ବିଜ୍ଞାନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, 'ଅଟଳଜୀଙ୍କ ଭଳି ରାଷ୍ଟ୍ରନାୟକ ବିରଳ। ତାଙ୍କର ଦେଶଭକ୍ତି ଓ ରାଷ୍ଟ୍ର ନିର୍ମାଣରେ ଅବଦାନ ଚିରସ୍ମରଣୀୟ।' ଏହି ଅବସରରେ ବିଶ୍ୱନାଥ ପାଟିଙ୍କ ରଚନା ଓ ଧୀର ମଲ୍ଲିକଙ୍କ ନିର୍ଦ୍ଦେଶନାରେ ନାଟକ 'ରାଷ୍ଟ୍ର ପୁରୁଷ ଅଟଳ' ପରିବେଷିତ ହୋଇ ଦର୍ଶକଙ୍କ ମନ ଜିଣିଥିଲା। ସମାଜସେବୀ ଜଗନ୍ନାଥ ପ୍ରଧାନ, ଓଡିଶୀ ନୃତ୍ୟଶିଳ୍ପୀ ଡକ୍ଟର ସ୍ନେହପ୍ରଭା ସାମନ୍ତରାୟ, ପଦ୍ମଶ୍ରୀ ଗୁରୁ ଦୁର୍ଗା ଚରଣ ରଣବୀର ଓ ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ 'ଶ୍ରୀ ଅଟଳ ବିହାରୀ ବାଜପେୟୀ ଜୀ ପୁରସ୍କାର' ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅଟଳଜୀଙ୍କ ସମାବେଶୀ ଓ ପ୍ରଗତିଶୀଳ ଭାରତ ନିର୍ମାଣର ଦୃଷ୍ଟିକୋଣକୁ ପ୍ରେରଣା ଯୋଗାଇ ନୂତନ ପିଁ?କୁ ଉତ୍ସାହିତ କରିଥିଲା।

## ପ୍ରଫେସର ରାମଚନ୍ଦ୍ର ଧୀରଙ୍କ ଶ୍ରାଦ୍ଧବାର୍ଷିକୀ

ଭୁବନେଶ୍ୱର, ୧୭।୧୦(ସମିସ): ପ୍ରଫେସର ରାମଚନ୍ଦ୍ର ଧୀରଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ତ୍ରିଜଙ୍ଗା ଦାନଗଦି ପଞ୍ଚାୟତର ପୂର୍ବତନ ସରପଞ୍ଚ କାହ୍ନୁ ଚରଣ ଦାସଙ୍କର ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଲୋକାନଥ ଧୀର, ସ୍ୱର୍ଗତ ଧୀରଙ୍କର ପତ୍ନୀ ନମିତା ଧୀର, ଯୁବନେତା ଜଗନ୍ନାଥ ଧୀର, ସତ୍ୟାନନ୍ଦ ଦାସ, ଚିତ୍ତରଞ୍ଜନ ଧୀର, ରାଧାରାଣୀ ଦାସ, ସଂଯୁକ୍ତା ଦାସ, କନ୍ୟା ମୋଡ଼ା ଲିଶା ଧୀର, ଝର୍ ପ୍ରଜ୍ଞା ଧୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ନିଶାମୁକ୍ତ ପଞ୍ଚାୟତ ଶୋଭାଯାତ୍ରାରେ ଶତାଧିକ ମହିଳା

ନନ୍ଦନକାନନ, ୧୭।୧୦(ସମିସ): ନିଶାମୁକ୍ତ ଗ୍ରାମପଞ୍ଚାୟତ ଗଠନ ନେଇ ମୋନା ମହିଳା ଶାଖା ତରଫରୁ ଏକ ସଚେତନତା ଶୋଭାଯାତ୍ର ବାରଙ୍ଗ ରାମଦାସପୁର ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ଶତାଧିକ ମହିଳା ରାମଦାସପୁର ପଞ୍ଚାୟତ ଗୋଡିସାହିସ୍ଥିତ ରାମ ମନ୍ଦିରରୁ ଶୋଭାଯାତ୍ରାରେ ବାହାରି ଗୋଡିସାହି ବଜାର, ରତାଗଡ଼ ଓ ଭାଲୁଙ୍କା ଆଖପାଖ ଗ୍ରାମ ପରିକ୍ରମା କରିଥିଲେ। ଶେଷରେ ଭାଲୁଙ୍କା ଶବର ସହିର ମହିଳାମାନଙ୍କ ଅନୁରୋଧକ୍ରମେ ଭାଲୁଙ୍କାର ଚୋରା ମଦ ବ୍ୟବସାୟି ମଙ୍ଗଳ ସିଂ ଘରକୁ ଯାଇ ଥିଲେ। ତା ଠାରୁ ମଦ ପିଇ ପଦ୍ମନାଭ ନଗର, ରତାଗଡ଼ ଓ ଗୁଆକୋଳିମୁଣ୍ଡିଆର ଗ୍ରାମବାସି ପ୍ରଭାବିତ ହେଉଛନ୍ତି। ମହିଳାମାନଙ୍କ ଆସିବା ଜାଣି ପାରି ମଙ୍ଗଳ ସିଂ ଘରୁ ଫେରାର




ହୋଇଯାଇଥିବାରୁ ମହିଳାମାନେ ତା ପରିବାରକୁ ମଦ ବ୍ୟବସାୟରୁ ନିବୃତ ରହିବାକୁ ବୁଝାସୁଝା କରିବା ସହ ମଙ୍ଗଳକୁ ଫୋନ କରି ଅବଗତ କରାଇ ଥିଲେ। ନଚେତ ଆଗାମୀ ଦିନରେ ଆଇନ ଅନୁସାରେ କଠୋର ପଦକ୍ଷେପ ନେବାକୁ ବଧ ହେବେ ବୋଲି କହିବା ସହ ତା ଘରେ ରଖିଥିବା ଏକ ମଦ ଭର୍ତ୍ତି ଜାଲିକୁ ଜବତ କରି ବାରଙ୍ଗ ଥାନା ପୁଲିସ ଜିମା ଦେଇଛନ୍ତି। ମଦ ବ୍ୟବସାୟି ମଙ୍ଗଳକୁ ତାଗିଦ କରି ବ୍ୟବସାୟରୁ ନିବୃତ୍ତ କରିବା ଲାଗି ପୁଲିସକୁ ନିବେଦନ କରିଛନ୍ତି। ମୋନା ମହିଳା ଶାଖାର ଆବାହିକା ଅପର୍ଣ୍ଣା ନାୟକଙ୍କ ତତ୍ତ୍ୱାବଧାନରେ ବାସନ୍ତୀ ଆଚାର୍ଯ୍ୟ ଓ କନକଲତା ଭଞ୍ଜଙ୍କ ସମେତ ଶତାଧିକ ମହିଳା ଏଥିରେ ସାମିଲ ହୋଇଥିଲେ।




# ରାଜ୍ୟ ବାହାରେ କେତେ ସୁରକ୍ଷିତ ଓଡ଼ିଆ ମହିଳା

ଭୁବନେଶ୍ୱର, ୧୭।୧୦(ସମିସ): ଓଡ଼ିଶା ଭିତରେ ମହିଳା ସୁରକ୍ଷା ନେଇ ସାଧାରଣରେ ପ୍ରଶ୍ନ ଉଠିଥିବା ବେଳେ ରାଜ୍ୟ ବାହାରକୁ ଯାଉଥିବା ମହିଳା ଏବଂ ଛାତ୍ରୀମାନେ ବିଭିନ୍ନ ସମୟରେ ନିର୍ଯାତନା ଏବଂ ଦୁଷ୍କର୍ମର ଶିକାର ହେଉଛନ୍ତି। ଅନେକ କ୍ଷେତ୍ରରେ ରାଜ୍ୟ ବାହାରେ ଓଡ଼ିଆ ମହିଳାଙ୍କ ହତ୍ୟା କରାଯାଉଥିବା ନଜିର୍ ମଧ୍ୟ ରହିଛି। ନିକଟରେ ପଶ୍ଚିମବଙ୍ଗ ଦୁର୍ଗାପୁର ମେଡିକାଲ କଲେଜର ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କ ସହ ହୋଇଥିବା ଗଣଦୁଷ୍କର୍ମ ଘଟଣା ସାରା ରାଜ୍ୟରେ ମହିଳାମାନଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବାବେଳେ ଗୁରୁବାର ହାଇଦରାବାଦର ପେଟବଶିରାବାଦର କୋମପାଲି ଅଞ୍ଚଳରେ ଆଉ ଏକ ଚାଞ୍ଚଲ୍ୟ ଘଟଣା ଲୋକଲୋଚନାକୁ ଆସିଛି। ଦୁଇଟିଯାକ ଘଟଣାରେ ଉଭୟ ମହିଳାଙ୍କ ଘର ଓଡ଼ିଶା। ଜଣେ ମହିଳା କୋଲକାତାରେ ଡାକ୍ତରୀ ପାଠ ପଢୁଥିବାବେଳେ ଆଉ ଜଣେ ହାଇଦ୍ରାବାଦରେ ଚାକିରି କରିଥିବା ତାଙ୍କ ସ୍ୱାମୀଙ୍କ ପାଖରେ ରହୁଥିଲେ। ଓଡ଼ିଶାରୁ ଏପରି ଶହ ଶହ ମହିଳା ଅନ୍ୟ ରାଜ୍ୟକୁ ପାଠପଢ଼ା ପାଇଁ ହେଉ କିମ୍ବା ଚାକିରୀ ପାଇଁ କିମ୍ବା ପ୍ରତିଯୋଗିତାମୂଳକ ପରୀକ୍ଷାର ପ୍ରସ୍ତୁତି ପାଇଁ ଯାଉଛନ୍ତି। ହେଲେ ନିକଟରେ ଘଟି ଚାଲିଥିବା ଏହି ଘଟଣା ଏବେ ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି କି ଅନ୍ୟ ଏବେ ରାଜ୍ୟରେ ମହିଳାମାନେ କେତେ ସୁରକ୍ଷିତ।

## କାହା ମୁହଁରେ କେଉଁକଥା



ମହିଳାଟିଏ ଯେତେବେଳେ ନିଜ ଘର କି ରାଜ୍ୟରେ ସୁରକ୍ଷିତ ନୁହଁ, ସେତେବେଳେ ବାହାର ଜାଗାରେ ତାଙ୍କର ସୁରକ୍ଷା ଯେ କେତେ ତାହାର ଅନୁମାନ ସହଜରେ କରାଯାଇ ପାରିବ। ଯେତେବେଳେ ଝିଅମାନେ ବାହାର ରାଜ୍ୟକୁ ପଢ଼ିବାକୁ ବା ଚାକିରି କରିବାକୁ ଯାଆନ୍ତି, ସେତେବେଳେ ସେ ଜାଗା ସେମାନଙ୍କ ପାଇଁ ନୂଆ ହୋଇଥାଏ। ସେଥିପାଇଁ ସେମାନଙ୍କୁ ଟାର୍ଗେଟ କରିବା ସହଜ ହୋଇଥାଏ। ଆମେ ବାହାର ସେଫଟି ଖୋଜିବା ଅପେକ୍ଷା ନିଜେ ନିଜ ପାଇଁ ପ୍ରସ୍ତୁତ ରହିବା ଦରକାର। ନିଜ ସୁରକ୍ଷା ପାଇଁ ପ୍ରଥମେ ନିଜ ଆଖପାଖ ପରିବେଶ ବିଷୟରେ ସଜାଗ ରୁହନ୍ତୁ, ନିଜର ସିକ୍ସଥ୍ ସେନ୍ସ ବାରନ୍ତୁ ଯାହା ମହିଳାମାନଙ୍କୁ କିଛି ଘଟଣା ଘଟିବା ପୂର୍ବରୁ ଅନୁଭବ ହୋଇଥାଏ। ଏହାସହ ନି ଆତ୍ମରକ୍ଷା ଶିଖନ୍ତୁ, ସେଫଟିଟୁଲସ ସର୍ବଦା ନିଜ ପାଖରେ ରଖନ୍ତୁ ଏବଂ ସରକାରଙ୍କ ଦ୍ୱାରା ଜାରି ହୋଇଥିବା ସହାୟତା ନଂ କିମ୍ବା ଆପ ସହ ଯୋଡି ହୋଇ ରୁହନ୍ତୁ। କାରଣ ନିଜେ ସଚେତନ ରହିଲେ ୯୦ ପ୍ରତିଶତ ସୁରକ୍ଷିତ ରହିବା।

-ସ୍ୱପ୍ନା ତ୍ରିପାଠୀ, ସିଡବ୍ଲୁସି ସଦସ୍ୟ



ମହିଳା ସୁରକ୍ଷା ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ମହିଳାମାନଙ୍କର ଘର, ସମାଜ ଓ କାର୍ଯ୍ୟସ୍ଥଳରେ ସୁରକ୍ଷିତ ପରିବେଶ ହେଉଛି ସେମାନଙ୍କ ଅଧିକାର। କିନ୍ତୁ ପରିତାପର ବିଷୟ ହେଉଛି ଯେ, ଅନେକ ସ୍ଥାନରେ ମହିଳାମାନେ ଆଜି ହିଂସାର ଶିକାର ହେଉଛନ୍ତି। ଲଗାତାର ଏଇ ଭଳି ଦୁଷ୍କର୍ମ ଘଟଣା ମାନ ଚିନ୍ତାର କାରଣ ପାଲଟି ଯାଇଚି। ସରକାର ଓ ସମାଜ ଏହାର ନିରାକରଣ ପାଇଁ ଏକାସାଥିରେ ଚାଲିବା ଆବଶ୍ୟକ। ବିଶେଷ କରି ମହିଳାମାନେ ସଚେତନ ହେବା ଦରକାର। ପୋଲିସ ହେଲ୍ପଲାଇନ, ଆତ୍ମସୁରକ୍ଷା ପ୍ରଶିକ୍ଷଣ ଓ ଶିକ୍ଷା ମାଧ୍ୟମରେ ମହିଳା ସୁରକ୍ଷାକୁ ଶକ୍ତିଶାଳୀ କରିପାରିବାର ପ୍ରୟାସକୁ ଅଧିକରୁ ଅଧିକ ପ୍ରଚାର, ପ୍ରସାର କରିବା ଦରକାର। ଆଉ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏଥି ଅର୍ଥାତ ମହିଳାଙ୍କ ପ୍ରତି ଏଇ ଭଳି ଘଟଣାରେ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ପ୍ରତି କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ନେବା ଦରକାର।

-ପ୍ରୀତିଛନ୍ଦା ଧଳ, ସାମାଜିକ କର୍ମୀ



ରାଜ୍ୟରେ ହେଉ କି ରାଜ୍ୟ ବାହାରେ ପ୍ରତିଦିନ ଓଡ଼ିଶାର ମହିଳାମାନେ ଅସଦାଚରଣର ଶିକାର ହେବା ଏକ ପ୍ରହସନ ପାଲଟି ଗଲାଣି। ମୁଁ ନିଜେ ଜଣେ ବିଏଡ ଛାତ୍ରୀ। ଅନ୍ୟ ରାଜ୍ୟକୁ ପରୀକ୍ଷା ଦେବାକୁ ଯାଉଛି। ଘରୁ ବାହାରିଲେ ମନରେ ସବୁବେଳେ ଏକ ଡର ରହିଥାଏ। ଘର ବାହାରେ ତଥା ଅନ୍ୟ ରାଜ୍ୟରେ କେମିତି ସୁରକ୍ଷିତ ଭାବେ ଯାଇ ଫେରିବି। କାରଣ ପ୍ରତିଦିନ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାରର ଖବର ଶୁଣୁଛି ଆଉ ଦେଖୁଛି। ଏମିତିକି ଓଡ଼ିଶାରୁ କେତେ ମହିଳା ରାଜ୍ୟ ବାହାରକୁ ଯାଉଛନ୍ତି ତାର କୌଣସି ସବିଶେଷ ତଥ୍ୟ ସରକାରଙ୍କ ପାଖରେ ନାହିଁ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା। ବ୍ୟବସ୍ଥାରେ ପରିବର୍ତ୍ତନ ହେବା ନିହାତି ଆବଶ୍ୟକ।

-ରୁବିନା ସାହୁ, ବିଏଡ ଛାତ୍ରୀ



ପ୍ରତିଦିନ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାରର ଖବର ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ଏଭଳି ସମୟରେ ଝିଅମାନଙ୍କୁ ଘରୁ ବାହାରକୁ ପଠାଇବାକୁ ମଧ୍ୟ ମନରେ ଭୟ ଆସୁଛି। ମୋର ଦୁଇଟି ଝିଅ, ଜଣେ ଚାକିରି କରି ବାହାରେ ରହୁଛି। ତେଣୁ ମନରେ ସବୁବେଳେ ଡର ରହୁଛି। କାରଣ ବାହାର ପରିବେଶ ଏବେ ଆଉ ଆଗ ଭଳି ନାହିଁ। ନିଜେ ଯେତେ ସଚେତନ ହେଲେ ବି ବର୍ତ୍ତମାନର ସମୟ ସୁରକ୍ଷିତ ନୁହଁ। ସେଥିପାଇଁ ସରକାରଙ୍କୁ ମହିଳାଙ୍କ ସୁରକ୍ଷା ପାଇଁ ବିଶେଷଭାବେ ଦୃଷ୍ଟି ଦେବାକୁ ହେବ। ନଚେତ୍ ପରିବାର ଲୋକ ଝିଅ ବୋହୂଙ୍କୁ ଘରୁ ବାହାରକୁ ଛାଡିବାକୁ ସଙ୍କୋଚ ଅନୁଭବ କରିବେ।

-ଜ୍ୟୋସ୍ନା ଯେନା, ଗୃହିଣୀ





# ଦୀପାବଳି ପାଇଁ ମିଠା ଦୋକାନରେ ଭିଡ଼

ଭୁବନେଶ୍ୱର, ୧୭।୧୦(ସମିସ): ଦିନକ ପରେ ଆଲୋକର ପର୍ବ ଦୀପାବଳି। ଏଥିପାଇଁ କେବଳ ମିଠା ଦୋକାନରେ ଏବେଠାରୁ ପ୍ରବଳ ଗହଳି ଦେଖିବାକୁ ମିଳିଛି। ରସଗୋଲା ଠାରୁ ଆରମ୍ଭ କରି ଶୃଙ୍ଖଳା ମିଠାର ପସରାକୁ ବେଶ୍ ଆକର୍ଷଣୀୟ ଭାବେ ସଜ୍ଜିତ କରି ଗ୍ରାହକଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି ବ୍ୟବସାୟୀ। ସେହିପରି ଗିଫ୍ଟ ପ୍ୟାକ୍‌ରେ ମିଠା ସାଙ୍ଗକୁ ଦୀପ ଓ ଚକୋଲେଟ୍ ରହିଥିବା ବେଳେ ବିଭିନ୍ନ ଉପହାର ବାକ୍ସ ଓ ଡ୍ରାଏ ଫ୍ରୁଟ୍‌ସ ସଜେଇ ଏକ ଦୀପାବଳି ବାସ୍କେଟ ପ୍ରସ୍ତୁତ ହୋଇଛି।



**ରାଜଧାନୀ ବଜାରରେ ଭଲିକିଭଲି ମିଠା ପସରା**

**ଉପହାର ବାକ୍ସରେ ଡ୍ରାଏଫ୍ରୁଟସ୍**

ଦୀପାବଳିକୁ ଦୃଷ୍ଟିରେ ରଖି ମିଠା ଦୋକାନୀମାନେ ମିଠା ତିଆରି କରୁଛନ୍ତି। ବ୍ୟବସାୟୀମାନେ ମଧ୍ୟ ଗ୍ରାହକଙ୍କ ଚାହିଦା ଅନୁସାରେ ଭଲିକିଭଲି ମିଠା ତିଆରି କରିଛନ୍ତି। ସେହିପରି ବର୍ଫିରେ ମଧ୍ୟ ବିଭିନ୍ନ କିସମ ରହିଛି। ସେଥିରେ ଡ୍ରାଏ ଫ୍ରୁଟ୍ ବର୍ଫି, କାଜୁ ବର୍ଫି, ଡ୍ରାଏ ଫ୍ରୁଟ୍ ଲଡୁ ବର୍ଫି, ଅଞ୍ଜିର ବର୍ଫି, ଆଲମଣ୍ଡ ବର୍ଫି ଆଦି ରହିଛି। ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଗିଫ୍ଟ ପ୍ୟାକ୍, ହାତରେ ତିଆରି ଚକୋଲେଟ୍, ଫ୍ୟାନ୍ସି ମିଠା ମଧ୍ୟ କେତେକ ଦୋକାନରେ ଦେଖିବାକୁ ମିଳିଛି। ତେବେ ପ୍ରତିବର୍ଷ ଦୀପାବଳି ପୂର୍ବର ପ୍ରାୟ ସପ୍ତାହ ଧରି ମିଠା ତିଆରିରେ ମିଠା କାରିଗର ଲାଗିପଡୁଥିବା ବ୍ୟବସାୟୀମାନେ କହିଛନ୍ତି। ଏଥର ବଜାରରେ ମିଠା ଗୋଟାକ ୧୫ ଟଙ୍କାରୁ ଆରମ୍ଭ କରି ୫୦ ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ଉପହାର ବାସ୍କେଟ୍‌ର ମୂଲ୍ୟ ୨୦୦ଟଙ୍କାରୁ ୨ ହଜାର ପର୍ଯ୍ୟନ୍ତ ରହିଛି। ଏହାସହିତ ନିୟମିତ ଚାହିଦାରେ ରହିଥିବା ରସଗୋଲା, ମୋତିଚୁର ଲଡୁ, ବେସନ ଲଡୁ ଗୋଲପଜାମ୍ବୁନ୍, କାଲା ଜାମୁନ୍ ଆଦି କିଣିବାବୁ ଲୋକଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଛି। ଏଥର ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ପ୍ରକାର ମିଠା ରାଜଧାନୀର ବିଭିନ୍ନ ମିଠା ଦୋକାନରେ ବିକ୍ରି ହେଉଥିବା ଦେଖିବାକୁ ମିଳିଛି।

ସେହିପରି ଦୀପାବଳି ପାଇଁ ବିଭିନ୍ନ ଉପହାର ଦୋକାନ, ଇଲେକ୍ଟ୍ରୋନିକ୍ସ, ପୋଷାକ ଦୋକାନରେ ପ୍ରବଳ ଗହଳି ଦେଖିବାକୁ ମିଳିଛି। ଏହାକୁ ଦୃଷ୍ଟିରେ ରଖିବ ରଙ୍ଗବେରଙ୍ଗର ଆକର୍ଷଣୀୟ ଉପହାର ବାକ୍ସରେ ରହିଛି। ଚକୋଲେଟ୍ ଠାରୁ ଆରମ୍ଭ କରି କାଜୁ, କିସମିସ୍, ପିସ୍ତା, ୱାଲନଟ୍ ଭଳି ଅନେକ ପ୍ରକାର ଡ୍ରାଏଫ୍ରୁଟସ୍ ରହିଛି। ଏଥିରେ ସବୁଜ ଦୀପାବଳିର ବାର୍ତ୍ତା ରହିଥିବା ଦେଖିବାକୁ ମିଳିଛି।



ବିଭିନ୍ନ ସଂସ୍ଥାଗୁଡ଼ିକ ପୂର୍ବରୁ ଅର୍ଡର ଦିଆଯାଇଥିବା ସୂଚନା ରହିଛି। ଦୀପାବଳି ପାଇଁ ଆକର୍ଷଣୀୟ ଅଫର୍ ଘୋଷଣା କରି ଗ୍ରାହକଙ୍କୁ ଆକୃଷ୍ଟ କରୁଛନ୍ତି ବ୍ୟବସାୟୀ। ଏଥିପାଇଁ ସହରର ପ୍ରମୁଖ ସପିଙ୍ଗମଲ ଗୁଡ଼ିକରେ ଭିଡ଼ ଜମୁଥିବା ବେଳେ ସନ୍ଧ୍ୟା ସମୟରେ ରାସ୍ତାଘାଟରେ ମଧ୍ୟ ଟ୍ରାଫିକ୍ ଜାମ୍ ଦେଖିବାକୁ ମିଳିଛି।

## ମିଠା ଦୋକାନରେ ବିଏମ୍‌ସିର ଚଢ଼ଉ

ଦୀପାବଳି ପାଇଁ ମିଠାର ଚାହିଦା ବଢ଼ି ଯାଇଥିଲା। କିଛି ଦୋକାନୀ ଅପମିଶ୍ରିତ ଏବଂ ଭେଜାଲ ମିଠା ଗ୍ରାହକଙ୍କୁ ବିକ୍ରି କରୁଥିବା ନେଇ ଅଭିଯୋଗ ହେଉଛି। ଏଭଳି ଦୋକାନୀଙ୍କୁ ସାବାଡ କରିବାକୁ ଶୁକ୍ରବାର ବିଏମ୍‌ସି ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ମିଠା ଦୋକାନ ଉପରେ ଚଢ଼ଉ କରାଯାଇଛି। ଚନ୍ଦ୍ରଶେଖରପୁର, ଶୈଳେଶ୍ରୀ ବିହାର, ଜୟଦେବ ବିହାର, ସିଆର୍‌ପି ସମେତ ଏକାଧିକ ସ୍ଥାନରେ ୧୫ଟି ମିଠା ଦୋକାନ ଉପରେ ଚଢଉ କରାଯାଇଥିଲା। ଏହି ଦୋକାନ ଗୁଡ଼ିକରୁ ମୋଟ୍ ୩୧ ନମୂନା ସଂଗ୍ରହ କରାଯାଇଥିଲା ବେଳେ ୭୫୦୦ଟଙ୍କା ଜୋରିମାନା ଆଦାୟ କରାଯାଇଛି। ତେବେ ଦୋକାନୀମାନେ ସ୍ୱଚ୍ଛତା ନିୟମ ମାନୁ ନ ଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆଗାମୀ ଦିନରେ ଏହି ରେଡ୍ ଜାରି ରହିବ ବୋଲି ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି।

# ରାସ୍ତା ପାଇଁ ମେୟରଙ୍କ ପ୍ରତିଶ୍ରୁତି



ଭୁବନେଶ୍ୱର, ୧୭।୧୦ (ସମିସ): ବିଏମ୍‌ସି ମେୟର ସୁଲୋଚନା ଦାସ ସତ୍ୟବିହାର ପରିଦର୍ଶନରେ ଯାଇଥିଲେ। ବିଲଡର ଲୋକଙ୍କୁ ଭୁଡାଇ ଜମି ବିକ୍ରି କରି ଦେଇଥିଲେ ମଧ୍ୟ ରାସ୍ତା ଦେଇ ନ ଥିଲା। ଏହା ଦ୍ୱାରା ସ୍ଥାନୀୟ ସତ୍ୟବିହାର ବାସିନ୍ଦା ହଇରାଣ ହୋଇଥିଲେ। ଏହାକୁ ନେଇ ଗଣ୍ଡଗୋଳ ହେବା ସହ ଅଞ୍ଚଳବାସୀ ରାସ୍ତା ଉପରେ ହୋଇଥିବା ଏକ ପାଚେରିକୁ ଭଙ୍ଗାରୁଜା କରିଥିଲେ। ସତ୍ୟବିହାରବାସୀ ସମ୍ପୃକ୍ତ ବିଲଡରଙ୍କ ବିରୋଧରେ ଥାନାରେ ଏତଲା ଦେଇଥିଲେ। ଏହି ରାସ୍ତା ସମ୍ପର୍କରେ ଶୁଣିବା ପରେ ଲୋକଙ୍କ ସୁବିଧା ଦୃଷ୍ଟିରୁ ରାସ୍ତା ନିର୍ମାଣ ପାଇଁ ବିଏମ୍‌ସି ପକ୍ଷରୁ ଯଥା ସମ୍ଭବ ସାହାଯ୍ୟ କରାଯିବ ବୋଲି ମେୟର ପ୍ରତିଶ୍ରୁତି ଦେଇଥିବା ଅଞ୍ଚଳବାସୀ କହିଛନ୍ତି।

# ହିନ୍ଦୁସ୍ତାନୀ ସଙ୍ଗୀତ ସଭାର ବାର୍ଷିକ ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର, ୧୭ ।୧୦(ସମିସ): ହିନ୍ଦୁସ୍ଥାନୀ ସଙ୍ଗୀତ ସଭାର ତ୍ରୟୋଦଶତମ ବାର୍ଷିକ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନ ଧରି ଜୟଦେବ ଭବନରେ ଆୟୋଜିତ ଏହି ଉତ୍ସବର ଦ୍ୱିତୀୟ ସଂଧ୍ୟାରେ ମୁଖ୍ୟଅତିଥି ଭାବରେ ବରିଷ୍ଠ ଚାଟାର୍ଡ ଆକାଉଣ୍ଟାଟ ଏବଂ ଚେୟାରମ୍ୟାନ, ଆଇସିସି ଓଡ଼ିଶା ରାଜୀବ ଶେଖର ସାହୁ ଏବଂ ସମ୍ମାନନୀୟ ଅତିଥି ଭାବେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ଓ ବିଶିଷ୍ଟ ସଙ୍ଗୀତଜ୍ଞ ପଣ୍ଡିତ ରାମାରାଓ ପାତ୍ର ଯୋଗ ଦେଇଥିଲେ। ଅନୁଷ୍ଠାନର ଉପ ସଭାପତି ଡ଼. ସର୍ବେଶ୍ୱର ଶତପଥୀ ପୌରୋହିତ୍ୟ କରିଥିଲେ। ଶାସ୍ତ୍ରୀୟ ସଙ୍ଗୀତ ଦ୍ୱିତୀୟ ସଂଧ୍ୟାର ପ୍ରଥମ ପରିବେଷଣ ଥିଲା ସଙ୍ଗୀତ ସଭାର ଗୁରୁ ଏବଂ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଧମାର ଗାୟନ, ଯାହାକି ରାଗ-ବିହାଗରେ ନିବଦ୍ଧ। ଦ୍ୱିତୀୟ ପର୍ଯ୍ୟାୟରେ ଶ୍ରୁତି ରଥଙ୍କ ଦ୍ୱାରା କଥକ ନୃତ୍ୟ ପରିବେଷଣ, ତନୁଶ୍ରୀ ଜେନା ରାଗ-କେଦାର, ଗୁରୁ ପଣ୍ଡିତ କରୁଣାକର ନାୟକ ରାଗ-ଦୁର୍ଗା, ଗାନ୍ଧାରୀ ସାହୁ ରାଗ-ଯୋଗକୌଶ, ଗୁରୁ ଡ଼. ରଘୁନାଥ ସାହୁ ରାଗ-ଚନ୍ଦ୍ରକୌଶରେ ଖୟାଲ ଗାୟନ କରିଥିଲେ। ବିଶେଷ ଆକର୍ଷଣୀୟ କାର୍ଯ୍ୟକ୍ରମ ଥିଲା ସୁଦୂର କୋଲକତାରୁ ନିମନ୍ତ୍ରିତ ସୁନାମଧନ୍ୟ କଣ୍ଠଶିଳ୍ପୀ ବିଦୂଷୀ ପିୟାଲୀ ଚକ୍ରବର୍ତ୍ତୀ। ଅନ୍ତିମ ପର୍ଯ୍ୟାୟରେ ଗୁରୁ ଡ଼. ପ୍ରଶାନ୍ତ କୁମାର ପାଢ଼ୀ, ଗୁରୁଶ୍ରୀ ଜୀବନ ପ୍ରକାଶ ଦାସ ଏବଂ ଗୁରୁ ଡ଼. ବିଶ୍ୱ ମୋହନ ମିଶ୍ରଙ୍କର ବେହେଲା, ସୀତାର ଓ ଗିଟାରର ଯୁଗଳବନ୍ଦୀରେ ରାଗ-ଯୋଗ ପରିବେଷଣ କରି ଉପସ୍ଥିତ ଶ୍ରୋତାବୃନ୍ଦଙ୍କୁ ମନ୍ତ୍ରମୁଗ୍ଧ କରି ଦେଇଥିଲେ। କାର୍ଯ୍ୟ ସମ୍ପାଦନ କରିଥିଲେ ସୁଶ୍ରୀ ସୁଦିପ୍ତା ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ଡ଼. ରଘୁନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜୈବିକ ସ୍କିନ୍ କେୟାର୍ ବ୍ରାଣ୍ଡ ମିଣ୍ଟ୍ରି ଉନ୍ମୋଚିତ




ଭୁବନେଶ୍ୱର, ୧୭।୧୦(ସମିସ): ଇଣ୍ଡଲ୍ଜ ଦି ସାଲୁନରେ ସାର୍କ ଟ୍ୟାଙ୍କ ନିଧିକୃତ ପ୍ରମାଣିତ ଜୈବିକ ସ୍କିନ୍ କେୟାର ବ୍ରାଣ୍ଡ ମିଣ୍ଟ୍ରି ଉନ୍ମୋଚିତ ହୋଇଛି। ଯାହା ଏହାର ପାରାବେନ୍-ମୁକ୍ତ ଏବଂ ପରିବେଶ-ସଚେତନ ଫର୍ମୁଲେସନ୍ ପାଇଁ ଜଣାଶୁଣା। ଏହି କାର୍ଯ୍ୟକ୍ରମରେ ବଲିଉଡ୍ ଅଭିନେତ୍ରୀ, ଥ୍ରୀଏକ୍ସ ଟିଇଡି ସ୍ପିକର୍, ସାର୍ଟିଫାଏଡ୍ ଏନଏଲପି ଲାଇଫ୍ କୋଚ୍ ଏବଂ ତନ୍ନାଜ୍ ଇରାନି ଏକାଡେମୀର ପ୍ରତିଷ୍ଠାତା ତନ୍ନାଜ୍ ଇରାନି ଯୋଗ ଦେଇଥିଲେ। ତାଙ୍କ ସହିତ ୟୁଏମଏସଏଲ ଲିମିଟେଡ୍‌ର ଉପାଧ୍ୟକ୍ଷ ପରମିତା ପଣ୍ଡା, ମିଣ୍ଟ୍ରିର ସିଇଓ ଆଶିଷ ଦେୱାନୀ ଏବଂ ଇଣ୍ଡଲ୍ଜ ଦି ସାଲୁନ୍‌ର ପ୍ରତିଷ୍ଠାତା ସୁକୀର୍ତ୍ତୀ ପଟ୍ଟନାୟକ ଯୋଗଦେଇ ଏହାକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ପ୍ରତିଷ୍ଠାତା ଶ୍ରୀମତୀ ପଟ୍ଟନାୟକ ଓଡି ସୋସିଆଲ ନାମ ବଦଳାଇ ଇଣ୍ଡି ଭର୍ସ କରାଗଲା ବୋଲି ଘୋଷଣା କରିଥିଲେ। ଉନ୍ମୋଚନ ଅବସରରେ, ତନ୍ନାଜ୍ ଇରାନି ଇଣ୍ଡଲ୍ଜରେ ମିଣ୍ଟ୍ରି ଉତ୍ପାଦ ବ୍ୟବହାର କରିବାର ତାଙ୍କର ବ୍ୟକ୍ତିଗତ ଅଭିଜ୍ଞତା ବାଣ୍ଟିଥିଲେ। ସ୍ୱଚ୍ଛ ଏବଂ ସଚେତନ ସୌନ୍ଦର୍ଯ୍ୟ ବାଛିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। 'ମିଣ୍ଟ୍ରି ଭଳି ଏକ ବ୍ରାଣ୍ଡ ଶୁଦ୍ଧତା, ସୁରକ୍ଷା ଏବଂ ଫଳାଫଳ ଉପରେ ଧ୍ୟାନ ଦେଉଥିବା ଦେଖି ସତେଜ ଲାଗୁଛି। ଜୈବିକ ତ୍ୱଚା କେବଳ ଏକ ଧାରା ନୁହେଁ - ଏହା ସୁସ୍ଥତା ଏବଂ ସ୍ଥାୟିତ୍ୱ ପ୍ରତି ଏକ ପ୍ରତିବଦ୍ଧତା, ' ବୋଲି ଶ୍ରୀମତୀ ଇରାନୀ କହିଥିଲେ।

# କିଟ୍‌ରେ ତୃତୀୟ ଗ୍ଲୋବାଲ୍ ୟୁନିଭରସିଟି ଫେୟାର



ଭୁବନେଶ୍ୱର, ୧୭।୧୦(ସମିସ): କିଟ୍ ବିଶ୍ୱବିଦ୍ୟାଳୟରେ ଷ୍ଟଡି ଆବ୍ରୋଡ-ଗ୍ଲୋବାଲ୍ ୟୁନିଭରସିଟି ଫେୟାରର ତୃତୀୟ ସଂସ୍କରଣ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ତିନି ଦିନିଆ କାର୍ଯ୍ୟକ୍ରମରେ ବିଶ୍ୱର ୫୦ଟି ବିଶ୍ୱବିଦ୍ୟାଳୟର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବଢୁଥିବା ବିଶ୍ୱସ୍ତରୀୟ ଆକାଂକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶ୍ୱବିଦ୍ୟାଳୟ ଉପକୁଳପତି ପ୍ରଫେସର ରାଜୁ କେ.ଡି. ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିବା ବେଳେ କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଅନିତା ଆଡଭଟାଇଜର୍ସ ପୁରସ୍କୃତ



ଭୁବନେଶ୍ୱର, ୧୭।୧୦(ସମିସ) ସମାଜର ୧୦୬ତମ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଭୁବନେଶ୍ୱରର ଅନିତା ଆଡଭଟାଇଜର୍ସ ସର୍ବୋତ୍ତମ ବିଜ୍ଞାପନ ଏଜେନ୍ସି ଭାବେ ଏହାର ମୁଖ୍ୟ ଶ୍ରୀ ଚିନ୍ମୟ ଚୌଧୁରୀଙ୍କୁ ସମ୍ମାନୀତ କରାଯାଇଛି। ଅନିତା ଆଡଭଟାଇଜର୍ସ ୨୦୦୪ ମସିହାରୁ ଏହା ଆରମ୍ଭ ହୋଇଥିଲା ଯାହା ଆଜିର ଦିନରେ ସାରା ଓଡ଼ିଶାରେ ସୁନାମ ଅର୍ଜନ କରିଅଛି। ଗ୍ରାହକଙ୍କ ପସନ୍ଦ, ଗ୍ରାହକଙ୍କ ସହିତ ମିଳାମିଶା, ଗ୍ରାହକଙ୍କୁ ଭଲ ବ୍ୟବହାର ଦେବା ଏବଂ ସେମାନଙ୍କ ପ୍ରତିଶ୍ରୁତି ରକ୍ଷାକରିବାରେ ସଦା ସର୍ବଦା ପ୍ରତିବନ୍ଧିତ ଅନିତା ଆଡଭଟାଇଜର୍ସ ସମସ୍ତ କର୍ମଚାରୀ।

# ହନୁମାନ ଚାଳିଶା ଓ ସୁନ୍ଦରା କାଣ୍ଡ ପାଠ

ଭୁବନେଶ୍ୱର, ୧୭ ।୧୦(ସମିସ): ବମିଖାଲସ୍ଥିତ ଉଦୟ ନଗର ଉନ୍ନୟନ ପରିଷଦ ପକ୍ଷରୁ ହନୁମାନ ଚାଳିଶା ଓ ସୁନ୍ଦରା କାଣ୍ଡ ପାଠ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରାହ୍ମ ମୁହୂର୍ତ୍ତରେ ଶ୍ରୀହନୁମାନଙ୍କୁ ଏକ ଅସ୍ଥାୟୀ ମଣ୍ଡପରେ ବିଜେ କରା ଯାଇଥିଲା ଓ ଉକ୍ତ ଅସ୍ଥାୟୀ ମଣ୍ଡପର ଚତୁଃପାର୍ଶ୍ୱରେ ଅନେକ ଆକର୍ଷଣୀୟ ସାଜସଜ୍ଜା ମଧ୍ୟରେ ପ୍ରଭୁଙ୍କର ପୂଜ୍ୟ ପୂଜାର ବିଧି ସମ୍ପର୍ଣ୍ଣ କରାଯାଇଥିଲା। ଅଞ୍ଚଳବାସୀଙ୍କ ସହଯୋଗ ଓ ସମୂହ ଶ୍ରମଦାନ ଉକ୍ତ ଭବ୍ୟ ପୂଜାକୁ ସାଫଲ୍ୟ ମଣ୍ଡିତ କରିଥିଲା। ଏହି ଅବସରରେ ବହୁ ସଂଖ୍ୟାରେ ଭକ୍ତ ଉପସ୍ଥିତି ରହି ପ୍ରଭୁଙ୍କ ଶ୍ରୀହନୁମତଙ୍କ ଉପାସନା କରିବା ସହିତ ପ୍ରଭୁଙ୍କ ପ୍ରସାଦ ସେବନ କରିବା ସହ ଆଶିଷ ଲାଭ କରିଥିଲେ।

# ପ୍ରଫେସର୍ ସୁରେନ୍ଦ୍ର ଦାଶଙ୍କ ବିୟୋଗରେ ବାଣୀବିହାରରେ ଶୋକ



ଭୁବନେଶ୍ୱର, ୧୭।୧୦(ସମିସ): ଜଗନ୍ନାଥ ସଂସ୍କୃତିର ଜଣେ ଗବେଷକ ତଥା ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗର ପୂର୍ବତନ ମୁଖ୍ୟ, ପ୍ରଫେସର ସୁରେନ୍ଦ୍ରନାଥ ଦାଶଙ୍କ ବିୟୋଗରେ ଓଡ଼ିଆ ବିଭାଗରେ ଭାବଗମ୍ଭୀର ପରିବେଶରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଡ. ସଂଗ୍ରାମ କେଶରୀ ରାଉତ, ଡ. ରମେଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଶିକ୍ଷକ ସ୍ୱର୍ଗତ ଦାଶଙ୍କ ସାରସ୍ୱତ ଅବଦାନ ଉପରେ ବିସ୍ତୃତ ବର୍ଣ୍ଣନା କରିଥିଲେ ଏବଂ ତାଙ୍କ ବିୟୋଗରେ ସମଗ୍ର ଓଡ଼ିଶା ଜଗନ୍ନାଥ ସଂସ୍କୃତିର ଜଣେ ମହାନ ଗବେଷକ, ଉପାସକ ଓ ଶିକ୍ଷାବିତଙ୍କୁ ହରାଇଲା ବୋଲି ବ୍ୟକ୍ତ କରିବା ସହିତ ଏହା ଫଳରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହେଲା ତାହା ଅପୂରଣୀୟ ହୋଇରହିବ ବୋଲି ପ୍ରକାଶ କରିଥିଲେ।

# ୩୫ ଜଣଙ୍କୁ ଓଡ଼ିଶା ସେବାରତ୍ନ ସମ୍ମାନ-୨୦୨୫

ଭୁବନେଶ୍ୱର, ୧୭।୧୦(ସମିସ): ବ୍ରାଇଟ୍ ଓଡ଼ିଶା ପକ୍ଷରୁ ୩୫ ଜଣ ସଫଳ ବ୍ୟକ୍ତିତ୍ୱଙ୍କୁ 'ଓଡ଼ିଶା ସେବାରତ୍ନ ସମ୍ମାନ-୨୦୨୫' ପ୍ରଦାନ କରାଯାଇଛି। ଜୟଦେବ ଭବନ ଠାରେ ପରିଚୟ ଫାଉଣ୍ଡେସନ୍ ସହଯୋଗିତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯାଜପୁର ସାଂସଦ ରବୀନ୍ଦ୍ର ବେହେରା ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ବିଜେପି ନେତା ଜଗନ୍ନାଥ ପ୍ରଧାନ, କାଳନ୍ଦୀ ସାମଲ, ଓଡ଼ିଶା ସେବାରତ୍ନର ଅଧ୍ୟକ୍ଷ ବିଜେପି ନେତା ପ୍ରିୟଦର୍ଶୀ ମିଶ୍ର, ମୁଖ୍ୟ ପରାମର୍ଶଦାତା ସଞ୍ଜୟ ନାୟକ, ଡ. ବିପିନ ବିହାରୀ ମିଶ୍ର, କଲ୍ୟାଣ ଫାଉଣ୍ଡେସନ୍ ପ୍ରତିଷ୍ଠାତା ସୌମିତ୍ର ଲେଙ୍କା, ପରିଚୟ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତ୍ରୀ ଡ. ରୋଜାଲିନ ପାଟ୍ଟଶାଣୀ ମିଶ୍ର, ବ୍ରାଇଟ ଓଡ଼ିଶାର ପ୍ରତିଷ୍ଠାତା ସଞ୍ଜୟ ମହାକୁଡ଼ ଯୋଗ ଦେଇଥିଲେ।




ବର୍ଷିୟାନ ଅଭିନେତା ପଯୋଜକ ତଥା ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ଲେଙ୍କା, ଓଡ଼ିଶା ଉଚ୍ଚନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ, ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କୀ, ଶିକ୍ଷା ଓ ସେବା କ୍ଷେତ୍ରରେ ଆକାଶ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଅଜୟ ବହାଦୁର ସିଂ, ସୂର୍ଯ୍ୟକ୍ଷେତ୍ର ପ୍ରତିଷ୍ଠାନର ଅଧ୍ୟକ୍ଷ ଡ. ବିପିନ କୁମାର ମିଶ୍ର, ସ୍ୱାସ୍ଥ୍ୟ ପ୍ରଶାସନିକ ସେବା ଡ. ଲୋକନାଥ ଦାସ, ଏଭିପି, କେୟାର ହସ୍ପିଟାଲ, ବ୍ୟବସାୟିକ କ୍ଷେତ୍ରରେ ମଧୁକୁଞ୍ଜ ଗ୍ରୁପର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ପ୍ରବୀଣ ଅଗ୍ରୱାଲ, ମାନସିକ ରୋଗ ବିଶେଷଜ୍ଞ ଡ. ଅମୃତ ପଟ୍ଟଯୋଶୀ, ଚାଟାର୍ଡ ଆକାଉଣ୍ଟାଣ୍ଟ ଭି ଅଜିତ କୁମାର ରାଜୁ, ଓଲିଉଡ୍ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ, ଯାତ୍ରା କଳାକାର ପିୟୁଷ ତ୍ରିପାଠୀ, ହିନ୍ଦୁସ୍ଥାନ ଆଡଭାଟାଇଜିଙ୍ଗ ଏଜେନ୍ସିର ନିର୍ଦ୍ଦେଶକ ସୁଜିତ କୁମାର ରାଉତ, ସାମାଜିକ କର୍ମୀ ତଥା ରାଜନେତ୍ରୀ ଦେବସ୍ମିତା ମହାନ୍ତି, ଅଭିନେତ୍ରୀ ଭୂମିକା ଦାଶ, କବି ଓ ଗୀତିକାର ପଞ୍ଚାନନ ନାୟକ, କର୍ପୋରେଟ ଅଫେୟାର୍ସ ଶିଳାଦିତ୍ୟ ବାଗ୍‌ଚି, ବର୍ଷା ମହାନନ୍ଦା, ସୁବାସ କ୍ରିଏସନର ଅଧ୍ୟକ୍ଷ ସୁବାସ ସାହୁ, ସମାଜସେବୀ ଡ. ସୁରେଶ୍ୱରୀ ସାଗରିକା ଜେନା, ଉପସ୍ଥାପିକା ତଥା ଆଇନଜୀବୀ ସୁଲଗ୍ନା ରାଉତରାୟ, ସୁରଭି ରେଡିଓର ପ୍ରଭାତୀ ନାୟକ, ଟାଇମ୍ସନାଓର ଭୁବନେଶ୍ୱର ପ୍ରତିନିଧି ସତୀଶ କୁମାର ଦାଶ, ଗ୍ଲୋରିଅସ ଇଂଲିଶ ମିଡିୟମ ସ୍କୁଲର ଅଧ୍ୟକ୍ଷ ଅଭୟ ପତି, ବିଗବସ୍ ଫେମ ସବ୍ୟସାଚୀ ଶତପଥୀ, ମାନବିକ ଅଧିକାର ସଂଗ୍ରାମୀ ଅଭୟ ପଟ୍ଟନାୟକ ପଅମୁକଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ୩୫ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନୀତ କରାଯାଇଥିଲା।

# ସଂଗ୍ରାମୀ ସାରଙ୍ଗଧରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଭୁବନେଶ୍ୱର, ୧୭ ।୧୦(ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ତଥା ଗଡ଼ଜାତ ଗାନ୍ଧୀ ଭାବେ ପରିଚିତ ସାରଙ୍ଗଧର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଶୁକ୍ରବାର ସଂସ୍କୃତି ଭବନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସ ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ଡକ୍ଟର କୃଷ୍ଣଚନ୍ଦ୍ର ଆଇଚ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାରଙ୍ଗଧରଙ୍କ ସ୍ୱାଧୀନ ଚିନ୍ତକ ଓ ସଂଗ୍ରାମୀ ପରିଚୟ, ଗଡ଼ଜାତ ଆନ୍ଦୋଳନ, ସ୍ୱାଧୀନତା ସଂଗ୍ରାମ ଏବଂ ଶିଳ୍ପ ବିକାଶରେ ତାଙ୍କର ଅବଦାନ ଉପରେ ଆଲୋଚନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଡକ୍ଟର ଅଦ୍ୱୈତ ଚରଣ ଗଡ଼ନାୟକ ସାରଙ୍ଗଧରଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଡକ୍ଟର ସଂଗ୍ରାମ ଜେନା, ସନାତନ ମଲ୍ଲିକ୍, ଡକ୍ଟର ଉଦ୍ଧବ ଚରଣ ନାୟକ, ଡକ୍ଟର ସୁଧାଂଶୁ ଷଡ଼ଙ୍ଗୀ ଏବଂ ଏକାଡେମୀ ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା ଯୋଗଦାନ କରିଥିଲେ। ଏକାଡେମୀର ସହ ସଚିବ ସଞ୍ଜୟ କୁମାର ଛୁଆଳସିଂହ ସ୍ୱାଗତ ଓ ଧନ୍ୟବାଦ ଦେଇଥିଲେ। ଅନେକ ବୁଦ୍ଧିଜୀବୀ, ସାହିତ୍ୟିକ ସାମ୍ବାଦିକମାନେ ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ।



# ସଞ୍ଜ ହେଲେ ନିଶାରେ ଭାସୁଛି ରାଜଧାନୀ ଉପକଣ୍ଠ

ଯାଁଳା, ୧୭।୧୦(ସମିସ): ଭୁବନେଶ୍ୱର ଉପକଣ୍ଠ ଇନ୍‌ଫୋଭାଲି ଥାନାର ବିଭିନ୍ନ ଜାଗାରେ ବଢ଼ି ଚାଲିଛି ନିଶା କାରବାର। ଲୋକମାନଙ୍କ ମଧ୍ୟରେ ଜେତେ ସଚେତନତା ସୃଷ୍ଟି କଲେ ମଧ୍ୟ ଏପରିକି ପୋଲିସ୍‌ର ଅନେକଥର ଚଢାଉ ସତ୍ତ୍ୱେ ମଧ୍ୟ ନିଶାଡ଼ିମାନଙ୍କୁ କିଛି ଫରକ ପଡୁନି। ସେମାନେ ଅବାଧରେ ନିଶା ସେବନ ସହିତ ନିଶାକାରବାରର ସାମ୍ରାଜ୍ୟ ବଢ଼ାଇବାରେ ଲାଗିଛନ୍ତି। ଫଳରେ ସଞ୍ଜ ହେଲେ ରାଜଧାନୀ ଉପକଣ୍ଠବର୍ତ୍ତୀ ଇନ୍‌ଫୋଭାଲି ଥାନା ଅଞ୍ଚଳରେ ଅବାଧ ନିଶାଡ଼ିଙ୍କ ଉତ୍ପାତ ବଢ଼ି ଚାଲିଛି।

**■ ପାନ ଦୋକାନରେ ବି ମିଳୁଛି ନିଶାଦ୍ରବ୍ୟ**

**■ ହୋଟେଲ୍, ରେଷ୍ଟୁରାଣ୍ଟରେ ଅବାଧ ନିଶା କାରବାର**

**■ ସ୍କୁଲ ଓ ମନ୍ଦିର ନିକଟରେ ଚାଲିଛି ମଦ ବେପାର**

ଇନ୍‌ଫୋଭାଲି ଥାନାର ତିନୋଟି ପଞ୍ଚାୟତର ବିଭିନ୍ନ ସ୍ଥାନରେ ଖୁଲମ୍‌ଖୁଲା ଏହା ଅବାଧରେ ଚାଲ ଚାଲିଛି ଗଙ୍ଗପଡ଼ା ପଞ୍ଚାୟତର ଭାତଖୁରି ସ୍କୁଲ ପାଖରେ ଥିବା ଚାନ୍ଦିନି ଉପରେ ଖୁଲମ୍ ଖୁଲା ଅପରାହ୍ଣ ୪ ଟାରୁ ରାତି ୧୨ ଟା ପର୍ଯ୍ୟନ୍ତ ଦୁଇ ଜଣ ମହିଳା ଏବଂ ଜଣେ ପୁରୁଷ ଦେଶୀ ମଦ ଜାର୍ କିନି ରଖି ନିର୍ଭୟରେ ବେପାର କରି ଚାଲିଛନ୍ତି। ସେହିପରି ଗଙ୍ଗପଡ଼ା ପଞ୍ଚାୟତର ହରିଜନ ସାହି, ଗଙ୍ଗପଡ଼ାରୁ ଗ୍ରାମୁଣ୍ଡି ଯିବା ରାସ୍ତାର ପୋଖରୀ ପାଖରେ ଏହି କାରବାର ନିର୍ଭୟରେ ଚାଲିଥିବା ବେଳେ ପୁଣି ଗ୍ରାମୁଣ୍ଡିର ମେଳଣ ପଡ଼ିଆ, ପିତା ପଲ୍ଲିର ଏକ ବ୍ୟାଙ୍କ ପଛ ପଟ ଏବଂ ଏକ ସ୍କୁଲ ପାଖରେ ଏହି କାରବାର ଚାଲିଛି। ସେହିପରି ଯାଁଳା ପଞ୍ଚାୟତର ଦକ୍ଷିଣ ମୁଣ୍ଡମୁହାଣର ଗୋଲେଇ ସାହି, ସ୍କୁଲ୍, ହରିଜନ ସାହି ଓଗାଳପଡ଼ା-୧ ର ପଛପଟ ସାହି ଚଣ୍ଡୀ ମନ୍ଦିର, ବାଟଭୁଆଶୁଣି ପଛ ପଟ, ଗ୍ୟାରେଜ୍ ନିକଟରେ ଏହି କାରବାର ଚାଲିଛି, ସେହିପରି ତଳଖେତା ଛକଠାରୁ ଇନ୍‌ଫୋଭ୍ୟାଲି ଥାନା ପର୍ଯ୍ୟନ୍ତ ରାସ୍ତାର ଦୁଇପାର୍ଶ୍ୱରେ ଥିବା ଅନେକ ଛୋଟ ଛୋଟ ଦୋକାନ ମାନଙ୍କରେ ଏହି ନିଶା କାରବାର ଚାଲିଛି। ଏହି ଜାଗାମାନଙ୍କରେ ଭାଙ୍ଗ ଠାରୁ ଆରମ୍ଭ କରି ଧଳା ଜହର ପର୍ଯ୍ୟନ୍ତ ସବୁ କିଛି ନିଶା ଦ୍ରବ୍ୟର କାରବାର ଜୋର ସୋର୍‌ରେ ଚାଲିଛି। ଏମିତିକି କିଛି ଦୋକାନୀ ଗରାଖଙ୍କୁ ନିଶା ବିକ୍ରି କରୁଛନ୍ତି।




ଏହି ଅଞ୍ଚଳରେ ହୋଟେଲ, ଚିକେନ୍ କାଉଣ୍ଟର, ତେଜରାତି ଦୋକାନ, ପାନ ଦୋକାନ, ସ୍କୁଲ ପଡ଼ିଆ, ଲକ୍ଷ୍ମୀ ମଣ୍ଡପରେ ମଧ୍ୟ ଏହି କାରବାର ଚାଲିଛି। ଏମିତିକି ଫୋନ୍ ମାଧ୍ୟମରେ ମଧ୍ୟ ନିଶା ଦ୍ରବ୍ୟ ମରାଯାଉଛି। ଏପରିକି ଓଗାଳପଡ଼ା ଓ କାଶୀପୁରର ଦୁଇ ଜଣ ବ୍ୟକ୍ତି ଲାଗୁଆ କ୍ଷୀର ବେପାରି ସାଇକେଲ୍ ଏବଂ ବାଇକ୍‌ରେ ବୁଲି ଠିକଣା ଯାଗାରେ ନିଶାଦ୍ରବ୍ୟ ପହଞ୍ଚାଇ ଦେଉଛନ୍ତି। ସେହିପରି ଯାଁଳାର ଲକ୍ଷ୍ମୀ ମଣ୍ଡପ, ଓଭର୍ ବ୍ରିଜ ନିକଟ ଏବଂ ପୋଷ୍ଟ ଅଫିସ୍ ଛକର ତ୍ରିନାଥ ମଣ୍ଡପ, ରାଧାମାଧବ ଖେଳ ପଡ଼ିଆ ନିକଟ ଏହି କାରବାର ଚାଲିଛି। ସେହିପରି ହରପୁରର ଚଣ୍ଡୀ ମନ୍ଦିର ନିକଟ ଏବଂ ଅନ୍ୟାନ୍ୟ ଜାଗାରେ ଏହି ବେପାର ଖୁଲମ୍‌ଖୁଲା ଚାଲିଛି। ଯାଁଳାର ଲେପର୍ସି କଲୋନୀ ରାସ୍ତାରେ ମଧ୍ୟ କିଛି ମହିଳା ନିଶା ଦ୍ରବ୍ୟ କାରବାର ଜୋର୍ ସୋର୍‌ରେ କରୁଛନ୍ତି। ନିଶା ଦ୍ରବ୍ୟ କାରବାର କରୁଥିବା କେତେକ ବ୍ୟକ୍ତି ଧରାପଡ଼ି ଜେଲ୍ ଗଲେ ମଧ୍ୟ ସେଠାରୁ ମୁକୁଳି ପୁଣି ତାଙ୍କର ବେପାର ଆରମ୍ଭ କରିଦେଉଛନ୍ତି। ଫଳରେ ଚୋରି, ଡକାୟତି, ରାହାଜାନି କରିବାକୁ ସେମାନେ ପଛାଉ ନାହାନ୍ତି।

## ଗୋରୁ ବୋଝେଇ ୬ ଭ୍ୟାନ୍ ଜବତ

ମହୁଲଡିହା/ ଠାକୁରମୁଣ୍ଡା, ୧୭।୧୦(ସମିସ): ମହୁଲଡିହା ଥାନା ପୁଲିସ ଆନନ୍ଦପୁର-ଠାକୁରମୁଣ୍ଡା ନଂ ୫୩ ରାଜ୍ୟ ରାଜପଥରେ ପାଟ୍ରୋଲିଂ କରୁଥିବା ବେଳେ ଆନନ୍ଦପୁର ଆଡୁ ଚୋରାରେ ଗୋରୁ ବୋଝେଇ କରି ଆସୁଥିବା ୬ଟି ପିକଅପ ଜବତ କରି ଥାନାକୁ ଆଣିଛି। ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ତତ୍ପରତା ଫଳରେ କରଞ୍ଜିଆ ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାଏକଙ୍କ ନିର୍ଦ୍ଦେଶନାରେ ଖବର ପାଇ ମହୁଲଡିହା ଥାନା ଆଇଆଇସି ଅରୁଣ କୁମାର ଟୁଡୁ, ଏଏସଆଇ ସନ୍ତୋଷ କୁମାର ନାୟକ, ବିଜୟକୃଷ୍ଣ ସାନ୍ତରା ଓ ପୁଲିସ କର୍ମଚାରୀଙ୍କ ସହିତ ଗୁରୁବାର ରାତିରେ ମହୁଲଡିହା-ଭାଲିଆଡାଳ ରାସ୍ତାର ପୁରୁଣାପାଣି ପୋଲ ବାଙ୍କରେ ଗାଡ଼ିଗୁଡ଼ିକ ଜବତ କରିଥିଲେ। ୬ଟି ଭ୍ୟାନରେ ମୋଟ ୪୮ ଗୋରୁ ବୋଝେଇ ହୋଇ ଉଦଳା ଆଡ଼କୁ ଯାଉଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ୫ ଜଣ ଡ୍ରାଇଭରକୁ ଅନ୍ଧାରରେ ଧରି ଥାନାରେ ଅଟକ ଥିବା ବେଳେ ଜଣେ ଖସିଯାଇଛି। ଗାଡ଼ିଗୁଡ଼ିକ ଥାନାକୁ ଆଣି ଥାନାଧିକାରୀ ଆନିମଲ ଆକ୍ଟରେ ମାମଲା ରୁଜୁ କରି ତଦନ୍ତ କରୁଛନ୍ତି। ପ୍ରାଣୀ ଚିକିତ୍ସକଙ୍କୁ ଡାକି ସମସ୍ତ ଗୋରୁର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି।

## ଯୁବକଙ୍କ ମୃତଦେହ ଉଦ୍ଧାର

ବୈଶିଙ୍ଗା, ୧୭।୧୦(ସମିସ): ବେତନଟୀ ଥାନା ଅଧୀନ ବାହାନଡା ଗ୍ରାମରେ ଶ୍ୱଶୁରଘରେ ରହୁଥିବା ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ବେତନଟୀ ପୁଲିସ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ କରିଛି। ମୃତକ ହେଲେ ବାଙ୍ଗିରିପୋଷି ବଜାର ଅଞ୍ଚଳର ଜୀତେନ୍ଦ୍ର ପଟ୍ଟନାୟକ (୪୬)। ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛନ୍ତି।

## ଠାକୁରମୁଣ୍ଡାରେ ମେଗା ରକ୍ତଦାନ ଶିବିର, ୨୧୭ ୟୁନିଟ୍ ସଂଗ୍ରହ

ଠାକୁରମୁଣ୍ଡା/ମହୁଲଡିହା, ୧୭।୧୦(ସମିସ): କରଞ୍ଜିଆର ବିଧାୟକ ପଦ୍ମଚରଣ ହାଇବ୍ରୁଙ୍କ ଜନ୍ମଦିନ ଅବସରରେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା ବେଳେ ୨୧୭ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ବିଧାୟକ ନିଜସ୍ୱ ପାଣ୍ଠିରୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସ ହସ୍ତାନ୍ତର କରିଛନ୍ତି। ଆମ୍ବୁଲାନ୍ସଟି ଖୁମଠାଣ ଜୟ ହନୁମାନ ଟ୍ରଷ୍ଟ ଦ୍ୱାରା ପରିଚାଳିତ ହେବ। ବିଧାୟକଙ୍କ ଦ୍ୱାରା ରକ୍ତ ଭଣ୍ଡାରର ଗୃହ ମଧ୍ୟ ଉଦ୍‌ଘାଟିତ ହୋଇଯାଇଛି। ବିଜେପି ସଭାପତି (ପଶ୍ଚିମ) ଜ୍ଞୁରିଲାଲ ମହାନ୍ତ, ପୂର୍ବତନ ସଭାପତି ତଥା ବରିଷ୍ଠ ନେତା କୃପାସିନ୍ଧୁ ମହାନ୍ତ, ବାଞ୍ଛାନିଧି ପୃଷ୍ଟି, କୁନା ପଣ୍ଡା ପ୍ରମୁଖ ଅନ୍ୟମାନେ ଉପସ୍ଥିତ ଥିଲେ। ସରକାରୀ କର୍ମଚାରୀ, ଠାକୁରମୁଣ୍ଡା ଡ୍ରାଇଭର ମହାସଂଘ, ସାଧାରଣ ଜନତାଙ୍କ ସମେତ ବହୁ ଅନୁଷ୍ଠାନ ସାମିଲ ହୋଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ।

## ୧୬ଟି ପ୍ରକଳ୍ପର ଶିଳାନ୍ୟାସ

ବୈଶିଙ୍ଗା, ୧୭।୧୦(ସମିସ): ବଡ଼ସାହି ନିର୍ବାଚନମଣ୍ଡଳୀର ବିଧାୟକ ସନାତନ ବିଜୁଳି ବେତନଟୀ ବ୍ଲକ ଗସ୍ତକରି ମାରାଥନ କାର୍ଯ୍ୟକ୍ରମ କରିଥିବା ବେଳେ ଗୋଟିଏ ଦିନରେ ୧କୋଟି ୫୭ଲକ୍ଷ ୪୩ହଜାର ୫ଶହ ୨୭ଟଙ୍କାର ୧୬ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ବେତନଟୀର ପିଏମଶ୍ରୀ ଏମପିସି ହାଇସ୍କୁଲରେ ୧୨ଲକ୍ଷ ଟଙ୍କାରେ ପିଏମଶ୍ରୀ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ଗଡ଼ଦେଉଳିଆ ଠାରୁ ମାରାଥନ ଶିଳାନ୍ୟାସ କାର୍ଯ୍ୟକ୍ରମର ଆରମ୍ଭ କରିଥିବା ବେଳେ ରଙ୍ଗାମାଟିଆ, ହେମପୁର, ପଣସିଆ, ରଘୁପୁର, ହରିପୁର, ଦୁର୍ଗାପୁର, ରାଉତରା, ଭ୍ରମରଗୋଡା, ବେତନଟୀ, ତୁଳସୀଚଉରା, ଆଗ୍ରିଆ, ଯୁଗୋଳ ସମେତ ଖଇରିବଣି ପରି ବିଭିନ୍ନ ସ୍ଥାନରେ ୧୬ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। କାର୍ଯ୍ୟକ୍ରମରେ ବିଡିଓ ସୁଶାନ୍ତ କୁମାର ସୂତାର, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ସୌମ୍ୟଶ୍ରୀ ଭୋଇ, ଇଂ. ପ୍ରଶାନ୍ତ ବେହେରା, ଇଂ. ପୁଲିସ ସେଠୀଙ୍କ ସମେତ ସମ୍ପୃକ୍ତ ପଞ୍ଚାୟତର ଯନ୍ତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ଲକ୍ଷ୍ମୀବସ୍‌ର ହେଉନି ରକ୍ଷଣାବେକ୍ଷଣ; ବସ୍ ଖରାପ, ଯାତ୍ରୀ ହନ୍ତସନ୍ତ




କୁଳିଅଣା, ୧୭।୧୦(ସମିସ): କୁଳିଅଣା ବ୍ଲକରେ ଲକ୍ଷ୍ମୀବସ୍ ଦିନକୁ ଦିନ ଅତ୍ୟନ୍ତ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ସଠିକ ଭାବେ ରକ୍ଷଣାବେକ୍ଷଣ ହେଉନଥିବାରୁ ଭଲ ବସ୍‌ଗୁଡ଼ିକ ଖରାପ ହେଉଛି ବୋଲି ଅଭିଯୋଗ ହେଉଛି। ବିପର୍ଯ୍ୟସ୍ତ ସେବା ଯୋଗୁଁ ଯାତ୍ରୀ ହନ୍ତସନ୍ତ ହେବାରେ ଲାଗିଛନ୍ତି। ଏହିପରି ଅବସ୍ଥା କୁଳିଅଣା ବ୍ଲକ ଚାନ୍ଦୁଆ ଅଞ୍ଚଳରେ ଦେଖିବାକୁ ମିଳିଛି। ବ୍ଲକର ସମସ୍ତ ୧୭ଟି ପଞ୍ଚାୟତକୁ ସମୁଦାୟ ୯ଟି ଲକ୍ଷ୍ମୀ ବସ୍ ଚଳାଚଳ କରିଥାଏ। ପରିବହନ ସେବା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ କରିବା ପାଇଁ ପୂର୍ବ ସରକାରଙ୍କ ସମୟରେ ଲକ୍ଷ୍ମୀବସ ସେବା ଆରମ୍ଭ ହୋଇଥିଲା। ଗ୍ରାମାଞ୍ଚଳରୁ ସହରକୁ ତଥା ଜିଲ୍ଲା ମୁଖ୍ୟାଳୟକୁ ଯାତ୍ରୀ ପରିବହନ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ ସେବା କାର୍ଯ୍ୟକାରୀ କରାଯାଇଥିଲା। ଏହା ଜନସାଧାରଣଙ୍କ ପାଇଁ ବେଶ ସହାୟକ ହେଉଥିବା ବେଳେ ସ୍ୱଳ୍ପଖର୍ଚ୍ଚରେ ଲୋକେ ଖୁବ କମ ସମୟରେ ଯାତାୟାତ କରୁଥିଲେ। କିନ୍ତୁ ରାଜ୍ୟରେ ବିଜେପି ସରକାର ଗଠନ ହେବା ପରଠୁ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। କୁଳିଅଣା ବ୍ଲକରେ ଲକ୍ଷ୍ମୀବସ ଗୁଡ଼ିକ ଖରାପ ହୋଇଥିବା ବେଳେ ମରାମତି ମଧ୍ୟ ହେଉନାହିଁ। ଯାହାଫଳରେ ଯାତ୍ରୀମାନେ ଅତି ହିନସ୍ତା ହୋଇ ଚାଲି ଚାଲି ଯାଆଆସ କରୁଛନ୍ତି। ପୂର୍ବରୁ ବ୍ଲକରେ ୯ଟି ଭଲ ଲକ୍ଷ୍ମୀ ବସ୍ ଥିବା ବେଳେ ତାହାକୁ ଅନ୍ୟ ବ୍ଲକକୁ ପ୍ରଦାନ କରାଯାଇଛି। ଅନ୍ୟ ବ୍ଲକର ଖରାପ ବସ୍ ଗୁଡ଼ିକ ବ୍ଲକରେ ଚଳାଚଳ କରୁଛି ବୋଲି ଯାତ୍ରୀ ଅଭିଯୋଗ କରିଛନ୍ତି। ଯାହାଫଳରେ ପ୍ରତିଦିନ ନିହାତି ଗୋଟିଏ ବସ ଖରାପ ହେବାରେ ଲାଗିଛି। କୁଳିଅଣା ବ୍ଲକର ବହୁ ଅଗମ୍ୟ ଅଞ୍ଚଳରୁ ସ୍ୱଳ୍ପ ମୂଲ୍ୟରେ ଯାତ୍ରୀ ପରିବହନ ବ୍ୟବସ୍ଥା ଏହା ଦ୍ୱାରା ବାଧା ପ୍ରାପ୍ତ ହେବାରେ ଲାଗିଛି। ଛାତ୍ରଛାତ୍ରୀ, ମହିଳା ଓ ଦିନ ମଜୁରିଆ ସମେତ ଜନସାଧାରଣ ମୁଖ୍ୟାଳୟ ଯିବା ଆସିବା କଷ୍ଟସାଧ ହେଉଛି। ଉକ୍ତ ପୁରୁଣା ବସଗୁଡ଼ିକ ଠିକ୍ ଭାବେ ମରମତି କରିବା ନେଇ କର୍ତ୍ତୃପକ୍ଷ ଧ୍ୟାନ ଦେବାକୁ ଯାତ୍ରୀମାନେ ନିବେଦନ କରିଛନ୍ତି।

## ବଡ଼ସାହି ବସ୍‌ଷ୍ଟାଣ୍ଡ ନିର୍ମାଣ ସ୍ଥାନ ପରିବର୍ତ୍ତନ ଦାବି

ବଡସାହି, ୧୭।୧୦(ସମିସ): ବଡ଼ସାହିରେ ଏକ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ପୂର୍ବରୁ ବିଭାଗୀୟ ଅନୁମୋଦନ ଲାଭ କରିଥିଲା। ମାତ୍ର ସ୍ଥାନ ଅଭାବ ପାଇଁ ଏହି କାର୍ଯ୍ୟ ଆଗକୁ ଯାଇପାରୁନଥିଲା। ମାତ୍ର ତୁରନ୍ତ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଶାସନିକ ଚାପଫଳରେ, ବଡ଼ସାହି ରାଜସ୍ୱ ବିଭାଗ ତାଳପଦାଠାରେ ସ୍ଥାନ ଯୋଗାଇଦେବା ପାଇଁ ସ୍ଥିର କରିଥିଲେ। ମାତ୍ର ଯେଉଁ ସ୍ଥାନ ସ୍ଥିରିକୃତ ହୋଇଥିଲା, ଏହାକୁ ନେଇ ଅସନ୍ତୋଷ ମୁଣ୍ଡ ଟେକିଛି। ଏହି ସ୍ଥାନ ସମ୍ମୁଖରେ କିଛି ଲୋକଙ୍କର ଦୈନନ୍ଦିନ ଜୀବନ ଜୀବିକା ପାଇଁ ଦୋକାନ ଗୃହ ରହିଥିବାରୁ ଏହାକୁ ଅନ୍ୟତ୍ର ସ୍ଥାନାନ୍ତରଣ ପାଇଁ ଦାବି ହୋଇଛି। ଏହି ଦୋକାନ ଗୃହଗୁଡିକ ଉଚ୍ଛେଦ ପାଇଁ ପ୍ରଶାସନିକ ସ୍ତରରେ ସଜବାଜ ଆରମ୍ଭ ହୋଇଥିବା ବେଳେ ଗ୍ରାମବାସୀ ଏହାର ପୁନଃବିଚାର କରିବା ପାଇଁ ଗୁରୁବାର ବାରିପଦା ସହର ଉପଜିଲ୍ଲାପାଳ ଓ ବଡସାହି ତହସିଲଦାରଙ୍କୁ ସାକ୍ଷାତ କରି ଅଭିଯୋଗ ପ୍ରଦାନ କରିଛନ୍ତି। କାହାରି କିଛି କ୍ଷତି ନ ହେବା ଭଳି ଅନ୍ୟତ୍ର ବହୁ ଭଲ ସ୍ଥାନ ଥିବା ବେଳେ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ଏହାକୁ ସ୍ଥାନାନ୍ତରଣ କରିବା ପାଇଁ କହିଛନ୍ତି। କାରଣ ବଡସାହି-ମାଣତ୍ରୀ ମୁଖ୍ୟରାସ୍ତାର ଦକ୍ଷିଣପାର୍ଶ୍ୱରେ ବହୁଦିନ ମଜୁରିଆ, ଗରିବ ଓ ବିପିଏଲ ବର୍ଗର ଲୋକମାନେ ଦୋକାନ କରି ନିଜ ପରିବାର ପ୍ରତିପୋଷଣ କରୁଥିବା ବେଳେ ଏହା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଉଚ୍ଛେଦ ଫଳରେ ସେମାନେ କ୍ଷତିଗ୍ରସ୍ତ ହେବା ସହିତ ବହୁ ଅସୁବିଧାର ସମ୍ମୁଖୀନ ହେବେ। ଏହାର ସ୍ଥାୟୀ ସମାଧାନ ଓ ବସ୍‌ଷ୍ଟାଣ୍ଡ ନିର୍ମାଣ କିପରି ସୁରଖୁରରେ ହୋଇପାରିବ ସେଥିପାଇଁ ଏହାର ପୁନଃବିଚାର କରି ନୂତନ ସ୍ଥାନ ଚୟନ କରିବାକୁ ସରପଞ୍ଚ ବାଘରାୟମାଝୀଙ୍କ ସହିତ ଗ୍ରାମବାସୀ ଦାବି କରିଛନ୍ତି। ଏସମ୍ପର୍କରେ ତହସିଲଦାର କରୁଣାକର ଧିଦାଙ୍କୁ ପଚାରିବାର ସେ କହନ୍ତି, ଏଥିରେ ପୁନଃବିଚାର କରିବାର ଅଧିକାରୀ ମୋର ନାହିଁ, ଜିଲ୍ଲାପାଳ ଓ ଓଏସ୍‌ଆର୍‌ଟିସିର ଜେନେରାଲ ମ୍ୟାନେଜର ଯାହା କିଛି ସିଦ୍ଧାନ୍ତ କରିବେ। କିନ୍ତୁ ଆମେ ତାଙ୍କୁ ୨୨ତାରିଖ ସୁଦ୍ଧା ସ୍ଥାନ ଛାଡ଼ିବାକୁ ନୋଟିସ୍ ଦେଇଛୁ ବୋଲି କହିଛନ୍ତି।

## ଦୁଆରଶୁଣି ଘାଟି ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଶେଷ ପାଇଁ ପୂଜାର୍ଚ୍ଚନା

ବାରିପଦା, ୧୭।୧୦(ସମିସ): ବିଗତ କିଛି ବର୍ଷ ଧରି ମରଣଯନ୍ତା ପାଲଟିଥିବା ୪୯ନଂ ଜାତୀୟ ରାଜପଥର ଦ୍ୱାରଶୁଣି ଘାଟି ରାସ୍ତା ଉନ୍ନତିକରଣ ସହିତ ୪ ଲେନ ବିଶିଷ୍ଟ ସମ୍ପ୍ରସାରଣ କରିବା ସକାଶେ ଭଞ୍ଜସେନା ପକ୍ଷରୁ ନିରବିଚ୍ଛିନ୍ନ ଭାବେ ୨୦୨୦ ମସିହାରୁ ସରକାରଙ୍କୁ ଦାବିପତ୍ର ପ୍ରଦାନ, ଧାରଣା ଓ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା ଭଳି ସମସ୍ତ ପ୍ରୟାସ ହୋଇଆସିଛି। ତତସହିତ ଘାଟି ରାସ୍ତା ସମ୍ପ୍ରସାରଣ ପାଇଁ ସରକାରଙ୍କ ତରଫରୁ ସବୁଜ ସଂକେତ ମିଳିଲା ପରେ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରଶସ୍ତିକରଣ ସହିତ ଯଥାଶୀଘ୍ର କାର୍ଯ୍ୟ ସମାପ୍ତି ପାଇଁ ଜିଲ୍ଲା ଉପସଭାପତି ମନୋରଞ୍ଜନ ବାରିକଙ୍କ ପୌରୋହିତ୍ୟରେ ମା’ ଦ୍ୱାରଶୁଣିଙ୍କ ପାଖରେ ପୂଜାର୍ଚ୍ଚନା କରାଯାଇଥିଲ। କାର୍ଯ୍ୟକ୍ରମରେ ଭଞ୍ଜସେନା ଜିଲ୍ଲା ସଭାପତି ପିଣ୍ଟୁ ମାଇତି, ଆଦିବାସୀ ଶାଖା ସଭାପତି ବାଜୁନ୍ ହାଁସଦାଃ, ଆବାହକ ରାକେଶ ବେହେରା, ଜିଲ୍ଲା ସଂଯୋଜକ ସାମନ୍ତ ଶେଖର ପାଲ୍, ଉପାଧକ୍ଷା କନିକା ବୋଷ, ଜିଲ୍ଲା ସୋସିଆଲ ମିଡିଆ ସଂଯୋଜକ ସନ୍ତୋଷ ଗିରି, ବାଙ୍ଗିରିପୋଷି ବ୍ଲକ ସଭାପତି ସତ୍ୟପ୍ରକାଶ ମହାନ୍ତି, ସାରସକଣା ବ୍ଲକ ସଭାପତି ହାଡିବନ୍ଧୁ ମହାନ୍ତ, ବାମନଘାଟି ଉପଖଣ୍ଡ ସଭାପତି ସୁନ୍ଦର ମୋହନ ଟୁଡୁ, ଜାମଦା ବ୍ଲକ ସମ୍ପାଦକ ଭାଗବତ ହେମ୍ବ୍ରମ, ବାଙ୍ଗିରିପୋଷି ବ୍ଲକ ଉପସଭାପତି ସୁମନ୍ତ ଗିରି, ବାରିପଦା ସହର ସଭାପତି ରାକେଶ୍ ମହାନ୍ତି, ଯୁବ ସମ୍ପାଦକ ଗୌରାଙ୍ଗ ଘଡେଇ, ଶ୍ୟାମାଖୁଣ୍ଟା ବ୍ଲକ କାର୍ଯ୍ୟକାରୀ ସଭାପତି ଦୀପକ୍ ବେହେରା, ଗଣମାଧ୍ୟମ ସଂଯୋଜକ ମୁକ୍ତିଦତ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ମା’ ଫୁଲସୁନ୍ଦରୀଙ୍କ ପୂଜା ଓ ନୂଆଁଖାଇ ପର୍ବ

ଶୁଳିଆପଦା, ୧୭।୧୦(ସମିସ): ଇଷ୍ଟଦେବୀ ମା’ ଫୁଲସୁନ୍ଦରୀଙ୍କ ପୂଜା ଓ ନୂଆଁଖାଇ ପର୍ବ ପାଳିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ ଫାନିଆ ପଞ୍ଚାୟତ ମୁଣ୍ଡାକଟା ହରିଜନସାହିରେ ପ୍ରତ୍ୟକ୍ଷଦେବୀ ମା’ ଫୁଲସୁନ୍ଦରୀଙ୍କ ବଡ଼ପୂଜା ହେବାସହିତ ସାହିର ଆବାଳବୃଦ୍ଧବନିତା ନୂଆ ଖାଇଥାନ୍ତି। ପଶ୍ଚିମ ଓଡ଼ିଶା ଭଳି ଏହି ସାହିରେ ସମସ୍ତେ ନୂଆଚୂଡ଼ା, ଚାଉଳ ଓ ନୂତନ ବସ୍ତ୍ର ପରିଧାନ କରି ଉପବାସ ରହି ଇଷ୍ଟଦେବୀଙ୍କ ପାଖରେ ଭୋଗ ଲଗାଇଥାନ୍ତି। ପରେ ସମସ୍ତେ ନୂଆ ଚୂଡ଼ା, ଚାଉଳ ସେବନ କରିଥାନ୍ତି। ଯିଏ ଯେଉଁଠି ଥାଏ ଏହି ଦିନଟିରେ ଘରକୁ ଆସନ୍ତି ମାଙ୍କ ଆଶୀର୍ବାଦ ପାଇଁ।

## ପାନୀୟ ଜଳର ସଂରକ୍ଷଣ ଓ ସୁପରିଚାଳନା କର୍ମଶାଳା

ମହୁଲଡିହା, ୧୭।୧୦(ସମିସ): ଠାକୁରମୁଣ୍ଡା ବ୍ଲକ ପରିସରରେ ଥିବା ସଭାଗୃହରେ ବିଶୁଦ୍ଧ ପାନୀୟଜଳର ସଂରକ୍ଷଣ ଓ ସୁପରିଚାଳନା ସମ୍ପର୍କିତ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପେସା ସଂଯୋଜକ ମଦନମୋହନ ମହାନ୍ତଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଏପିଓ ଧାନଚନ୍ଦ୍ର ମହାନ୍ତ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟଙ୍କଧର ମହାନ୍ତ, ଠାକୁରମୁଣ୍ଡା ବ୍ଲକ ଜଳ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର ମଣ୍ଡଳ, ଜିପିଡିଓ ଯାଜ୍ଞପ୍ରଭା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ବ୍ଲକର ୧୮ଟି ପଞ୍ଚାୟତରେ କାର୍ଯ୍ୟରତ ଏସଇଏମଙ୍କ ସମେତ ଜିପିଏଲଏଫ ଫେଡେରେସନର ସଭାପତି, ସମ୍ପାଦିକା, ଏମବିକେ ସିଆରପି ୱାଡ ମେମ୍ବରଙ୍କ ସମେତ ୫୦ଜଣ ଶିବିରରେ ଯୋଗଦେଇ ପ୍ରଶିକ୍ଷଣ ନେଇ ଥିଲେ।

## ଆୟୁର୍ବେଦିକ ଚିକିତ୍ସା ଶିବିର

କୁଆମରା, ୧୭।୧୦(ସମିସ): ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଜିଲ୍ଲା ପ୍ରଭାରୀ ଚିନୁ ଦାଶଙ୍କ ନେତୃତ୍ୱରେ ଗୋପବନ୍ଧୁ ନଗର ବ୍ଲକ ଜୟପୁର ପଞ୍ଚାୟତ ରାଇଡିହି ଓ କାଳିମେଘି ଗ୍ରାମରେ ମାଗଣା ଆୟୁର୍ବେଦିକ ଓ ପଞ୍ଚ୍ୟଗବ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଦୁଇଟି ଗ୍ରାମର ୬୫ଜଣ ବିଭିନ୍ନ ରୋଗର ଚିକିତ୍ସା ହୋଇଥିବା ବେଳେ ଡା. ସମ୍ପଦ କୁମାର ଜେନା ଓ ଆଲୋକ ମିଶ୍ର ଯୋଗଦେଇ ରୋଗୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ବ୍ଲକ ସଭାପତି ରବୀନ୍ଦ୍ର ପୁଥାଳ, ଭାଗିରଥି ଦେହୁରୀ, ଶରତ ଚନ୍ଦ୍ର ମୁର୍ମୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନର ଉପଖଣ୍ଡସ୍ତରୀୟ ବୈଠକ

କରଞ୍ଜିଆ, ୧୭।୧୦(ସମିସ): ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନର କରଞ୍ଜିଆ ଉପଖଣ୍ଡସ୍ତରୀୟ ବାର୍ଷିକ ବୈଠକ ସ୍ଥାନୀୟ ଡାକ୍ତରଖାନାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଉପଖଣ୍ଡ ଶାଖା ସମ୍ପାଦକ ଡା. ଗୌରାଙ୍ଗ ଚରଣ ନାୟକଙ୍କ ଅଧ୍ୟକ୍ଷତାରେ ବୈଠକ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଓଏମଏସଏ (ଓମଶା)ର ରାଜ୍ୟ ସମ୍ପାଦକ ଡା. ସଞ୍ଜୀବ ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ ରାଜ୍ୟ କୋଷାଧ୍ୟକ୍ଷ ଡା. କ୍ଷୀରୋଦ ଚନ୍ଦ୍ର ପାଳ, ଉତ୍ତର ଜୋନର ସମ୍ପାଦକ ଡା. ଶୁଭ୍ରାଂଶୁ ପରିଡ଼ା, ଓଏସଡିଏମଓ ଡା. ନଗେନ୍ଦ୍ର ନାଥ ମହାପାତ୍ର ଯୋଗଦେଇ ମତବ୍ୟକ୍ତ କରିଥିଲେ। ବୈଠକରେ ୧୦ଦଫା ଦାବି ସମ୍ପର୍କରେ ଆଲୋଚନା କରାଯାଇ ପ୍ରସ୍ତାବ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଦାବିକୁ ସରକାର ତୁରନ୍ତ ଗ୍ରହଣ ନକରିଲେ ତାହାଲେ ଆଗାମୀ ୨୧ତାରିଖଠାରୁ ସମୂହ ଭାବେ କଳାପୋଷାକ ପରିଧାନ ଓ ଆସନ୍ତା ୩ ତାରିଖଠାରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ (ଓପିଡି)କରାଯିବ। ତେବେ ଜରୁରୀ କାଳୀନ ଚିକିତ୍ସା ଚାଲୁ ରହିବ। ଶେଷରେ କରଞ୍ଜିଆ ଏସଡିଏମଓ ଡା. ନଗେନ୍ଦ୍ର ନାଥ ମହାପାତ୍ର ଯୋଗଦେଇଥିବା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରଘୁନାଥ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ତମ୍ବାକୁ ବର୍ଜନ ଦିବସ

ବୈଶିଙ୍ଗା, ୧୭।୧୦(ସମିସ): ଅଁଳା ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ବଶ୍ୱ ତମ୍ବାକୁ ବର୍ଜନ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅଜିତ୍ କୁମାର ଜେନାଙ୍କ ମାର୍ଗଦର୍ଶନରେ ସମସ୍ତ ଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀ ପ୍ରାର୍ଥନା ସଭାରେ ଯୋଗଦେଇ ନିଶା ମୁକ୍ତ ଶପଥ ପାଠ କରିଥିଲେ। ପରେ ଆଲୋଚନାଚକ୍ର ଆୟୋଜିତ ହୋଇଥିବା ବେଳେ ସଫଳ ଉପସ୍ଥାପନା ପାଇଁ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଶୁଭବନ୍ତ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ଶିକ୍ଷକ ଶୁଭାଶିଷ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବନବିଭାଗକୁ ସହଯୋଗ ପାଇଁ ଗ୍ରାମବାସୀଙ୍କ ବୈଠକ

ମହୁଲଡିହା, ୧୭।୧୦(ସମିସ): କରଞ୍ଜିଆ ବନଖଣ୍ଡ ସାତକୋଶିଆ ବନ୍ୟପ୍ରାଣୀ ଅଧୀନ ସାଲଚୁଆ ଓ ଧୁଡିବାହାଲି ଗ୍ରାମ ସଂଲଗ୍ନ ସଂରକ୍ଷିତ ଜଙ୍ଗଲର ସୁରକ୍ଷା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଧୁଡିବାହାଲି ବଡାମଶାଳରେ ବୈଠକ ଅନୁଷ୍ଠିତ ହୋଇଛି। ପ୍ରକାଶ ଥାଉ କି ସାତକୋଶିଆ ସଂରକ୍ଷିତ ଜଙ୍ଗଲରେ ୨୦୧୩, ୨୦୧୭ ଓ ୨୦୨୧ ମସିହାରେ ସଂରକ୍ଷଣ ପାଇଁ ବନବିଭାଗ ପକ୍ଷରୁ ପ୍ଲାଣ୍ଟେସନ ହୋଇଥିଲା। ନଦୀ ଖମଣ, ଗଳାପଥର, ମହାପାତ୍ର ଡାହି, ଡଙ୍ଗାଧର, ଭୋଳଖନ୍ଦି, ସଦାବିନ୍ଧା ଓ ସ୍ୱାମଗଡ଼ିଆ ପ୍ରାୟ ୧୭୫ ହେକ୍ଟର ଜଙ୍ଗଲରେ ଔଷଧୀୟଚାରାରୋପଣ ହୋଇଥିଲା। ସେଥିମଧ୍ୟରୁ ସଦା ବିନ୍ଧା ଓ ସ୍ୱାମଗଡ଼ିଆରେ ଏବେ ବାଲିଡିହା ପଟୁ ଲୋକେ ଆସି ଜଙ୍ଗଲ ହାଣି ସଫା କରୁଥିବା ସ୍ଥାନୀୟ ଲୋକେ ଦେଖି ଗ୍ରାମବାସୀଙ୍କୁ କହିଥିଲେ। ଏହାଶୁଣି ଗ୍ରାମର ତ୍ରିଶକ୍ତି ଯୁବକ ସଂଘ, ଦୋଳି ମା’ ପାଟ ବୈଦ୍ୟ ସଂଘ ଓ ୫ଟି ଏସଏଚଜିର ମହିଳା ଧୁଡିବାହାଲି ବଡାମଶାଳରେ ଏକତ୍ରିତ ହୋଇ ୧୯ ତାରିଖ ଉଜୁଡା ଜଙ୍ଗଲର ସୁରକ୍ଷା ବନବିଭାଗ ସହିତ ସମସ୍ତେ ଜଙ୍ଗଲକୁ ଯାଇ ବନବିଭାଗକୁ ସହଯୋଗ କରିବେ ବୋଲି ସ୍ଥିର ହୋଇଛି।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିଶୁ ମହୋତ୍ସବ ‘ସୁରଭି’ କାର୍ଯ୍ୟକ୍ରମ

ସାନକେରକୋ, ୧୭।୧୦(ସମିସ): ବଡ଼ସାହି ଗୋଷ୍ଠୀଶିକ୍ଷା ଅଧୀନସ୍ଥ ସାନକେରକୋ ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ‘ସୁରଭି’ ୨୦୨୫ କାର୍ଯ୍ୟକ୍ରମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାନକେରକୋ ପରସରରେ ଅନୁଷ୍ଠିତ ହୋଇଯାଇଛି। ସାନକେରକୋ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଶ୍ରୀରାମ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମର ଆୟୋଜକ ଥିବା ବେଳେ ସଭାପତି ତଥା ପ୍ରଧାନଶିକ୍ଷୟିତ୍ରୀ ତପସ୍ୱିନୀ ଗିରି, ସାନକେରକୋ କ୍ଲଷ୍ଟରର ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷାବିତ୍ ଦୟାନିଧି ପ୍ରତିହାରୀ ଏବଂ ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷାବିତ୍ ପ୍ରଦୀପ କୁମାର ଦାସ ଉପସ୍ଥିତ ଥିଲେ। ନିମନ୍ତ୍ରିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିକାଶ ଚନ୍ଦ୍ର ମହାନ୍ତ, ସମାଜସେବୀ ଜିତେନ୍ ମହାନ୍ତ, ୱାର୍ଡମେମ୍ବର ପ୍ରଦୀପ ପ୍ରତିହାରୀ, ସ୍ୱାସ୍ଥ୍ୟକର୍ମୀ ସୁଜାତା ମହାନ୍ତ, ପ୍ରତାପପୁର ସିଆରସିସି ସଞ୍ଜୀବ କୁମାର ସାହୁ, ଯଦୁନାଥପୁର ସିଆରସିସି ଶାଙ୍ଗ କିସ୍କୁ ଏବଂ ଅବସରପ୍ରାପ୍ତ ଇଟମୁଣ୍ଡିଆ



ସିଆରସିସି ମାନସ ରଞ୍ଜନ ସୁତାର ପ୍ରମୁଖ ଉପସ୍ଥିତ ଥିଲେ। ୧୩ଟି ବିଦ୍ୟାଳୟର ସମୁଦାୟ ୧୯୩ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ‘ତମାଖୁ ବର୍ଜନ ଶପଥ’ ଏବଂ ‘ହାତ ଧୁଆ’ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

**କୁଳିଅଣା:** କୁଳିଅଣା ବ୍ଲକରେ କଷ୍ଟରସ୍ତରୀୟ ଶିଶୁ ମହୋତ୍ସବ କାର୍ଯ୍ୟକ୍ରମ ‘ସୁରଭି’ ପାଳିତ ହୋଇଯାଇଛି। ଚାନ୍ଦୁଆ ସ୍ଥିତ ସରକାରୀ କେଜିବିଭି ଉଚ୍ଚ ବିଦ୍ୟାଳୟରେ ଆୟୋଜନ ହୋଇଥିବା ବେଳେ ପ୍ରଥମ ଅଧ୍ୟାୟରେ ପ୍ରଧାନଶିକ୍ଷୟିତ୍ରୀ ଆରୁଷ୍ଣ ମଣି ବାସ୍କେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସ୍କୁଲ ସଭାପତି ବିଜୟ ସିଂ ଯୋଗଦେଇ କ୍ରାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ



ପ୍ରଧାନଶିକ୍ଷୟିତୀ ଆରୁଷ ମଣି ବାସ୍କେ, ସଭାପତି ଭାବେ ସିଆରସିସି ପ୍ରଦୀପ କୁମାର ଧଳ, ଶିକ୍ଷକ ଦୀପକ ବାରିକ, ରମେଶ ବେହେରା, ଜଗନ୍ନାଥ ରଣା ଉପସ୍ଥିତ ଥିଲେ। ୧୨ଟି କଷ୍ଟର ସ୍କୁଲ ପିଲାମାନେ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୀତ, ପ୍ରବନ୍ଧ, ଖେଳ କାର୍ଯ୍ୟ ଏବଂ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚାନ୍ଦୁଆ କେଜିବିଭି ସ୍ଲୁଲ ପ୍ରଥମ ସ୍ଥାନ ଅଧିକାର କରିବା ସହ ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।

**ବେତନଟୀ/ବୈଶିଙ୍ଗା:** ସଠିଲୋ କ୍ଲଷ୍ଟର ଆଞ୍ଚଳିକ ସାଧାରଣ କର୍ମୀ ସଞ୍ଜୟ କୁମାର ପଣ୍ଡିତଙ୍କ ସଭାପତିତ୍ୱରେ ସରକାରୀ ଉପ୍ରା ବିଦ୍ୟାଳୟ ସଠିଲୋରେ



‘ସୁରଭି’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବେତନଟୀ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିପ୍ଳବ କର ମୁଖ୍ୟଅତିଥି ଭାବେ ଯୋଗଦେବା ସହିତ ପ୍ରାକ୍ତନ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷକ ଜୟଚନ୍ଦ୍ର ଦାସ ମଞ୍ଚ ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ। ସଠିଲୋ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ବର୍ଗର ୯ଟି, କନିଷ୍ଠ ବର୍ଗର ୯ଟି ଏବଂ ଏଫଏଲଏନ ବର୍ଗର (ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର) ୧୨ଟି ବିଭାଗରେ ପ୍ରତିଯୋଗିତା କରାଯାଇଥିଲା। ମୋଟ ୯୦ଜଣ ପ୍ରତିଯୋଗୀ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସଠିଲୋ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଦଳଗତ ଭାବେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପ୍ରାକ୍ତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ ମୁଖ୍ୟଅତିଥି ଭାବରେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଶିକ୍ଷକ ଜୟଚନ୍ଦ୍ର ଦାସ, ରଶ୍ମିତା ଭୂୟାଁ, କମଳାକାନ୍ତ ସିଂ, ବୈରାଗୀ ମହାନ୍ତ, ନରହରି ମହାନ୍ତ, ହରିଶ୍ଚନ୍ଦ୍ର ତୁଙ୍ଗ, ଅନନ୍ୟା ପାଢ଼ୀ, ଆକାଶ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

**ବୈଶିଙ୍ଗା:** ବୈଶିଙ୍ଗା ଥାନା ଅଧୀନ ବଡଛୁରୁଣୀ ସ୍ଥିତ ପଦ୍ମଲୋଚନ ହାଇସ୍କୁଲରେ ଛଚିନାପଦା କ୍ଲଷ୍ଟରସ୍ତରୀୟ ‘ସୁରଭି’ କାର୍ଯ୍ୟକ୍ରମ ଅନୁଷ୍ଠିତ



ହୋଇଯାଇଛି। ମୁଖ୍ୟଅତିଥି ଭାବେ ବେତନଟୀ ବ୍ଲକ ଶିକ୍ଷା ଅଧିକାରୀ ବିପ୍ଳବ କର ଯୋଗଦେଇଥିଲେ। ଛଚିନାପଦା କ୍ଲଷ୍ଟରର ସିଆରସିସି ପ୍ରଦୀପ କୁମାର ଦାସ ସଂଯୋଜନା କରିଥିଲେ। ପଦ୍ମଲୋଚନ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ତପସ୍ୱିନୀ ବେହେରା ମଞ୍ଚାସିନ ଥିଲେ। ଜଗଦୀଶ ମହାନ୍ତ ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁଧାଂଶୁ ସାହୁ କୁନି କୁନି ପିଲାମାନଙ୍କୁ ନେଇ ପ୍ରତିଯୋଗିତା ପରିଚାଳନା କରିଥିଲେ। ପ୍ରଫୁଲ୍ଲ ବେହେରା, ଉଦୟନାଥ ବେହେରା, ରୁକ୍ମଣୀ ଗିରି ଏବଂ ଚକ୍ରଧର ସେଠୀ ଏବଂ ଆୟୋଜକ ପଦ୍ମଲୋଚନ ହାଇସ୍କୁଲର ଦୁଇଜଣ ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ଖୁଣ୍ଟା:** ଖୁଣ୍ଟା ବ୍ଲକ ଅଧୀନସ୍ଥ ୧୦ଟି ବିଦ୍ୟାଳୟକୁ ନେଇ ସରକାରୀ ଉଚ୍ଚ ବିଦ୍ୟାଳୟ, ଧାନଘେରାଠାରେ ଆଞ୍ଚଳିକ ସାଧନକେନ୍ଦ୍ରର ସଂଯୋଜିକା ସୁକାନ୍ତି ସାହୁଙ୍କ ଆୟୋଜନାରେ ଶିଶୁ ମହୋତ୍ସବ ‘ସୁରଭି’ ପାଳିତ ହୋଇଛି। କାର୍ଯ୍ୟକ୍ରମକୁ ଆଞ୍ଚଳିକ ସାଧନକେନ୍ଦ୍ର, ଖୁଣ୍ଟାର ସଂଯୋଜକ ବୃନ୍ଦାବନ ମାର୍ଣ୍ଡି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଧାନଘେରା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟନ୍ତ କୁମାର ଛାଟିଆ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବୃନ୍ଦାବନ ମାର୍ଣ୍ଡି, ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷକ ବ୍ରଜକିଶୋର ମହାନ୍ତି ଓ ବିଦ୍ୟାଳୟର ଚେୟାରମ୍ୟାନ ଯୋଗେଶ୍ୱର ପରିଡ଼ା ଯୋଗଦେଇଥିଲେ। ନରେନ୍ଦ୍ରନାଥ ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ। ୧୦ଟି ବିଦ୍ୟାଳୟର କୁନିକୁନି ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସୁକାନ୍ତି ସାହୁ, ଜୟନ୍ତ କୁମାର ଛାଟିଆଙ୍କ ସହିତ ଅତିରିକ୍ତ



ଗୋଷ୍ଠୀ ଶିକ୍ଷାଧିକାରୀ ଅଞ୍ଜଳି ମହାନ୍ତ ପୁରସ୍କାର ବିତରଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ‘ସୁରଭି’ କାର୍ଯ୍ୟକ୍ରମରେ କ୍ଲଷ୍ଟରର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ଅଞ୍ଜଳି ମହାନ୍ତ କାର୍ଯ୍ୟକ୍ରମକୁ ଉଦ୍‌ଯାପନ କରିଥିଲେ।

**ସାରସକଣା:** ସାରସକଣା ବ୍ଲକ ଅଧୀନ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ମୁରୁଣିଆଠାରେ ମୁରୁଣିଆ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି’ ଅନୁଷ୍ଠିତ



ହୋଇଯାଇଛି। ମୁଖ୍ୟଅତିଥି ଭାବରେ ମୁରୁଣିଆ ପଞ୍ଚାୟତର ସରପଞ୍ଚ ବିରଞ୍ଚି ନାରାୟଣ ନାଏକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କ୍ଲଷ୍ଟର ସାଧନ କେନ୍ଦ୍ର ସଂଯୋଜକ ସୁଜାତା ରାଣୀ ସିଂ, ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନୁ କୁମାର ଗିରି, ମୁଖ୍ୟବକ୍ତା, ପି.କରଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାମରଞ୍ଜନ ପରିଡ଼ା, ଅବସରପ୍ରାପ୍ତ ଶିକ୍ଷକ ଜଗଦୀଶ ଜେନା ଓ ସୁଶାନ୍ତ କୁମାର ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଆୟୋଜିତ ବିଦ୍ୟାଳୟର ଛାତ୍ରୀମାନେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। କ୍ଲଷ୍ଟରର ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ପ୍ରଶାନ୍ତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

**କପ୍ତିପଦା:** ଶାଳଚୁଆ କ୍ଲଷ୍ଟରରେ୧୨ଟି ବିଦ୍ୟାଳୟକୁ ନେଇ ଶିଶୁ ‘ସୁରଭି’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୦୦ ଜଣ ଛାତ୍ରଛାତ୍ରୀ



ଭାଗ ନେଇଥିଲେ। ସିଆରସିସି ଦଶରଥ ମୁର୍ମୁ, ପରିତୋଶ ମହାକୁଡ, ଅର୍ଚ୍ଚନା ପଶା, ପ୍ରଦୀପ ବେହେରା ଓ ରାଜକିଶୋର ବେହେରା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମୀଧର ସିଂ, ମୁଖ୍ୟବକ୍ତା ଭାବେ ଶ୍ରୁତିମୟୀ ଦାସ ଯୋଗଦେଇଥିଲେ। ମୋଟ ୭୫ ଜଣ ପିଲାଙ୍କୁ ପୁରସ୍କୃତ କରାଯାଇଥିଲା। ରାଜକିଶୋର ସାର୍ ସଭା ପରିଚାଳନା କରିଥିଲେ ଓ ଅନ୍ୟମାନେ ସହଯୋଗ କରିଥିଲେ।

**ପ୍ରତାପପୁର:** ବଡ଼ସାହି ଗୋଷ୍ଠୀଶିକ୍ଷା ଅଧୀନସ୍ଥ ପ୍ରତାପପୁର ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ‘ସୁରଭି’ କାର୍ଯ୍ୟକ୍ରମ ସରକାରୀ ପ୍ରାଥମିକ ବିଦ୍ୟାଳୟ



ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରତାପପୁର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସଞ୍ଜୀବ କୁମାର ସାହୁ କାର୍ଯ୍ୟକ୍ରମର ଆୟୋଜକ ଥିବାବେଳେ ସଭାପତି ପ୍ରଧାନଶିକ୍ଷୟିତ୍ରୀ ପାର୍ବତୀ ନାଏକ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ ମାଧପୁରର ପ୍ରଧାନଶିକ୍ଷକ ରବୀନ୍ଦ୍ର ପାଣିଗ୍ରାହୀ ଏବଂ ସମ୍ମାନିତ ଅତିଥିଭାବେ ଦଧିବାମନ ଜୀଉ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟତ୍ରୀ ଭାରତୀ ବାରିକ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ହେମନ୍ତ ରଣା, ସମାଜସେବୀ ଭବାନୀ ଶଙ୍କର ବେହେରା, ସାନକେରକୋ ସିଆରସିସି ରାମଚନ୍ଦ୍ର ବେହେରା, କମଳାଶୋଳ ସିଆରସିସି ସୁନୀଲ ମହାନ୍ତ ଓ ଯଦୁନାଥପୁର ସିଆରସିସି ଶାଙ୍ଗ କିସ୍କୁ ପ୍ରମୁଖ ଯୋଗଦେଇଥିଲେ। ୧୨ଟି ବିଦ୍ୟାଳୟର ୧୬୮ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ‘ତମାଖୁ ବର୍ଜନ ଶପଥ’ ଏବଂ ‘ହାତ ଧୁଆ’ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷକ ସୁବ୍ରତ କିଶୋର ଆଚାର୍ଯ୍ୟ ଓ ରଞ୍ଜନ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ସ୍ୱରୂପ ଅଧିକାରୀ, ରାଜକିଶୋର ପାଣିପାତ୍ର, ମହେଶ୍ୱର ମହାନ୍ତ, ବିଜୟ କୁମାର ଗିରି, ଶିକ୍ଷୟିତ୍ରୀ ରତ୍ନାବତୀ ନାୟକଙ୍କ ପ୍ରମୁଖ ସହଯୋଗ କରିଥିଲେ।

# ସାମାଜିକ ଗଣମାଧ୍ୟମରେ ଅଶ୍ଳୀଳ ପୋଷ୍ଟ କରି ଜଣେ ଗିରଫ

**ସମ୍ବଲପୁର, ୧୭।୧୦ (ସମିସ)**

ସାମାଜିକ ଗଣମାଧ୍ୟମରେ ପୋଷ୍ଟିଂକୁ ନେଇ ଆକ୍ସନ ମୋଡ୍‌ରେ ସମ୍ବଲପୁର ପୁଲିସ। ପୁଲିସର





'ଥିଙ୍କ୍ ବିଫୋର୍ ୟୁ ପୋଷ୍ଟ' କ୍ୟାମ୍ପେନ ଆରମ୍ଭ କରିବାର ୨୪ ଘଣ୍ଟା ନ ପୂରୁଣୁ ଇନ୍‌ଷ୍ଟାଗ୍ରାମରେ ଅଶ୍ଳୀଳ ପୋଷ୍ଟ କରିଥିବା ଜଣେ ଯୁବକଙ୍କୁ ସାଇବର ପୁଲିସ ଗିରଫ କରିଛି। ଉକ୍ତ ବ୍ୟକ୍ତିଜଣକ ଅଇଁଠାପାଲି ରାସ୍ତା ଦୂରବସ୍ଥାକୁ ନେଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏନେଇ ଅଭିଯୋଗ ହେବାପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

ସମ୍ବଲପୁର ସହରର ଅଇଁଠାପାଲି ପାଞ୍ଚଗଛିଆ ରାସ୍ତାର ଦୂରବସ୍ଥାକୁ ନେଇ ଅଇଁଠାପାଲି ଥାନା ଅଧୀନ ଭାଲୁପାଲିର ସଦାନନ୍ଦ ବର୍ଦ୍ଧନ (୩୦) ଏକ ରିଲ୍ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ପୋଷ୍ଟ କରିଥିଲେ। ଯେଉଁଥିରେ ସେ ରାସ୍ତାର ଅବସ୍ଥାକୁ ନେଇ ଗାଳିଗୁଲଜ କରିଥିଲେ। ଏନେଇ ସାଇବର ଥାନାରେ ମହିଳା ସଂଘ ପକ୍ଷରୁ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ପରେ ସମ୍ପୃକ୍ତ ଯୁବକ ସଦାନନ୍ଦ ବର୍ଦ୍ଧନକୁ ଗିରଫ କରି କୋର୍ଟଚାଲାଣ କରିଛି। ତା'ଠାରୁ ମାରୁତି ସୁଜୁକି ରିଜ୍ କାର, ଦୁଇଟି ମୋବାଇଲ୍ ଫୋନ ଜବତ କରିଛି। ଏହି ଭିଡିଓକୁ ନେଇ ସାଧାରଣରେ ଉତ୍ତେଜନା ଓ ତୀବ୍ର ଅସନ୍ତୋଷ ପ୍ରକାଶ କରିବାସହ ଶିଶୁ ମାନଙ୍କ ମନ ତଥା ସାର୍ବଜନୀନ ଶାଳୀନତାକୁ ପ୍ରଦୂଷିତ କରୁଛି ବୋଲି ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଏହାସହ ଯାଞ୍ଚ କରାଯିବାରୁ ତାଙ୍କ ମୋବାଇଲରେ ଏଭଳି ଆଉ ଚାରି ପାଞ୍ଚୋଟି ଅଶାଳୀନ ରିଲ୍‌ସ ରହିଥିବା ଏଏସ୍‌ପି କହିଛନ୍ତି।

## ଅମର୍ଯ୍ୟାଦାଜନକ ଶବ୍ଦ ବ୍ୟବହାର କଲେ କାର୍ଯ୍ୟାନୁଷ୍ଠାନ : ଏସ୍‌ପି

ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବା ପୂର୍ବରୁ ପ୍ରସଙ୍ଗର ସତ୍ୟତା ଓ ଭାଷାର ଶାଳୀନତା ପ୍ରତି ଧ୍ୟାନ ଦେବାକୁ ଏସପି ମୁକେଶ କୁମାର ଭାମୁ ପରାମର୍ଶ ଦେଇଛନ୍ତି। ଅନ୍ୟଥା ସମ୍ପୃକ୍ତ ବ୍ୟକ୍ତି ବା ଗୋଷ୍ଠୀ ବିରୋଧରେ ସାଇବର ଅପରାଧ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ଏଭଳି ଅପଶବ୍ଦ ବ୍ୟବହାରକାରୀଙ୍କ ଉପରେ ନଜର ରଖିବାପାଇଁ ସାଇବର ପୁଲିସର ଏକ ସାଇବର ପାଟ୍ରୋଲିଂ ଓ ଟ୍ରାକିଂ ଟିମ୍ ଗଠନ କରାଯାଇଛି। ସେମାନେ ହ୍ୱାଟସଆପ୍ ଗ୍ରୁପ୍, ଫେସ୍‌ବୁକ, ଇନ୍‌ଷ୍ଟାଗ୍ରାମ, ୟୁ-ଟ୍ୟୁବ୍ ଭଳି ବିଭିନ୍ନ ସାମାଜିକ ଗଣମାଧ୍ୟମ ଉପରେ ନଜର ରଖିବେ। ସଭ୍ୟ ସମାଜରେ ଅନୁଶାସିତ ଭାବେ ରହିବା କଥା, ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିପାରିବେ କିନ୍ତୁ ଭାଷା ମର୍ଯ୍ୟାଦାଜନକ ରଖିବେ ଏବଂ ତାହାର ସତ୍ୟତା ଥିବା ଦରକାର। ଅପଶବ୍ଦ ବ୍ୟବହାରକାରୀ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ହ୍ୱାଟ୍‌ସଆପ୍ ଗ୍ରୁପ୍ ମାନଙ୍କରେ ଏଡ୍‌ମିନ୍‌ମାନେ ପ୍ରଥମ ପଦକ୍ଷେପ ଗ୍ରହଣ କରି ଏଭଳି କ୍ଷେତ୍ରରେ ଅସାମ୍ବିଧାନିକ ଭାଷା ବ୍ୟବହାର କରୁଥିବା ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗ୍ରୁପରୁ ହଟାଇବା ଆବଶ୍ୟକ ବୋଲି ଏସ୍‌ପି କହିଛନ୍ତି।



ସମ୍ବଲପୁର ଦଲେଇପଡ଼ାରେ ଫଟକା ଦୋକାନରେ ଗ୍ରାହକଙ୍କ ଭିଡ଼

# ୧୯ରେ ଲିଟିଲ୍ ମିସ୍ ଓ ଲିଟିଲ୍ ମାଷ୍ଟର ଅଡିସନ୍

**ସମ୍ବଲପୁର, ୧୭।୧୦ (ସମିସ) :** ଆସନ୍ତା ୧୯ ତାରିଖ ଓ ୨୬ ତାରିଖ ବୁଢ଼ାରଜା ଜଗନ୍ନାଥ ମନ୍ଦିର କଲୋନୀସ୍ଥିତ ସାଇ ଶିକ୍ଷା ପରିଷଦଠାରେ ଲିଟିଲ୍ ମିସ୍ ଓ ଲିଟିଲ୍ ମାଷ୍ଟର ଏବଂ ମିସ୍ ଟିନ୍ ଓ ମିଷ୍ଟର ଟିନ୍ ଅଡିସନ୍ ଅନୁଷ୍ଠିତ ହେବ।




ଏହାର ଗ୍ରାଣ୍ଡ ଫାଇନାଲ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଡିଟରିଅମ୍‌ରେ ନଭେମ୍ବର ୮ ଓ ୯ ତାରିଖ ଆୟୋଜିତ ହେବ ବୋଲି ସାମ୍ବାଦିକ ଭବନରେ ସାଇ ଶିକ୍ଷା ପରିଷଦ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ପ୍ରତିଯୋଗିତାରେ ଲିଟିଲ୍ ମିସ୍ ଓ ଲିଟିଲ୍ ମାଷ୍ଟର୍‌ର ବୟସସୀମା ହେଉଛି ୬ ରୁ ୧୩ ବର୍ଷ ଏବଂ ମିସ୍ ଟିନ୍ ଓ ମିଷ୍ଟର ଟିନ୍‌ର ବୟସ ସୀମା ହେଉଛି ୧୩ ପ୍ଲସ୍‌ରୁ ୧୯ ବର୍ଷ। ଏହା ଉଭୟ ଝିଅ ଓ ପୁଅଙ୍କ ପାଇଁ ରହିଛି। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ସମ୍ବଲପୁରୀ କଳା, ସଂସ୍କୃତି ଓ ପିନ୍ଧାନ ପଟାନ କିପରି ମୁଖ୍ୟଧାରାକୁ ଆସିପାରିବ। ଉପରୋକ୍ତ କାର୍ଯ୍ୟକ୍ରମର ଅଧ୍ୟକ୍ଷ ଇଂ. ସୁଶାନ୍ତ କୁମାର ଗୁରୁ, ଉପାଧ୍ୟକ୍ଷ ଭକ୍ତ ପ୍ରସାଦ ନନ୍ଦ, ସଂଯୋଜକ ମହମ୍ମଦ ପରବେଜ ଅଲି ଖାନ, ତ୍ରିଲୋଚନ ତ୍ରିପାଠୀ, ସହ ସଂଯୋଜକ ଅସୀମ ପ୍ରଧାନ, ଶଙ୍କର ବେହେରା, ଅର୍ଥ ବିଭାଗ ମୁଖ୍ୟ ଭୋଲା ଶଙ୍କର ମହନ୍ତ, ମୁଖ୍ୟ ଉପଦେଷ୍ଟା ପ୍ରଫେସର ଶଙ୍କର ପ୍ରସାଦ ପାଢ଼ୀ, ନିର୍ଦ୍ଦେଶକ ନନ୍ଦ କିଶୋର ସାହୁ, ମିଡିଆ ପ୍ରଭାରୀ ବିପ୍ଳବ ଡନସେନା ରହିଥିବାବେଳେ ତାଙ୍କସହିତ ସ୍ୱୟଂସିଦ୍ଧା ପଟ୍ଟନାୟକ, ପାୟଲ ଭୋଇ, ନୁପୁର ଭୋଇ, ସୋମନାଥ ଜାଲ, ଉମେଶ ମାଝୀ, ଧରଣୀଧର ନାଥ, ରାଜୀବ ମେହେର, ଚନ୍ଦ୍ରକାନ୍ତ ଭୋଇ, ଗୋଲକ ବିହାରୀ ମିଶ୍ର, ସ୍ୱାଧୀନ ପଣ୍ଡା, ସରୋଜ ମିଶ୍ର, ଜିତୁ ନାୟକ, ରାଜ କୁମାର ଜାଲ, ସ୍ୱୟଂଜୀତ ପଟ୍ଟନାୟକ, ତର୍ପଣ ପ୍ରଧାନ ପ୍ରମୁଖ ରହିଛନ୍ତି।

## 'ଉତ୍ସର୍ଗ'ପକ୍ଷରୁ ଛାତ୍ରୀଙ୍କୁ ଆର୍ଥିକ ସହାୟତା



**ସମ୍ବଲପୁର, ୧୭।୧୦ (ସମିସ) :** ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଉତ୍ସର୍ଗ' ପକ୍ଷରୁ ସରକାରୀ ମହିଳା ମହାବିଦ୍ୟାଳୟର ତିନିଜଣ ଗରିବ ମେଧାବୀ ଛାତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ଛାତ୍ରୀନିବାସର ବାର୍ଷିକ ଦେୟ ପ୍ରଦାନ କରାଯାଇଛି। 'ଉତ୍ସର୍ଗ' କର୍ମକର୍ତ୍ତାମାନେ ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେର ତଥା ଅନ୍ୟ ଅଧ୍ୟାପିକା ଓ ଅଧ୍ୟାପକଙ୍କ ଉପସ୍ଥିତିରେ ଛାତ୍ରୀମାନଙ୍କୁ ଚେକ୍ ପ୍ରଦାନ କରିଥିଲେ। ଛାତ୍ରୀନିବାସର ନାମଲେଖା ତଥା ଅନ୍ୟାନ୍ୟ ଦେୟ ବାବଦରେ ଯୁକ୍ତ ଦୁଇ ପ୍ରଥମ ବର୍ଷ ବିଜ୍ଞାନ ଛାତ୍ରୀ ଟଙ୍କେଶ୍ୱରୀ ଦେହେରୀଙ୍କୁ ୨୬ ହଜାର ଟଙ୍କା ଏବଂ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ରୀ ଆଶା ତୁଲୀ ଓ ସ୍ନାତକ ତୃତୀୟ ବର୍ଷର ଛାତ୍ରୀ ମନୀଷା ଛତ୍ରିଆ ଉଭୟଙ୍କୁ ୨୪ ହଜାର ୬ ଶହ ଟଙ୍କା ଲେଖାଏର ଚେକ୍ ଅଧ୍ୟକ୍ଷା ପ୍ରଫେସର ମେହେର, ପ୍ରଫେସର ପ୍ରଶାନ୍ତ ପ୍ରଧାନ, ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ପ୍ରମୁଖଙ୍କ ଉପସ୍ଥିତିରେ ପ୍ରଦାନ କରିଥିଲେ। ଏହି ଅବସରରେ ଉତ୍ସର୍ଗ ପକ୍ଷରୁ ସଂଯୋଜକ ପ୍ରଶାନ୍ତ ପାଟ୍ଟଯୋଶୀ, ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ରମୁଖ ପ୍ରିୟରଞ୍ଜନ ସାହୁ, ସଦସ୍ୟ ସଞ୍ଜିବ ମିଶ୍ର, ହରିଶଙ୍କର ମେହେର, ଉମାଶଙ୍କର ଯୋଶୀ, ପ୍ରଣବାନନ୍ଦ ଦାନୀ, ଭାବଗ୍ରାହୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ମେହେର ଏହି ମହତ୍ କାର୍ଯ୍ୟ ପାଇଁ 'ଉତ୍ସର୍ଗ' ଅନୁଷ୍ଠାନକୁ ସାଧୁବାଦ ଜଣାଇଛନ୍ତି।

## ସମ୍ବଲପୁର ଜିଲ୍ଲା କରଣ ସମାଜ ନୂତନ କର୍ମକର୍ତ୍ତା

**ସମ୍ବଲପୁର, ୧୭।୧୦ (ସମିସ):** ଆସନ୍ତା କାର୍ତ୍ତିକ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ଚିତ୍ରଗୁପ୍ତ ପୂଜା ଅନୁଷ୍ଠିତ ହେବ। ୨୨ ତାରିଖରେ ଫ୍ରେଜର କ୍ଲବରୁ ବାଲିବନ୍ଧା ପର୍ଯ୍ୟନ୍ତ ଭବ୍ୟ କଳସ ଶୋଭାଯାତ୍ରା ବାହାରିବ। ୨୩ ତାରିଖରେ ସକାଳ ୯ ଟାରୁ ପୂଜା ଆରମ୍ଭ ହେବ ଏବଂ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ୨୪ ତାରିଖ ଚିତ୍ରଗୁପ୍ତ ଭଗବାନଙ୍କ ବିସର୍ଜନ ଶୋଭାଯାତ୍ରା ହେବ। ଚଳିତବର୍ଷ ସୁଧୀର ରଞ୍ଜନ ବହିଦାର ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇବେ। ସମ୍ବଲପୁର ଜିଲ୍ଲା କରଣ ସମାଜ ପକ୍ଷରୁ ନୂତନ କମିଟି ଗଠନ କରାଯାଇଛି। ସଭାପତି ଭାବରେ ସନ୍ଦୀପ ପଟ୍ଟନାୟକ (ବୁକନ), ଉପସଭାପତି ଜୁଲୁ ବକ୍ସି, ସୁଧୀର ବହିଦାର, ସମ୍ପାଦକ ସତ୍ୟଜିତ ପଟ୍ଟନାୟକ, ସହସମ୍ପାଦକ ରୋହନ ବହିଦାର, କୋଷାଧ୍ୟକ୍ଷ ମାନସ ବକ୍ସି ମନୋନୀତ ହୋଇଛନ୍ତି। ପ୍ରଦୀପ ବହିଦାର, କାର୍ତ୍ତିକ ବହିଦାର, ବିଭୂତି ପଟ୍ଟନାୟକ, ସୁରେଶ ପଟ୍ଟନାୟକ, ଲଳିତ ପଟ୍ଟନାୟକ ଉପଦେଷ୍ଟା କମିଟିରେ ରହିଛନ୍ତି। କାର୍ଯ୍ୟନିର୍ବାହୀ ସମିତିରେ ଶୋଭନ ପଟ୍ଟନାୟକ, ଯାମିନି ବହିଦାର, ସୁଜିତ ମହାନ୍ତି, ଅରୁଣ ଦାସ, ବିଶ୍ୱଜିତ ପଟ୍ଟନାୟକ, ସୁଧୀର ପଟ୍ଟନାୟକ, ସୋମନାଥ ପଟ୍ଟନାୟକ ପ୍ରମୁଖ ରହିଛନ୍ତି। ସ୍ଥାନୀୟ ଫ୍ରେଜର କ୍ଲବ୍ ଠାରେ ଆୟୋଜିତ ସଭାରେ ଶିଶିର ବହିଦାର ଅଧ୍ୟକ୍ଷତା କରିଥିବାବେଳେ ସୁଜିତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ହିଣ୍ଡାଲକୋ ପକ୍ଷରୁ ରଙ୍ଗୋଲି ପ୍ରତିଯୋଗିତା




**ସମ୍ବଲପୁର, ୧୭।୧୦ (ସମିସ) :** ହିଣ୍ଡାଲକୋର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ଦୀପାବଳିର ଅବ୍ୟବହିତ ପୂର୍ବରୁ ହୀରାକୁଦ ଅଞ୍ଚଳର ମହିଳାମାନଙ୍କୁ ନେଇ ବରିଷ୍ଠ ନାଗରିକ ସଂଗଠନର କାର୍ଯ୍ୟାଳୟ ଠାରେ ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଏକ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ହିଣ୍ଡାଲକୋ ଡାକ୍ତରଖାନାର ମୁଖ୍ୟ ଡା. ପ୍ରବୀଣ ଯାଦବ ଓ ଅର୍ଥ ବିଭାଗର ପ୍ରବନ୍ଧକ ବବିନା ମହାପାତ୍ର ଅତିଥି ରୂପେ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାକୁ କଳା ଓ ସଂସ୍କୃତିର ବିଦ୍ୟାଳୟ, ସୃଜନୀର ପ୍ରଧାନ ଶିକ୍ଷୟିତ୍ରୀ ସବିତା ପାଣିଗ୍ରାହୀ, ଜାଭିଅର ବିଦ୍ୟାଳୟର ପ୍ରିୟଙ୍କା ସାମଲ ଓ ସଞ୍ଜିତା ଚୌଧରୀ ବିଚାରକ ଭାବରେ ଯୋଗଦେଇ ରଙ୍ଗୋଲି ଗୁଡିକର ମୂଲ୍ୟାୟନ କରିଥିଲେ। କାର୍ଯ୍ୟକ୍ରମରେ ହୀରାକୁଦର ବିଭିନ୍ନ ଅଞ୍ଚଳର ମହିଳାମାନେ ଅଂଶଗ୍ରହଣ କରିବାସହ ପ୍ରତିଯୋଗିତାରେ ସୁନିତା ବେହେରା ପ୍ରଥମ, ଡଲୀ ସହିସ ଦ୍ୱିତୀୟ ଏବଂ ସନ୍ତୋଷିନୀ ସୁନା ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ପୁଷ୍ପାଞ୍ଜଳି ସାହୁ ଓ ଲିଲି ନାୟକ ସାନ୍ତ୍ୱନାମୂଳକ ପୁରସ୍କାର ପାଇଥିଲେ। ପ୍ରକାଶ ଥାଉକି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ପରମ୍ପରାକୁ ହିଣ୍ଡାଲକୋ ହୀରାକୁଦ ବଜାୟ ରଖି ମହିଳା ମାନଙ୍କୁ ଏହିପରି ସାଂସ୍କୃତିକ କାର୍ଯ୍ୟକ୍ରମରେ ଜଡିତ ରଖିଥିବାରୁ ଅତିଥିମାନେ ହିଣ୍ଡାଲକୋକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମକୁ ଜୟଶ୍ରୀ ରାଓ, ସରୋଜ ଆଚାର୍ଯ୍ୟ, ସନ୍ତୋଷ ତ୍ରିପାଠୀ, ମିଲନ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ହୀରାକୁଦ ଜଳସ୍ତର ୬୩୦ ଫୁଟ୍, ଗୋଟିଏ ଗେଟ୍ ଖୋଲା

**ସମ୍ବଲପୁର, ୧୭।୧୦ (ସମିସ) :** ହୀରାକୁଦ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ, ବର୍ତ୍ତମାନ ଜଳଭଣ୍ଡାରର ଜଳସ୍ତର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ବଜାୟ ରଖାଯାଉଛି। ଜଳଭଣ୍ଡାରର ଉପର ଓ ତଳମୁଣ୍ଡରେ ବର୍ଷା ବନ୍ଦ ହୋଇଯାଇଛି। ଜଳଭଣ୍ଡାରକୁ ପ୍ରବେଶ ଜଳ ପରିମାଣ ହ୍ରାସ ପାଇଥିବା ସତ୍ତ୍ୱେ ଗତକାଲିଠାରୁ ପୁଣି ଗୋଟିଏ ଗେଟ୍ ଖୋଲି ବନ୍ୟାଜଳ ନିଷ୍କାସନ କରାଯାଉଛି। ଶୁକ୍ରବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୩୦ ଫୁଟ୍ ରହିଛି। ନଦୀବନ୍ଧର ବାମ ପାର୍ଶ୍ୱର ଗୋଟିଏ ସ୍ଲୁଇସ୍ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୫୨, ୮୫୪ ଘନଫୁଟ୍ ଜଳ ପ୍ରବେଶ କରୁଥିବାବେଳେ ସ୍ପିଲୱେ, ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧୬, ୪୪୦ ଘନଫୁଟ, ପାୱାର ଚେନାଲରେ ୩୧, ୩୭୧ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୬ ଘନଫୁଟ, କେନାଲ ପାଇଁ ୪, ୮୦୭ ଘନଫୁଟ ଜଳ ନିଷ୍କାସିତ ହେଉଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୭.୮୯ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

## ଷ୍ଟେଟ୍‌ବ୍ୟାଙ୍କ ପକ୍ଷରୁ ୱାକାଥନ୍

**ସମ୍ବଲପୁର, ୧୭।୧୦ (ସମିସ) :** ଭାରତୀୟ ଷ୍ଟେଟ ବ୍ୟାଙ୍କ ପ୍ରଶାସନିକ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ଅବସରରେ ଆଜି ଏକ 'ୱାକାଥନ' ଆୟୋଜିତ ହୋଇଯାଇଛି। ପ୍ରତିବର୍ଷ ୨୭ ଅକ୍ଟୋବରରୁ ୨ ନଭେମ୍ବର ପର୍ଯ୍ୟନ୍ତ 'ସତର୍କତା ସଚେତନତା ସପ୍ତାହ' ପାଳନ କରାଯାଏ, ଯାହାର ଉଦ୍ଦେଶ୍ୟ ସାଧାରଣ ଜୀବନରେ ସତତା, ପାରଦର୍ଶିତା ଓ ଜବାବଦାୟୀତାକୁ ପ୍ରୋତ୍ସାହନ ଦେବା। ଉପମହାବ୍ୟବସ୍ଥାପକ (ଡିଜିଏମ) ସଞ୍ଜୟ କୁମାର ଝା, ଏଲଏଚଓ ଭୁବନେଶ୍ୱର ଡିଜିଏମ (ସତର୍କତା) ସନ୍ଦୀପ ବାବୁରାଓ ମୁନ୍, ଆଞ୍ଚଳିକ ପ୍ରବନ୍ଧକ, ସମ୍ବଲପୁର ମାନସ ରଞ୍ଜନ ପ୍ରଧାନ ତଥା ଏସବିଆଇର ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ। ଏହା କଚେରି ଛକ ନିକଟସ୍ଥ ଏସବିଆଇ ପ୍ରଶାସନିକ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ ଛକ, ଲକ୍ଷ୍ମୀ ଟକିଜ୍ ଛକ ଓ ଗୋଲବଜାର ଛକ ଦେଇ ସହର ପରିକ୍ରମା କରିଥିଲା।




## ପ୍ରୟାସ ପରିବାର ପକ୍ଷରୁ କମ୍ବଳ ବଣ୍ଟନ

**ସମ୍ବଲପୁର, ୧୭।୧୦ (ସମିସ) :** ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପ୍ରୟାସ ପରିବାର' ପକ୍ଷରୁ ଆଜି ସ୍ୱର୍ଗତ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ କମ୍ବଳ ବଣ୍ଟନ କରାଯାଇଥିଲା। ମହାନଗର ନିଗମ ଅଞ୍ଚଳରେ ଆଗାମୀ ଦିନରେ ଶୀତଦାଉରୁ ରକ୍ଷା ପାଇଁ ଅସହାୟ ବୃଦ୍ଧବୃଦ୍ଧା ମାନଙ୍କୁ କମ୍ବଳ ପ୍ରଦାନ କରାଗଲା। ପ୍ରୟାସ ପରିବାର ପକ୍ଷରୁ ଚଳିତବର୍ଷ ପ୍ରାୟ ଦୁଇହଜାର କମ୍ବଳ ବଣ୍ଟନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଅନୁଷ୍ଠାନ ଉପଦେଷ୍ଟା କମିଟି ସଦସ୍ୟ ସମୀର ରଞ୍ଜନ ବାବୁ, ସପନ ମିଶ୍ର, ଭକ୍ତ ପ୍ରସାଦ ନନ୍ଦ ଉପସ୍ଥିତ ଥିଲେ। ସମ୍ପାଦକ ରାଜକୁମାର ଜାଲ, ସହସଂଯୋଜକ ଭାସ୍କର ଭଟ୍ଟାଚାର୍ଯ୍ୟ, ଧରଣୀଧର ନାଥ, ପ୍ରବୀଣ ସୂପକାର, ମହେନ୍ଦ୍ର ବଗର୍ତ୍ତି, ସୁଦାମ ତ୍ରିପାଠୀ, ସୁପ୍ରିତ ଠେଲା, ଇନ୍ଦ୍ରଜିତ ସିଂହ, ପରିନ୍ଦର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ନିଜ ବେକ କାଟି ଆତ୍ମହତ୍ୟା କଲେ ଯୁବକ

**କୁଚିଣ୍ଡା, ୧୭।୧୦(ସମିସ):** ବାମରା ନିକଟ କୁଅଁରମାଲ ଠାରେ ଜଣେ ବ୍ୟକ୍ତି ନିଜ ବେକ କାଟି ଆତ୍ମହତ୍ୟା କରିଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ବୁର୍ଲା ବଡ଼ ମେଡିକାଲରେ ତାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂଚନା ଅନୁସାରେ ତପଗୁଞ୍ଜା ଗ୍ରାମର ଦୁର୍ଯ୍ୟୋଧନ ମାଝୀ କୁଅଁରମାଲ ଗ୍ରାମରେ ନିଜ ଶଶୁର ଘରେ ରହୁଥିଲେ। ବୁଧବାର ସେ କୌଣସି କଥାକୁ ନେଇ ଦାଆରେ ନିଜ ବେକକୁ କାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଫଳରେ ତାଙ୍କ ଶ୍ୱାସନଳୀ ସମ୍ପୂର୍ଣ୍ଣ କଟି ପ୍ରଚୁର ରକ୍ତସ୍ରାବ ହୋଇଥିବାବେଳେ ଗୁରୁତର ଅବସ୍ଥାରେ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ଦିନ ତାଙ୍କର ମୃତ୍ୟୁ ଘଟିଥିଲା। ସନ୍ଧ୍ୟା ୬ ଟା ସମୟରେ ତାଙ୍କ ପୈତୃକ ଗ୍ରାମ ତପଗୁଞ୍ଜା ଠାରେ ତାଙ୍କ ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଥିବା ଜଣାପଡ଼ିଛି।

## ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ବିନା କାର୍ଯ୍ୟକ୍ରମରେ ଯୋଗଦେବେନି ଭିମସାର ଛାତ୍ରଛାତ୍ରୀ

**ସମ୍ବଲପୁର, ୧୭।୧୦ (ସମିସ) :** ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମସାର) ହାଉସ ସର୍ଜନ୍ସ ୟୁନିଅନ୍ (୨୦୨୫-୨୬) ଏବଂ ୟୁଜି ଏମବିବିଏସ ଡାକ୍ତରୀ ସଂଘ ଆନ୍ତଃ-ଚିକିତ୍ସା ସମ୍ମିଳନୀ ପାରାଡାଇଜ୍ ୨୦୨୫ ପାଇଁ ବ୍ରହ୍ମପୁରର ଏମକେସିଜି ମେଡିକାଲ୍‌ରେ ଘଟିଥିବା ଅଘଟଣକୁ ନେଇ ଅଭିଯୋଗ ଆଣିଛନ୍ତି। ପ୍ରେସ ବିବୃତି ଜରିଆରେ ଏହି ଘଟଣା ପାଇଁ ଦୁଃଖପ୍ରକାଶ କରିବାସହ ଆଗାମୀ ଦିନରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ନକରି କେବଳ ମୌଖିକ ପ୍ରତିଶ୍ରୁତିରେ କୌଣସି ଆନ୍ତଃ-ଚିକିତ୍ସା କାର୍ଯ୍ୟକ୍ରମରେ ଯୋଗ ଦେବେନାହିଁ ବୋଲି ଉଲ୍ଲେଖ କରିଛନ୍ତି। ସୁରକ୍ଷା, ରହିବା ଏବଂ ଆତିଥ୍ୟର ପ୍ରତିଶ୍ରୁତି ପାଇବା ପରେ ଭିମସାରର ୧୨୦ରୁ ଅଧିକ ଛାତ୍ରଙ୍କ ଏକ ପ୍ରତିନିଧିମଣ୍ଡଳୀ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଯାଇଥିଲେ। ମାତ୍ର ସନ୍ଧ୍ୟା ୭ଟା ସମୟରେ ବ୍ରହ୍ମପୁରରେ ପହଞ୍ଚିବା ପରେ ବୁର୍ଲା ମେଡିକାଲ କଲେଜ୍ ଛାତ୍ରମାନଙ୍କୁ ରେଲଷ୍ଟେସନରେ ପ୍ରାୟ ତିନି ଘଣ୍ଟା କାଳ ଅପେକ୍ଷା କରିବାକୁ ପଡ଼ିଥିଲା କାରଣ ସେମାନଙ୍କୁ ନେବାପାଇଁ ଆୟୋଜକ ବ୍ରହ୍ମପୁର ମେଡିକାଲ କଲେଜ ଛାତ୍ରଙ୍କ କୌଣସି ପ୍ରତିନିଧି ଉପସ୍ଥିତ ନ ଥିଲେ। ଶେଷରେ ପରିବହନ ବ୍ୟବସ୍ଥା କରାଯିବା ପରେ ସେମାନେ ଅନୁଷ୍ଠାନକୁ ପହଞ୍ଚିବା ମାତ୍ରେ ୪୦୦ରୁ ଅଧିକ ଭିଡ଼ ହିଂସାତ୍ମକ ଭାବେ ପଥର, ଲାଠି ଆଦିରେ ବସ୍ ଉପରେ ଆକ୍ରମଣ କରିଥିଲା। ଫଳରେ ଅନେକ ଛାତ୍ର ଆହତ ହୋଇଥିଲେ ଏବଂ ଦୁଇଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସୁରକ୍ଷା ପ୍ରତିଶ୍ରୁତି ସତ୍ତ୍ୱେ ହଷ୍ଟେଲ ପ୍ରବେଶ ଦ୍ୱାର ନିକଟରେ ଛାତ୍ରମାନଙ୍କୁ ମୌଖିକ ଦୁର୍ବ୍ୟବହାର ଏବଂ ଆକ୍ରମଣର ଶିକାର ହେବାକୁ ପଡ଼ିଥିଲା। ସ୍ଥିତି ଅଣାୟତ୍ତ ହୋଇ କାଳକ୍ରମେ ବ୍ୟାରିକେଡ୍ ଭାଙ୍ଗି ଦଳାଚକଟା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଅଂଶଗ୍ରହଣକାରୀଙ୍କ ସୁରକ୍ଷା ପାଇଁ ଚିନ୍ତାକରି ଶେଷରେ ବୁର୍ଲା ଭିମସାର ମେଡିକାଲ କଲେଜ ବୁର୍ଲା ଫେରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ଘଟଣାରେ ଚିହ୍ନଟ ହୋଇଥିବା ଆକ୍ରମଣକାରୀଙ୍କ ବିବରଣୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରାଯାଇଛି ଏବଂ ଘଟଣାର ସ୍ୱଚ୍ଛ, ନିରପେକ୍ଷ ଏବଂ ତଦନ୍ତ ଦାବି କରିଛି ହାଉସ ସର୍ଜନ ସଂଘ। ଭବିଷ୍ୟତରେ କୌଣସି ଆନ୍ତଃ-ଚିକିତ୍ସା କାର୍ଯ୍ୟକ୍ରମରେ ଭିମସାରର ଅଂଶଗ୍ରହଣ ପୂର୍ବରୁ ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରାଯିବା ଏବଂ କେବଳ ମୌଖିକ ପ୍ରତିଶ୍ରୁତିରେ ହୋଇପାରିବ ନାହିଁ ବୋଲି ବିବୃତିରେ ଉଲ୍ଲେଖ କରାଯାଇଛି।

**ଦୀପାବଳିକୁ ଆଉ ୩ ଦିନ**

# ସମ୍ବଲପୁର ସହରରେ ଆରମ୍ଭ ହୋଇନି ଫଟକା ଷ୍ଟଲ୍ ବୁକିଂ

**ସମ୍ବଲପୁର, ୧୭।୧୦ (ସମିସ)**

ଦୀପାବଳିକୁ ଆଉ ମାତ୍ର ୩ ଦିନ ରହିଲା। ସମ୍ବଲପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ସାମୟିକ ଫଟ୍‌କା ଦୋକାନ ଖୋଲିବା ପାଇଁ ଆବେଦନ ଅବଧି ଗତ ୧୬ ତାରିଖ ଶେଷ ହୋଇଛି। ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ଜୁଡିସିଆଲ ବିଭାଗ ପକ୍ଷରୁ ଲାଇସେନ୍ସ ଦେବା କାର୍ଯ୍ୟ ଜାରି ରହିଛି। ଥାନା ଅନୁମତି ଓ ଅସ୍ଥାୟୀ ଜିଏସ୍‌ଟି ନମ୍ବରକୁ ନେଇ ବିଳମ୍ବ ହେଉଥିବା ଜଣାପଡ଼ିଛି। ଶୁକ୍ରବାର ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରାୟ ୯୦ ଜଣ ଫଟକା ଦୋକାନ ପାଇଁ ଆବେଦନ କରିଥିବାବେଳେ ଦୋକାନ ଖୋଲିବାକୁ ଲାଇସେନ୍ସ ପ୍ରକ୍ରିୟା ଜାରି ରହିଛି। ତେବେ, ସମ୍ବଲପୁର ସହରର ତିନି ପ୍ରମୁଖ ସ୍ଥାନ ପିଏଚ୍‌ଡି ପଡ଼ିଆ, ଚାରଭାଟି ପଡ଼ିଆ ଓ ମନ୍ଦଲିଆ ପଡ଼ିଆରେ ଷ୍ଟଲ ନିର୍ମାଣ କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଏଥିପାଇଁ ଅଦ୍ୟାବଧି କେହି ଆବେଦନ କରି ନଥିବା ଜଣାପଡ଼ିଛି। ପିଏଚ୍‌ଡି ପଡ଼ିଆରେ ପ୍ରାୟ ୫୦ଟି ଫଟକା ଦୋକାନ ଥିବାବେଳେ ଚାରଭାଟିରେ ୧୯ ରୁ ୨୦ ଏବଂ ମନ୍ଦଲିଆରେ ୫ରୁ ଅଧିକ ଷ୍ଟଲ ତିଆରି କରାଯିବ। ଆସନ୍ତା ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ସାମୟିକ ଫଟ୍‌କା ଦୋକାନ ଖୋଲିପାରିବେ। ଫଟକା ଦୋକାନ ଖୋଲିବା ପାଇଁ ଇଚ୍ଛୁକ ବ୍ୟକ୍ତିବିଶେଷ ବା ସଂସ୍ଥା ଫଟକା ବିକ୍ରି ପାଇଁ ଅସ୍ଥାୟୀ ଜିଏସ୍‌ଟି ନମ୍ବର, ସମ୍ପୃକ୍ତ ଥାନାର ରିପୋର୍ଟ, ଅଗ୍ନିଶମ ବିଭାଗ ଅନୁମତି ଏବଂ ୬୦୦ ଟଙ୍କା ଚାଲାନ ସହ ଫର୍ମ ପୂରଣ କରି ଆଧାର କାର୍ଡ, ଫଟୋ ଆଦି ଦେଇ ଜିଲ୍ଲାପାଳ କାର୍ଯ୍ୟାଳୟରେ ଆବେଦନ କରିପାରିବେ। ସମ୍ବଲପୁର ଜିଲାର ତିନୋଟି ଉପଖଣ୍ଡରେ ଫଟ୍‌କା ବିକ୍ରି ପାଇଁ ପ୍ରାରମ୍ଭିକ ସ୍ତରରେ ୨୨ଟି ସ୍ଥାନ ଚୟନ କରାଯାଇଛି। ସମ୍ବଲପୁର ସଦର ଉପଖଣ୍ଡରେ ୧୪ଟି ଦୋକାନ ସ୍ଥାନ ଥିବାବେଳେ କୁଚିଣ୍ଡା ଉପଖଣ୍ଡରେ ୫ଟି ଏବଂ ରେଢ଼ାଖୋଲ ଉପଖଣ୍ଡରରେ ୩ଟି ସ୍ଥାନରେ ଫଟ୍‌କା ଦୋକାନ କରିବାକୁ ଚିହ୍ନଟ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ସମ୍ବଲପୁର ଜିଲାରେ ୯ଟି ଲାଇସେନ୍ସପ୍ରାପ୍ତ ସ୍ଥାୟୀ ଫଟ୍‌କା ଦୋକାନ ରହିଛି, ସମ୍ବଲପୁର ସହରରେ ୩ଟି ଏବଂ ଗୁଣ୍ଡେରପୁର, ଚାଉଁରପୁର ଓ ବାମରା କବରିବାହାଲରେ ୨ଟି ଲେଖାଏଁ ଫଟ୍‌କା ଦୋକାନ ରହିଛି। ଦୀପାବଳି ସମୟରେ ଫଟ୍‌କା ଅଧିକ ମାତ୍ରାରେ ବିକ୍ରି ହେଉଥିବାରୁ ପିଏଚ୍‌ଡି ପଡ଼ିଆ, ଚାରଭାଟି ପଡ଼ିଆ ଓ ମନ୍ଦଲିଆ ପଡ଼ିଆରେ ଷ୍ଟଲ ଖୋଲାଯାଉଛି। ସେଠାରେ ଅଗ୍ନିଶମ ବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯିବ। ପୂର୍ବରୁ ସହରର ବିଭିନ୍ନ ଛକ ଓ ଗଳିକନ୍ଦିରେ ସୁରକ୍ଷା ନିୟମକୁ ବେଖାତିର କରି ମନଇଚ୍ଛା ଫଟ୍‌କା ଦୋକାନ ଖୋଲୁଥିଲା। ୨୦୧୧ ମସିହା ଅକ୍ଟୋବର ୨୬ ତାରିଖ ସମ୍ବଲପୁର ସହରର ଚର୍ଚ୍ଚଛକରେ ଥିବା ୨୦ରୁ ଊର୍ଦ୍ଧ୍ୱ ଫଟ୍‌କା ଷ୍ଟଲରେ ନିଆଁ ଲାଗି ଯାଇଥିଲା। ଏହାପରେ ଜିଲା ପ୍ରଶାସନ ପକ୍ଷରୁ ଅଗ୍ନିଶମ ବିଭାଗ ସହଯୋଗରେ ଉପରୋକ୍ତ ପଦକ୍ଷେପ ନିଆଯାଇଛି। ଅନ୍ୟପକ୍ଷରେ ୨୦୧୯ ମସିହା ଅକ୍ଟୋବର ୨୭ ତାରିଖ ଦୀପାବଳି ବିଳମ୍ବିତ ରାତି ୨ଟାରେ ଗୋଲବଜାରରେ ନିଆଁ ଲାଗି ୯୦ରୁ ଅଧିକ ଦୋକାନ ଜଳିଯାଇଥିଲା।

## ଜିଲ୍ଲାରେ ୨୨ ସ୍ଥାନରେ ବିକ୍ରିହେବ ଫଟ୍‌କା

ସମ୍ବଲପୁର ଜିଲାର ୩ଟି ଉପଖଣ୍ଡରେ ୨୨ଟି ସ୍ଥାନରେ ଫଟ୍‌କା ବିକ୍ରିହେବ। ସେଥିମଧ୍ୟରୁ ସମ୍ବଲପୁର ସଦର ଉପଖଣ୍ଡରେ ସଦର ତହସିଲ ଅନ୍ତର୍ଗତ ବୁର୍ଲା ଥାନା ଗୋଶାଳା ଦୁର୍ଗାମଣ୍ଡପ, କଳାମାଟି ସମ୍ମୁଖସ୍ଥ ଖୋଲାସ୍ଥାନ, ବୁର୍ଲା ଟାଉନ ୟୁନିଟ ନଂ ୩ ଖେଳପଡ଼ିଆ, ହୀରାକୁଦ ଥାନା ସୁଭାଷ ଫୁଟବଲ ପଡ଼ିଆ, କ୍ଷେତରାଜପୁର ଥାନା ମନ୍ଦଲିଆ ପଡ଼ିଆ, ଅଇଁଠାପାଲି ଥାନା ପିଏଚଡି ପଡ଼ିଆ, ଧନୁପାଲି ଥାନା ସମ୍ବଲପୁର ଟାଉନ ୟୁନିଟ୍-୨ ଚାରଭାଟି ପଡ଼ିଆ ଏବଂ ଶାସନ ଥାନା ରାଣୀଖିଣ୍ଡା ବନ୍ଧପଡ଼ିଆ ରହିଛି। ସେହିପରି ମାନେଶ୍ୱର ତହସିଲ ଅନ୍ତର୍ଗତ ଶାସନ ଥାନା ପରମାଣପୁର ଖୋଲାପଡ଼ିଆ, ଧମା ଥାନା ସାହାସପୁର ଫୁଟବଲ ପଡ଼ିଆ ଏବଂ ସଦର ଥାନା ମାନେଶ୍ୱର ମୌଜା; ଯୁଯୋମୁରା ତହସିଲ ଅନ୍ତର୍ଗତ ସଦର ଥାନା ପଡ଼ିଆବାହାଲ ମୌଜା ଖୋଲାପଡ଼ିଆ; ରେଙ୍ଗାଲି ତହସିଲ ଅନ୍ତର୍ଗତ ରେଙ୍ଗାଲି ଥାନା ରମ୍ପେଲା ହାଇସ୍କୁଲ ପଡ଼ିଆ ସମ୍ମୁଖ ଭାଗ, ଠେଲକୋଲୋଇ ଥାନା ଦୁର୍ଗାମନ୍ଦିର ପାଖ ପଡ଼ିଆ ଏବଂ କତରବଗା ଥାନା ଅଧୀନସ୍ଥ ଲଇଡ଼ା ଜଗନ୍ନାଥ ପଡ଼ିଆ ରହିଛି।

ସେହିପରି କୁଚିଣ୍ଡା ଉପଖଣ୍ଡ ଅନ୍ତର୍ଗତ କୁଚିଣ୍ଡା ଥାନା କୁଚିଣ୍ଡା କଲେଜ ପାଖ ଖୋଲା ପଡ଼ିଆ, ଜମନକିରା ଥାନା ଅର୍ଜୁନପାଲି ଫୁଟବଲ ପଡ଼ିଆ, ବାମରା ତହସିଲ ଅନ୍ତର୍ଗତ ଗୋବିନ୍ଦପୁର ଥାନା ବାମରା ଦୁର୍ଗାପୂଜା ପଡ଼ିଆ ଓ ଗଡ଼ପୋଷ ସାପ୍ତାହିକ ବଜାର ଖୋଲାପଡ଼ିଆ, ମହୁଲପାଲି ଥାନା କେଶାଇବାହାଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ନିକଟସ୍ଥ ଖୋଲାପଡ଼ିଆ ରହିଛି। ରେଢ଼ାଖୋଲ ଉପଖଣ୍ଡ ରେଢ଼ାଖୋଲ ତହସିଲ ଅନ୍ତର୍ଗତ ରେଢ଼ାଖୋଲ ଥାନା କଦମ ପଡ଼ିଆ ଓ ଚାରମାଲ ଥାନା ସାପ୍ତାହିକ ବଜାର ପଡ଼ିଆ ଏବଂ ନାକଟିଦେଉଳ ତହସିଲ ଅନ୍ତର୍ଗତ ନାକଟିଦେଉଳ ଥାନା ସରକାରୀ ମହାବିଦ୍ୟାଳୟ ଅପରପାର୍ଶ୍ୱସ୍ଥ ପଡ଼ିଆରେ ଫଟ୍‌କା ବିକ୍ରି ହେବାକୁ ପ୍ରଶାସନ ପକ୍ଷରୁ ଜାଗା ଚିହ୍ନଟ ହୋଇଛି।

## ବରଗଡ଼ ଜିଲ୍ଲା ରେଳଉପଭୋକ୍ତା ସଂଘର ଷ୍ଟେସନ ପରିଦର୍ଶନ

# ଟ୍ରେନ ରହଣୀ ତଥା ଅନ୍ୟାନ୍ୟ ସମସ୍ୟାର ସମାଧାନ ପାଇଁ ଆଲୋଚନା

**ବରଗଡ଼, ୧୭ ।୧୦(ସମିସ):** ଗୁରୁବାର ସନ୍ଧ୍ୟାରେ ଏକ ପ୍ରତିନିଧି ମଣ୍ଡଳୀ ବରଗଡ଼ ରେଳ ଷ୍ଟେସନ ପରିଦର୍ଶନରେ ଯାଇଥିଲେ। ସଂଯୋଗ ବଶତଃ, ଉକ୍ତ ସମୟରେ ସ୍ଥାନୀୟ ରେଳ ଉପଭୋକ୍ତା ପରାମର୍ଶଦାତା କମିଟିର ସଦସ୍ୟମାନେ ମଧ୍ୟ ଷ୍ଟେସନ ପରିଦର୍ଶନରେ ଆସିଥିଲେ। ତେଣୁ, ଉଭୟ ପ୍ରତିନିଧିଦଳ ମିଳିତରୂପେ ଷ୍ଟେସନ ମ୍ୟାନେଜରଙ୍କ ସହିତ ଦେଖା କରି- କୋଚ ଡିସପ୍ଲେ ସିଷ୍ଟମ ନିୟମିତ ରୂପେ ଚଳାଇବା, ପ୍ଲାଟଫର୍ମ -୨ର ଲିଫ୍ଟକୁ ସଜାଡିବା ପରିବର୍ତ୍ତେ ବଦଳାଇବା, ଟ୍ରେନ ଗୁଡିକର ରହଣି ୨ ମିନିଟ ପରିବର୍ତ୍ତେ ୫ ମିନିଟ କରିବା, ସିସିଟିଭି ଲଗାଇବା, ମୋଟରସାଇକେଲ ଷ୍ଟାଣ୍ଡ ଉପରେ କଭର ଲଗାଇବା ଇତ୍ୟାଦି ସମସ୍ୟାର ସମାଧାନ ପାଇଁ ଆଲୋଚନା କରାଯାଇଥିଲା।



ପ୍ରତିନିଧି ଦଳରେ କୃଷ୍ଣ ଚନ୍ଦ୍ର ପଣ୍ଡା, ସର୍ଦ୍ଦାର ପ୍ରିତମ ସିଂହ, କମଳ ଯୋଶୀ, କିଶୋର ରଥ, ଉଦ୍ଧବ ଚରଣ ବେହେରା, ସନ୍ତୋଷ ଦାଶ ଓ ବିନୟ ଲାଠ ପ୍ରମୁଖ ଯୋଗ ଦେଇଥିଲେ।

# ରେଳ ଉପଭୋକ୍ତା ସଂଘର ସାଧାରଣସଭା

**ବରଗଡ଼, ୧୭ ।୧୦(ସମିସ)**



ଗତକାଲି ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ସମ୍ମିଳନୀ କକ୍ଷରେ ବରଗଡ଼ ଜିଲ୍ଲା ରେଳ ଉପଭୋକ୍ତା ସଂଘ ସଭାପତି ପ୍ରଦୀପ ଦେବତାଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଂଘର ଏକ ପ୍ରତିନିଧିମଣ୍ଡଳୀ ଭୁବନେଶ୍ୱରରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକଙ୍କୁ ଭେଟି ଭୁବନେଶ୍ୱର ପାଇଁ ସକାଳ ଇଣ୍ଟରସିଟି ବିଷୟରେ ଆଲୋଚନା ହୋଇଥିଲା। ପରେ ପୁଣିଥରେ ସର୍କିଟ ହାଉସରେ ସାଂସଦଙ୍କୁ ଭେଟି ଉକ୍ତ ଦାବି ଉପରେ ରେଳବାଇ ତରଫରୁ କି ପଦକ୍ଷେପ ନିଆଯାଉଛି, ସେଥିପାଇଁ ଫୋନ୍ ଯୋଗେ ଏହି ତଥ୍ୟ ମାଗିବା ତଥା ଚାପ ପ୍ରୟୋଗ କରିବା ବିଷୟ ଆଲୋଚିତ ହୋଇଥିଲା। ସାଂସଦ ଶ୍ରୀ ପୁରୋହିତ ସମସ୍ତଙ୍କ ସମ୍ମୁଖରେ ମହାପ୍ରବନ୍ଧକଙ୍କୁ ଫୋନ୍‌ରେ ଦାବି କରିଥିବା ସକାଳ ଇଣ୍ଟରସିଟିକୁ ଚଳାଇବା ପାଇଁ ଶୀଘ୍ର ପଦକ୍ଷେପ ନେବା ପାଇଁ ଜଣାଇଥିଲେ। ଅନେକ ସଦସ୍ୟ ଭୁବନେଶ୍ୱରକୁ ସକାଳ ଇଣ୍ଟରସିଟି ପାଇଁ ଅନେକ ଦିନରୁ ଉଦ୍ୟମ କରିବା ସତ୍ତ୍ୱେ ରେଳ ବିଭାଗର ବିଭିନ୍ନ ବାହାନାବାଜି କରୁଥିବା ହେତୁ ଆନ୍ଦୋଳନ ପନ୍ଥା ଗ୍ରହଣ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। କିନ୍ତୁ, ପ୍ରଥମଥର ପାଇଁ ବରଗଡ଼ ସାଂସଦ ନିଜେ ଆଗ୍ରହର ସହିତ ଏ ଦିଗରେ ଚେଷ୍ଟା କରୁଥିବାରୁ କିଛିଦିନ ଧୈର୍ଯ୍ୟର ସହିତ ଅପେକ୍ଷା କରିବାକୁ ନିଷ୍ପତ୍ତି ନିଆଗଲା। ପରେ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯିବାକୁ ସ୍ଥିର କରାଗଲା। ବରଗଡ଼ ଷ୍ଟେସନରେ କୋଚ ଡିସପ୍ଲେ ସିଷ୍ଟମ ଲାଗିଥିବା ସତ୍ତ୍ୱେ କେବେକେବେ କର୍ମଚାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଚଳା ଯାଉ ନ ଥିବାରୁ ଯାତ୍ରୀମାନେ ହଇରାଣ ହେଉଛନ୍ତି। ଏଥିପାଇଁ ଏକ ପ୍ରତିନିଧିଦଳ ଷ୍ଟେସନ ଯାଇ ଏହାକୁ ନିୟମିତ ଚଳାଇବାକୁ ସୁନିଶ୍ଚିତ କରିବାକୁ ପ୍ରୟାସ କରିବେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଉପସଭାପତି ସର୍ଦ୍ଦାର ପ୍ରିତମ ସିଂହ ଓ ଇନ୍ଦିରା ମହାନ୍ତି, ସମ୍ପାଦକ କମଳ ଯୋଶୀ, ଯୁଗ୍ମ ସମ୍ପାଦକ ମନୋରଞ୍ଜନ ପୂଜାରୀ, କୋଷାଧ୍ୟକ୍ଷ ଗୋପାଳ ଚନ୍ଦ୍ର ଦାଶ ତଥା ଅନ୍ୟାନ୍ୟ ସଦସ୍ୟ ଭାରତ ଭୂଷଣ ଦାଶ, ମଳୟ ମହାନ୍ତି, ଅଭୟ ଭୋଇ, ସତ୍ୟନାରାୟଣ ପଣ୍ଡା, ତୁଳସୀ ଚରଣ ଦାଶ, ଉଦ୍ଧବ ଚରଣ ବେହେରା, ରାମକୃଷ୍ଣ ମେହେର, ବିଷ୍ଣୁ ପ୍ରସାଦ ଧାନୁକା, ଲକି ମୀରୱାନି, ସି ଏମରାଓ, ହରେକୃଷ୍ଣ ସାହୁ, ଅମିତ ସାହୁ, ପ୍ରଫୁଲ୍ଲ ନନ୍ଦ, ମହମ୍ମଦ ଅସଲମ, ଅନିଲ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଉପସଭାପତି ନିର୍ମଳ କିଶୋର କର ଧନ୍ୟବାଦ ଅର୍ପଣ କରିଥିଲେ।

# ବରଗଡ଼ ବିଜ୍ଞାନ କେନ୍ଦ୍ରରେ ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ ପ୍ରଦର୍ଶିତ

**ବରଗଡ଼, ୧୭।୧୦(ସମିସ):** ବରଗଡ଼ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ବରଗଡ଼ ବିଜ୍ଞାନ କେନ୍ଦ୍ର, ଟୁକୁର୍ଲାର ସଭାଗୃହରେ ଜିଲ୍ଲା ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।



ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଧୀରୋଜ ପଟ୍ଟନାୟକଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ଓ ଭଟଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ ଚନ୍ଦ୍ର ମେହେର ଯୋଗ ଦେଇଥିଲେ। ଚଳିତ ବର୍ଷର ବିଜ୍ଞାନ ନାଟକ ପ୍ରତିଯୋଗିତାର ବିଷୟ ବସ୍ତୁ 'ମାନବ ଜାତିର କଲ୍ୟାଣ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା' ବିଷୟରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ବିଜୟୀ ହୋଇ ଆସିଥିବା ୧୧ଟି ଦଳ ସେମାନଙ୍କ ନାଟ୍ୟ ପରିବେଷଣ କରିଥିଲେ। ବିଚାରକ ଭାବେ ପ୍ରଖ୍ୟାତ ନାଟ୍ୟ ନିର୍ଦ୍ଦେଶକ ତଥା ଲେଖକ ନକୁଳ ବାଦି, ପ୍ରଖ୍ୟାତ ମଞ୍ଚ ଓ ସିନେ ଅଭିନେତ୍ରୀ ସୁଶୀଳା ନାୟର ଓ ପ୍ରଖ୍ୟାତ ମଞ୍ଚ ଅଭିନେତା ସଞ୍ଜୟ ପାଢ଼ୀ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ସମସ୍ତ ଦଳ ସୁନ୍ଦର ଅଭିନୟ କରିଥିଲେ। ସେମାନଙ୍କ ମଧ୍ୟରୁ ଗୋଡଭଗା ପିଏମଶ୍ରୀ ଜନତା ଉଚ୍ଚ ବିଦ୍ୟାଳୟ ପ୍ରଥମ ସ୍ଥାନ, କନଗାଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ଓ ବରପଦର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସେହିପରି ଶ୍ରେଷ୍ଠ ଅଭିନେତା ଭାବେ ପିଏମଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ ବରଗଡ଼ର ସୁଚିତ୍ରା ପାତ୍ର, ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଗାଇସିଲେଟ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଲିଜାରାଣୀ ତାଣ୍ଡି, ଶ୍ରେଷ୍ଠ ନିର୍ଦ୍ଦେଶିକା ଭାବେ ଗୋଡଭଗା ପିଏମଶ୍ରୀ ଜନତା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ପୁଷ୍ପାସିନୀ ସାମନ୍ତରାୟ, ଶ୍ରେଷ୍ଠ ସ୍କ୍ରିପ୍ଟ ଲେଖକ ଭାବେ କନବାର ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ସଞ୍ଜିବନୀ ଗଡ଼ତିଆ ପୁରସ୍କୃତ ହୋଇଥିଲେ। ଜିଲ୍ଲାସ୍ତରରେ ବିଜୟୀ ପ୍ରଥମ ଦଳ ଜୋନାଲ ସ୍ତରକୁ ଉନ୍ନୀତ ହୋଇ ଆଗାମୀ ୨୪ ତାରିଖରେ ଦେବଗଡ଼ ଠାରେ ତାଙ୍କର ନାଟ୍ୟ ପରିବେଷଣ କରିବେ। ଶିକ୍ଷକ ଭବାନୀ ଶଙ୍କର ଗଡ଼ତିଆ ଓ ଶିକ୍ଷକ ସଦାନନ୍ଦ ଜାଲ ମଞ୍ଚ ପରିଚାଳନା କରିଥିଲେ। ବିଜ୍ଞାନ ଶିକ୍ଷକ ପ୍ରିୟବ୍ରତ ସାହୁ ଓ ବିଜ୍ଞାନ କେନ୍ଦ୍ର ସଂଯୋଜକ ଗୋପୀନାଥ ପ୍ରଧାନ ତଥା ବିଜ୍ଞାନ କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ପ୍ରତିଯୋଗିତାର ସଫଳତା ପାଇଁ ପୂର୍ଣ୍ଣ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଧୀରୋଜ ପଟ୍ଟନାୟକ ଓ ବିଚାରକ ମାନେ ସମସ୍ତ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ।



**ବରଗଡ଼:** ପିଏମଶ୍ରୀ କେଦାରନାଥ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟ ଅମ୍ବାଭୋନାରେ ଭାରପ୍ରାପ୍ତ ପ୍ରଧାନ ବିଶ୍ୱନାଥ ସାହୁଙ୍କ ଅଧ୍ୟକ୍ଷତାରେ ବିଜ୍ଞାନ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲ ମୋହନ ସିଂହ ଯୋଗ ଦେଇଥିଲେ। ବିଚାରକ ଭାବେ ଅବସରପ୍ରାପ୍ତ ପ୍ରାଣୀଧନ ଚିକିତ୍ସକ ନରେନ୍ଦ୍ର ପଣ୍ଡା, ମହାତ୍ମା ଗାନ୍ଧୀ ମାଧ୍ୟମିକ ବିଦ୍ୟାଳୟର ଜୟନ୍ତ ବାରିକ, ନେତାଜୀ ସୁବାଷ ଚନ୍ଦ୍ର ବୋଷ କ୍ଲବ୍ ଭୁକ୍ତାର କଳାକାର କଳାକାର ପଟେଲ୍ ବିଚାରକ ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ସାଧନ କେନ୍ଦ୍ର ଭୁକ୍ତାର କେଦାର ନାୟକ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଜ୍ଞାନ ଶିକ୍ଷକ ମନୋହର ସାହୁ ସଭା ପରିଚାଳନ କରିଥିଲେ। ବରିଷ୍ଠ ଶିକ୍ଷକ ଦିନବନ୍ଧୁ ପଣ୍ଡା, ସୈରନ୍ଧ୍ରି ରଥ, ଶିବ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ପିଏମଶ୍ରୀ କେଦାରନାଥ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟ ଜିଲ୍ଲାସ୍ତରକୁ ଉନ୍ନୀତ ହୋଇଥିଲା। ଏଥିରେ ଭୂପେସ ରଞ୍ଜନ ସାହୁ, ସ୍ନେହା ମାଝୀ, ଲକ୍ଷ୍ମୀପ୍ରିୟା ମହାନନ୍ଦ, ଅବିନାଶ ପଟେଲ୍, ଖୁସିରାଣୀ ପାତ୍ର, ଅମ୍ବିକା ପଟେଲ, ରୋହନ୍ ଦାସ, ଆଲୋକ ବର୍ଗର୍ତ୍ତୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ଗୌରୀ ସେଠଙ୍କ ରଚନା ଓ ନିର୍ଦ୍ଦେଶନାରେ ଅନୁଷ୍ଠିତ ନାଟକରେ ନାରୀ ମାନେ ବିଜ୍ଞାନ ଜଗତରେ ସଫଳତା ଅତ୍ୟନ୍ତ ଆକର୍ଷଣୀୟ ହୋଇଥିଲା। ଏହି ଅବସରରେ ବିଶ୍ୱ ହାତଧୁଆ ଦିବସ ପାଳନ କରାଯାଇ ଥିଲା। ପିଏମ ପୋଷଣ ଉପରେ ଏକ ପାଲା ଦଳ ପୋଷଣ ଉପରେ ପାଲା ପରିବେଷଣ କରିଥିଲେ। ଶିକ୍ଷକ କେଦାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସଡ଼କ ଦୁର୍ଘଟଣାରେ ୩ ମୃତ



**ବରଗଡ଼, ୧୭।୧୦(ସମିସ):** ବରଗଡ଼ ବାଏପାସ ଜାତୀୟ ରାଜପଥରେ କାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ କାରରେ ଥିବା ୩ ଜଣଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି। ମୃତକ ମାନେ ଲୁସେନେରି ଦିଶିରି (ବେଦୁ ପାଲି ), ଜ୍ଞାନରଞ୍ଜନ ସାହୁ (ଭୁବନେଶ୍ୱର), ସୌରଭ ଡାଲମିଆ ବରଗଡ଼ର ସ୍ଥାନୀୟ ବାସିନ୍ଦା ବୋଲି ସୂଚନା ମିଳିଛି। ଶୁକ୍ରବାର ବିଳମ୍ବିତ ରାତ୍ରି ପ୍ରାୟ ୩ଟା ରେ ବରଗଡ଼ ବାଏପାସ ଜାତୀୟ ରାଜପଥରେ ଡିଭାଇଡରରେ ପିଟି ହୋଇ କାର୍‌ଟି ଓଲଟି ପଡ଼ିଥିଲା। ଏଥିରେ ୩ ଜଣଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବରଗଡ଼ ଟାଉନ ପୁଲିସ ପକ୍ଷରୁ ପ୍ରକାଶ। ପୁଲିସ୍ ପକ୍ଷରୁ ଘଟଣାର ଅଧିକ ତଦନ୍ତ ଚାଲିଛି।

# ଗୋରୁ ବୋଝେଇ ଗାଡ଼ି ଜବତ, ୫ ଗିରଫ

**ଅମ୍ବାଭୋନା, ୧୭।୧୦(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ଥାନା ଅଧୀନ କପାସିରା ଗାଁରେ ବିଳମ୍ବିତ ରାତିରେ ଅବୈଧ ଭାବେ ଗୋରୁ ପରିବହନ ହେଉଥିବା ବେଳେ ପୁଲିସ ଚଢ଼଼ଉ କରି ଗୋଟିଏ ପିକଅପ ଯାନ ସହିତ ୧୧ଟି ଗୋରୁ, ୨ ଟି ମୋଟର ସାଇକେଲ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଘଟଣାରେ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ୫ ଗିରଫ ଅଭିଯୁକ୍ତ ହେଲେ ବଡ଼ ବ୍ରାହ୍ମଣି ଗାଁ ବିଜେପୁର ଥାନାଞ୍ଚଳର ଲକ୍ଷପତି ମେହେର (୩୦), ରଞ୍ଜନ ଓରଫ ଚିଲ ମେହେର (୨୬), ଅମ୍ବାଭୋନା ଥାନା ଦ୍ୱାରୀ ଗାଁର ରାଜ ରୋହିଦାସ (୨୮), କପାସିରା ଗାଁର ଲଳିତ ସତନାମୀ (୪୦) ଏବଂ ବରଗଡ଼ ଥାନା ନିଗମାନନ୍ଦ ବିହାରର ମୋହିତ ଅଗ୍ରୱାଲ (୨୪)। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବରଗଡ଼ ଏସପି ପ୍ରହଲ୍ଲାଦ ସହାୟ ମୀନାଙ୍କ ନିର୍ଦ୍ଦେଶରେ ଅମ୍ବାଭୋନା ଥାନା ଅଧିକାରୀ ବିପିନ ବାଗଙ୍କ ନେତୃତ୍ୱରେ ବିଶେଷ ପୁଲିସ ଦଳ ଗଠିତ ହୋଇଥିଲା। ଏହି ଦଳ କାପାସିରା ଗାଁରେ ଚଢ଼଼ଉ କରିଥିଲା। ଏଥିରେ ଗୋଟିଏ ପିକଅପ ଗାଡି, ୧୧ଟି ଗୋରୁ, ୨ଟି ନମ୍ବର ବିହୀନ ମୋଟରସାଇକେଲ, ୪ଟି ମୋବାଇଲ ଓ ନଗଦ ୨୭୦୦ ଟଙ୍କା ପୁଲିସ ଜବତ କରିଛି। ଅମ୍ବାଭୋନା ଥାନା ପୁଲିସ ଏକ ମାମଲାରୁଜୁ କରିବା ସହ ସମସ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିଛି।



## ଡଭା କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ଝାରବନ୍ଧ, ୧୭।୧୦ (ସମିସ):** ଝାରବନ୍ଧ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧୀନ ଡଭା କ୍ଲଷ୍ଟରର ରାଜେନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ କ୍ଲଷ୍ଟର ସ୍ତରୀୟ ସୁରଭି ୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡଭା କ୍ଲଷ୍ଟର ସିଆରସିସି କ୍ଷିରୋଦ୍ର ମହାନନ୍ଦଙ୍କ ତତ୍ତ୍ୱାବଧାନରେ ପ୍ରଧାନଶିକ୍ଷକ ନୀଳାମ୍ବର ଭୁଏଁ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଡଭା ସରପଞ୍ଚ ସୁକାନ୍ତି ସାହୁ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସିଆରସିସି ଲାଉଚନ୍ଦ୍ର ଛତର, ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ବିଜୟ ସାହୁ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଡଭା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଟିକେଶ୍ୱର ପଟେଲ ମଞ୍ଚାସୀନ ଥିଲେ। ସହକାରୀ ଶିକ୍ଷକ ଅଶ୍ୱିନୀ ଭୋଇ ମଞ୍ଚ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ରୋହିତ କଲେତ, ସୁଧିର ସାହୁ, ଭୁବନେଶ୍ୱର ମେହେର, ସୁଧାଞ୍ଜଳୀ ଦୀପ, ସ୍ମିତା ଜଲେରିଆ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। ଶିକ୍ଷକ କର୍ମବୀର ସାହୁ, ଦିନଶ ବରିହା, କମରେଶ ମଲ୍ଲିକ, ଡିଗ୍ରୀ ପ୍ରସାଦ ନାଏକ ପ୍ରମୁଖ ତଥା ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ଶିବ ପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।







## ବିଭିନ୍ନ ସ୍ଥାନରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

# ପ୍ରତିଭା ଦେଖାଇଲେ; ପୁରସ୍କୃତ ହେଲେ







**ଭବାନୀପାଟଣା, ୧୭ ।୧୦(ସମିସ)**

ନର୍ଲା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଆୟୋଜିତ ହୋଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ତପିମଣି ଜାନିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନର୍ଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିପିନ ବିହାରୀ ଦୀପ, ସମ୍ମାନିତ ଅତିଥି ଭାବେ ବିଆରସିସି ଗୋବର୍ଦ୍ଧନ ମାଝୀ, ଏବିଇଓ ସୂର୍ଯ୍ୟଦେବ ବାଗ, ଏବିଇଓ ସୁଢ଼ଳଦେବ ମୁଣ୍ଡ, ଅବସରପ୍ରାପ୍ତ ଏବିଇଓ ଦ୍ରୋଣ ରଣା, ବର୍ଣ୍ଣାଳୀ ଆଞ୍ଚଳିକ ପରିଚାଳକ ସ୍ୱାହା ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବ୍ଲକ ଅନ୍ତର୍ଗତ ୧୭ଟି କ୍ଲଷ୍ଟରର ଛାତ୍ରଛାତ୍ରୀ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ୍, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ, ଓଡ଼ିଆ ହସ୍ତାକ୍ଷର ସାଂସ୍କୃତିକ କାର୍ଯ୍ୟକ୍ରମ, ପିଏମ୍ ପୋଷଣ ଚିତ୍ରକଳା ଓ ଶିଳ୍ପକଳା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ବିଶିଷ୍ଟ ଉଦ୍ୟୋଗପତି ବିଭୁପ୍ରସାଦ ସାହୁ, ତୁଲାପଡ଼ା ସିଆରସିସି ନୀଳମଣି ସାହୁ, ସରିଆଁ ସିଆରସିସି ଜିତେନ୍ଦ୍ର ସାହୁ ଯୋଗ ଦେଇଥିଲେ ବୋଲି ଜଣାପଡ଼ିଛି। ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବରିଷ୍ଠ ଶିକ୍ଷକ ମନୋଜ ସାହୁ। ଆୟୋଜନରେ ଛନ୍ଦାଚରଣ ଧରୁଆ, ଜଗନ୍ନାଥ ମାଝୀ, ଯୁବରାଜ ଜାନୀ, ବିଶ୍ୱମ୍ବର ହରପାଲ୍, ମୀନକେତନ ବେହେରା, ରାଜେଶ ସାହୁ, ପ୍ରତାପ ସାହୁ, ଜ୍ଞାନେନ୍ଦ୍ର ଗହୀର, ବିଶ୍ୱମ୍ବର ପରିଡ଼ା, ଋତୁରାଜ ମାଝୀ, ସୁଚିସ୍ମିତା ପ୍ରଧାନ, ମନୋଜ ନନ୍ଦ, ଅନିତା ମହାରଣା, ଯୋଗେଶ୍ୱରୀ ମାଝୀ, ହୃଷି ପଟେଲ, ମିଳିନା ସାହୁ, ବିଶ୍ୱାମିତ୍ର ଗହୀର, ନିର୍ମଳା ବେହେରା, ବିରଞ୍ଚି ନାୟକ, ଭେଙ୍କଟ ମାଝୀ,

ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବକୁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦୁର୍ଯ୍ୟୋଧନ ମାଝୀ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବରେ କୁସୁମଯୋର ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ତାରେଶ୍ୱରି ସିନ୍ଦୂର, ମୁଖ୍ୟବକ୍ତା ଖଗେଶ୍ୱର ନିଆଲ, ସମ୍ମାନିତ ଅତିଥି ସଦା ନାଏକ, ତୁଳସୀ ରାମ ରାଉତ ଏବଂ ଗ୍ରାମର ବରିଷ୍ଠ ନାଗରିକ କପୂରଚନ ନାଗ, ତୁଲାରାମ ରାଉତ, ରାମେଶ୍ୱର ନାଏକ ପ୍ରମୁଖ ମଞ୍ଚାସିନ ଥିଲେ। ଶିକ୍ଷକ ଭୂତେଶ୍ୱର ନାଏକ ସଭା ପରିଚାଳନା କରିଥିଲେ। ଦେବା ଦେବୀ ପୂଜନ ପରେ ପ୍ରାରମ୍ଭିକ ସଙ୍ଗୀତ ଗାନ ସହ ଅତିଥି ଗଣଙ୍କ ଅଭିଭାଷଣ ରହିଥିଲା। ଉଦ୍‌ଯାପନୀ ଉତ୍ସବରେ ସିନାପାଲି ସହ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଦୀପ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ଅତିଥିମାନେ ପୁରସ୍କୃତ କରିଥିଲେ।

**ନୂଆପଡ଼ା /କୋମନା:** କୁରୁମପୁରୀ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ୧୫ଟି ବିଦ୍ୟାଳୟକୁ ନେଇ ଆଜି ସୁରଭି କାର୍ଯ୍ୟକ୍ରମ ପ୍ରାଥମିକ ବିଦ୍ୟାଳୟ କୁଶଦହନାରେ ଆୟୋଜିତ ହୋଇଯାଇଛି। ଅଶୋକ କୁମାର ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ସାଧନ କେନ୍ଦ୍ରସଂଯୋଜକ କାମଳକାନ୍ତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କୋମନା ଗୋଷ୍ଠୀ ଶିକ୍ଷାଧିକାରୀ ଅନୀତା ପଣ୍ଡା, ଟେଙ୍ଗନାବସା ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱଦେବ ପଣ୍ଡା, ଲଖନା ସିଆରସିସି ସହଦେବ ମହାନନ୍ଦ ଓ କୁଶଦହନା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ରିଖିରାମ ମହାନନ୍ଦ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରେମଲାଲସତନାମୀ ପ୍ରଧାନ ଶିକ୍ଷକ ଦଲଦଲି କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା





ଓ ଶ୍ରୁତଲିଖନ, ସାଂସ୍କୃତିକ କାର୍ଯ୍ୟକ୍ରମ, ପିଏମ୍ ପୋଷଣ ଚିତ୍ରକଳା ଓ ଶିଳ୍ପକଳା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ବିବେଚିତ ଛାତ୍ରଛାତ୍ରୀ ଆଗାମୀ ଦିନରେ ଆୟୋଜିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ସୁରଭିରେ ଯୋଗଦେବେ ବୋଲି ଜଣାପଡ଼ିଛି। ମଞ୍ଚ ପରିଚାଳନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଶିକ୍ଷକ ଅନୀଲଚନ୍ଦ୍ର ସାହୁ। ଧନ୍ୟବାଦ ଦେଇଥିଲେ ସିଆରସିସି ନୀଳମଣି ସାହୁ। ଏଥିରେ ସମସ୍ତ ସିଆରସିସି, ବିଇଓ କାର୍ଯ୍ୟାଳୟର କର୍ମକର୍ତ୍ତା ତଥା ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

**ଭବାନୀପାଟଣା:** ନର୍ଲା ବ୍ଲକ ପଲମ୍ ଉ.ପ୍ରା. ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ ଆୟୋଜିତ ହୋଇଯାଇଛି। କ୍ଲଷ୍ଟର ସଂଯୋଜକ ଡିଲେଶ୍ୱର ରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ମୁଖ୍ୟବକ୍ତା ଭାବେ ନର୍ଲା ବରିଷ୍ଠ ବିଇଓ ତପିମଣି ଜାନୀ, ସମ୍ମାନିତ ଅତିଥିଭାବେ ବିଆରସିସି ଗୋବର୍ଦ୍ଧନ ମାଝୀ, ଏବିଇଓ ସୂର୍ଯ୍ୟଦେବ ବାଗ, ଏବିଇଓ ସୁଢ଼ଳଦେବ ମୁଣ୍ଡ, ଶେଷଦେବ ମିଶ୍ର, ଯୁବ ଲେଖକ ସୁଧୀର କୁମାର ଧଙ୍ଗଡ଼ାମାଝୀ, ସରିଆଁ କ୍ଲଷ୍ଟର ସଂଯୋଜକ ଜିତେନ୍ଦ୍ର ସାହୁ, ବିପ୍ର ବରର୍ଗ୍ତୀ, ଉମା ମିଶ୍ର, ନଟବର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ କ୍ଲଷ୍ଟର ଅଧୀନ ୧୧ଟି ସ୍କୁଲର ଛାତ୍ରଛାତ୍ରୀ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ୍, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ, ଓଡ଼ିଆ ହସ୍ତାକ୍ଷର ଓ ଶ୍ରୁତଲିଖନ, ରାଜୀବ ଗହୀର, ଶେଷବାଗ ପ୍ରମୁଖ ସହଯୋଗ କରିଥିଲେ।

**ଧର୍ମଗଡ଼ :** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ କାଶିବାହାଲ ସ୍କୁଲରେ କାଶିବାହାଲ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସିଆରସିସି ରାଜେନ୍ଦ୍ର ଦୁରିଆଙ୍କ ତତ୍ତ୍ୱାବଧାନରେ ପ୍ରଧାନଶିକ୍ଷକ ଅଶୋକ କୁମାର ସାହୁ ସଭାପତିତ୍ୱ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ନଗରପାଳ ଅଶୋକ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବରେ ଉପନଗରପାଳ ମନୀଷା ମିଶ୍ର, ଅଧ୍ୟାପକ ସଞ୍ଜିବ କୁମାର ମୁଣ୍ଡ, ସ୍କୁଲ ପରିଚାଳନା କମିଟି ସଭାନେତ୍ରୀ ଅହଲ୍ୟା ବନ୍ଦୀଛୋଡ, କାଉନସିଲର ଜ୍ୟୋତିର୍ମୟୀ ମହାନନ୍ଦ, କାଉନସିଲର ରତ୍ନ ପାତ୍ର, ପ୍ରବୀଣ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ବିଶ୍ୱମ୍ବର ମିଶ୍ର, ସମ୍ମାନିତ ଅତିଥି ବିଶ୍ୱଜିତ ବେହେରା, ବିରଞ୍ଚି ନାରାୟଣ ଜାଲ, ରବୀନ୍ଦ୍ର କୁମାର ପରିଡ଼ା, ଢଗ ନାଏକ, ରାଜେନ୍ଦ୍ର ଦୁରିଆଙ୍କ ସମେତ ଅନ୍ୟାନ୍ୟ ଅତିଥି ଉପସ୍ଥିତ ଥିଲେ। ଗାଁ ଗହଳିରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ଭିତରେ ଥିବା ପ୍ରତିଭା ଅନ୍ୱେଷଣ ସୁରଭି କାର୍ଯ୍ୟକ୍ରମର ମୂଳ ଉଦେଶ୍ୟ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଅତିଥିଙ୍କ ଦ୍ୱାରା ସମସ୍ତ କୃତୀମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ କ୍ଲଷ୍ଟରର ଶିକ୍ଷକ ମାନଙ୍କୁ ଆଦର୍ଶ ଶିକ୍ଷକ ସମ୍ମାନରେ ସମ୍ମାନିତ କରାଯାଇଥିଲା।

**ସିନାପାଲି:** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ବ୍ରାହ୍ମଣୀଗୁଡ଼ା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସମ୍ମାନିତ ଅତିଥି ଭାବରେ ସିନାପାଲି ସିଆରସିସି ବଂଶୀଧର ଜଗତ, ନିଲଜୀ ସିଆରସିସି ବାଲାଜୀ ହରିଜନ, କେନ୍ଦୁମୁଣ୍ଡା ସିଆରସିସି ମହେନ୍ଦ୍ର ବାଗ, ଭରୁଆମୁଣ୍ଡା ସିଆରସିସି ରାଧେଶ୍ୟାମ ସୁନାନି, ହାତିବନ୍ଧା ସିଆରସିସି ଉପେନ୍ଦ୍ର ସୁନାନି, ଗୋଡ଼ାଲ ସିଆରସିସି ବିଭୂତି ମେହେର, ଗମ୍ଭାରିଗୁଡ଼ା ସିଆରସିସି ଯଜ୍ଞେଶ ମେହେର, ବ୍ରାହ୍ମଣପଡ଼ା ପ୍ରଧାନ ଶିକ୍ଷକ ପ୍ରାଣକୃଷ୍ଣ ଯୋଶୀ, ପୂର୍ବତନ ସିଆରସିସି କିଶୋର କୁମାର ସାହୁ ସମେତ ବିଭିନ୍ନ କ୍ଲଷ୍ଟର ର ସମସ୍ତ ପ୍ରଧାନ ଶିକ୍ଷକ ମଞ୍ଚାସିନ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ବଂଶୀଧର ଜଗତ, ନିକୁଞ୍ଜ ବିହାରୀ ସା, ସନ୍ତୋଷ ବୈଠାରୁ, ପର୍ଶୁରାମ ମାଝୀ ବିଚାରପତି ଦାୟିତ୍ୱରେ ଥିଲେ।

**ସିନାପାଲି:** ସିନାପାଲି ବ୍ଲକ ଘାଟମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସିଆରସିସି ହେତୁରାମ ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରଧାନଶିକ୍ଷକ ନବୀନ କୁମାର ତାଣ୍ଡି ସଭାପତିତ୍ୱ କରିଥିବାବେଳେ ଏବିଇଓ ପ୍ରଦୀପ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଶିକ୍ଷକ ସଂଘ ସମ୍ପାଦକ ବାଲାଜି ସୁନାନୀ, ସିଆରସିସି ସଭାପତି ଜଗଦିଶ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଡୁମେରବାହାଲ ପ୍ରଧାନଶିକ୍ଷକ ମହିନ୍ଦ୍ର ମାଝୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କ୍ଲଷ୍ଟର ଅର୍ନ୍ତଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ କରିଥିଲେ।

**ଧର୍ମଗଡ଼ :** ଧର୍ମଗଡ଼ ବ୍ଲକ ପର୍ଲା ସ୍ଥିତ ପିଏମଶ୍ରୀ -ଅନନ୍ତ ପ୍ରସାଦ ଦାସ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଞ୍ଚଳିକ ସାଧନାସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ସରୋଜ କୁମାର ଦାସ, ସମ୍ମାନିତ ଅତିଥି ସୁବାସ ବାଗ, ସିଆରସିସି ପରମାନନ୍ଦ ନାଏକ, ଶିକ୍ଷକ ବିଘ୍ନରାଜ ଗୋପାଳ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ତଥା ଅଧ୍ୟକ୍ଷ ନବ କୁମାର ସୁନାରୀ କାର୍ଯ୍ୟକ୍ରମ ବିବରଣୀ ପ୍ରଦାନ କରିଥିଲେ। ପର୍ଲା ଆଞ୍ଚଳିକ ସାଧନା ଅଧୀନ ମୋଟ ୧୨ଟି ବିଦ୍ୟାଳୟ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ୧୮ଟି ବିଭିନ୍ନ ପ୍ରତିଯୋଗିତାରେ ମୋଟ ୬୨ ଜଣ ଛାତ୍ରଛାତ୍ରୀ ଭାଗ ନେଇ ଥିଲେ। ଏହି କାର୍ଯ୍ୟକ୍ରମରେ ଯେଉଁ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହେବେ ସେମାନେ ବ୍ଲକ ପରବର୍ତ୍ତୀ ସମୟ ଜିଲ୍ଲା ଓ ରାଜ୍ୟସ୍ତରୀୟରେ ଭାଗ ନେବା ବ୍ୟବସ୍ଥା ରହିଛି। ପର୍ଲା ସରପଞ୍ଚ ବ୍ରିଜଲାଲ ନାଏକ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ତେଜେଶ୍ୱର ସାହୁ ପରିଚାଳନା କରିଥିବାବେଳେ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।

**ଲାଞ୍ଜିଗଡ଼ :** ଛାତ୍ରଛାତ୍ରୀମାନେ ସେମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ ସହିତ ମଞ୍ଚରେ ନିଜର କଳା, ସଂସ୍କୃତି ଓ ପରମ୍ପରାକୁ ଉପସ୍ଥାପନା କରିବାର ସୁଯୋଗ ପାଇପାରୁଛନ୍ତି ବୋଲି କହିଛନ୍ତି ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ରଷିଆ ମେହେର। ଆଜି ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର କ୍ଲଷ୍ଟର ଅଧୀନ ଗୋବର୍ଦ୍ଧନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ସୁରଭି -୨୦୨୫ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ମେହେର ଏହା କହିଛନ୍ତି। କୁମାର ଗୌରବ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଢଳଦେବ ମୁଣ୍ଡ, ସରପଞ୍ଚ ବୈଦେହୀ ମାଝୀ, ସରପଞ୍ଚ ସନ୍ତୋଷ ମାଝୀ, ସୌଭାଗ୍ୟ କୁମାର ସାହୁ, ମନୋଜ ସାହୁ, ଦୁଃଖିଶ୍ୟାମ ବାରିକ, ପ୍ରକାଶ ପ୍ରଧାନ, ସାମ୍ବାଦିକ ସୁଶୀଲ କୁମାର ବାଗ, ନୀଲେଶ କୁମାର ନାଗ, ଗୋପାଳଦାସ ମହାନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ରଞ୍ଜନ କୁମାର ବୁଦ୍ଧିଆ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ବରିଷ୍ଠ ଶିକ୍ଷକ ତପନ କୁମାର ଭୋଇ ସଭା ପରିଚାଳନା କରିଥିଲେ। ଏହି ଅବସରରେ ବରିଷ୍ଠ ଶିକ୍ଷକ ଚିନ୍ତାମଣି ବିଶ୍ୱାଳ, ଶରତଚନ୍ଦ୍ର ସାହାଣୀ, ସୁରେନ୍ଦ୍ର ବିଶ୍ୱାଳ, ନୀଳାମ୍ବର ସରାଫଙ୍କୁ ମାନପତ୍ର ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କାଠସମା ତଳପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ନାୟକ ମୁଖ୍ୟଅତିଥିଙ୍କଠାରୁ ମାନପତ୍ର ଓ ଉପଢୌକନ ଗ୍ରହଣ କରିଥିଲେ। ବିଚାରକ ଭାବେ ପ୍ରମୋଦ ପରିଡ଼ା, ସନ୍ତୋଷ ପାତ୍ର, ମଧୁସୂଦନ ରାଉତ ଦାୟିତ୍ୱ ତୁଲାଇଥିଲେ। କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ପରେଶ କୁମାର ଗହୀର, ଯଶୋବନ୍ତୀ ମାଝୀ, ବୈଷ୍ଣବ ବାଗ, ଲିଙ୍ଗରାଜ ସାହୁ, ସୁଜିତ କୁମାର ସାହୁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

### ସାନକାର୍ଲିକୁ ଶ୍ରେଷ୍ଠ ବିଦ୍ୟାଳୟ ଟ୍ରଫି

**ଭବାନୀପାଟଣା:** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଭଟାଙ୍ଗପଦର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଭଟାଙ୍ଗପଦର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ମୁଖ୍ୟମନ୍ତ୍ରୀ ପୁରସ୍କୃତ ପ୍ରଧାନଶିକ୍ଷକ ଆଦିତ୍ୟକୁମାର ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମନୋଜ କୁମାର ସାହୁଙ୍କ ଶିକ୍ଷା ଓ ଶିକ୍ଷାୟତନକୁ ପ୍ରୋତ୍ସାହନ ଉଦ୍ଦେଶ୍ୟରେ ବିଭିନ୍ନ ମାନଦଣ୍ଡକୁ ଆଧାର କରି କ୍ଲଷ୍ଟରର ସର୍ବୋତ୍ତମ ବିଦ୍ୟାଳୟ ଭାବେ ସରକାରୀ ପ୍ରାଥମିକ ବିଦ୍ୟାଳୟ ସାନକାର୍ଲିକୁ ଚୟନ କରିଥିଲେ। ଉପସ୍ଥିତ ମଞ୍ଚାସୀନ ସମସ୍ତ ଅତିଥିଙ୍କ ଦ୍ୱାରା ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରବୀଣ ତାଣ୍ଡି ଓ ସହଶିକ୍ଷକ ଦନାର୍ଦ୍ଦନ ମିଶ୍ରଙ୍କୁ ଉପଢୌକନ ସହ ମା ମାଣିକେଶ୍ୱରୀଙ୍କ ଫୋଟଚିତ୍ର ଓ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିଲେ। ମନୋଜ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଷିଆ ମେହେର ଯୋଗଦାନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ସ୍ୱାହା ଦାସ୍, ସୁଢ଼ଳଦେବ ମୁଣ୍ଡ, ରୁପେନ୍ଦ୍ର ଛତ୍ରିଆ, ଦଶମୀ ମାଝୀ, ଲିଳୀମା ମଞ୍ଜରୀ ସୁନାନୀ, ଗୁଣନିଧି ସାହୁ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିବ ପ୍ରସାଦ ଦାଶ ଏବଂ ଭଟାଙ୍ଗପଦର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟତ୍ରୀ ପ୍ରଜ୍ଞା ପ୍ରିୟଦର୍ଶିନୀ ଶତପଥୀ ମଞ୍ଚ ପରିଚାଳନା କରିଥିବାବେଳେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମନୋଜ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ କେଦାରନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଦୂର୍ବାଦଳ ପଟେଲ, ହିମାଂଶୁ ଶେଖର ମେହେର, ତୁଲାରାମ ମାଝୀ ସମେତ ଉପସ୍ଥିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

**କେସିଙ୍ଗା:** ଲଇତରା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥିଭାବେ ଲଇତରା ସରପଞ୍ଚ ଯୋଗ ଦେଇଥିବାବେଳେ ସଭାପତି ଭାବେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କୁଶଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ପ୍ରାଥମିକ ଶିକ୍ଷକ ସଂଘର୍ ସଭାପତି ସୁରେନ୍ଦ୍ର କୁମାର ଦୋରା, ଲମ୍ବୋଦର ପୋଡ଼ ନୀଳମାଧବ ପଟ୍ଟନାୟକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଆବାହକ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ତପନ କୁମାର ଦାଶ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏଥିରେ ସର୍ବମୋଟ ଆଠଟି ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ଏଥିରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରି ବ୍ଲକସ୍ତରୀୟ ସୁରଭିକୁ ମନୋନୀତ ହୋଇଥିଲେ। ଶିକ୍ଷକ ତାପସ ମହଲା, ବିଷ୍ଣୁ ଭାଟି, ଅମରେଶ ବିଶି, ପ୍ରଫୁଲ୍ଲ ବିଶି, ବିଶ୍ୱଜିତ୍ ପୋଡ଼, ଚନ୍ଦ୍ର ଶେଖର ନାଏକ, ଖିରଶିନ୍ଧୁ ଶବର, ଆଲୋକ ଯୋଶୀ, ସୋନି ଭୋଇ, ଶିକ୍ଷୟତ୍ରୀ ବନ୍ଦନା ଦାଶ, ନଳିନୀ ନାଗ, ତପସ୍ୱିନୀ ବାଗ, ଭାନୁମତୀ ଚୌହାନ, ପ୍ରମିଳା ମାଝୀ ପ୍ରମୁଖ ଯୋଗ ଦେଇ ଥିଲେ। ଜାତୀୟସ୍ତରର କଳାକାର ଦେବ ଓ ରଞ୍ଜିତ ବିଚାରକ ଭାବେ ଉପସ୍ଥିତ ଥିଲେ। ଏଥିରେ ପ୍ରାୟ ୨୫୦ ଜଣ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ।

**କଲମପୁର:** କଲମପୁର ବ୍ଲକ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ବଙ୍କାପଲାଠାରେ ବରଗାଁ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ବରଗାଁ ସିଆରସିସି ମନୋଜ କୁମାର ମେହେରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବଙ୍କାପଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନାକ୍ଷୀ ଭୋଇ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ସହ ଗୋଷ୍ଠୀଶିକ୍ଷା ଅଧିକାରୀ ବାଲଗୋପାଲ ତେଣ୍ଟକାରୀ, ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ଦୟାନିଧି ବାଣୁଆ, ଇଶ୍ୱରୀ ବେହେରା ତଥା, ଦେପୁର ଉ.ପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜେ ନାଗ, ଇଚ୍ଛାପୁର ଉ.ପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁଭେନ୍ଦୁ ପଣ୍ଡା ଓ ପଦରପଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ର ସାହୁ ଯୋଗଦାନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାଳିନ୍ଦୀ ପଣ୍ଡା, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦିଲୀପ କୁମାର ବେହେରା ଓ ଅବସରପ୍ରାପ୍ତ ସୈନିକ ସୁଶିଲ କୁମାର ବାଣୁଆ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟର ଅଧୀନ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶିକ୍ଷକ ସୁଶାନ୍ତ ଛତ୍ରିଆ, ଶିକ୍ଷୟିତ୍ରୀ ପ୍ରେମାଞ୍ଜଳୀ ବାଗ ଓ ନମିତା କୁମାର ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ ସନାତନ ନିଆଲ ଧନ୍ୟବାଦ ଅର୍ପଣ କରିଥିଲେ।








# ରାସ୍ତା ନିର୍ମାଣ ପାଇଁ ଛାତ୍ରଛାତ୍ରୀଙ୍କ ରାସ୍ତା ଅବରୋଧ

**ଜୟପାଟଣା, ୧୭ ।୧୦(ସମିସ):** ସରକାର ଗ୍ରାମାଞ୍ଚଳରେ ଯାତାୟାତ ସୁବିଧା ଯୋଗାଇ ଦେବାକୁ ଅନେକ କଥା କହୁଥିବା ବେଳେ ବାସ୍ତବିକ ଚିତ୍ର ଓଲଟା। ସାଧାରଣ ରାସ୍ତାଟିଏ ପାଇଁ ଅନେକ ଗାଁ ଉପାନ୍ତ ଅଞ୍ଚଳ ସାଜିଥିବା ବେଳେ ସହର ପାଖ ଅଞ୍ଚଳର ସ୍ଥିତି ସମାନ। ତେବେ ରାସ୍ତା ପାଇଁ କଲେଜ ଛାତ୍ରଛାତ୍ରୀମାନେ ରାଜରାସ୍ତା ଅବରୋଧ କରିଥିବା ଚିତ୍ର ସାମ୍ନାକୁ ଆସିଛି। ଶୁକ୍ରବାର ଜୟପାଟଣା ବ୍ଲକ ମୋତେଲଗୁଡା କ୍ରସର ଛକ ନିକଟରେ ମୋଟର ମୁଖୀଗୁଡା ପିଡବ୍ଲୁଡି ରାସ୍ତାକୁ ଅବରୋଧ କରିଥିଲେ ଅରେବେଡା ପତିତପାବନ କଲେଜର ଛାତ୍ରଛାତ୍ରୀ। ସୂଚନା ଅନୁଯାୟୀ କ୍ରସର ଛକ ଠାରୁ ଯାଇଥିବା ଆର୍ଡି ରାସ୍ତା ଦୀର୍ଘ ଦିନ ହେଲା ଶୋଚନୀୟ ହୋଇପଡ଼ିଥିବା ବେଳେ ଦୈନିକ ଯିବା ଆସିବା କରୁଥିବା ଛାତ୍ରଛାତ୍ରୀ ହନ୍ତସନ୍ତ ହେଉଛନ୍ତି। ଅନ୍ୟପକ୍ଷରେ ରାସ୍ତା ମଝିରେ ବ୍ରିଜ୍ ଭାଙ୍ଗିଯାଇଛି, ଯାହାଫଳରେ ଏହି ରାସ୍ତାଦେଇ ଲକ୍ଷ୍ମୀ ବସ୍ ମଧ୍ୟ ଯାଉନାହିଁ। ଛାତ୍ରଛାତ୍ରୀ ମାନେ ଦୀର୍ଘ ୫କିମି ବୁଲି ଯିବା ଆସିବା କରୁଛନ୍ତି। ତେବେ ଅନେକ ଦାବି ଓ ଅଭିଯୋଗ ଦେଲାପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିବାବେଳେ ଆଜି ଅସନ୍ତୋଷ ଛାତ୍ରଛାତ୍ରୀ ମାନେ ରାଜରାସ୍ତାକୁ ଅବରୋଧ କରିଥିଲେ। ଘଟଣାସ୍ଥଳରେ ଜୟପାଟଣା ବିଡିଓ ଓ କଲମପୁର ପୁଲିସ ପ୍ରଶାସନ ଆସି ଆଲୋଚନାକରି ରାସ୍ତା ମରାମତି ସହ ଲକ୍ଷ୍ମୀ ବସ୍‌କୁ ମୋଟର ଦେଇ ଅରେବେଡା କଲେଜ ପର୍ଯ୍ୟନ୍ତ ଚାଲିବ ବୋଲି ପ୍ରତିଶ୍ରୁତି ଦେଲା ପରେ ରାସ୍ତା ଉପରୁ ହଟିଥିଲେ ଛାତ୍ରଛାତ୍ରୀ।

# ଭବାନୀପାଟଣା ବିକାଶ ସ୍କୁଲ ଓଡ଼ିଶାରେ ଦ୍ୱିତୀୟ

**ଭବାନୀପାଟଣା, ୧୭ ।୧୦ (ସମିସ):** ଏଜୁକେସନ୍ ୱାଲ୍ଡ ତରଫରୁ କରାଯାଇଥିବା ସର୍ବେକ୍ଷଣରେ ଇଣ୍ଡିଆ ସ୍କୁଲ ର୍ୟାଙ୍କିଙ୍ଗ ୨୦୨୫-୨୬ରେ କୋ-ଏଜୁକେସନ, ଡେ କମ୍ ବୋର୍ଡ଼ିଂ ସ୍କୁଲ ବିଭାଗରେ ଭବାନୀପାଟଣା ସ୍ଥିତ ବିକାଶ ଆବାସିକ ବିଦ୍ୟାଳୟ ସର୍ବଭାରତୀୟସ୍ତରରେ ଚତୁର୍ଦ୍ଦଶ ସ୍ଥାନରେ ଥିବାବେଳେ ରାଜ୍ୟସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏଥି ନିମନ୍ତେ ଦିଲ୍ଲୀର ଏକ ତାରକା ହୋଟେଲରେ ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ ଉତ୍ସବରେ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ୍‌ର ନିର୍ଦ୍ଦେଶକ ଡି.ଶ୍ୟାମ ଉପସ୍ଥିତ ରହି ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଥିଲେ। ଏହାଫଳରେ ବିକାଶ ଶିକ୍ଷା ରାଜ୍ୟରେ ଏକ ନୂତନ ଅଧ୍ୟାୟ ସୃଷ୍ଟି ହୋଇଛି। ଏହା ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ ତଥା କଳାହାଣ୍ଡି ଜିଲ୍ଲା ଓ ପାଇଁ ଗୌରବ ଆଣି ଦେଇଛି। ଏହି ପୁରସ୍କାର ପାଇଁ ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ୍ ର ଚେୟାରମ୍ୟାନ ଡି ନାଗେଶ୍ୱର ରାଓ, ନିର୍ଦ୍ଦେଶକ ଡି ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି ରାମ କୁମାର, ଶିକ୍ଷା ପ୍ରଭାରୀ ଡି ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି ପଦ୍ମିନୀ ପ୍ରମୁଖ ଖୁସି ବ୍ୟକ୍ତ କରିବା ସହ ଅନୁଷ୍ଠାନର ଅଧ୍ୟକ୍ଷା, ଉପାଧ୍ୟକ୍ଷ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଏହାର ଶ୍ରେୟତା ପ୍ରଦାନ କରିଛନ୍ତି।



# କାଳୀପୂଜା ପାଇଁ ସଜେଇ ହେଲେଣି ମା' ଭଦ୍ରକାଳୀ

ଭଦ୍ରକ, ୧୭।୧୦(ସମିସ)

ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀ ପୀଠରେ କାଳୀପୂଜା ଅବସରରେ ମା'ଙ୍କୁ ସପ୍ତମାତୃକା ବେଶରେ ପୂଜା କରାଯାଇଥାଏ। ମା'ଙ୍କର ବେଶ ସହ ପୀଠରେ ବିଶ୍ୱର ଜନକଲ୍ୟାଣ ନିମନ୍ତେ ଏକ ମହାଯଜ୍ଞ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ଆସନ୍ତା ୨୦ ତାରିଖଠାରୁ ମହାଯଜ୍ଞର ଶୁଭାରମ୍ଭ ହେବ। ପ୍ରଥମ ଦିବସରେ ମା' ବେଦମାତା ବେଶ ଧାରଣ କରି ପୂଜା ପାଇବେ। ଏଥିନିମନ୍ତେ ମନ୍ଦିର ପ୍ରଶାସନ ମ୍ୟାନେଜିଂ ଟ୍ରଷ୍ଟି ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀଙ୍କ ଅଧକ୍ଷତାରେ ଜିଲ୍ଲାର ସବୁ ବିଭାଗର ପ୍ରାଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ସେବାୟତଙ୍କୁ ବସାଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସପ୍ତମାତୃକା ବେଶରେ ମା'ଙ୍କର ସାତ ଦିନର ବେଶ, ପୂଜା ନୀତିକାନ୍ତି, ମାନସିକ କଳସ ଶୋଭାଯାତ୍ରା, ଯଜ୍ଞ ମଣ୍ଡପରେ ବିଧି ଅନୁଯାୟୀ ପୂଜା ଓ ଆହୁତି, ପ୍ରସାଦ ବଣ୍ଟନ, ପହୁଡ଼ ଭୋଗ, ତୋରଣ, ଆଲୋକ ବ୍ୟବସ୍ଥା, ଶୃଙ୍ଖଳିତ ଦର୍ଶନ ନିମନ୍ତେ ପୁଲିସ ବ୍ୟବସ୍ଥା, ପାନୀୟଜଳ, ଯାନବାହନ ପାର୍କିଂ, ମୁଖ୍ୟରାସ୍ତାର ମରାମତି ଆଦି ବିଭିନ୍ନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ସେବାୟତଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସପ୍ତମାତୃକା ବେଶର ଦ୍ୱିତୀୟ ଦିନ ମା'ଙ୍କର ମହାକାଳୀ



ବେଶ ଓ ତୃତୀୟ ଦିନ ମା'ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେବେ। ଚତୁର୍ଥ ଦିନ ମା' ସିଂହବାହିନୀ ବେଶରେ ପୂଜା ପାଇବାକୁ ଥିବା ବେଳେ ପଞ୍ଚମ ଦିନରେ ମା'ଙ୍କର ଜଗଦ୍ଧାତ୍ରୀ ବେଶ ଓ ଷଷ୍ଠ ଦିବସରେ ମା' ମହାସରସ୍ୱତୀ ବେଶ। ଅନ୍ତିମ ଦିବସ ଆସନ୍ତା ୨୬ ତାରିଖରେ ମା'ଙ୍କର ମହାଲକ୍ଷ୍ମୀ ବେଶ ସହିତ ମହାଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ଆସନ୍ତା ବର୍ଷ ୨୦୨୬କୁ ମହାଯଜ୍ଞର ୨୫ ବର୍ଷ ପୂର୍ତ୍ତି ଅବସରରେ ମା'ଙ୍କର ସୁନାବେଶ ଅନୁଷ୍ଠିତ ହେବ ବୋଲି ବୈଠକରେ ସ୍ଥିର କରାଯାଇଛି। ଏହି ସୁନାବେଶ ନିମନ୍ତେ ଏବେଠାରୁ ଆଗ୍ରହୀ ଭକ୍ତମାନେ ଦାନ କରିପାରିବେ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଚଳିତ ବର୍ଷ ମା'ଙ୍କର ୭ଦିନର ବେଶକୁ ସେବକ ପ୍ରାତଃ ୭.୪୫ ମିନିଟ ସୁଦ୍ଧା ସମାପନ କରିବେ। ପରେ ଭକ୍ତଙ୍କ ନିମନ୍ତେ ସାହାଣ ମେଳା ଦର୍ଶନ ଆରମ୍ଭ ହେବ। ପୀଠରେ ମହାଯଜ୍ଞ ଓ ସପ୍ତ ମାତୃକା ବେଶ ନିମନ୍ତେ ପ୍ରସ୍ତୁତି ପ୍ରାୟ ଚୂଡ଼ାନ୍ତ ହୋଇଥିଲା ବେଳେ ସନ୍ଧ୍ୟାଠାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଛି। ମହାଯଜ୍ଞର ପ୍ରଥମ ସାଂସ୍କୃତିକ ସନ୍ଧ୍ୟାରେ ଓଡ଼ିଶାର ସୁନାମଧନ୍ୟ ପାଲା ଗାୟକ ସନାତନ ଦାଶ ପାଲା ପରିବେଷଣ କରିବେ। ବାଣ ଫୁଟା ନିମନ୍ତେ ଦ୍ୱିତୀୟ ସାଂସ୍କୃତିକ ସନ୍ଧ୍ୟା ବନ୍ଦ ଥିବା ବେଳେ ତୃତୀୟ ସନ୍ଧ୍ୟାରେ ଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ପ୍ରବଚନ ଦେବେ। ଚତୁର୍ଥ ସନ୍ଧ୍ୟାରେ ଓଡ଼ିଶୀ, ସମ୍ବଲପୁରୀ ଏବଂ ଓଡ଼ିଶାର ଲୋକକଥା ଲୋକଗୀତ ଉପରେ ନୃତ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ପଞ୍ଚମ, ଷଷ୍ଠ ଓ ସପ୍ତମ ସାଂସ୍କୃତିକ ସନ୍ଧ୍ୟାରେ ଓଡ଼ିଶା ସରକାରଙ୍କ ସାଂସ୍କୃତିକ ବିଭାଗ ଦ୍ୱାରା ଭଜନ ସନ୍ଧ୍ୟା, ନୃତ୍ୟ ଓ ଗୀତିନାଟ୍ୟ ପରିବେଶଣ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ପୀଠର ମହାଯଜ୍ଞର ମାନସିକ କଳସ ଶୋଭାଯାତ୍ରାଠାରୁ ପୂର୍ଣ୍ଣାହୁତି ପର୍ଯ୍ୟନ୍ତ ବିଭିନ୍ନ ବିଭାଗରେ ସେବାୟତଙ୍କ ମଧ୍ୟରେ ଭାଗିରଥୀ ଦୀକ୍ଷିତ, ଅନୁଗ୍ରହ ଦୀକ୍ଷିତ, ପଞ୍ଚାନନ ଦୀକ୍ଷିତ, ମନ୍ଦରଧର ଦୀକ୍ଷିତ, ମଧୁସୂଦନ ଦୀକ୍ଷିତ, ଶେଖର ମହାପାତ୍ର ପ୍ରଫୁଲ୍ଲ ସାହୁ, ବିଜୟ ଦୀକ୍ଷିତ, ନିକୁଞ୍ଜ ଦୀକ୍ଷିତ, ମଦନମୋହନ ଦୀକ୍ଷିତ, ପ୍ରଦୀପ ପଣ୍ଡା, ସମର ଦୀକ୍ଷିତ, ଜୀବନ ଦୀକ୍ଷିତ, ପ୍ରଶାନ୍ତ ଦୀକ୍ଷିତ, ଅରବିନ୍ଦ ଦୀକ୍ଷିତ, କୃଷ୍ଣପ୍ରସାଦ ଦୀକ୍ଷିତ, ସୁଶାନ୍ତ ପଣ୍ଡା, ଅଜିତ ପଣ୍ଡା, ଅନିଲ ବେହେରା ପ୍ରମୁଖଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

● ଚେକ୍ ବାଉନ୍ସ ମାମଲା

## ଅଭିଯୁକ୍ତକୁ ୧ ବର୍ଷ ଜେଲ୍ ଓ ୮ ଲକ୍ଷ ଟଙ୍କାର ଆର୍ଥିକ ଦଣ୍ଡାଦେଶ

ଭଦ୍ରକ, ୧୭।୧୦(ସମିସ): ଭଦ୍ରକ ସିଭିଲଜଜ୍ ସିନିୟର ଡିଭିଜନ ତଥା ଏଲଆରଟିଭି ଜଜ୍ ଅରୋଲିପି ପରିଜା ତାଙ୍କ ରାୟରେ ଏକ ଚେକ୍ ବାଉନ୍ସ ମାମଲାରେ ଅଭିଯୁକ୍ତକୁ ୧ବର୍ଷ ଜେଲଦଣ୍ଡ ସହ ୮ଲକ୍ଷ ଟଙ୍କାର ଆର୍ଥିକ ଦଣ୍ଡାଦେଶ ଆଦେଶ କରିଛନ୍ତି। ବିବରଣୀରୁ ପ୍ରକାଶ ଯେ ଭଦ୍ରକ ଟାଉନ ଥାନା ନରୀପୁର(ଅସ୍ତଳ) ଅଞ୍ଚଳର ହେମେନ୍ଦ୍ର ବେହେରା ଧୂଷୁରୀ ଥାନାଞ୍ଚଳର ସୁଧାକର ବେହେରାଙ୍କୁ ଗତ ୨୦୧୭ରେ ୬ ଲକ୍ଷ ଟଙ୍କା ଧାର ସୂତ୍ରରେ ପ୍ରଦାନ କରିଥିଲେ। ଟଙ୍କା ଧାର ନେଇଥିବା ସୁଧାକର ଏ ବାବଦକୁ ୩ଲକ୍ଷ ଟଙ୍କାର ଏସ୍‌ବିଆଇର ୨ଟି ଚେକ୍ ହେମେନ୍ଦ୍ରଙ୍କୁ ପ୍ରଦାନ କରିଥିଲେ। ତେବେ ହେମେନ୍ଦ୍ର ବହୁବାର ତାଙ୍କ ୬ଲକ୍ଷ ଟଙ୍କା ପରିଶୋଧ କରିବାକୁ ସୁଧାକରଙ୍କୁ ବହୁବାର କହିବା ସତ୍ତ୍ୱେ ସେ ତାଙ୍କୁ ଫେରସ୍ତ କରି ନଥିଲେ। ଶେଷରେ ବାଧ ହୋଇ ହେମେନ୍ଦ୍ର ୨୦୨୧ରେ ଭଦ୍ରକ ଏସଡିଜେଏମ୍‌ଙ୍କ କୋର୍ଟରେ ଏକ ୧ସିସି ମାମଲା(ନଂ-୨୮୫/୨୧) ୧୩୮ ଅଫ୍ ଏନ୍‌ଆଇ ଆକ୍ଟରେ ରୁଜୁ କରିଥିଲେ। ପରେ ଏହି ମାମଲାର ବିଚାର କରି ଭଦ୍ରକ ସିଭିଲ ଜଜ୍ ସିନିୟର ଡିଭିଜନ ତଥା ଏଲଆରଟିଭି ଜଜ୍ ଅରୋଲିପି ପରିଜା ତାଙ୍କ ରାୟରେ ଅଭିଯୁକ୍ତ ସୁଧାକରଙ୍କୁ ୮ ଲକ୍ଷ ଟଙ୍କାର କ୍ଷତିପୂରଣ ସହ ୧ବର୍ଷ ଜେଲଦଣ୍ଡ ପ୍ରଦାନ କରିଛନ୍ତି। ଉକ୍ତ ଟଙ୍କା ୬ମାସ ମଧ୍ୟରେ ପ୍ରଦାନ ନକଲେ ଅଧିକ ୬ମାସ ଜେଲଦଣ୍ଡର ଆଦେଶ ପ୍ରଦାନ କରିଛନ୍ତି କୋର୍ଟ। ଏହି ଚେକ୍ ବାଉନ୍ସ ମାମଲାରେ ହେମେନ୍ଦ୍ରଙ୍କ ତରଫରୁ ଆଇନଜୀବୀ ଦେବବ୍ରତ ମହାପାତ୍ର ମାମଲା ପରିଚାଳନା କରୁଥିଲେ।

## ଗୋଟିଏ ଦିନରେ ୨ଟି ଘରୁ ଚୋରି

ଦୋବଲ, ୧୭।୧୦(ସମିସ): ଧାମନଗର ଥାନା କାରଦା ପଞ୍ଚାୟତ ଅନ୍ତର୍ଗତ ଚସାଖଣ୍ଡ, ସପୁଆପାଟଣା ଗାଁରେ ଗୋଟିଏ ଦିନରେ ୨ ଘରୁ ଚୋରି ହୋଇଛି। ଘଟଣାସ୍ଥଳରେ ଧାମନଗର ପୁଲିସ ସାଇଣ୍ଟିଫିକ ଟିମ୍ ସହ ତଦନ୍ତ ଆରମ୍ଭ କରିଛି। ପୁଲିସ ସୂଚନା ଅନୁସାରେ, ଗୋବିନ୍ଦ ସାହୁଙ୍କ ପୁଅ ଗୌରାଙ୍ଗ ଚରଣ ସାହୁଙ୍କ ଘରେ ରାତିରେ ଚୋରମାନେ ପଶି ପ୍ରାୟ ୬୦ ହଜାର ଟଙ୍କା ଓ ସୁନା ଅଳଙ୍କାର ନେଇ ଯାଇଛନ୍ତି। ସେତେବେଳେ ଗୌରାଙ୍ଗଙ୍କ ସ୍ତ୍ରୀ ଟେଲରିଂ କାମ କରୁଥିଲେ ଓ ଥକି ଶୋଇପଡ଼ିଥିବା ବେଳେ ଘରର କବାଟ ଖୋଲା ରହିଥିଲା। ଏହି ସୁଯୋଗରେ ଚୋରମାନେ ସିଡିଘର ବାଟେ ପଶି ସ୍ପ୍ରେ ମାରି ସମସ୍ତ ଜିନିଷ ଲୁଟି ନେଇଥିଲେ। ଗୌରାଙ୍ଗଙ୍କ ସ୍ତ୍ରୀ କାନରେ ପିନ୍ଧିଥିବା କାନ ଫୁଲକୁ ଚୋରମାନେ ଖୋଲି ନେଇଯାଇଥିଲେ। ହେଲେ କାହାରି ନିଦ ଭାଙ୍ଗିନଥିଲା। ସେହିପରି ନିକଟସ୍ଥ ଘର ଏକନ ପରମାଣିକଙ୍କ ପୁଅ ଭାବନ ପରମାଣିକଙ୍କ ଘରୁ ମଧ ଚୋରି ହୋଇଥିବା ଅଭିଯୋଗ ମିଳିଛି। ଏହି ୨ ମାମଲାରେ ଧାମନଗର ଥାନାରେ କେସ୍ ନମ୍ବର ୩୩୧ ଓ ୩୦୫ରେ ମାମଲା ରୁଜୁ ହୋଇଛି। ତଦନ୍ତକାରୀ ଅଧିକାରୀ ଏଏସଆଇ ଲରେନ୍ସ ଖୁଜୁରୁ ତଦନ୍ତ କାର୍ଯ୍ୟ ଜାରି ରଖିଛନ୍ତି।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

ବନ୍ତ/ଆଗରପଡ଼ା,୧୭।୧୦(ସମିସ): ବନ୍ତ ବ୍ଲକ ଅଣିଜୋ ସିନ୍ଧୁକେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲମ୍ବୋଦର କରଙ୍କ ୮୩ ବର୍ଷରେ ପରଲୋକ ହୋଇଯାଇଛି। ଚକ୍ରାପାଦୀ ଗ୍ରାମର ସ୍ୱର୍ଗତ କର ଆରମ୍ଭରୁ ଅଣିଜୋ ସିନ୍ଧୁକେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା ଆରମ୍ଭ କରି ସେଠାରେ ପ୍ରଧାନଶିକ୍ଷକ ରହିଥିଲେ। ପରେ ବିଭିନ୍ନ ସାମାଜିକ କାର୍ଯ୍ୟ ସହିତ ଗ୍ରାମ ଭାଗବତ୍ ପାଠ ଚକ୍ରରେ ସଂଧ୍ୟା ସମୟ ଅତିବାହିତ କରୁଥିଲେ। ୧୦ ବର୍ଷ ଧରି ହୃଦ୍‌ଘାତରେ ପୀଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପୁଅ, ବୋହୂ, ନାତିନାତୁଣୀ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି, ସମ୍ପାଦକ ଓ ଅନ୍ୟାନ୍ୟ କର୍ମକର୍ତ୍ତା, ପୁରାତନ ଛାତ୍ରଛାତ୍ରୀ, ବନ୍ତ ବ୍ଲକ ଯୁବ ବିଜେଡ଼ି ସଭାପତି ସତ୍ୟସାଧନ ବେଜ, ପୂର୍ବତନ ସରପଞ୍ଚ ବନମାଳି ବେହେରା, ସମିତିସଭ୍ୟ ଧରଣୀଧର କର ପ୍ରମୁଖଙ୍କ ସମେତ ବହୁ ଲୋକ ତାଙ୍କ ଶେଷ ଦର୍ଶନ କରିଥିଲେ।

## ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟ ଶୁଭାରମ୍ଭ






ଭଦ୍ରକ, ୧୭।୧୦(ସମିସ): ଭଦ୍ରକ ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅରୂପ ଅଭିଷେକ ବେହେରା, ଡେପୁଟୀ କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ, ଉପନିର୍ଦ୍ଦେଶକ, ଅଭିଯୋଜନ ରଶ୍ମିତା ମହାପାତ୍ର, ପବ୍ଲିକ ପ୍ରସିକ୍ୟୁଟର୍ ମିନି ଟପ୍ପ, ସହକାରୀ ପବ୍ଲିକ ପ୍ରସିକ୍ୟୁଟର୍ ଓ ଜିଲ୍ଲା ସରକାରୀ/ବେସରକାରୀ ଅଧିବକ୍ତା ଉପସ୍ଥିତ ଥିଲେ। ଜିଲ୍ଲାରେ ବିଭିନ୍ନ ଅପରାଧିକ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ସଠିକ୍ ଭାବରେ ଅନୁସନ୍ଧାନ କରାଯାଇ ଉପଯୁକ୍ତ ଦଣ୍ଡବିଧାନ କରିବା ଲକ୍ଷ୍ୟରେ ଉକ୍ତ କାର୍ଯ୍ୟାଳୟଟି ପ୍ରତିଷ୍ଠା କରାଯାଇଛି। ବହୁ ସମୟରେ ପ୍ରକୃତ ଦୋଷୀ ସଠିକ୍ ତଦନ୍ତ ଅଭାବରୁ ଅଳ୍ପ ଦିନ ଦଣ୍ଡ ପାଇ ମୁକ୍ତ ହୋଇ ପୁଣି ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଛି। ଏହା ଫଳରେ ଜନସାଧାରଣ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଏଇ ନିର୍ଦ୍ଦେଶାଳୟ ଖୋଲିଲା ପରେ ଅପରାଧିକ କାର୍ଯ୍ୟ କଳାପରେ ଅଙ୍କୁଶ ଲାଗିବ ବୋଲି ଆରକ୍ଷୀ ଅଧୀକ୍ଷକ ଶ୍ରୀ ରାଉତ ମତ ବ୍ୟକ୍ତ କରିଛନ୍ତି। ଉକ୍ତ କାର୍ଯ୍ୟାଳୟଟି ପୁରୁଣା କୋର୍ଟ ପରିସରରେ କାର୍ଯ୍ୟକ୍ଷମ ରହିବ।

## ଦୋବଲ ବଜାର କାଳୀପୂଜା ୫୮ ବର୍ଷରେ



ଦୋବଲ, ୧୭।୧୦(ସମିସ): ପ୍ରସିଦ୍ଧ କାଳୀପୂଜାମାନଙ୍କ ମଧ୍ୟରେ ଦୋବଲ ବଜାରର ମା' ଶ୍ୟାମା କାଳୀ ପୂଜାର ଭିନ୍ନ ପ୍ରକାର। ୧୯୬୮ରେ ଯେତେବେଳେ ବରିଷ୍ଠ ଲୋକମାନେ ବରଡା ତାଟ ପକାଇ ପ୍ରଥମେ ମା ଶ୍ୟାମା କାଳୀଙ୍କ ପୂଜା ଆରମ୍ଭ କରିଥିଲେ; ସେବେଠାରୁ ଆଜିପର୍ଯ୍ୟନ୍ତ ଏହି ଅନୁଷ୍ଠାନ ଅବିରତ ଭାବେ ଚାଲିଆସୁଛି। ସ୍ଥାନୀୟ ଅଞ୍ଚଳର ରବୀନ୍ଦ୍ରନାଥ କରଙ୍କ ସହିତ ୮-୧୦ ଜଣ ଭକ୍ତ ଏହି ପୂଜାର ଶୁଭାରମ୍ଭ କରିଥିଲେ। ସେତେବେଳେ ବରଡା ତାଟି ଘର ଭିତରେ ଆରମ୍ଭ ହୋଇଥିବା ଏହି ପୂଜା ଆଜି ଏକ ଭବ୍ୟ ମଣ୍ଡପ ରୂପେ ପରିଣତ ହୋଇଛି। ସେହି ଚାଳ ଘରର ଛୋଟ ପୂଜା ଆଜି ସହସ୍ର ଭକ୍ତଙ୍କ ଆସ୍ଥାର କେନ୍ଦ୍ରସ୍ଥଳ ହୋଇଯାଇଛି। ପୂଜାର ସମସ୍ତ ବ୍ୟୟ ଓ ବ୍ୟବସ୍ଥାପନାରେ ୯୭ ଜଣ ସଦସ୍ୟ ସହଭାଗୀ ହୋଇ ଅନୁଷ୍ଠାନକୁ ସଫଳ କରୁଛନ୍ତି। ଏଥିସହ ଦୋବଲ ବଜାରର ଦୋକାନୀମାନେ ମଧ ଆବଶ୍ୟକ ସାମଗ୍ରୀ ଓ ଅର୍ଥ ସହାୟତା ଦେଇ ସାମାଜିକ ଏକତାର ଦୃଢ଼ ଉଦାହରଣ ସୃଷ୍ଟି କରୁଛନ୍ତି। ପ୍ରତିଦିନ ମା' ଶ୍ୟାମାକାଳୀଙ୍କ ବ୍ରହ୍ମ ପୂଜା କରାଯାଇଥାଏ। ଚଳିତ ବର୍ଷରେ ପୂଜା ୨୦ ତାରିଖରୁ ଆରମ୍ଭ ହୋଇ ୨୬ ତାରିଖରେ ଶେଷ ହେବ। ମା'ଙ୍କ ମୃଣ୍ମୟ ମୂର୍ତ୍ତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମିନାବଜାର, ସୁନ୍ଦର ତୁରଣ, ସହିତ ଆଲୋକ ସାଜସଜ୍ଜା ବେଶ୍ ଆକର୍ଷିତ କରିଥାଏ। ଦୋବଲ ବଜାରର କାଳୀପୂଜା ଏବେ କେବଳ ଧାର୍ମିକ ଅନୁଷ୍ଠାନ ନୁହେଁ, ଏହା ଜିଲ୍ଲାର ଗୌରବ ଓ ସଂସ୍କୃତିକ ଉତ୍ସବ ଭାବେ ପରିଚିତ।

## ମା'ମଙ୍ଗଳାଙ୍କ ବାର୍ଷିକ ପୂଜା ଉତ୍ସବ



ବନ୍ତ/ଆଗରପଡ଼ା,୧୭।୧୦(ସମିସ): ବନ୍ତ ବ୍ଲକ ଆଡ଼ିଆ ପଞ୍ଚାୟତ ପଦାଡ଼ୋ ଗ୍ରାମରେ ମା'ମଙ୍ଗଳାଙ୍କ ୪୯ ତମ ମଙ୍ଗଳା ବ୍ରତ ଉତ୍ସବ ପାଳିତ ହୋଇଯାଇଛି। ଗ୍ରାମ ପୁଷ୍କରିଣୀରୁ କଳସ ଘଟୋତ୍ତୋଳନ କରାଯାଇ ଗ୍ରାମ ପରିକ୍ରମା ପରେ ପୀଠସ୍ଥଳକୁ ଅଣାଯାଇଥିଲା। ମା'ଙ୍କୁ ଆବାହନ କଲାପରେ ପୂଜକ ବୈଦନାଥ ଦାସ ଚଣ୍ଡୀପାଠ କରିଥିଲେ ଓ ମାନସିକଧାରୀ ସଂକଳ୍ପ କଲା ପରେ ହୋମଯଜ୍ଞ, ସନ୍ଧ୍ୟା ଆଳତି ଓ ମଙ୍ଗଳା ସ୍ତୁତି ପଠନ କରାଯାଇଥିଲା। ପୂର୍ଣ୍ଣାହୁତି ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମର ଶତାଧିକ ମହିଳା ମା'ଙ୍କ ଆଶୀର୍ବାଦ ପ୍ରାପ୍ତ କରିଥିଲେ। ପ୍ରଥମେ ଏହି ମଙ୍ଗଳା ପୂଜା ସ୍ୱର୍ଗତ ଦୁର୍ଯ୍ୟୋଧନ ଦାସ ଓ ତାଙ୍କ ପତ୍ନୀ ସଖି ଦାସଙ୍କ ସହଯୋଗରେ ଦୀର୍ଘ ୪୯ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା। ପରେ ତାଙ୍କ ପୁତ୍ର କୁଳମଣି ଦାସ ଓ ପତ୍ନୀ କନକଲତା କର୍ତ୍ତା କାର୍ଯ୍ୟ ତୁଲାଇ ଥିବାବେଳେ କମିଟି ସଭାପତି ପଞ୍ଚାନନ ଦାସ, ଉପସଭାପତି ମହେନ୍ଦ୍ର ଦାସ, ସମ୍ପାଦକ ସନାତନ ମଲ୍ଲିକ, ସହସମ୍ପାଦକ କୁଳମଣି ଦାସ, ସଦସ୍ୟ ମହେନ୍ଦ୍ର ମଲ୍ଲିକ, ରୀନାରାଣୀ ମଲ୍ଲିକ, ମଧୁସୂଦନ ଦାସ, ଲକ୍ଷ୍ମଣ ଦାସ, ନୀଳମଣି ଦାସ, ଦୁଃଶାସନ ଦାସ ମଳୟ ଦାସ, ସଂଯୁକ୍ତା ଦାସ, ଜୁଳି ଦାସ, ଶାନ୍ତିଲତା ଦାସ, କନକଲତା ଦାସ, ଅନିତା ଦାସ, ରେବତୀ ମଳିକ, ସସ୍ମିତା ଦାସ, ଆରତୀ ମଳିକ, ଶାନ୍ତିଲତା ମଳିକ ସହଯୋଗ କରିଥିଲେ। ଅର୍ଜୁନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସମସ୍ତ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିବା ବେଳେ ଭାରତୀ ପୃଷ୍ଟି, ଗୀତାରାଣୀ ପୃଷ୍ଟି, ସୁକାନ୍ତି ପୃଷ୍ଟି, କମଳା ପୃଷ୍ଟି, କୁନ୍ତଳା ସାହୁ, ଲକ୍ଷ୍ମୀପ୍ରିୟା ଦାସ, ବର୍ଷାରାଣୀ ପୃଷ୍ଟି ପ୍ରମୁଖ ପୂଜାରେ ସାମିଲ ଥିଲେ।

## ସ୍ମୃତି ସଂସଦ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ



ବନ୍ତ/ଆଗରପଡ଼ା, ୧୭।୧୦(ସମିସ): ବନ୍ତ ବ୍ଲକ ସେଣ୍ଡତିରା ପଞ୍ଚାୟତ ବିଞ୍ଝା ଗ୍ରାମରେ ସ୍ୱର୍ଗତ ଗୌରାଙ୍ଗ ମହକୁଡଙ୍କ ସ୍ମୃତିସଂସଦ ପକ୍ଷରୁ ତୃତୀୟ ବାର୍ଷିକ ସ୍ମୃତିସଭା ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଜଗନ୍ନାଥ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ ବିଧାନସଭା ନେତା ଡ.ସୁଧାଂଶୁ ନାୟକ, ଅବସରପ୍ରାପ୍ତ ଶିକ୍ଷାବିତ ପିତାମ୍ବର ପହି, ଭଦ୍ରକ ଜିଲ୍ଲା ଓସ୍ତା ସମ୍ପାଦକ ଉପେନ୍ଦ୍ର କୁମାର ବିଶ୍ୱାଳ, ଶିଶୁ ସହିତ୍ୟିକ ତଥା ଶିକ୍ଷାବିତ ଗୋବିନ୍ଦଚନ୍ଦ୍ର ବାରିକ, ଶିକ୍ଷାବିତ କୃଷ୍ଣଚନ୍ଦ୍ର ପଣ୍ଡା, ଓସ୍ତା ରାଜ୍ୟ ଯୁଗ୍ମ ସମ୍ପାଦକ ପ୍ରଣୟ କୁମାର ସିଂହ, ଅବସରପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ପୁରୁଷୋତ୍ତମ ଧଳ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷାବିତ ଖଗେଶ୍ୱର ପଣ୍ଡା, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଅଲେଖଚନ୍ଦ୍ର ନାୟକ, ଶିକ୍ଷାବିତ ରତ୍ନାକର ଦାସ, ନିରାକାର ଧଳ, ଘନଶ୍ୟାମ ସ୍ୱାଇଁ, ରୋହିତ ଜେନା, ରମାକାନ୍ତ ଜେନା, ଜଗନ୍ନାଥ ନାୟକ, ରତ୍ନାକର ବାଇ, ଗୌରାଙ୍ଗ ଖିଲାର, ଚତୁର୍ଭୂଜ ପହି, ରଘୁନାଥ ସାହୁ, ପ୍ରାକ୍ତନ ଷେଣ୍ଡତିରା ସରପଞ୍ଚ ପ୍ରଶାନ୍ତ ସାମଲ, ବିଜେପି ନେତା କମଳାକାନ୍ତ ସାହୁ, ସରପଞ୍ଚ ପ୍ରଶାନ୍ତ ଦାସ ଯୋଗ ଦେଇଥିଲେ। ଶିକ୍ଷାବିତ ପିତାମ୍ବର ପହିଙ୍କୁ ମାନପତ୍ର ଓ ଉପଢ୍ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। କାଳନ୍ଦୀ ଚରଣ ଜେନା ଓ ଶ୍ରୀରାମ ସେଠୀଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଭାତ ମହାକୁଡ଼, ଆଦିତ୍ୟ ମହାକୁଡ଼, ସୁଶାନ୍ତ ମହାକୁଡ଼, ଝୁନାବାଳା ଦାସ, ମାନସି ବାରିକ, ଇତିଶ୍ରୀ ବାରିକ, ସୌମ୍ୟଶାନ୍ତ ମହାକୁଡ଼, ସାଇକ୍ରିଷ୍ଣା ମହାକୁଡ଼, ସୁଧାଂଶୁ ମହାକୁଡ଼, ଚିନ୍ମୟ ବାରିକ, ତନ୍ମୟ ବାରିକ, ବିଶ୍ୱଜିତ ଦାସ ସମେତ ସମସ୍ତ କମିଟି କର୍ମକର୍ତ୍ତା ସହଯୋଗ କରିଥିଲେ।

## କମ୍ୟୁନିଷ୍ଟ ପାର୍ଟି ୧୦୬ତମ ପ୍ରତିଷ୍ଠା ଉତ୍ସବ



ଭଦ୍ରକ, ୧୭।୧୦(ସମିସ): ଭାରତରେ କମ୍ୟୁନିଷ୍ଟ ପାର୍ଟି ପ୍ରତିଷ୍ଠାର ୧୦୬ତମ ବାର୍ଷିକ ପାଳନ ପରିପ୍ରେକ୍ଷୀରେ ସିପିଆଇ(ଏମ) ଚାନ୍ଦବାଲି ଆଞ୍ଚଳିକ କମିଟି ପକ୍ଷରୁ ଚାନ୍ଦବାଲି ବସଷ୍ଟାଣ୍ଡଠାରେ ଲାଲ୍ ପତାକା ଉତ୍ତୋଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ସିପିଆଇ(ଏମ)ର ବରିଷ୍ଠ ନେତା ରବି ପଟ୍ଟନାୟକ ଯୋଗ ଦେଇଥିଲେ। ଏକ ସାଧାରଣ ବୈଠକ ସିପିଆଇ(ଏମ) ବ୍ଲକ କାର୍ଯ୍ୟାଳୟରେ ସିପିଆଇ(ଏମ) ଚାନ୍ଦବାଲି ଆଞ୍ଚଳିକ କମିଟି ସଂପାଦକ ଗୌରାଙ୍ଗ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସିପିଆଇ(ଏମ) ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ ଭାରତରେ କମ୍ୟୁନିଷ୍ଟ ପାର୍ଟି ପ୍ରତିଷ୍ଠାର ପୃଷ୍ଠଭୂମି, କମ୍ୟୁନିଷ୍ଟ ପାର୍ଟିର ଐତିହ୍ୟ, ଭାରତର ଆଜାଦୀ ଆନ୍ଦୋଳନରେ କମ୍ୟୁନିଷ୍ଟ ପାର୍ଟିର ଅବଦାନ, ଶ୍ରେଣୀ ସଂଗ୍ରାମ ଓ ଗଣ ସଂଗ୍ରାମରେ କମ୍ୟୁନିଷ୍ଟ ପାର୍ଟିର ଭୂମିକା ସଂପର୍କରେ ଆଲୋଚନା କରିଥିଲେ। ସିପିଆଇ(ଏମ) ଚାନ୍ଦବାଲି ଆଞ୍ଚଳିକ କମିଟି ସଭ୍ୟ ମଳୟ ଭୋଇ, ଅଶୋକ ବେହେରା, ସୃଷ୍ଟିଧର ବିଶ୍ୱାଳ, ବରିଷ୍ଠ ନେତା ଘନଶ୍ୟାମ ଦାସ, ଫକୀର ସ୍ୱାଇଁ, ବ୍ରହ୍ମାନନ୍ଦ ପରିଡା, ମହିଳା ନେତ୍ରୀ ଅନସୂୟା ସେଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## କମଳା ରାଉତଙ୍କ ସ୍ମୃତିସଭା



ଭଦ୍ରକ,୧୭।୧୦(ସମିସ): ବରପଦା ନିକଟସ୍ଥ କୁଶୁନନଗରସ୍ଥିତ କମଳା କିଶୋରୀ ରାଉତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠାତା କମଳା କୁମାରୀ ରାଉତଙ୍କ ଉଦ୍ଦେଶ୍ୟରେ ଅଧକ୍ଷ ରାଜେନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅଧ୍ୟାପକ ବଙ୍କିମଚନ୍ଦ୍ର ନାୟକଙ୍କ ଦ୍ୱାରା ମଙ୍ଗଳାଚରଣ ପାଠ କରାଯାଇ ସଭା ଆରମ୍ଭ ହୋଇଥିଲା। ଏଥିରେ ପ୍ରବଚକ ଚିତରଂଜନ ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମାଜସେବୀ ଯୁଧିଷ୍ଠିର ପଣ୍ଡା ଓ ଅନୁଷ୍ଠାନର ପୂର୍ବତନ କାର୍ଯ୍ୟକାରିଣୀ ସଦସ୍ୟ ଜଇରାମ ଜେନା, ଭୀମଚରଣ ସାମଲ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ପୂର୍ବତନ ଦୈସିଂ ସରପଞ୍ଚ ସୁଦାମ ଚରଣ ପ୍ରଧାନ ବକ୍ତବ୍ୟ ରଖିଥିଲେ। କର୍ମଚାରୀ ରମେଶଚନ୍ଦ୍ର ନାୟକ, ଟି. ବିଜୟା, ଭରତଚନ୍ଦ୍ର ଜେନା, ସୁଦର୍ଶନ ପ୍ରଧାନ ଓ ସବିତା ଘଡାଇ ସଭାଟିକୁ ପରିଚାଳନା କରିଥିଲେ। ଅଧ୍ୟାପିକା ପ୍ରତିଜ୍ଞା ପଣ୍ଡା ଧନ୍ୟବାଦ ଦେଇଥିଲେ। ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗୋଟିଏ ଲିମ୍ବ ଗଛ ଓ ତୁଳସୀଗଛ ରୋପଣ ହୋଇଥିଲା। ସଭାରେ ଏହି ଅନୁଷ୍ଠାନର ଅଧ୍ୟାପକ ଅଶ୍ୱିନୀ କୁମାର ପୁହାଣ, ଘନଶ୍ୟାମ ସାହୁ, ରମେଶଚନ୍ଦ୍ର ଖୁଣ୍ଟିଆ ବକ୍ତବ୍ୟ ରଖିଥିଲେ। ଛାତ୍ରୀ ଦିପ୍ତିମୟୀ ମହାନ୍ତି ଓ ଲକ୍ଷ୍ମୀପ୍ରିୟା ମହାପାତ୍ର କବିତା ପାଠ କରିଥିଲେ।

# ସମସ୍ତଙ୍କୁ ସାଥୀରେ ନେଇ ଦଳ ଆଗକୁ ବଢ଼ିବ: କଂଗ୍ରେସ

ଭଦ୍ରକ, ୧୭।୧୦(ସମିସ)

ଭଦ୍ରକ ଜିଲ୍ଲା କଂଗ୍ରେସ କମିଟିର ନୂତନ ସଭାପତି ଭାବେ ଦାୟିତ୍ୱ ନେବା ପରେ ନଳିନୀକାନ୍ତ ମହାନ୍ତି ଆନୁଷ୍ଠାନିକ ଭାବେ ପ୍ରଥମ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ଉକ୍ତ ସମ୍ମିଳନୀ ଶ୍ରୀ ମହାନ୍ତି ୩ଟି ପ୍ରସଙ୍ଗରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପ୍ରଥମତଃ ସରକାରୀ ଦଳ ଓ

**ଆରମ୍ଭ ହେବ ଘରବାହୁଡ଼ା ଅଭିଯାନ**

ସରକାରୀ କଳର ଜନବିରୋଧୀ ନୀତି ବିରୋଧରେ କଂଗ୍ରେସ ଦଳ ତାର ଲଢେଇକୁ ଶାଣିତ କରିବ। ଦୁର୍ନୀତି ବିରୋଧରେ ଲଢେଇରେ କୌଣସି ପ୍ରକାର ସାଲିସ ବିହୀନ ଆନ୍ଦୋଳନ କରିବ। ପଞ୍ଚାୟତ ସ୍ତରରୁ ବ୍ଲକ, ସହରାଞ୍ଚଳ ଓ ଜିଲା ସଦର ମହକୁମା ଯାଏ ଶାସକ ଦଳର ଓ ସରକାରୀ କଳର ଦୁର୍ନୀତିକୁ ଲୋକଲୋଚନକୁ ଅଣାଯିବ। ଏପରିକି ଯଦି କେହି ସଚେତନ ନାଗରିକ




ଦୁର୍ନୀତି ବାବଦରେ ଜାଣୁଥାନ୍ତି କିନ୍ତୁ ମୁହଁ ଖୋଲିବାକୁ ସାହସ କରିପାରୁ ନାହାନ୍ତି ସେ କ୍ଷେତ୍ରରେ ଜିଲ୍ଲା କଂଗ୍ରେସ ସେହି ସଚେତନ ବ୍ୟକ୍ତିଙ୍କୁ ଦୁର୍ନୀତି ବିରୋଧରେ ମୁହଁ ଗୋଲିବା ଲାଗି ଉପଯୁକ୍ତ ପ୍ଲାଟଫର୍ମ ଦେବ ଓ ନୀତିଗତ ସହଯୋଗ ବି କରିବ। ଦ୍ୱିତୀୟରେ ଶ୍ରୀ ମହାନ୍ତି କହିଛନ୍ତି ଯେ, ଜିଲ୍ଲା କଂଗ୍ରେସରେ କୌଣସି ଗୋଷ୍ଠୀବିବାଦ ନାହିଁ କି କୌଣସି ଗୋଷ୍ଠୀକୁ ପ୍ରଶ୍ରୟ ଦିଆଯିବ ନାହିଁ। ଏହା ହିଁ ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶ। ସମସ୍ତଙ୍କୁ ସାଥୀରେ ନେଇ ସଙ୍ଗଠନକୁ ମଜବୁତ କରାଯିବ। ବରିଷ୍ଠଙ୍କୁ ଦଳ ଭିତରେ ଉଚିତ ସମ୍ମାନ ଦିଆଯିବ। ସେମାନଙ୍କ ଅଭିଜ୍ଞତା, ସାଙ୍ଗଠନିକ ଦକ୍ଷତା ଓ ମାର୍ଗଦର୍ଶନ ଦଳ ପାଇଁ ବଳ ଦେବ। ଦଳଭିତରେ ଯୁବବର୍ଗଙ୍କୁ ଆଗକୁ ମାଡିବାର ସୁଯୋଗ ମିଳିବ। ଜିଲ୍ଲା ସଭାପତି ଶ୍ରୀ ମହାନ୍ତି କହିଛନ୍ତି ଯେ ପ୍ରତି ନିର୍ବାଚନମଣ୍ଡଳୀର ସାଙ୍ଗଠନିକ ଅଭିବୃଦ୍ଧି ପାଇଁ ଖସଡା ପ୍ରସ୍ତୁତ କରାଯିବ। ଲୋକଙ୍କ ସମସ୍ୟା ସହିତ କଂଗ୍ରେସ କର୍ମୀମାନେ ଗାଁ ଗଣ୍ଡାରେ ଯୋଡି ହେବେ। ସରକାରଙ୍କ ଜନସ୍ୱାର୍ଥ ନୀତି ବାବଦରେ ଲୋକଙ୍କୁ ସଚେତନ କରିବେ। ଏଥିସହ କୈଣସି ବି କାରଣରୁ ଅତୀତରେ ଦଳ ଛାଡି ଚାଲି ଯାଇଥିବା ନେତା, କର୍ମୀଙ୍କୁ ଦଳକୁ ଫେରାଇ ଆଣିବା ଲାଗି ଏକ ସ୍ୱତନ୍ତ୍ର "ଘରବାହୁଡା' ଅଭିଯାନ ଆରମ୍ଭ ହେବ। ପ୍ରାକ୍ତନ ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିଲେ। ପୂର୍ବତନ ବିଧାୟକ ପଂଚାନନ ମଣ୍ଡଳ, ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ଶୁଭେନ୍ଦୁ ରାୟ ମହାପାତ୍ର, ଦେବବ୍ରତ ମହାନ୍ତି, ପିସିସି ଅନୁସୂଚିତ ଜାତି ବିଭାଗର ରାଜ୍ୟ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା, ରାଜ୍ୟ ମହିଳା କଂଗ୍ରେସର ସମ୍ପାଦକ ଅମିତାବାଳା ଆଚାର୍ଯ୍ୟ, ସବିତା ଚାନ୍ଦ, ସ୍ୱସ୍ତିକା ପଣ୍ଡା, ନାରୀନେତ୍ରୀ ଶର୍ମିଷ୍ଠା ପଣ୍ଡା, ସାଧାରଣ ସମ୍ପାଦକ ହରିହର ମଣ୍ଡଳ, ସମ୍ପାଦକ ରଞ୍ଜନ ଜେନା, ଆରଜିପିଆରଏସର ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ଦାସ, ଟାଉନ ସଭାପତି ମୋକିତ ଖାଁ, ଯୁବନେତା ବଳରାମ ରାଉତ, କାଉନସିଲର ସାହିଲ କାଦ୍ରୀ, ଯୁବନେତା ଇଲିଆସ ଖାଁ, ବ୍ଲକ ସଭାପତି ପୀତବାସ ଧଳ, ରାଜୁ ରାୟ, ବିଜୟ ବାରିକ, ମନୋଜ ମଲ୍ଲିକ, ମୀର ଶାହାଜାନ, ରାଜକିଶୋର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

ବୈଶିଙ୍ଗା,୧୭।୧୦(ସମିସ): ବୈଶିଙ୍ଗା ଥାନା ଅଧୀନ ବନ୍ଧସାହି ଗ୍ରାମର ବାୟା ମୁର୍ମୁ (୪୦) ଗତକାଲି ପାଖ ଗାଁକୁ କାମ କରିବାକୁ ଯାଇଥିଲା ବେଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘରକୁ ଫେରିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ବେତନଟୀ ଡାକ୍ତରଖାନା ଓ ପରେ ଅବସ୍ଥା ଗୁରୁତର ହେବାରୁ ବାରିପଦା ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା। ହେଲେ ଆଜି ତାଙ୍କର ମୃତ୍ୟୁ ଘଟିଛି। ଖବର ପାଇ ବୈଶିଙ୍ଗା ପୁଲିସ ପୁଲିସ ଅପମୃତ୍ୟୁ ମାମଲା ରୁଜୁ ପୂର୍ବକ ତଦନ୍ତ ଆରମ୍ଭ କରିଛି।

## ଦୁର୍ଘଟଣାରେ ୨ ଗୁରୁତର, ଜଣେ ଆହତ

କୁଆମରା,୧୭।୧୦(ସମିସ): ଆଜି ପୃଥକ ଦୁର୍ଘଟଣାରେ ୨ ଜଣ ଯୁବକଙ୍କ ଅବସ୍ଥା ଗୁରୁତର ହୋଇଥିବା ବେଳେ ଜଣେ ଆହତ ହୋଇଛନ୍ତି। ବଡ଼ସାହି ଥାନା ଅଧୀନ ଚେଙ୍ଗୁଆ ମଙ୍ଗଳପୁର ଗ୍ରାମର ଜିତୁ ସିଂ (୨୩) ସ୍କୁଟିରେ କୁଆମରା ଆସୁଥିବା ବେଳେ ଖିରିପଦା ସ୍ଥିତ ଖଲାଡସାହି ନିକଟରେ ପୋଲରେ ବାଡେଇ ହୋଇପଡ଼ିଥିଲେ। ଗୁରୁତର ଅବସ୍ଥାରେ କୁଆମରା ଡାକ୍ତରଖାନାକୁ ନିଆଯାଇଥିବା ବେଳେ ସ୍କୁଟିଟିକୁ କୁଆମରା ଫାଣ୍ଡି ପୋଲିସ ଅଟକ ରଖିଛି। ସେହିପରି ରାଇରଙ୍ଗପୁର ଅଞ୍ଚଳର ଇର୍ଫାନ ଖାନ୍ (୨୧)ଓ କୁଆମରା ଗ୍ରାମର ମଦନ ବେହେରା ସ୍କୁଟିରେ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା। ଏଥିରେ ଇର୍ଫାନ ଗୁରୁତର ହୋଇଥିବା ବେଳେ ମଦନ ଆହତ ହୋଇଛନ୍ତି। ସେମାନଙ୍କୁ କୁଆମରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

କୁଆମରା,୧୭।୧୦(ସମିସ): ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଖୁଣ୍ଟା ଥାନା ଅନ୍ତର୍ଗତ କହ୍ନେଇବନ୍ଧ ଗ୍ରାମର ହରିଶ ଚନ୍ଦ୍ର ଖଣ୍ଡେଇ (୫୫)। ପରିବାର ଲୋକେ ତାଙ୍କୁ ଉଦଳା ଡାକ୍ତରଖାନା ନେଇଥିଲେ, ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ପୁଲିସ ପହଞ୍ଚି ଅପମୃତ୍ୟୁ ମାମଲା ରୁଜୁ କରିଛି।

## ବନାଞ୍ଚଳସ୍ତରୀୟ ସମନ୍ୱୟ ବୈଠକ



ତୁରୁମୁଙ୍ଗା, ୧୭।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ କାର୍ଯ୍ୟାଳୟରେ ଶୁକ୍ରବାର ରେଞ୍ଜସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୯ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟ ବୁଦ୍ଧଦେବ ମହାକୁଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ସାଂସଦଙ୍କ ବ୍ଲକ ପ୍ରତିନିଧି ପ୍ରହଲ୍ଲାଦ ପଲେଇ, ସମ୍ମାନିତ ଅତିଥି ଭାବେ ରେଞ୍ଜର ବନବିହାରୀ ସର୍ଦ୍ଦାର, ବିଜେପି ପାଟଣା ମଣ୍ଡଳ ସଭାପତି ବ୍ରଜକିଶୋର ସେଠୀ, ବରିଷ୍ଠ ସାମ୍ବାଦିକ ନୃସିଂହନାଥ ସିଂହ, ସାଂସଦଙ୍କ ଥାନା ପ୍ରତିନିଧି ଯୁଧିଷ୍ଠିର ମହାନ୍ତ, ଡୁମୁରିଆ ଏଲ୍ଆଇ ରଘୁବର ମହାନ୍ତ, ପାଟଣା ବନପାଳ ନିରଞ୍ଜନ ସେଠୀ, ସାହାରପଡା ବନପାଳ ଶ୍ରୀମନ୍ତ ବେହେରା, ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ। ବୈଠକରେରେ ହାତୀ ମଣିଷ ଲଢେଇ, ହାତୀ ଦ୍ୱାରା କ୍ଷତି ଗ୍ରସ୍ତଙ୍କ କ୍ଷତିପୂରଣ, ବନାଗ୍ନିରୁ ଜଙ୍ଗଲକୁ ସୁରକ୍ଷା, ବନ୍ୟପ୍ରାଣୀପ୍ରେମୀ ପୁରସ୍କାର, ଭିଏସଏସ ନୂତନ ଗୃହ ନିର୍ମାଣ ଉପରେ ଆଲୋଚନା କାରାଯାଇଥିଲା।

## ଏବିଭିପି ଚମ୍ପୁଆ ଟାଉନ ୟୁନିଟ୍ ଗଠିତ



ଚମ୍ପୁଆ, ୧୭।୧୦ (ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଚମ୍ପୁଆ ନଗର ତରଫରୁ ଚମ୍ପୁଆ ଟାଉନ ୟୁନିଟ୍ ୨୦୨୫-୨୬ ଗଠନ କରାଯାଇଛି। ଟାଉନ ୟୁନିଟ୍ ସଭାପତି ଭାବେ ରାଜକିଶୋର ମହନ୍ତ ତଥା ଉପସଭାପତି ଭାବେ ପ୍ରହଲ୍ଲାଦ ମହାନ୍ତଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଟାଉନ ୟୁନିଟ୍ ସମ୍ପାଦକ ଭାବରେ ଶୁଭମ୍ ଶେଖର ସାହୁ ଏବଂ ସହସମ୍ପାଦକ ଭାବେ ଜୟଶ୍ରୀ ନାୟକ ଏବଂ ଅଭିଷେକ ବାରିକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଟାଉନ ଏସ ଏଫ୍ ଏସ ପ୍ରମୁଖ ଭାବରେ ରଞ୍ଜନ ମହାନ୍ତ ଏବଂ ରଶ୍ମି ମହାକୁଡ, ଟାଉନ ଏସଏଫ୍ଡି ପ୍ରମୁଖ ଭାବେ ଜୀବନଦୀପ ପ୍ରଧାନ, ସୁଭଦ୍ରା ନାୟକ, ଟାଉନ ଆରକେଏମ ପ୍ରମୁଖ ଭାବେ ଶ୍ରୁତି ମହାନ୍ତି ଏବଂ ବିପ୍ଳବ ଦେ, ଟାଉନ ସୋସିଆଲ ମିଡ଼ିଆ ସଂଯୋଜକ ଭାବେ ଉତ୍କଳ କେଶରୀ ବେହେରା ଏବଂ ସତ୍ୟଜିତ ମହାରଣାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଖେଲୋ ଭାରତ ସଂଯୋଜକ ଭାବେ ରାହୁଲ ବେହେରା ଏବଂ ପ୍ରିୟଙ୍କା ବେହେରାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଜନଜାତି ପ୍ରମୁଖ ଭାବେ କ୍ଷୀରୋଦ ମୁଣ୍ଡା ଏବଂ ନିଶା ଲୋହାରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରିଣ୍ଟ ଏବଂ ପବ୍ଲିକେସନ ପ୍ରମୁଖ ଭାବେ ମୀରା ମହାକୁଡ ଏବଂ ବିକାଶ ମହାନ୍ତଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଚମ୍ପୁଆ ଶିଶୁ ମନ୍ଦିରର ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ, ଶିକ୍ଷା ବିକାଶ ସମିତିର ଉତ୍ତର ସମ୍ଭାଗ ସଂଯୋଜକ ଗଙ୍ଗାଧର କର, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଚମ୍ପୁଆ ଖଣ୍ଡର କର୍ଯ୍ୟବାହ ଦୁଷ୍ମନ୍ତ ମହାନ୍ତ, ପୂର୍ବତନ ନଗର ସଭାପତି ଗିରିଜା ଶଙ୍କର କର, ପୂର୍ବ କ୍ଷେତ୍ର ଏସଏଫ୍ଏସ ସଂଯୋଜକ ଅଜିତ ମହାନ୍ତ ଏବଂ ଜିଲ୍ଲା ସଂଯୋଜକ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସ୍ୱରାଜ କେତନ ମହାନ୍ତ ତଥା ଅନ୍ୟ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ବେଆଇନ ବାଲିଘାଟକୁ ବିରୋଧ

# ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



ଆନନ୍ଦପୁର, ୧୭।୧୦(ସମିସ): କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଘସିପୁରା ଓ ହାଟଡିହି ତହସିଲ ଇଲାକାରେ ଚୋରା ବାଲି କାରବାରକୁ ପ୍ରଶାସନ ନିୟନ୍ତ୍ରଣ କରିପାରୁ ନଥିବା ବେଳେ ଅଞ୍ଚଳବାସୀଙ୍କ ବିରୋଧ ଯୋଗୁଁ ବିଭିନ୍ନ ସ୍ଥାନରେ ଉତ୍ତେଜକ ପରିସ୍ଥିତି ସୃଷ୍ଟି ହେଉଛି। ଚୋରା ଚାଲାଣ ପ୍ରତିବାଦରେ ବିଭିନ୍ନ ଅଞ୍ଚଳରୁ ଶତାଧିକ ଗ୍ରାମବାସୀ ଆଜି ଆନନ୍ଦପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବସିଛନ୍ତି। ହାଟଡିହି ତହସିଲ ଅନ୍ତର୍ଗତ କରଗୋଳା ଗ୍ରାମକୁ ଲାଗିଥିବା ବୈତରଣୀ ନଦୀର ବାଲିଉତ୍ସକୁ ବେଆଇନ ଭାବେ ଉତ୍ତୋଳନ କରାଯାଇ ଗାଁ ରାସ୍ତାରେ ଚାଲାଣ କରୁଥିବାରୁ ଧନଜୀବନ ବିପନ୍ନ ହୋଇପଡିଛି। ବାଲିଘାଟ ପାଇଁ ଗ୍ରାମବାସୀଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ଜଙ୍ଗଲର ଶତାଧିକ ବଡ଼ଗଛକୁ କାଟି ଦିଆଯାଇଛି। ଘଟଣାକୁ କେନ୍ଦ୍ରକରି ଜିଲ୍ଲାପାଳଙ୍କଠାରୁ ଆରମ୍ଭକରି ଜିଲ୍ଲା ଖଣି ବିଭାଗ ଅଧିକାରୀ ଓ ସ୍ଥାନୀୟ ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ୨ ଦିନ ତଳେ ତହସିଲଦାରଙ୍କ ସମେତ ଖଣି ବିଭାଗ ଅଧିକାରୀ ସମ୍ପୃକ୍ତ ଘାଟ ନିକଟକୁ ଯାଇ ଟ୍ରେଞ୍ଚ ଖୋଳିବା ପାଇଁ ଆୟୋଜନ କରିବା ସହ ଚାରୋଟି ହାଇୱା ଜବତ କରିବା ପରେ ଗାଡିଗୁଡ଼ିକୁ ଛାଡି ଦେଇଥିଲେ। ଟ୍ରେଞ୍ଚ ମଧ୍ୟ ଖୋଳା ଗଲାନାହିଁ। ତେବେ କାହା ଚାପରେ ଚେପା ହେଉଛି ପ୍ରଶାସନ ତାକୁ ନେଇ ପ୍ରଶ୍ନ ଉଠାଇ ଗ୍ରାମବାସୀ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ ସମୟ ପାଇଁ ଧାରଣାରେ ବସିରହିଛନ୍ତି। ଅନ୍ୟପଟେ ପ୍ରଶାସନିକ ସ୍ତରରେ ଏକ ଟିମ ଗଠନ କରାଯାଇ ତୁରନ୍ତ ବାଲି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲ୍ଲାପାଳ ନୀଳମାଧବ



## ମୌଲାନାଗୁଡ଼ା-ଗୋଧୂଳି ରାସ୍ତା ଶୋଚନୀୟ; ବିଭାଗ ଚୁପ୍



ଚମ୍ପୁଆ,୧୭।୧୦(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଏନ୍ଏସି ମୌଲାନାଗୁଡା ବସ୍ତିଠାରୁ ଗୋଧୂଳି ପର୍ଯ୍ୟନ୍ତ ୫କି.ମି. ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି। ଏନେଇ ଗ୍ରାମବାସୀ ଦୁଇଥର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ ମଧ୍ୟ କରିସାରିଛନ୍ତି। ନା ଶୁଣୁଛି ଗ୍ରାମ୍ୟ ଉନ୍ନୟନ ବିଭାଗ ନା ଏନ୍ଏସି। ଆମ ବିଭାଗର ନୁହେଁ କହି ଉଭୟ ପରସ୍ପରକୁ ଦୋଷ ଲଦୁଥିବା ବେଳେ ଯିବାଆସିବାରେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି ଗାଁ ଲୋକେ। ଏହି ରାସ୍ତାଟି ବସ୍ତି, ଭାଲିଆଡିପା, ଗୋଧୂଳି, ରାମ ତୀର୍ଥ ଓ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟ ଯାଏଁ ଲମ୍ବିଛି। ଗାଁ ଲୋକମାନଙ୍କର ପାଇଁ ଲାଇଫଲାଇନ କୁହାଯାଉଥିବା ଏ ରାସ୍ତାଟିର ଅନେକ ସ୍ଥାନ ଖାଲଖମାରେ ଭର୍ତ୍ତି ହୋଇରହିଛି। ବର୍ଷା ଦିନରେ ପାଣି ଜମି ରହୁଥିବାରୁ ସାଇକଲ ଓ ବାଇକ୍ ଆରୋହୀମାନେ ଦୁର୍ଘଟଣାର ଶିକାର ହୋଇଥାନ୍ତି। ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ଆସୁଥିବା ଗର୍ଭବତୀ, ପ୍ରସୂତି ମହିଳା ଓ ଗୁରୁତର ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏପରିକି ଏ ସମସ୍ତ ଗାଁର ସ୍କୁଲ, କଲେଜ ପଢ଼ିବା ପାଇଁ ଚମ୍ପୁଆ ଆସୁଥିବା ଛାତ୍ରଛାତ୍ରୀମାନେ କାଉନସିଲରଙ୍କ ନିକଟରେ ଅଭିଯୋଗ ମଧ୍ୟ କରୁଛନ୍ତି; କିନ୍ତୁ କେହି ଶୁଣୁନାହାନ୍ତି। ଏହି ଗାଁ ରାସ୍ତାଟି ରାତି ଅଧରେ ବାଲି ଓ ଖଣି ମାଫିଆଙ୍କ ଚରାଭୂଇଁ ପାଲଟିଥିବା ନେଇ ମଧ୍ୟ ଅଭିଯୋଗ ହେଉଛି। ଫଳରେ ରାସ୍ତାଟି ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇପଡିଛି। ଖାଲି ସେତିକି ନୁହେଁ; ଏହି ରାସ୍ତା କଡ଼ରେ ଦୁଇଟି ଶୈବପୀଠ ସହ ବୈତରଣୀ ନଦୀକୂଳର ମନଲୋଭା ସ୍ଥଳ ଅନେକ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଣଦେଖା କରିଆସୁଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ପଦକ୍ଷେପ ନେବାକୁ ଦାବି ହେଉଛି।

## ଟ୍ରାକ୍ଟର ଭର୍ତ୍ତି ଅଫୁଟା ବାଣ ଓ ବାରୁଦ ଜବତ

ବୈଶିଙ୍ଗା,୧୭।୧୦(ସମିସ): ବୈଶିଙ୍ଗା ପୁଲିସ ମହୁଲପାଟଣା ଗ୍ରାମ ମଝିରେ ଥିବା ବାସନ୍ତୀ ପୂଜାମଣ୍ଡପ ଓ ଏକ ନିର୍ମାଣଧୀନ କୋଠାରୁ ୧୨ବସ୍ତାରୁ ଅଧିକ ହାତ ତିଆରି ବାଣ ଜବତ କରିଥିବା ଜଣାପଡ଼ିଛି। ସମ୍ପୃକ୍ତ ଅଭିଯୁକ୍ତ ଏବେବି ନିଖୋଜ। ଆଜି ପୁଣି ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ ତାଙ୍କ ଟିମ ସହିତ ପୁରୁଣିଆ ଗାଁ ଭିତରେ ଥିବା ବୈଦ୍ୟନାଥ ଧଳଙ୍କ ଏକ ପରିତ୍ୟକ୍ତ ଘରେ ଚଢ଼ଉ କରିଥିଲେ। ସେଠାରୁ ଟ୍ରାକ୍ଟର ଭର୍ତ୍ତି ଅଫୁଟା ହାତ ତିଆରି ବାଣ ଓ ବାରୁଦ ଜବତ କରିଛନ୍ତି।

## ଜାତୀୟସ୍ତରୀୟ ଜନଜାତୀୟ ଫିଲ୍ମ ଫେଷ୍ଟିଭାଲରେ ଓଡ଼ିଶାର ସଫଳତା




ବାରିପଦା,୧୭।୧୦(ସମିସ): ଭାରତ ସରକାରଙ୍କ ଜନଜାତି ମନ୍ତ୍ରାଳୟ ତଥା ଡଃ ରାମଦୟାଲ ମୁଣ୍ଡା ଜନଜାତି କଲ୍ୟାଣ ଓ ଗବେଷଣା ସଂସ୍ଥାର ମିଳିତ ଆନୁକୂଲ୍ୟରେ ଝାଡ଼ଖଣ୍ଡର ରାଞ୍ଚିଠାରେ ପ୍ରଥମ ଜନଜାତୀୟ ଫିଲ୍ମ ଫେଷ୍ଟିଭାଲ୍୨୦୨୫ ଅନୁଷ୍ଠିତ ହୋଇଯାଇଛି। ୩ ଦିନ ଧରି ଅନୁଷ୍ଠିତ ମହୋତ୍ସବରେ ଭାରତର ୧୫ଟି ରାଜ୍ୟରୁ ୧୪୨ଟି ଫିଲ୍ମ ପଞ୍ଜୀକରଣ କରିଥିବା ବେଳେ ୫୨ଟି କ୍ଷୁଦ୍ର ଓ ପ୍ରାମାଣିକ ଚଳଚିତ୍ର ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲା। ସେଥିମଧ୍ୟରୁ ଓଡିଶାର ୪ଟି କ୍ଷୁଦ୍ର ଚଳଚିତ୍ର ମଧ୍ୟରୁ ରମେଶ ହେମ୍ବ୍ରମଙ୍କ 'ପୁଇସା ଦାରେ' ୨ୟ ଏବଂ ଦୀପକ କୁମାର ବେଶ୍ରାଙ୍କ 'ପପାୟା' ୩ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇ ଓଡିଶା ପାଇଁ ସୁନାମ ଆଣିଛନ୍ତି। ତତସହିତ ଓଡିଶାର ଅନ୍ୟ ଦୁଇଟି ଫିଲ୍ମ ଶ୍ୟାମା ସୁନ୍ଦର ମାଝିଙ୍କ 'ବ୍ରେକିଙ୍ଗ ଦି ବାରିୟାର୍ସ' ଓ ରାଜମୋହନ ସୋରେନଙ୍କ 'ହେଣ୍ଡେ ସୋନା' ମଧ୍ୟ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ। ଝାଡ଼ଖଣ୍ଡ ସରକାରଙ୍କ ଅନୁସୂଚିତ ଜାତି ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ଚମର ଲିଣ୍ଡା, ଜନଜାତି କଲ୍ୟାଣ ଓ ଗବେଷଣା ସଂସ୍ଥାର ଅତିରିକ୍ତ ନିର୍ଦ୍ଦେଶକ ରାକେଶ ଓରାଓନ ତଥା ଫିଲ୍ମ ନିର୍ମାତା ମେଘନାଦ ପ୍ରମୁଖ ଉପସ୍ଥିତ ରହି ଏହି ପୁରସ୍କାର ପ୍ରଦାନ କରିଥିଲେ। ପ୍ରକାଶ ଥାଉକି ଓଡିଶାର ଏହି ଫିଲ୍ମ ନିର୍ମାତା ମାନେ ବିଭିନ୍ନ ସମୟରେ ଜାତୀୟ ଓ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ପୁରସ୍କୃତ ହୋଇ ରାଜ୍ୟ ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି।

## ବ୍ଲକ୍ସ୍ତରୀୟ ଉଲ୍ଲାସ ତାଲିମ

କପ୍ତିପଦା,୧୭।୧୦(ସମିସ)

ବ୍ଲକ୍ ସ୍ତରୀୟ ଉଲ୍ଲାସ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିକ୍ଷା ସ୍ୱେଚ୍ଛାସେବୀଙ୍କୁ ନେଇ ଏହି ତାଲିମ କାର୍ଯ୍ୟକ୍ରମରେ ତାଲିମ ଦାତା ଭାବରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଘନଶ୍ୟାମ ସିଂ, ସମ୍ବଳ ସାଧକ ଶିକ୍ଷକ ସନ୍ତୋଷ ସାହୁ ଉପସ୍ଥିତ ରହି ନବ ସାକ୍ଷରଙ୍କୁ ମୌଳିକ ସାକ୍ଷରତା ଓ ମୌଳିକ ସଂଖ୍ୟା ଜ୍ଞାନ, ଜୀବନ କୌଶଳ, ଧନ୍ଦାମୂଳକ ଶିକ୍ଷା, ମୌଳିକ ଶିକ୍ଷା, ନିରନ୍ତର ଶିକ୍ଷା ପ୍ରଦାନ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ନବ ସାକ୍ଷରମାନଙ୍କର ପଞ୍ଜୀକରଣ ତଥା ଶିକ୍ଷା ସ୍ୱେଚ୍ଛାସେବୀଙ୍କର ନାମ ପଞ୍ଜୀକରଣ ପାଇଁ ଆବଶ୍ୟକ ବୈଷୟିକ ସହାୟତା ଦିଲ୍ଲୀପ କୁମାର ମହାନ୍ତ, ଶିକ୍ଷକ ଅଚ୍ୟୁତାନନ୍ଦ ଦାସ ପ୍ରଦାନ କରିଥିଲେ। ପଞ୍ଜିକୃତ ସମସ୍ତ ଶିକ୍ଷା ସ୍ୱେଚ୍ଛାସେବୀଙ୍କୁ ନବସାକ୍ଷର ମାନଙ୍କ ପାଇଁ ଉଦ୍ଦିଷ୍ଟ ପୁସ୍ତକ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ସଫଳ ହେବାରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅଶୋକ କୁମାର ସେଠୀ, ଶିଶିର ପାଢ଼ୀ, ଚିତ୍ତରଞ୍ଜନ ରାଉଳ, ଶରତ ମଲ୍ଲିକ, ନନ୍ଦନ ଭଦ୍ରା ତଥା ଅନ୍ୟ ସିଆରସିସି ଗଣ ସହାୟତା ପ୍ରଦାନ କରିଥିଲେ।

## ମହିଳା କଲେଜରେ ବିଶ୍ୱ ଖାଦ୍ୟ ଦିବସ ପାଳନ



ବାରିପଦା,୧୭।୧୦(ସମିସ): ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ବିଶ୍ୱ ଖାଦ୍ୟ ଦିବସ ପାଳିତ ହୋଇଯାଇଛି। ବିଶ୍ୱ ଖାଦ୍ୟ ଦିବସ ପାଳନ ଅବସରରେ ଗୃହବିଜ୍ଞାନ ବିଭାଗର ଛାତ୍ରୀମାନଙ୍କ ତରଫରୁ ଖାଦ୍ୟମେଳା ଆୟୋଜନ କରି ବିଭିନ୍ନ ପ୍ରକାର ସୁଷମ ଖାଦ୍ୟ ପ୍ରସ୍ତୁତ କରି ପ୍ରଦର୍ଶନ କରାଯାଇଥିଲା। ଅପରାହ୍ଣରେ ସଭାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶ୍ରୀମା' ମହିଳା ମହାବିଦ୍ୟାଳୟର ଗୃହବିଜ୍ଞାନ ବିଭାଗର ଅଧ୍ୟାପିକା ଜ୍ୟୋତ୍ସ୍ନା ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଖାଦ୍ୟର ଗୁଣାବତ୍ତା, ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତିର ପ୍ରଣାଳୀ, ବିଭିନ୍ନ ଖାଦ୍ୟର ପୋଷଣ ଓ ଭିଟାମିନକୁ ଅପରିବର୍ତ୍ତିତ ରଖିବାର କୌଶଳ ଆଦି ସମ୍ପର୍କରେ ଛାତ୍ରୀମାନଙ୍କୁ ବୁଝାଇଥିଲେ। ମହାବିଦ୍ୟାଳୟର ଅଧକ୍ଷା ଡ. ସାଗରିକା ସିଂହ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇ ଖାଦ୍ୟର ସ୍ୱାଦ ଓ ଗୁଣାବତ୍ତା ସମ୍ପର୍କରେ ଆଲୋକପାତ କରିବା ସହିତ ଖାଦ୍ୟମେଳା ଆୟୋଜନ କରିଥିବା ଗୃହବିଜ୍ଞାନ ବିଭାଗର ଛାତ୍ରୀ ଓ ଅଧ୍ୟାପିକାମାନଙ୍କର ଭୂୟସୀ ପ୍ରଶଂସା କରିଥିଲେ। ଗୃହବିଜ୍ଞାନ ବିଭାଗର ଅଧ୍ୟାପିକା ସୁଶ୍ରୀ ପ୍ରଭାସିନୀ ଖୁଣ୍ଟିଆ ସଭା ପରିଚାଳନା କରିଥିଲାବେଳେ ଗୃହବିଜ୍ଞାନ ବିଭାଗର ବିଭାଗ ମୁଖ୍ୟ ତଥା ମନସ୍ତତ୍ତ୍ୱ ବିଭାଗର ସହକାରୀ ପ୍ରଫେସର୍ ଡ. ଦେବସ୍ମିତା ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଅବସରରେ ବିଭାଗ ତରଫରୁ ରୋଷେଇ, ରଙ୍ଗୋଲି, ରାପିଡ୍ ଫାୟାର, ସାଲାଡ ସାଜସଜ୍ଜା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ପ୍ରତିଯୋଗିତାରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ବିଭାଗର ଅନ୍ୟତମ ଅଧ୍ୟାପିକା ସତ୍ୟବତୀ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଗୃହବିଜ୍ଞାନ ବିଭାଗର ଅନ୍ୟତମ ଅଧ୍ୟାପିକା ଶୁଭ୍ରାନ୍ତି ରେଖା ରାୟ, ଅନୁଜା ସାହୁ, ଗୃହବିଜ୍ଞାନ ବିଭାଗର ପ୍ରଦର୍ଶକ ବଳମଦିନା ଟେଟେ ପ୍ରମୁଖ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ଆନ୍ତଃଜାତୀୟ ଗରିବ ଦୂରୀକରଣ ଦିବସ

ବଡସାହି,୧୭।୧୦(ସମିସ): ବଡସାହି ବ୍ଲକ୍ ଅଧୀନ ସୁହାଗପୁର ପଞ୍ଚାୟତ ଗୁଆବେହେରା ଗ୍ରାମରେ 'ଆନ୍ତଃଜାତୀୟ ଗରିବ ଦୂରୀକରଣ ଦିବସ' ପାଳିତ ହୋଇଯାଇଛି। ଏଥିରେ ଶିମିଳିପାଳ କଲାଞ୍ଜିୟ ଜିବିଦମ ହନିବିର ପ୍ରଡ୍ୟୁସର କମ୍ପାନୀର ଡାଇରେକ୍ଟର ଜାପକୀ ସିଂ, ମୟୂରଭଞ୍ଜ ପ୍ରଡ୍ୟୁସର କମ୍ପାନୀର ଡାଇରେକ୍ଟର ଭାରତୀ ହାଁସଦା, ବେତନଟୀ କଲାଞ୍ଜିୟମ ଏସଏଚଜି ମହାସଂଘର ସଭାପତି ପଦ୍ମାବତୀ ମହାନ୍ତ, ବଡସାହି ମହାସଂଘର ସଭାପତି ନିର୍ମଳୀ ଘୋଷ, ଧାନ ଫାଉଣ୍ଡେସନର ଆଞ୍ଚଳିକ ସଂଯୋଜକ ଜ୍ୟୋତିପ୍ରକାଶ ରାଉତ, ମ୍ୟୁଚୁଆଲ ଇନସ୍ୟୁରାନ୍ସର ପ୍ରକଳ୍ପ ସଂଯୋଜକ ରଶ୍ମିରଂଜନ ଖାର, ଆକଉଟାଣ୍ଟ ସୁଶାନ୍ତ ଦେ, ଏଫ୍ପିଓ ମ୍ୟାନେଜର କୈଳାସ ମହାନ୍ତ, ସଂଯୋଜକ ବୁଦ୍ଧେଶ୍ୱର ମହାନ୍ତ ପ୍ରମୁଖ ଯୋଗଦେଇ ଏହି 'ଆନ୍ତଃଜାତୀୟ ଗରିବ ଦୂରୀକରଣ ଦିବସ'ର ବିଭିନ୍ନ ଦିଗ ଓ ଏହାର ନିରାକରଣ ଉପରେ ବିଶଦ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ କଲାଞ୍ଜିୟମ ଏସଏଚଜି ମହାସଂଘର ମହିଳା ମାନେ ଉପସ୍ଥିତ ଥିଲେ।

# ତମାଖୁ ମୁକ୍ତ ଅଭିଯାନ ୩.୦ରେ ଜିଲ୍ଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ



ବାରିପଦା,୧୭।୧୦(ସମିସ): ସ୍ୱାସ୍ଥ୍ୟ ଉପରେ ତମାଖୁର କୁପ୍ରଭାବ ସମଗ୍ର ବିଶ୍ୱରେ ଚିନ୍ତାର କାରଣ ହୋଇଥିବା ବେଳେ ସାରା ରାଜ୍ୟରେ ବର୍ତ୍ତମାନ ଯୁବସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ ୩.୦ ଆରମ୍ଭ ହୋଇଛି। ଜିଲ୍ଲା ସ୍ୱାସ୍ଥ୍ୟ ଉପବିଭାଗ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ତମାଖୁ ମୁକ୍ତ ଅଭିଯାନ ୩.୦ ପ୍ରଗତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାରେ ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁବାଷ ଚନ୍ଦ୍ର ନାୟକ ଅଭିଯାନ ବିଷୟରେ ଉପସ୍ଥାପନ କରିଥିଲେ। ବିବରଣୀ ଅନୁସାରେ ୨୦୨୫-୨୬ରେ ୦୯ଟି ସ୍କ୍ୱାର୍ଡ ଜିଲ୍ଲାରେ କାର୍ଯ୍ୟକାରୀ ହୋଇ ସମୁଦାୟ ୨୦,୮୦୦ଟଙ୍କା ଫାଇନ ଆଦାୟ ହୋଇଛି। ବିଭିନ୍ନ ସ୍ଥାନ ଯଥା, ସ୍କୁଲ, କଲେଜ, ସର୍ବସାଧାରଣ ସ୍ଥାନ, ପ୍ରତିଟି ପଞ୍ଚାୟତ ସମେତ ବର୍ତ୍ତମାନ ସୁଦ୍ଧା ୧୦ଟି ବ୍ଲକର ୧୧୭ ଜଣ ସରପଞ୍ଚଙ୍କୁ ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ନିହାର ରଞ୍ଜନ ପୃଷ୍ଟି ଜିଲ୍ଲା ଅଣ ସଂକ୍ରାମକ ପରିଚାଳକ ବିସ୍ତୃତ ଭାବରେ ଜିଲ୍ଲାରେ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଧୀନରେ ତମାଖୁ ମୁକ୍ତ ଯୁବା ଅଭିଯାନ କାର୍ଯ୍ୟକ୍ରମରେ ୧୭୦ଟି ସ୍କୁଲରେ ଯୁବପିଢିଙ୍କ ମଧ୍ୟରେ ତମାଖୁ ସେବନ ଜନିତ ସମସ୍ୟା ଓ ତହିଁରେ ସଚେତନତା ସୃଷ୍ଟି କରିବାପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା, ଶପଥ ପାଠ, ପ୍ରଶିକ୍ଷଣ ଜିଲ୍ଲା ସ୍ୱାସ୍ଥ୍ୟ ସଂଚାଳକଙ୍କ ଦ୍ୱାରା କରାଯିବାର କାର୍ଯ୍ୟକ୍ରମ ରହିଛି। ଜିଲ୍ଲାର ୨୦ ଗାଁ ମାନଙ୍କୁ ତମାଖୁ ମୁକ୍ତ କରାଯିବ ଏବଂ ତହିଁରେ ୪୦ରୁ ଅଧିକ ସୂଚନା, ଶିକ୍ଷା ଓ ଯୋଗାଯୋଗ ମାଧ୍ୟମରେ ପ୍ରଚାର ପ୍ରସାର କରିବାର ଯୋଜନା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କରାଯାଇଛି। ଚଳିତ ବର୍ଷ ଆରମ୍ଭ ହୋଇଥିବା ତମାଖୁ ମୁକ୍ତ ଅଭିଯାନ ୩.୦ ଅକ୍ଟୋବର ୧୦ରୁ ଆରମ୍ଭ ହୋଇଛି ଏବଂ ଏହା ୯ ଡିସେମ୍ବର ପର୍ଯ୍ୟନ୍ତ ଚାଲିବ। ସଚେତନତା ମାରାଥନ, ରାଲି, ରେଡ଼ିଓ ବାର୍ତ୍ତା, ଲୋକକଳା, ଚିତ୍ର ପ୍ରଦର୍ଶନୀ, ସୋସିଆଲ ମିଡ଼ିଆ ପ୍ରଚାର ଓ ପଥପ୍ରାନ୍ତ ନାଟକ, ନୁକ୍କାଡ଼ ନାଟକ ମାଧ୍ୟମରେ ତମାଖୁ ବର୍ଜନ ବିଷୟରେ ଜନସଚେତନତା ସୃଷ୍ଟି କରାଯିବା ନେଇ ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ନିମନ୍ତ୍ରିତ ଅତିଥି ଓ ଅଧିକାରୀ ମାନେ ଏହି ଅଭିଯାନର ଶୁଭାରମ୍ଭ କରିଥିଲେ। ଜିଲ୍ଲା ଅଣସଂକ୍ରମକ ଡଃ ଜ୍ଞାନେନ୍ଦ୍ର ମହାନ୍ତି, ଡ ମିତ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୌତମ କିଷାନ, ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କହଁର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ଜିଲ୍ଲା ଡ୍ରଗ କଣ୍ଟ୍ରୋଲର ରୁଦ୍ର ନାରାୟଣ ସାହୁ, ଡ୍ରଗ ଇନ୍ସପେକ୍ଟର ଦିବ୍ୟରଞ୍ଜନ ନାୟକ ଓ ପ୍ରଦୀପ କୁମାର ସାହୁ, ଖାଦ୍ୟ ଅଧିକାର ସଂଯୁକ୍ତା ହେମ୍ବ୍ରମ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୋଦ ସିଂ, ସମଗ୍ର ଶିକ୍ଷାର ଜିଲ୍ଲା ସଂଯୋଜକ ନିରଞ୍ଜନ ନାଏକଙ୍କ, ଜିଲ୍ଲା ସମ୍ପ୍ରସାରଣ ଅଧିକାରୀ ଧନୁ ମୁର୍ମୁ ଓ ଗଣେଶ୍ୱର ମହାନ୍ତି, ଡ ଶୁଭମ୍ ଶ୍ରୀତମ ସାମନ୍ତରାୟ ଉପସ୍ଥିତ ଥିଲେ।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ପୁସ୍ତକ ଲୋକାର୍ପଣ ଉତ୍ସବ



ବାରିପଦା,୧୭।୧୦(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଲୋକାର୍ପଣ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥି ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଡ. ଭରତ ଚନ୍ଦ୍ର ଦାଶଙ୍କ ଲିଖିତ କବିତା ଗ୍ରନ୍ଥ 'ପ୍ରୀତିସିକ୍ତା'କୁ ଲୋକାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପରିଷଦର ଉପସଭାପତି ପ୍ରଫେସର ପୁଷ୍ପାଞ୍ଜଳି ପରିଡ଼ା ଅଧ୍ୟକ୍ଷତା କରିଥିଲେ। ବାଲେଶ୍ୱର ପାଳିଆବିନ୍ଧା ବିଏନଏମ୍ଏ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ସ୍ତମ୍ଭକାର ଡ. ବିଶ୍ୱରଞ୍ଜନ ଦାସ ଆଲୋଚକ ଭାବରେ ଯୋଗଦାନ ସାରଗର୍ଭକ ଭାଷଣ ରଖିଥିଲେ। ସାହିତ୍ୟିକ ଭାବାବେଗକୁ ଶୃଙ୍ଖଳରେ ବାନ୍ଧିଦେଲେ ସାହିତ୍ୟ ସଂକୁଚିତ ହୋଇଯାଏ ଓ କାଳଜୟୀ ହୋଇପାରେ ନାହିଁ ବୋଲି ସେ ମତ ରଖିଥିଲେ। ସାଂସ୍କୃତିକ ପରିଷଦର ସମ୍ପାଦକ ଡ. ବିଚିତ୍ରନାଥ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପରିଷଦର ସହ-ସମ୍ପାଦକ ଡ ଶିଶିର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ବିଭାଗର ଅଧ୍ୟାପିକା ଡ. ବିନ୍ଧେଶ୍ୱରୀ କଲିଆ, ଅଧ୍ୟାପକ ରାଜକୁମାର ପାତ୍ର, ହୃଷୀକେଶ ମହାନ୍ତଙ୍କ ସମେତ ଓଡ଼ିଆ, ଇଂରାଜୀ, ସଂସ୍କୃତ ଓ ସାନ୍ତାଳୀ ବିଭାଗର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀଗଣ ଯୋଗଦାନ କରିଥିଲେ।

# ଶିଶୁଙ୍କ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ପାଇଁ 'ସୁରଭି' ଶ୍ରେଷ୍ଠ ମଞ୍ଚ



ରାଜଘାଟ,୧୭।୧୦(ସମିସ)

ବସ୍ତା ବ୍ଲକ୍ ଦରଡ଼ା ପଞ୍ଚାୟତ ଏକତାଳିଆ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଦରଡ଼ା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ "ସୁରଭି' ଅନୁଷ୍ଠିତ ହୋଇଯାଇଛି। ଏହି କ୍ଲଷ୍ଟରର ସିଆରସିସି ନିତ୍ୟାନନ୍ଦ ମଣ୍ଡଳଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ପ୍ରଦୀପ କୁମାର ବିଶ୍ୱାଳ ଯୋଗଦେଇ ଶିଶୁମାନଙ୍କ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ପାଇଁ ଏହି ଶିଶୁ ମହୋତ୍ସବ ଶ୍ରେଷ୍ଠ ମଞ୍ଚ ବୋଲି ବକ୍ତବ୍ୟ ରଖିଥିଲେ। ମୁଖ୍ୟ ବକ୍ତା ଭାବେ ଶିକ୍ଷକବିତ କୁଶ ଧ୍ୱଜ ପାତ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ସିଆରସିସି ହରିପ୍ରିୟା ବିଶ୍ୱାଳ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁଜିତ ସାମନ୍ତ, ପ୍ରଧାନ ଶିକ୍ଷୟିତ୍ରୀ ଲିଲି ପଣ୍ଡା, ୱାର୍ଡ ପ୍ରତିନିଧି ରଜତ କୁମାର ଦାସ, ଅତିଥି ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ପାତ୍ର, କ୍ଲଷ୍ଟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଦରଡ଼ା ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ନରୋତ୍ତମ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ମୋଟ ୧୩ଟି ବିଦ୍ୟାଳୟର ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ସେହିପରି ବସ୍ତା ବ୍ଲକ୍ ଜାମସୁଳି ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ତାଡଦା ବିଜେପି ଉଚ୍ଚ ବିଦ୍ୟାଳୟ ପରିସରରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ସୁଦୀପ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଉପ ଜିଲ୍ଲାପାଳ ପ୍ରମୋଦ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ପ୍ରଭାତ ଦାସ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ପଣ୍ଡା, ଶିକ୍ଷାବିତ୍ ଶ୍ରୀପତି ପାତ୍ର, ପରିଚାଳନା କମିଟି ସଭାପତି ସତ୍ୟରଞ୍ଜନ ଦାସ, ଭବାନୀ ଶଙ୍କର ମଣ୍ଡଳ, ଅଚ୍ୟୁତାନନ୍ଦ ଗନ୍ତାୟତ, ଅବସର ପ୍ରାପ୍ତ ଶିକ୍ଷକ ମଧୁସୂଦନ ସାହୁ ପ୍ରମୁଖ ଯୋଗ ଦେଇଥଲେ। ସେହିପରି ସିଆରସିସି ତପନ କୁମାର ସେଣଙ୍କ ତତ୍ତ୍ୱାବଧାନରେ ଏମୟୁବି ବେଲି ବିଦ୍ୟାଳୟରେ ବେଲି ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପଟ୍ଟନାୟକ, ଶିକ୍ଷାବିତ୍ ଚିନ୍ମୟ କୁମାର ନନ୍ଦ, ସରପଞ୍ଚ ଅନନ୍ତ କୁମାର ବାରିକ୍, ସମିତି ସଭ୍ୟା ପଙ୍କଜିନୀ ପାଳ, ସମାଜ ସେବୀ ସରୋଜ କୁମାର ପାଳ, ଶିକ୍ଷକ ପ୍ରହଲ୍ଲାଦ ବାରିକ୍, ତନୁଜ କୁମାର ମିଶ୍ର, ରୁପାଲି ଭୂଇଁଆ ଯୋଗ ଦେଇଥିଲେ। ସେହିପରି ପାଉଁଶକୁଲି ଶିକ୍ଷ୍ୟା କ୍ଲଷ୍ଟର ପକ୍ଷରୁ ଶ୍ରୀନାଥ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଚାନ୍ଦ ମୁର୍ମୁ ସଭାପତିତ୍ୱ କରିଥିବା ବେଳେ ଅତିଥି ଭାବେ ସମିତି ସଭ୍ୟା ସୁମିତ୍ରା ପାତ୍ର, ସମାଜ ସେବୀ ବୃନ୍ଦାବନ ପଣ୍ଡା, କାର୍ତ୍ତିକ ଚନ୍ଦ୍ର ପାତ୍ର, ବିଜୟ କୁମାର ଜେନା ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ଙ୍କୁ ସାର୍ଟିଫିକେଟ ଦେଇ ପୁରସ୍କୃତ କରିବା ସହ 'ସୁରଭି' ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରିବାରେ ସହାୟକ ହେବ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ।

## ପ୍ରତିଭା ବିକାଶରେ ସହାୟ ହେଉଛି 'ସୁରଭି'



ଜଳେଶ୍ୱର ବ୍ଲକ,୧୭।୧୦(ସମିସ): ଜଳେଶ୍ୱର ବ୍ଲକ ଆରୁହା ହରପ୍ରସାଦ ଏକାଡେମୀ ପରିସରରେ ଛମୌଜ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨୦୨୫ ଶିଶୁ ମାନଙ୍କର ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା ବିପୁଳ ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବର ପ୍ରଥମ ଅଧିବେଶନରେ ଆରୁହା ହରପ୍ରସାଦ ଏକାଡେମୀର ପ୍ରଧାନ ଶିକ୍ଷକ ବିନୟ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଏବିଇଓ ଜ୍ୟୋସ୍ନା ରାଣୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏଭଳି ସରକାରଙ୍କ ନିଆରା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଅନ୍ତର୍ନିହିତ ପ୍ରତିଭା ବିକାଶରେ 'ସୁରଭି' ସହାୟ ହେଉଛି ବୋଲି ମତପ୍ରକାଶ ପାଇଥିଲା। ଶାଳିକୋଠା ବାଗେଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ବିବେକାନନ୍ଦ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଏହା କହିଥିଲେ। ଛମୌଜ କ୍ଲଷ୍ଟରର ସିଆରସିସି ଅଜିତ କୁମାର ପାତ୍ର ସମ୍ମାନିତ ବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସରପଞ୍ଚ ତପନୀ ଭୂୟାଁ, ପୂର୍ବତନ ସିଆରସିସି ମିନାରାଣୀ ପରିଡ଼ା, ପ୍ରଧାନ ଶିକ୍ଷକ ହରେକୃଷ୍ଣ ଜେନା,ଅଧ୍ୟାପକ କାର୍ତ୍ତିକେଶ୍ୱର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଲୋକ କଳା ଲୋକ ସଂସ୍କୃତିକୁ ଉଦଜୀବିତ୍ କରିବାର ମାଧ୍ୟମ ହେଉଛି ସୁରଭି ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ଅନୁଜ କୁମାର ହୁଇ ମଞ୍ଚ ଆହ୍ୱାନ କରିଥିଲା ବେଳେ ଶିକ୍ଷକ ଆଶୋତୁସ ରଥ ବେଦ ପାଠ କରିଥିଲେ। ଏକାଡେମୀର ଛାତ୍ରୀ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଶେଷରେ ଶିକ୍ଷକ ଜଗନ୍ନାଥ ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ଛମୌଜ କ୍ଲଷ୍ଟର୍ ଅଧୀନରେ ଥିବା ୧୬ ଗୋଟି ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଛାତ୍ରଛାତ୍ରୀ ମାନେ ବିଭିନ୍ନ ପ୍ରତିଯୋଗିତା ଯଥା:-କୁଇଜ୍, ବକ୍ତୃତା, ଚିତ୍ରାଙ୍କନ, ସଙ୍ଗୀତ, ନୃତ୍ୟ, ସୁନ୍ଦର ହସ୍ତାକ୍ଷର ଲିଖନ ଆଦି ହୋଇଥିଲା। ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଥିବା ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଉକ୍ତ ଶିଶୁ ମହୋତ୍ସବରେ କ୍ଲଷ୍ଟର୍ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ରବୀନ୍ଦ୍ର କୁମାର ବେହେରା, ଶୁଭଲକ୍ଷ୍ମୀ ରାଉତ, ଶିବଶଙ୍କର ରଣା, ଅଜିତ କୁମାର ନନ୍ଦୀ, ଜୟରାମ ଟୁଡୁ, ରବୀନ୍ଦ୍ର ନାଥ ଦେ, ପୀତାମ୍ବର ଜେନା, ବିଥିକା ମଞ୍ଜରୀ କର, ସତ୍ୟପ୍ରିୟ ମହାନ୍ତି ପ୍ରମୁଖ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଓ ସଦସ୍ୟା ମାନେ ସହଯୋଗ କରିଥିଲେ।

## ନଟାବାଡ଼ବାସୀଙ୍କ ଦୁଃଖ ଶୁଣିଲା ପ୍ରଶାସନ



ଜଳେଶ୍ୱର ବ୍ଲକ,୧୭।୧୦(ସମିସ): ପ୍ରଶାସନ ଶୁଣିଲା ଲୋକଙ୍କ ଦୁଃଖ। ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ପଞ୍ଚାୟତ ସମିତି ଅଧୀନ ରାଇବଣିଆ ଗ୍ରାମ ପଞ୍ଚାୟତର ନଟାବାଡ଼ବାସୀ ବିଭିନ୍ନ ଅସୁବିଧା ସମ୍ପର୍କରେ ବାରମ୍ବାର ବ୍ଲକ ପ୍ରଶାସନ ପାଖରେ ଅଭିଯୋଗ କରି ଆସୁଥିଲେ। ଏଥିମଧ୍ୟରେ ଭତ୍ତା ଆଣିବା ପାଇଁ ଲୋକମାନଙ୍କୁ ଦୀର୍ଘ ୫ କିଲୋମିଟର ଦୂର ଯିବାକୁ ,ରଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପଡୁଥିବା ନେଇ ଉଲ୍ଲେଖ ରହିଥିଲା। ଏପରିକି ଏ ନେଇ ନଟାବାଡ ବାସୀ ଜିଲ୍ଲା ପ୍ରଶାସନ ପାଖରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଗୁହାରୀ କରିଆସୁଥିଲେ। ଏହାକୁ ନେଇ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ କିଛି ଦିନ ପୂର୍ବରୁ ନଟାବାଡ ଗ୍ରାମରେ ପହଞ୍ଚିଥିଲେ ଓ ସାଧାରଣ ଲୋକଙ୍କ ସମସ୍ୟା ସମ୍ପର୍କରେ ବୁଝି ଥିଲେ ଓ ଏହାର ତୁରନ୍ତ ସମାଧାନ ପାଇଁ ପ୍ରତିଶ୍ରୁତି ଦେବାର କିଛି ଦିନ ମଧ୍ୟରେ ରାଇବଣିଆ ଗ୍ରାମ ପଞ୍ଚାୟତର ନଟାବାଡ଼ ବାସୀଙ୍କ ଓ ବୃଦ୍ଧା ବୃଦ୍ଧ ବୟସ୍କ ଲୋକଙ୍କ ଭତ୍ତା ଆଣିବାର ଦୂରତାକୁ ଅନୁଧ୍ୟାନ କରି ସେମାନଙ୍କର ଦୁଃଖ ବୁଝିଛନ୍ତି ଜଳେଶ୍ୱର ବ୍ଲକ ପ୍ରଶାସନ ଅର୍ଡର୍ ନମ୍ବର ୪୪୭୦ ମୂଳେ ନଟାବାଡ ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ରରେ ଏକ ସ୍ଥାୟୀ ଭତ୍ତା ପ୍ରଦାନ କେନ୍ଦ୍ର କରିଥିବାରୁ ପାଖାପଖି ୧୧୫ ଜଣ ଭତ୍ତା ହିତାଧୀକାରୀ ଆଜି ଜଳେଶ୍ୱର ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସଲିମା ରାଉତ ନଟାବାଡ ଗ୍ରାମରେ ପହଞ୍ଚି ସେମାନଙ୍କୁ ଭତ୍ତା ପ୍ରଦାନ କରିଥିଲେ ଓ ସାଥିରେ ଉପସ୍ଥିତ ରହିଥିଲେ ରାଇବଣିଆ ଗ୍ରାମ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ବୁଦ୍ଧିମଣି ମାଝୀ, ୱାଡର୍ ମେମ୍ବର ମତୀଲାଲ ନାୟକ, ସମାଜସେବୀ ଦିଗାମ୍ବର ଦାସ ପ୍ରମୁଖ ଉପସ୍ଥିତ ରହି ଭତ୍ତା ପ୍ରଦାନ କରିଥିଲେ ଯାହା ଫଳରେ ନଟାବାଡ ବାସୀ ବ୍ଲକ ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି।

## ରାସ୍ତାରେ ଛିନ୍‌ତାଇ କରୁଥିବା ୩ ଯୁବକ ଗିରଫ



ରାଜଘାଟ,୧୭।୧୦(ସମିସ): ବସ୍ତା ଥାନା ୬୦ନମ୍ବର ଜାତୀୟ ରାଜପଥର ନାଇକୁଡ଼ି ଛକ ନିକଟରୁ ଛିନ୍‌ତାଇ କରୁଥିବା ୩ ଜଣ ଯୁବକଙ୍କୁ ଗିରଫ କରିଛି ବସ୍ତା ପୁଲିସ। ସୂଚନା ଅନୁସାରେ ଗତକାଲି ରାତି ପ୍ରାୟ ସାଢ଼େ ୯ଟାରେ ନାଇକୁଡି ସଦାନନ୍ଦପୁର ଗ୍ରାମର ତାପସ କୁମାର ପରିଡ଼ା ଘରକୁ ଯାଉଥିବା ସମୟରେ ରାଜପଥର କୁଣ୍ଡପୁରସ୍ଥିତ ଜଟିଆ ଢାବା ନିକଟରେ ତିନି ଜଣ ଯୁବକ ଜଳେଶ୍ୱର କୁ ଯିବାକୁ ରାସ୍ତା ପଚାରି ଥିଲେ। ପରେ ସେମାନେ ଏକ ବାଇକରେ ଆସି ସଦାନନ୍ଦପୁର ଛକ ନିକଟରେ ଅଟକିଥିଲେ। ତେବେ ତାପସ ନିଜ ଘରକୁ ଯିବାକୁ ଉକ୍ତ ଛକରେ ପହଞ୍ଚିବା ପରେ ଯୁବକମାନେ ତାଙ୍କୁ ଅଟକାଇ ପ୍ରବଳ ମାଡ଼ ସହ ମୋବାଇଲ ଫୋନ୍, ଇଅର କର୍ଡ ନେବାକୁ ଚେଷ୍ଟା କରିବା ସମୟରେ, ତାପସ ରାସ୍ତା ରେ ଯାଉଥିବା ଲୋକଙ୍କୁ ଡାକିଥିଲେ। ତେବେ ଗ୍ରାମବାସୀଙ୍କ ସହଯୋଗ କ୍ରମେ ତିନିଜଣ ଯୁବକଙ୍କୁ ଅଟକ କରି ଥାନାକୁ ହସ୍ତାନ୍ତର କରାଯାଇଛି। ଯୁବକମାନେ ହେଲେ ହଳଦୀପଦା ଫାଣ୍ଡି ଅଧୀନ ଓଡ଼ଙ୍ଗୀ ଗ୍ରାମର ଉତ୍ତମ ପାତ୍ର (୨୦), ଦୀପକ ଦାସ (୨୪)ଏବଂ ଭଣ୍ଡେଶ୍ୱର ଗ୍ରାମର ହିମାଂଶୁ ମୁଦଲି (୨୦) ବୋଲି ଜଣାପଡିଛି। ପୁଲିସ ସେମାନଙ୍କ ଠାରୁ ଏକ ଧଳା ରଙ୍ଗର ପଲସର ବାଇକ୍, ମୋବାଇଲ ଫୋନ ଜବତ କରିବା ସହିତ ୩୯ ୯/୨୫ ମୂଳେ ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ କୋର୍ଟ ପଠାଇବା ସହ ସାଇଣ୍ଟିଫିକ ଟିମ ର ସହାୟତା ନେଇ ତଦନ୍ତ ଜାରି ରଖିଛି।

## ଅଗ୍ନି ବିପନ୍ନ ପରିବାରକୁ ସହାୟତା



ଜଳେଶ୍ୱର,୧୭।୧୦(ସମିସ): ଜଳେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ଜଳେଶ୍ୱର ବ୍ଲକ ଶାଳିକୋଠା ଗାଁର ଅଗ୍ନି ବିପନ୍ନ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ଜଳେଶ୍ୱର ରୋଟାରୀ କ୍ଲବ ସଭାପତି ସୁବୀର କୁମାର ସେନାପତି, ସଂପାଦକ ଅଂଶୁମାନ ରାଉତ,ଆଇପିପି ଭାସ୍କର ରଞ୍ଜନ ସ୍ୱାଇଁ, ପ୍ରାକ୍ତନ ସଭାପତି ତାରାପଦ ମହାନ୍ତି, ସୁବ୍ରତ କୁମାର ରଣା, ମଣିଭଦ୍ର ଜେନା, ରାଜେଶ କୁମାର ଖଟୁଆ, ନନ୍ଦନ କୁମାର ଦତ, ଲେଲିନ କୁମାର ପ୍ରଧାନ, ରୋଟାରିଆନ ରାଜକିଶୋର ହୁଇ , ସଂଵିତ କୁମାର ପ୍ରଧାନ,ସନ୍ୟାସୀ ପରିଡା ପ୍ରମୁଖ ବିପନ୍ନ ପରିବାର ସଦସ୍ୟଙ୍କୁ ରାସନ ସାମଗ୍ରୀ, ରୋଷେଇ ସରଞ୍ଜାମ, ବସ୍ତ୍ର ପ୍ରଭୃତି ସହାୟତା ଯୋଗାଇ ସମବେଦନା ଜଣାଇଥିଲେ।

## ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଯୋଗ ଶିବିର



ଖଇରା,୧୭ ।୧୦(ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁରୁଡ଼ା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର(ସ୍ୱାସ୍ଥ୍ୟ ଉପକେନ୍ଦ୍ର) ପରିସରରେ ଗୁରୁବାର ଦିନ ଯୋଗ ଶିବିର ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମେ ଏହି ଶିବିରରେ ସିକିଲ ସେଲ, ମ୍ୟାଲେରିଆ,ମଧୁମେହ, ନିମୋନିଆ ତଥା ଅନ୍ୟ ଅଣସଂକ୍ରାମକ ରୋଗ ଚିହ୍ନଟ କରାଯିବା ସହ ମାଗଣା ଔଷଧ ବିତରଣ କରାଯାଇଥିଲା। ପରେ ବିଶିଷ୍ଟ ଯୋଗ ପ୍ରଚାରକ ମୁକ୍ତିକାନ୍ତ ପାଣିଗ୍ରାହୀ ଉପସ୍ଥିତ ଡାକ୍ତର, ଆଶା ଓ ଅଙ୍ଗନବାଡ଼ି କର୍ମୀଙ୍କୁ ବିଭିନ୍ନ ପ୍ରକାର ଯୋଗ ଶିଖାଇଥିଲେ। ଡା ଦେବକାନ୍ତ ପାଢ଼ୀ, ଜିଲ୍ଲା ପରିଷଦ ସଭ୍ୟ ମାନସ କୁମାର ଦାଶ,ସରପଞ୍ଚ ରଘୁନାଥ ଜେନା, ପଞ୍ଚାୟତ ନିର୍ବାହୀ ଅଧିକାରୀ ହେମନ୍ତ ସାମଲ,ଏଏନଏମ ସଂଯୁକ୍ତାରାଣୀ ଦାସ,ସିଏଚଓ ଦିବ୍ୟାଭାରତୀ ସାହୁ, ଜୟପ୍ରକାଶ ପାତ୍ର, ଆଶା ପବିତ୍ରା ଜେନା ଓ କନକଲତା ଜେନା ପ୍ରମୁଖ ଉପସ୍ଥିତ ହୋଇ ସ୍ୱାସ୍ଥ୍ୟ ସଚେତନତା ଉପରେ ଆବଶ୍ୟକ ପରାମର୍ଶ ଦେଇଥିଲେ।

● ଭିନ୍ନ ଢଙ୍ଗରେ ଦୀପାବଳି ପାଳିଲେ ସରପଞ୍ଚ

## ବରିଷ୍ଠଙ୍କ ପାଦ ଛୁଇଁଲେ, ରସଗୋଲା ଖୁଆଇଲେ



ଖଇରା,୧୭ ।୧୦ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରକୋଣା ଗ୍ରାମ ପଞ୍ଚାୟତର ସରପଞ୍ଚ ସୁଶାନ୍ତ କୁମାର ନାୟକ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ଦୀପାବଳି ଅବ୍ୟବହିତ ପୂର୍ବରୁ ପଞ୍ଚାୟତକୁ ଭତ୍ତା ନେବାକୁ ଆସିଥିବା ଦିବ୍ୟାଙ୍ଗ, ବିଧବା ଓ ବରିଷ୍ଠ ନାଗରିକଙ୍କୁ ରସଗୋଲା ଖୁଆଇ ସେମାନଙ୍କ ଗହଣରେ ଦୀପାବଳି ପାଳିଛନ୍ତି। ଶୁକ୍ରବାର ସରପଞ୍ଚ ଶ୍ରୀ ନାୟକ ନିର୍ବାହୀ ଅଧିକାରୀ ରଞ୍ଜିତ ସାମଲଙ୍କ ଓ ଜିଆରଏସ କଳ୍ପନା ମୁଖିଙ୍କ ସହ ମିଶି ୩୫୦ ଭତ୍ତା ହିତାଧିକାରୀଙ୍କୁ ଭତ୍ତା ବାଣ୍ଟି ମିଠା ଖୁଆଇବା ସହ ହିତାଧିକାରୀଙ୍କ ପାଦଛୁଇଁ ପ୍ରଣାମ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ସେ ଦାୟିତ୍ୱରେ ରହିବା ପରଠାରୁ ଏହି ପରମ୍ପରା ବଜାୟ ରଖିଛନ୍ତି। ଏହିଭଳି ବରିଷ୍ଠ ଓ ଦିବ୍ୟାଙ୍ଗ ଆଶିର୍ବାଦ ତାଙ୍କୁ ଆଗକୁ ବଢିବାକୁ ବାଟ ଦେଖାଇବ ବୋଲି ସରପଞ୍ଚ ଶ୍ରୀ ନାୟକ କହିଛନ୍ତି।

## ୩ ଘରୁ ଚୋରି

ରାଜଘାଟ,୧୭।୧୦(ସମିସ): ଅମର୍ଦାରୋଡ଼ ଫାଣ୍ଡି ବାଗଲଡିହା ଗ୍ରାମର ୩ଟି ଘରୁ ଗତକାଲି ବିଳମ୍ବିତ ରାତ୍ରିରେ ଚୋରି ହୋଇଛି। ଅଭିଯୋଗ ମୁତାବକ; ଏହି ଗ୍ରାମର ଦେବେନ୍ଦ୍ର ଗାଆଣ, ସୁଜୟ କୁମାର ନାୟକ ଓ ମନ୍ମଥ ନାୟକଙ୍କ ପରିବାର ଖିଆପିଆ ସାରି ରାତି ପ୍ରାୟ ଏଗାର ଟା ପରେ ଶୋଇଥିଲେ। ସକାଳୁ ଉଠି ଦେଖନ୍ତି ତିନୋଟି ପରିବାରର ଘରର ବାଢ କାଟି ସମାନ ଢଙ୍ଗରେ କିଛି ଦୁର୍ବୃତ୍ତ ଘରର ସମସ୍ତ ବାସନକୁସନ ସମେତ ଲକ୍ଷାଧିକ ଟଙ୍କାର ଅନେକ ଘରୋଇ ନିତ୍ୟ ବ୍ୟବହୃତ ଓ ରୋଷେଇ ସାମଗ୍ରୀ ନେଇଯାଇଛନ୍ତି। ତେବେ ଏ ନେଇ ସେମାନଙ୍କ ପକ୍ଷରୁ ଅମର୍ଦାରୋଡ଼ ଫାଣ୍ଡି ଅଧିକାରୀ ବିଜୟ ବାରିକଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଯାଇଥିବା ଜଣାପଡିଛି।

## ୨ଟି ଦୁଗ୍ଧ ସଂଗ୍ରହ କେନ୍ଦ୍ର ଉଦ୍‌ଘାଟିତ




ଭୋଗରାଇ,୧୭।୧୦(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇର ନାରାୟଣ ମହାନ୍ତି ପଡ଼ିଆ ପଞ୍ଚାୟତରେ ଶୁକ୍ରବାର ନାବାର୍ଡ ଦ୍ୱାରା ଦାରୁବ୍ରହ୍ମ କୃଷକ ଉତ୍ପାଦକ ସଂଗଠନ ଓ ପ୍ରଗତି ମିଲ୍କସର ଦୁଇଟି ସ୍ଥାନରେ ଦୁଗ୍ଧ ସଂଗ୍ରହ କେନ୍ଦ୍ରର ଶୁଭାରମ୍ଭ ହୋଇଛି। ନାରାୟଣ ମହାନ୍ତି ପଡ଼ିଆ ଲକ୍ଷ୍ମୀ ପୂଜା ମଣ୍ଡପ ସନ୍ନିକଟ ରବୀନ୍ଦ୍ର ମଣ୍ଡଳ ଓ ମାଟିକେଞ୍ଚା ହନୁମାନ ମନ୍ଦିର ନିକଟ ମନୋଜ ସାମଲ (ପଞ୍ଚୁ ଭାଇ)ଙ୍କ ବାସଗୃହ ସମ୍ମୁଖରେ ଦୁଗ୍ଧ ସଂଗ୍ରହ କେନ୍ଦ୍ର ହୋଇଥିବା ବେଳେ ଉଭୟ ସ୍ଥାନରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଚେୟାରମେନ ସୁଜିତ ପରିଡ଼ା , ନିର୍ଦ୍ଦେଶକ ଗୌରହରି ମଣ୍ଡଳ, ଗୋବିନ୍ଦ ଦାସ, ଭୁବନ ପ୍ରାମାଣିକ, ରାଜୀବ ପ୍ରଧାନ, ବନମାଳୀ ସୁର, ଧ୍ରୁବ ଚରଣ ପ୍ରଧାନ, ରବୀନ୍ଦ୍ର ଆଇଚ ତଥା ପ୍ରଗତି ମିଲ୍କସର କୃଷ୍ଣ ବାବୁ, ଅଶୋକ ବାବୁ ଏବଂ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ। ଆସନ୍ତା ଦିନରେ ଗୋଚାଷ ପାଇଁ ବୈଷୟିକ ବିକାଶ ସହ ଚାଷୀ ମାନଙ୍କର ଉନ୍ନତି ପାଇଁ ଉଭୟ ସଂଗଠନର ପ୍ରୟାସ ଜାରି ରହିଛି ବୋଲି ଚେୟାରମେନ ପ୍ରକାଶ କରିଛନ୍ତି।

## ବିକାଶ ମିଶନର ଉତ୍ତର ଓଡ଼ିଶା ସଭାପତି ନିଯୁକ୍ତ ହେଲେ ଇଂ ରତ୍ନାକର ରାୟ

ଜଳେଶ୍ୱର,୧୭।୧୦(ସମିସ): ମୟୂରଭଞ୍ଜ ବାରିପଦା ଷ୍ଟାଡିୟମ ହଲ୍‌ରେ ଗତ ରବିବାର ଆୟୋଜିତ ବିଜେପି କର୍ମଶାଳାରେ ସଂଗଠନର ରାଜ୍ୟ ଉପସଭାପତି ବିଦ୍ୟାଧର ପଲାର ଅଧ୍ୟକ୍ଷତା କରି ୨୦୪୭ ମସିହା ବେଳକୁ ବିକଶିତ ଭାରତ ନିର୍ମାଣ ଲାଗି ଯତ୍ନବାନ ହେବାକୁ ଉପସ୍ଥିତ କରର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାକୁ ନେଇ ଉତ୍ତର ଓଡ଼ିଶା ର ସଭାପତି ଭାବେ ଅବସରପ୍ରାପ୍ତ ପ୍ରଫେସର ଇଂ ରତ୍ନାକର ରାୟଙ୍କୁ ସଭାପତି ଭାବେ ମନୋନୀତ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ସଭାରେ ଇ ରାୟ, ଉତ୍ତର ଓଡ଼ିଶାର ସର୍ବାଙ୍ଗୀନ ବିକାଶ ଲାଗି ବଦ୍ଧପରିକର ରହିବେ ବୋଲି ବକ୍ତବ୍ୟ ଦେବା ସହିତ ନରେନ୍ଦ୍ର ମୋଦୀଙ୍କ ବିକାଶ ଯୋଜନାକୁ ତୃଣମୂଳ ସ୍ତରରେ ସଫଳ ରୂପାୟନ ଲାଗି ଯତ୍ନବାନ ହେବ ବୋଲି କହିଛନ୍ତି। ଏହା ସହିତ ରାଜ୍ୟ ସାଧାରଣ ସମ୍ପାଦକ ଡଃ ଶେଖ୍ ଅବଦୁଲ ଗନି ହୁସେନ, ସମ୍ପାଦକ ପ୍ରବୋଧ କୁମାର ରାଉତ,ପୂର୍ବ ମୟୂରଭଞ୍ଜ ସଭା ପତି କାର୍ତ୍ତିକ ଚନ୍ଦ୍ର ଦାସ, ପଶ୍ଚିମ ମୟୂରଭଞ୍ଜ ସଭାପତି ଆଇନଜୀବୀ ସୁକୁମାର ରଣା, ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ଅଞ୍ଜନା ବେହେରା ପ୍ରମୁଖ ଙ୍କୁ ଧନ୍ୟବାଦ ଦେବା ସହିତ କୃତଜ୍ଞତା ପ୍ରକାଶ କରିଥାନ୍ତି। ପ୍ରଫେସର ରତ୍ନାକର ରାୟ ସଭାପତି ଚୟନ ପରେ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି।

## ରାସ୍ତା ପାଇଁ ଥାନା ଓ ତହସିଲର ଦ୍ୱାରସ୍ଥ ହେଲେ ସାହିବାସୀ

ଜଳେଶ୍ୱର ବ୍ଲକ,୧୭।୧୦(ସମିସ): ଜଳେଶ୍ୱର ପଞ୍ଚାୟତ ସମିତି ଅଧୀନ ବର୍ଦ୍ଧନା ଗ୍ରାମ ପଞ୍ଚାୟତର କଶିଦା ଗ୍ରାମର ବୀର ସାହିରେ ୨୦ ପରିବାର ବସବାସ କରୁଥିବା ବେଳେ ୨୦୦ରୁ ଉର୍ଦ୍ଧ୍ୱ ଲୋକ ରହୁଛନ୍ତି। ଦୀର୍ଘ ଦଶନ୍ଧି ଦଶନ୍ଧି ଧରି ଗ୍ରାମର ଲୋକମାନେ ଏକ ସରକାରୀ ରାସ୍ତା ଦେଇ ଯିବା ଆସିବା କରୁଥିବା ବେଳେ ଓ ସରକାରଙ୍କ ପକ୍ଷରୁ ଅର୍ଥ ମଞ୍ଜୁର କରାଯାଇ ଥିଲେ ମଧ୍ୟ ଗ୍ରାମର ଜଣେ ପ୍ରଭାବଶାଳୀ ବ୍ୟକ୍ତି ସ୍ଥାୟୀ ରାସ୍ତା ନିର୍ମାଣ କରାଇଦେଉ ନଥିବା ଅଭିଯୋଗ ହେଉଛି। ସାହିକୁ ଆମ୍ବୁଲାନ୍ସ ଯାଇପାରୁନଥିବାବେଳେ ବର୍ଷାହେଲେ କାଦୁଅ ପଚପଚ ରାସ୍ତାରେ ଲୋକଙ୍କୁ ଯିବାକୁ ପଡୁଛି। ଯାହାକୁ ନେଇ ଗ୍ରାମର ପ୍ରଭାକର ବୀର, ବାବୁଲ ବୀର, ଅରୁଣ ବୀର, ମନୋରଞ୍ଜନ ବୀର, ତପନ ବୀର, କାଳୀଚରଣ ବୀର, ସନ୍ତୋଷ ବୀର, ଗୋବିନ୍ଦ ବୀର, ରବୀନ୍ଦ୍ର ବୀର, ଆନନ୍ଦ ବୀର, କନକଲତା ବୀର, ଝରଣା ବୀର, ରଞ୍ଜିତା ବୀର, ବାସନ୍ତୀ ବୀର, ରେବତୀ ବୀର, ଗୌରହରୀ ବୀର, କମଳିନୀ ବୀର ପ୍ରମୁଖ ଗ୍ରାମବାସୀମାନେ ଆଜି ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଥିଲେ।

## ଜାଗା ବିବାଦକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ



ବାଲିଆପାଳ,୧୭।୧୦(ସମସ): ବାଲିଆପାଳ ବ୍ଲକ୍ ଦେଉଳା ପଞ୍ଚାୟତର ବିନ୍ଧାଣି ସାହିରେ ତିନି ଏକରରୁ ଉର୍ଦ୍ଧ୍ୱ ଜାଗା ଉପରେ ଦୀର୍ଘ ବର୍ଷ ଧରି ଆଦିବାସୀ ଶ୍ରେଣୀର କିଛି ପରିବାର ବସବାସ କରିଆସୁଛନ୍ତି। ଉକ୍ତ ଜାଗାଟି ଜମିଦାରୀ ଅମଳ ସମୟରୁ ମୁଖୁଦାମଣି ମହାଶୟଙ୍କ ନାମରେ ରହିଛି। ୧୯୫୧ ମସିହାରେ ଜମିଦାରି ଉଚ୍ଛେଦ ପରେ ସରକାର ଉକ୍ତ ଜାଗାର ପଟାକୁ ଅଙ୍ଗନାନାମା ପଟ୍ଟାରେ ପରିଣତ କରି କାର୍ତ୍ତିକ ବିନ୍ଧାଣି, ଗାଗଲ ବିନ୍ଧାଣି, ବାସୁ ହେମ୍ବ୍ରମଙ୍କୁ ଦଖଲ କାରି ଭାବରେ ଦର୍ଶାଇ ଥିବା ପଟ୍ଟାରେ ଉଲ୍ଲେଖ ରହିଛି। ମାତ୍ର ୨୦୨୧ ମସିହାରେ ମୁଖଦା ମଣିଙ୍କର ନାତି ସୁରେନ୍ଦ୍ର ନାରାୟଣ ରାୟ ବସ୍ତା ଅଞ୍ଚଳର ଜୟନାରାୟଣ ଦାସଙ୍କୁ ଉକ୍ତ ଜାଗା ବିକ୍ରି କରିଥିଲେ। ୨୦୨୪ ମସିହାରେ ବାଲିଆପାଳ ତହସିଲ ପକ୍ଷରୁ ଉଚ୍ଛେଦ ପାଇଁ ନୋଟିସ ହୋଇଥଲା। ମାତ୍ର ସେ ଜାଗାରୁ ଜବରଦଖଲକାରୀଙ୍କୁ ଉଠାଇବାରେ ଅସମର୍ଥ ହେବାରୁ ଫେବୃୟାରୀ ୨୩ରେ ଜୟନାରାୟଣ ଦାସ ବାଲିଆପାଳ ଅଞ୍ଚଳର ଧର୍ମ ଦ୍ୱାରର ବିଜୟ ନାୟକଙ୍କୁ ବିକ୍ରି କରିଛନ୍ତି। ପଟ୍ଟାଧାରୀ ବିଜନ ନାୟକ କିଣିଥିବା ୩ଏକରୁ ଉର୍ଦ୍ଧ୍ୱ ଜାଗାରୁ ଜବରଦଖଲ ମୁକ୍ତ କରିବା ପାଇଁ ସରପଞ୍ଚ, ଗ୍ରାମବାସୀ ଏବଂ ଜବରଦଖଲକାରୀଙ୍କୁ ନେଇ ବୈଠକ କରାଇଥିଲେ। ମାତ୍ର ଦୁଇ ଜବରଦଖଲ କାରୀ ସହୋଯୋଗ କରିଥିବା ବେଳେ ଅନ୍ୟ ଜଣେ ଜବରଦଖଲ କାରୀ ବୈଠକକୁ ଆସିନଥିଲେ। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ ଜବରଦଖଲକାରୀଙ୍କ ଅନୁରୋଧ ରକ୍ଷାକରି ଜବରଦଖଲକାରୀଙ୍କୁ ଜାଗାର ମୂଲ୍ୟ ନେଇ ସେମାନେ ରହୁଥିବା ଆଠ ଡେସିମିଲ ଲେଖାଏଁ ଜାଗା ଜବରଦଖଲକାରୀଙ୍କ ନାମରେ ରେଜେଷ୍ଟ୍ରି କରାଯିବ ବୋଲି ଷ୍ଟାମ୍ପ ପେପରରେ ଲେଖା ଯାଇଥଲା। ବୁଧବାର ଉକ୍ତ ଜାଗାରୁ ଗଛ କାଟିବା ପାଇଁ ଯାଇ ଥିବା ଜାଗା ମାଲିକ ଓ ଜବରଦଖଲକାରୀଙ୍କ ମଧ୍ୟରେ ଟଣାଓଟରା ପରେ ଦୁଇ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏ ନେଇ ଦୁଇ ପକ୍ଷରୁ ଗୁରୁବାର ସାମ୍ବାଦିକ ସମ୍ମିଳନୀ କରି ନିଜ ନିଜର ମତ ରଖିଥିଲେ। ଜବରଦଖଲକାରୀଙ୍କ କହିବା କଥା ଚାରି ପିଢି ଧରି ରହିଆସୁଥିବା ଜାଗାକୁ ଚଞ୍ଚକତା କରି ରେଜେଷ୍ଟ୍ରି କରାଯାଇଛି। ତେଣୁ ପ୍ରଶାସନ ଏହାର ସଠିକ ତଦନ୍ତ କରି ଆମକୁ ନ୍ୟାୟ ପ୍ରଦାନ କରନ୍ତୁ। ଅନ୍ୟ ପକ୍ଷରେ ଜମି ମାଲିକ ନିଜର ସମସ୍ତ କାଗଜପତ୍ର ଠିକ୍ ରହିଛି ଏବଂ ସେ ଉଚିତ ମୂଲ୍ୟ ଦେଇ ଜାଗାକୁ କିଣିବା କଥା କହିଛନ୍ତି। ତାଙ୍କ ଜାଗାରୁ ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନଙ୍କୁ ସହୋଯୋଗ ପାଇଁ ନିବେଦନ କରିଛନ୍ତି।

# ପାରାଦୀପ କଳିଙ୍ଗ ବାଲିଯାତ୍ରା ପାଇଁ ଭୂମିପୂଜା

ପାରାଦୀପ, ୧୭।୧୦(ସମିସ)





ଆସନ୍ତା ନଭେମ୍ବର ୪ ତାରିଖରୁ ଆରମ୍ଭ ହେବ ପାରାଦୀପ କଳିଙ୍ଗ ବାଲିଯାତ୍ରା। ଏଥିପାଇଁ ଆଜି ପାରାଦୀପ ବିଜୁ ମଇଦାନରେ ଭୂମି ପୂଜନ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ନୌବାଣିଜ୍ୟ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ୧୯୯୨ରୁ ଆରମ୍ଭ ହୋଇଥିବା କଳିଙ୍ଗ ବାଲିଯାତ୍ରା ଚଳିତ ବର୍ଷ ଜିଲ୍ଲା ପ୍ରଶାସନ ଆୟୋଜନରେ ଧୁମଧାମରେ ପାଳନ କରାଯିବ। ନଭେମ୍ବର ୪ରୁ ୧୦ ତାରିଖ ପର୍ଯ୍ୟନ୍ତ ୭ ଦିନ ଧରି ପାଳନ ହେବାକୁ ଥିବା ଏହି ବାଲିଯାତ୍ରା ଉତ୍ସବରେ ରାଜ୍ୟ ବାହାରର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଓଡ଼ିଶାର ଲୋକକଳା ଓ ସ୍ଥାନୀୟ କଳାକାରଙ୍କୁ ଅଗ୍ରାଧିକାର ଦିଆଯିବ। ସେହିପରି କମିଟି ପକ୍ଷରୁ ଅଧିକ ଷ୍ଟଲର ବ୍ୟବସ୍ଥା କରାଯାଇଛି। ଯେଉଁଥିରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ, ବାହାର ଜିଲ୍ଲାର ପାରମ୍ପରିକ ସାମଗ୍ରୀ ସହିତ ହସ୍ତତନ୍ତ ସାମଗ୍ରୀ ଷ୍ଟଲ୍ ଖୋଲାଯିବ। ସମ୍ପୂର୍ଣ୍ଣ ସିସିଟିଭି ନଜରରେ ରହିବ ବାଲିଯାତ୍ରା ପଡ଼ିଆ ଓ ଆବଶ୍ୟକ ପୁଲିସ୍ ଫୋର୍ସ ମୁତୟନ ରହିବେ। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଥିବାବେଳେ ଆଜିଠାରୁ ବାଲିଯାତ୍ରା ପଡ଼ିଆରେ ଷ୍ଟଲ୍ ତିଆରି ଆରମ୍ଭ ହୋଇଛି। ଏହି ଭୂମିପୂଜା ଉତ୍ସବରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା କର୍ତ୍ତା ଥିବାବେଳେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଆଡିସନାଲ ଏସ୍‌ପି ସ୍ମୃତିରଞ୍ଜନ କର, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ସୁମନ୍ତ କୁମାର ବିଶ୍ୱାଳ, ମାୟାଧର ରାଉତ, ସବିତା ମହାପାତ୍ର, ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିଆରସିଂ, କାଉନସିଲର ପ୍ରତାପ ଚନ୍ଦ୍ର ନାୟକ, ସୁବ୍ରତ ପ୍ରଧାନ, ସୁଶାନ୍ତ ଦାସ ଓ ଜଗନ୍ନାଥ ରାଓଙ୍କ ସମେତ ବାଲିଯାତ୍ରା କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଏସ୍‌ଭିଏମ୍ କଲେଜ ସ୍ୱଚ୍ଛତା ବାହିନୀ ପକ୍ଷରୁ ପଥପ୍ରାନ୍ତ ନାଟକ

ଜଗତସିଂହପୁର,୧୭।୧୦(ସମିସ): ଜଗତସିଂହପୁର ଜିଲ୍ଲାର ସୁପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଏସ୍‌ଭିଏମ୍ କଲେଜ ସ୍ୱଚ୍ଛତା ବାହିନୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଶ ସୁରକ୍ଷା ସମ୍ପର୍କିତ ଏକ ସଚେତନତା ଧର୍ମୀ ପଥପ୍ରାନ୍ତ ନାଟକ କଲେଜ ଛକସ୍ଥ ବସ୍‌ଷ୍ଟପ ନିକଟରେ ମଞ୍ଚସ୍ଥ ହୋଇଯାଇଛି। କଲେଜ ଅଧ୍ୟକ୍ଷା ଡଃ ସୁଜାତା ଓତା ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ନାଟକ ମାଧ୍ୟମରେ ଛାତ୍ରଛାତ୍ରୀ ପରିବେଶ ପ୍ରଦୂଷଣର ବିଭିନ୍ନ କାରଣ ଓ ଏହାର ନିରାକରଣର ଉପାୟ ବିଷୟରେ ଅଭିନୟ ମାଧ୍ୟମରେ ସୂଚାଇଥିଲେ। ସେହିପରି ଆଗାମୀ ଦୀପାବଳୀ ଅବସରରେ ପରିବେଶକୁ ପ୍ରଦୂଷିତ କରୁଥିବା ବାଣ ପରିବର୍ତ୍ତେ ସବୁଜ ବାଣ ବ୍ୟବହାର କରିବା ସହିତ ପାରମ୍ପରିକ ପ୍ରଦୀପ ପ୍ରଜ୍ୱଳନ କରି ଏହି ଉତ୍ସବ ପାଳନ କରିବା ପାଇଁ ନାଟକ ମାଧ୍ୟମରେ ସଚେତନ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ କଲେଜ ପରିସର ଓ ତୃତୀୟ ପର୍ଯ୍ୟାୟରେ ଏହି ନାଟକ ସାନବଜାରସ୍ଥ ବସ୍‌ଷ୍ଟାଣ୍ଡ ନିକଟରେ ପରିବେଷଣ କରାଯାଇଥିଲା। କଲେଜର ଏନ୍‌ସିସି ଛାତ୍ରଛାତ୍ରୀ ନାଟକ ପରିବେଷଣ ସମୟରେ ଶୃଙ୍ଖଳା ରକ୍ଷା ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପିକା ବିଦ୍ୟୁତପ୍ରଭା ଦାଶ, ଲିପ୍‌ସିତା ମହାନ୍ତି, ନିହାର ରଞ୍ଜନ ସ୍ୱାଇଁ ଓ ପ୍ରାଧ୍ୟାପକ ସତ୍ୟଜିତ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଶୁଭେନ୍ଦୁ ମୌଳି ନନ୍ଦ, ପ୍ରଶାନ୍ତ କୁମାର ବେହେରା, ପ୍ରାଧ୍ୟାପକ ନୃସିଂହ ଚରଣ ସାମନ୍ତରାୟ, ଅନନ୍ତ ଆଚାର୍ଯ୍ୟ, କୃଷ୍ଣଚନ୍ଦ୍ର ରଥ ଓ ଶ୍ରୀଧର ତ୍ରିପାଠୀ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଆଗକୁ ମଧ୍ୟ ଏଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି କଲେଜ ଅଧ୍ୟକ୍ଷା ଡଃ ସୁଜାତା ଓତା ସୂଚନା ଦେଇଛନ୍ତି।

● ଇନ୍‌ସାଫ୍ ପକ୍ଷରୁ ବିଶ୍ୱ ବିଦ୍ୟାର୍ଥୀ ଦିବସ

# ‘ବିଦ୍ୟାର୍ଥୀଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲେ କଲାମ’

ଜଗତସିଂହପୁର,୧୭।୧୦(ସମିସ): ଜଗତସିଂହପୁର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନ୍‌ସାଫ ପକ୍ଷରୁ ଏରସମା ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୬ତମ ବିଶ୍ୱ ବିଦ୍ୟାର୍ଥୀ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ କିଶୋର ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ




ଆଲୋଚନାଚକ୍ରରେ ବରିଷ୍ଠ ସାମାଜିକ କର୍ମୀ ଅରୂପାନନ୍ଦ ସ୍ୱାଇଁ, ପ୍ରକୃତିପ୍ରେମୀ ଯଯାତି କେଶରୀ ସାମନ୍ତରାୟ ଓ ଶିକ୍ଷାବିତ୍ ଜୟନ୍ତ ମହାନ୍ତି ସମ୍ମାନିତ ଅତିଥି, ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି ମୁଖ୍ୟବକ୍ତା ଓ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ଶରତ ପରିଡା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶ୍ୱ ବିଦ୍ୟାର୍ଥୀ ଦିବସ ପାଳନର ଆଭିମୁଖ୍ୟ ଓ ଭାରତର ଭୂତପୂର୍ବ ରାଷ୍ଟ୍ରପତି ଡକ୍ଟର ଏପିଜେ ଅବଦୁଲ୍ କଲାମଙ୍କର ଜୀବନଦର୍ଶନ ଯଥାର୍ଥରେ ଅବିସ୍ମରଣୀୟ ବୋଲି ମତବ୍ୟକ୍ତ କରିଥିଲେ। ତାଙ୍କ ଦ୍ୱାରା ରଚିତ ଉପାଦେୟ ପୁସ୍ତକ ଓ ଉଲ୍ଲେଖନୀୟ କାର୍ଯ୍ୟଧାରା ବିଶ୍ୱର ଲକ୍ଷ ଲକ୍ଷ ବିଦ୍ୟାର୍ଥୀଙ୍କୁ ଉତ୍ସାହିତ ଓ ଅନୁପ୍ରାଣିତ କରିବାରେ ସହାୟକ ହୋଇଥିବାରୁ ସେମାନଙ୍କ ପାଇଁ ସେ ରୋଲ ମଡେଲ ବୋଲି ଦର୍ଶାଇଥିଲେ। ରାଷ୍ଟ୍ରପତି ଭାବେ ଦେଶର ଉନ୍ନତି କଳ୍ପେ ଖାଦ୍ୟ, ଶକ୍ତି, ଶିକ୍ଷା, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ସାଙ୍ଗକୁ ପ୍ରତିରକ୍ଷା ପରମାଣୁ ଓ ମହାକାଶ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଦ୍ରୁତ ବିକାଶ ପାଇଁ ତାଙ୍କର ସଫଳତମ ପ୍ରୟାସ ପାଇଁ ସେ ଚିର ବନ୍ଦନୀୟ ଓ ନମସ୍ୟ। ଏ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ସିଦ୍ଧି ସୁଚିସ୍ମିତା ଦାଶ ପ୍ରଥମ, ପ୍ରଭୁଦତ୍ତ ସ୍ୱାଇଁ ଦ୍ୱିତୀୟ ଓ ସ୍ୱୟମ୍ ଲିପ୍ସା ବିଶ୍ୱାଳ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କାର ଓ ପ୍ରମାଣପତ୍ର ଗ୍ରହଣ କରିଥିଲେ। ପ୍ରାରମ୍ଭରେ ବିଜ୍ଞାନ ଶିକ୍ଷକ ଅଜୟ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଇକୋ ଶିକ୍ଷୟିତ୍ରୀ ଦୀପ୍ତିମୟୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଜେଏସ୍‌ଡବ୍ଲ୍ୟୁର ଜନତା ଓ ଶ୍ରମିକଙ୍କ ସମସ୍ୟା କର୍ମଶାଳା

ପାରାଦୀପ, ୧୭।୧୦ (ସମିସ) : ଜଗତସିଂହପୁର ଜିଲ୍ଲାର ବନ୍ଦର ସହର ପାରାଦୀପ ଓ ଏହା ଉପକଣ୍ଠ ଏରସମା ବ୍ଲକ୍ ଅନ୍ତର୍ଗତ ଢିଙ୍କିଆ ନୂଆଗାଁ ଗଡ଼କୁଜଙ୍ଗ ଅଞ୍ଚଳରେ ନୂତନ ଭାବେ ଗଢିଉଠୁଥିବା ଷ୍ଟିଲ୍ କମ୍ପାନୀ ବର୍ତ୍ତମାନ ଏସିଆ ମହାଦେଶର ସର୍ବବୃହତ ଷ୍ଟିଲ କମ୍ପାନୀ ହେବାକୁ ଯାଉଛି। ଦେଶର ଅଗ୍ରଣୀ ଶିଳ୍ପସଂସ୍ଥା ଜେଏସଡବ୍ଲ୍ୟୁ ପକ୍ଷରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ସହଯୋଗରେ ପ୍ରାରମ୍ଭିକ ପର୍ଯ୍ୟାୟରେ ତା’ର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ଏହି କ୍ରମରେ ସ୍ଥାନୀୟ ଲୋକଙ୍କୁ ଅଗ୍ରାଧିକାର ଭିତ୍ତିରେ ଯୋଗ୍ୟତାଭିତ୍ତିକ ନିଯୁକ୍ତି ଓ ଠିକାଦାରୀ କ୍ଷେତ୍ରରେ ସହଯୋଗ ସହିତ ସ୍ଥାନୀୟ ପ୍ରଶାସନ ଓ କର୍ତ୍ତୃପକ୍ଷଙ୍କ ନିରନ୍ତର ତଦାରଖରେ କମ୍ପାନୀ କାର୍ଯ୍ୟ ସୁରୁଖୁରୁରେ ଆଗେଇ ଚାଲିଛି। ଯେଉଁଠି ଶିଳ୍ପ ସଂସ୍ଥା ଶିଳ୍ପ ପ୍ରତିଷ୍ଠା କରନ୍ତି, ସେଠାରେ ବିଭିନ୍ନ ସାମାଜିକ ସଂଗଠନ ଓ ଶ୍ରମିକ ସଂଗଠନ ଗଢିଉଠେ। ନିର୍ମାଣାଧୀନ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପାରାଦୀପର କ୍ଷତିଗ୍ରସ୍ତ ଢିଙ୍କିଆ, ନୂଆଗାଁ, ଗଡ଼କୁଜଙ୍ଗ ଅଞ୍ଚଳ ନୂଆଗାଁରେ ଜିନ୍ଦଲପ୍ରଭାବିତ ଢିଙ୍କିଆ ଚାରିଦେଶ ଉନ୍ନୟନ ସମିତି ପକ୍ଷରୁ ନୂତନ ଭାବେ “ଦୀନଦୟାଲ ପାରାଦୀପ ଇଣ୍ଡଷ୍ଟ୍ରିଆଲ ୱାର୍କସ ୟୁନିଅନ’ ନାମକ ଶ୍ରମିକ ସଂଗଠନ ଜନ୍ମ ନେଇଛି।



ଏହି ସଂଗଠନର ଆହ୍ୱାନକ୍ରମେ ହନୁମାନ ଶିଶୁ ଉଦ୍ୟାନ ନୂଆଗାଁ ପରିସରରେ ଅଞ୍ଚଳର ସାଧାରଣ ଜନତା ଓ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କିତ କର୍ମଶାଳା ଆୟୋଜିତ ହୋଇଯାଇଛି। ସଂଗଠନର ସଭାପତି କ୍ଷୀରୋଦ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବରିଷ୍ଠ ବିଜେପି ନେତା ତଥା କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଉପସ୍ଥିତ ହୋଇ ଅଞ୍ଚଳବାସୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରି ଅବଗତ ହେବା ସହିତ ସରକାରଙ୍କ ସହିତ ଆଲୋଚନା କରି ସମାଧାନ ଦିଗରେ ପ୍ରୟାସ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କନ୍ଧମାଳ ସାଂସଦ କହିଛନ୍ତି, ଯେଉଁଠି ଶିଳ୍ପ ସଂସ୍ଥା ଗଢିଉଠେ, ସେ ଅଞ୍ଚଳର ଆର୍ଥିକ ମାନଦଣ୍ଡ ସହିତ ମାନବସମ୍ବଳର ବିକାଶ ହୋଇଥାଏ। ଶିଳ୍ପ ସଂସ୍ଥାରେ ପ୍ରତ୍ୟକ୍ଷ ପରୋକ୍ଷ ନିଯୁକ୍ତି ଭିତ୍ତିଭୂମି ସୃଷ୍ଟି ହୋଇଥାଏ। ଯଦ୍ୱାରା ସେ ଅଞ୍ଚଳର ଉନ୍ନତି ସହିତ ରାଜ୍ୟ ଓ ଦେଶର ଉନ୍ନତି ହୋଇଥାଏ। ଏହି ଆଲୋଚନାଚକ୍ରରେ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ସ୍ଥାନୀୟ ମୁରବୀ, ଯୁବକ ବନ୍ଧୁ ଓ ମହିଳା ସଂଗଠନ ପକ୍ଷରୁ ଦାବିପତ୍ର ସାଂସଦଙ୍କୁ ଦିଆଯାଇଥିଲା। ସଂଗଠନ ପକ୍ଷରୁ ସାଂସଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଲୋଚନାଚକ୍ରରେ ନୂଆଗାଁ ଗ୍ରାମର ବରିଷ୍ଠ ମୁରବୀଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଯୋଗ ଦେଇଥିଲେ।

# ବିଭିନ୍ନ ହୋଟେଲରୁ ଆମିଷ ନମୁନା ସଂଗ୍ରହ କଲା ଖାଦ୍ୟ ସୁରକ୍ଷା ବିଭାଗ

ଜଗତସିଂହପୁର,୧୭।୧୦(ସମିସ): ଜଗତସିଂହପୁର ଜିଲ୍ଲା ସଦର ମହକୁମାର କେତେକ ହୋଟେଲ ଓ ରେଷ୍ଟୁରାଣ୍ଟରେ ଗୋମାଂସ ରୋଷେଇ ହେଉଥିବା ସାମାଜିକ ଗଣମାଧ୍ୟମରେ ପ୍ରଚାର ହେବାପରେ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଆରମ୍ଭ ହୋଇଛି ଯାଞ୍ଚ। ଆଜି ଅପରାହ୍ନରେ ଜିଲ୍ଲା ଖାଦ୍ୟ ସସ୍ମିତା ଦାସ ସୂଚନା ଦେଇଛନ୍ତି। ସେହିପରି ହୋଟେଲରେ କି ପ୍ରକାର ପାଣି ଦିଆଯାଉଛି, ତାହା ମଧ୍ୟ ଯାଞ୍ଚ କରାଯାଇଥିଲା। ପାଣିର ମାନ ପରୀକ୍ଷା କରି ରିପୋର୍ଟ ଦେବାକୁ ହୋଟେଲ ବ୍ୟବସାୟୀଙ୍କୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ସେମାନେ କ୍ରୟ କରୁଥିବା ଆମିଷ ଜିନିଷର ବିଲ୍



ନିରୀକ୍ଷକ ସସ୍ମିତା ଦାସ, ପୌର ପରିଷଦ କର୍ମଚାରୀ ଓ ପୁଲିସ ଉପସ୍ଥିତିରେ ୪ଟି ହୋଟେଲ ଓ ରେଷ୍ଟୁରାଣ୍ଟ ଯାଞ୍ଚ କରିଥିବା ସୂଚନା ମିଳିଛି। ଏସବୁ ହୋଟେଲରୁ ଆମିଷ ଖାଦ୍ୟର ନମୁନା ସଂଗ୍ରହ କରି ଭୁବନେଶ୍ୱରସ୍ଥ ରାଜ୍ୟ ଲାବରେଟୋରୀକୁ ପଠାଯାଇଥିବା ଖାଦ୍ୟ ନିରୀକ୍ଷକ ଆଣିବା ବାଧ୍ୟତାମୂଳକ ବୋଲି ଚେତାଇ ଦିଆଯାଇଛି। ତେବେ ହୋଟେଲ ଯାଞ୍ଚ ସମ୍ପର୍କରେ ପ୍ରଚାର ହୋଇଯିବାରୁ ଭୟରେ ଅନ୍ୟ ହୋଟେଲ ବନ୍ଦ ହୋଇଯାଇଥିଲା। ଆଗକୁ ମଧ୍ୟ ଏହି ଯାଞ୍ଚ ପ୍ରକ୍ରିୟା ଜାରି ରହିବ ବୋଲି ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ସିଙ୍ଗିରିରେ ରଘୁନାଥ ପୂଜା ଆରମ୍ଭ

ବାଲିକୁଦା,୧୭।୧୦(ସମିସ): ବାଲିକୁଦା ବ୍ଲକର ମୂଲୁଗାଁ ପଞ୍ଚାୟତ ସିଙ୍ଗିରି ମଠ



ପ୍ରାଙ୍ଗଣରେ ୪୫ତମ ରଘୁନାଥ ପୂଜା ଓ ରାବଣ ପୋଡି ଉତ୍ସବ ଆରମ୍ଭ ହୋଇଛି। ସକାଳେ ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସୂର୍ଯ୍ୟପୂଜା ଓ ଅଙ୍କୁରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଉତ୍ସବ ୫ ଦିନ ଧରି ଅନୁଷ୍ଠିତ ହେବ। ଦୀପାବଳି ଦିନ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହେବ। ପଣ୍ଡିତ ସୁଶାନ୍ତ ପଥିଶର୍ମା ଓ ଲକ୍ଷ୍ମୀଧର ପଥିଶର୍ମା ଯଜ୍ଞ ଅଧିବାସ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ମୁକ୍ତିତୀର୍ଥ ଶ୍ରୀହରି ନାମ ସଂକୀର୍ତ୍ତନ ସେବା ସଂଘ ଜିଲ୍ଲା ସଭାପତି ମହେଶ ଚୌଧୁରୀ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ସନ୍ଧ୍ୟାରେ ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ, ମେଲୋଡି, ଓପନ ହାର୍ଟ ଡ୍ୟାନ୍ସ ଗ୍ରୁପ, ଚୌଦ୍ୱାର କଟକ ଦ୍ୱାରା ପରିବେଷିତ ହୋଇଥିଲା। ଖୋର୍ଦ୍ଧା ଶ୍ରୀରାମ ସେବା ସଂଗଠନ ପକ୍ଷରୁ ମହିଳା କଳସଧାରୀଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି ଧର୍ମୀୟ କାର୍ଯ୍ୟକ୍ରମକୁ ସିଙ୍ଗିରି ଗ୍ରାମବାସୀ ୪୫ ବର୍ଷ ଧରି ପରିଚାଳନା କରିଆସୁଛନ୍ତି।

# କୃଷି ବିଜ୍ଞାନ କେନ୍ଦ୍ରରେ ଗୋପାଳନ ଦକ୍ଷତା ବୃଦ୍ଧି ତାଲିମ




ଜଗତସିଂହପୁର,୧୭।୧୦(ସମିସ): ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରରେ କୃଷି ବିଜ୍ଞାନ କେନ୍ଦ୍ର ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ମିଳିତ ଉଦ୍ୟମରେ ଗୋପାଳନ ସମ୍ବନ୍ଧରେ ୩ଦିନିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୫ ତାରିଖରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆଜି ଶେଷ ହୋଇଛି। ଏହି ତାଲିମ କାର୍ଯ୍ୟକ୍ରମରେ କୁଜଙ୍ଗ ବ୍ଲକ୍‌ର ୨୦ ଜଣ ଗୋପାଳକ ଭାଗ ନେଇଥିଲେ। ପ୍ରଥମ ଦିବସରେ କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଡ. ଜୀବନଜିତ୍ ସେନ୍ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ତାଲିମର ମହତ୍ତ୍ୱ ଓ ଜିଲ୍ଲା କୃଷି ଉନ୍ନତିରେ କୃଷି ବିଜ୍ଞାନ କେନ୍ଦ୍ରର ଭୂମିକା ବିଷୟରେ ଆଲୋକପାତ କରିଥିଲେ। କୁଜଙ୍ଗ ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଜୟପ୍ରକାଶ ଭଞ୍ଜ ଗୋପାଳନରେ ଡାଇରି ଫାର୍ମରେ ଦୈନନ୍ଦିନ ଚର୍ଚ୍ଚା ଓ ଉନ୍ନତ ଗାଇ ବାଛିବାର ବିଭିନ୍ନ ପନ୍ଥା ବିଷୟରେ ଗୋପାଳକଙ୍କୁ ତାଲିମ ପ୍ରଦାନ କରିଥିଲେ। ପ୍ରାଣୀ ବିଜ୍ଞାନୀ ଡ. ତପନ ପଲାଇ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ. ଅଜୟ ସାହୁ, ସହକାରୀ ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ଡ. ଯଦୁନାଥ ପରିଡା ଓ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଶଶାଙ୍କ ଶେଖର ନାୟକ ଗୋପାଳନର ବିଭିନ୍ନ ପ୍ରସଙ୍ଗ ଉପରେ ଚାଷୀଙ୍କୁ ଅବଗତ କରାଇଥିଲେ। ଗୁହାଳ ପରିଚାଳନା, ଖାଦ୍ୟ ପରିଚାଳନା, ସ୍ୱାସ୍ଥ୍ୟ ପରିଚାଳନା, ଦୁଗ୍ଧ ବିକ୍ରି, ଦୁଗ୍ଧ ପ୍ରକ୍ରିୟାକରଣ, ସରକାରୀ ଯୋଜନା ଆଦି ବିଷୟରେ ଭାଗ ନେଇଥିବା ଚାଷୀଙ୍କୁ ଜ୍ଞାନ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଦିନରେ ଗୋପାଳକ କୃଷ୍ଣାନନ୍ଦପୁରସ୍ଥ ମାତାଶ୍ରୀ ଡାଏରୀ ଫାର୍ମ ପରିଦର୍ଶନରେ ଯାଇଥିଲେ। ତୁଲଙ୍ଗ ସହକାରୀ ପ୍ରାଣୀ ଚିକିତ୍ସକ ଡ. ଦୁର୍ଗାପ୍ରସାଦ ମିଶ୍ର ସମସ୍ତ ଚାଷୀଙ୍କୁ ଫାର୍ମର ଦୈନନ୍ଦିନ ଚର୍ଚ୍ଚା ବିଷୟରେ ବୁଝାଇଥିଲେ। ଭୁବନେଶ୍ୱର ପ୍ରାଣୀ ଚିକିତ୍ସକ ପ୍ରଶିକ୍ଷଣ ଅନୁଷ୍ଠାନରୁ ତାଲିମ ପରିଦର୍ଶନ କରିବା ନିମନ୍ତେ ସହକାରୀ ନିର୍ଦ୍ଦେଶକ ଡ. ଦୟାନିଧି ବେହେରା ୧୬ ତାରିଖରେ କୃଷି ବିଜ୍ଞାନ କେନ୍ଦ୍ରରେ ପହଞ୍ଚି ଗୋପାଳକଙ୍କୁ ଉତ୍ସାହିକ କରିବା ତାଙ୍କ ସହ ଫାର୍ମ ପରିଦର୍ଶନରେ ଯାଇ ମାର୍ଗଦର୍ଶନ କରାଇଥିଲେ। ଶେଷ ଦିବସରେ ଭାଗ ନେଇଥିବା ଗୋପାଳକଙ୍କୁ ମାନପତ୍ର ବିତରଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବୈଜ୍ଞାନିକ ଦେବାଶିଷ ପଣ୍ଡା, ଡ. ପ୍ରଦୀପ୍ତ ମାଝୀ ଡ. ଦ୍ୱାରିକାମୋହନ ଦାସ, ସସ୍ମିତା ପୁରୋହିତ, ସରିତା ଦାସ ସହଯୋଗ କରିଥିଲେ।

# ସିଦ୍ଧଳ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ



ଜଗତସିଂହପୁର,୧୭।୧୦(ସମିସ): ଜଗତସିଂହପୁର ସଦର ବ୍ଲକ୍ ଅନ୍ତର୍ଗତ ମୁଦୁପୁର ପଞ୍ଚାୟତର ସିଦ୍ଧଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷା ଅଧିକାରିଣୀ ମଧୁସ୍ମିତା ପତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ଉତ୍ସବକୁ ଉଦଘାଟନ କରିବା ସହିତ ଶିଶୁଙ୍କ ଭିତରେ ଥିବା ପ୍ରତିଭାର ବିକାଶ ପାଇଁ ସୁରଭି ସହାୟକ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ପଣ୍ଡିତ ପରମେଶ୍ୱର ପ୍ରସାଦ ପଣ୍ଡା ବେଦପାଠ କରିଥିଲେ। ପରେ ମଣ୍ଡଳ ଶିକ୍ଷାଧିକାରୀ ମଞ୍ଚାସୀନ ସମସ୍ତ ଅତିଥିଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ଶିକ୍ଷକ ତୁଳସୀ ପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ଅଞ୍ଜନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲ୍ଲୀପ ଦାସ, ସମ୍ମାନିତ ଅତିଥି ଭାବେ ମଣ୍ଡଳ ସହ ଶିକ୍ଷାଧିକାରୀ କନକଲତା ଦାସ, ଅନସୂୟା ଭୋଇ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ସାମ୍ବାଦିକ ଜ୍ୟୋତି ରଞ୍ଜନ ପରିଡା, କ୍ଲଷ୍ଟର ସିଆରସିସି ସୁଶାନ୍ତ ବେହେରା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ମଣ୍ଡଳସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ୩୧ଟି ବିଭାଗରେ ୧୭ଟି କ୍ଲଷ୍ଟରରୁ ୩୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏ ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ରାକେଶ ପତି, ଡକ୍ଟର ମୁର୍ମୁ, ଶିକ୍ଷୟିତ୍ରୀ ବ୍ରାହ୍ମମୟୀ ମିଶ୍ର, ମଧୁସ୍ମିତା ଦାସ, ଲକ୍ଷ୍ମୀପ୍ରିୟା ବାରିକ, ରାଜଶ୍ରୀ ଭୋଇ, ହେମଲତା ମିଶ୍ର, ସୁଶ୍ରୀ ସ୍ୱାଗତିକା, ସୁଜାତା ସାହୁ ପ୍ରମୁଖ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

# ବୋରିଖି ବିଦ୍ୟାଳୟ ପ୍ରତିଷ୍ଠା ଦିବସ

କୁଜଙ୍ଗ,୧୭।୧୦(ସମିସ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକର ଅନ୍ୟତମ ସ୍ୱନାମଧନ୍ୟ ଶିକ୍ଷାନୁଷ୍ଠାନ ବୋରିଖି ସରକାରୀ ଉଚ୍ଚବିଦ୍ୟାଳୟର ୫୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ଧନଞ୍ଜୟ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ହୃଦାନନ୍ଦ ବେଉରା, ସର୍ବେଶ୍ୱର ଜେନା, ବ୍ରହ୍ମାନନ୍ଦ ବେଉରା, ବିଦ୍ୟାଳୟର ପ୍ରଧାନଶିକ୍ଷକ ସୂର୍ଯ୍ୟକାନ୍ତ ମଲ୍ଲ ଓ ପ୍ରାକ୍ତନ ଛାତ୍ର ପ୍ରଫେସର୍ ରବିରତ୍ନ ଦାଶ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଯୁଗ୍ମନିର୍ଦ୍ଦେଶକ ଡଃ ବିଜୁନୀ ଚରଣ ସୂତାର, କେଏମବିବି ଗ୍ରୁପ୍ ଶିକ୍ଷା ନିର୍ଦ୍ଦେଶକ ଇଞ୍ଜିନିୟର ସରୋଜ ପାଣି, ଇଞ୍ଜିନିୟର ମନୋରଞ୍ଜନ ଶତପଥୀ ଯୋଗଦେଇ କଠିନ ପରିଶ୍ରମ, ସକରାତ୍ମକ ଚିନ୍ତାଧାରା, ପିତାମାତାଙ୍କ ଆଶୀର୍ବାଦ ଓ ପ୍ରତିବଦ୍ଧତା ମନୁଷ୍ୟକୁ ଶୀର୍ଷରେ ପହଞ୍ଚାଇ ଥାଏ ବୋଲି ମତପୋଷଣ କରିଥିଲେ। ପୁରାତନ ଛାତ୍ର ସଂସଦ ସମ୍ପାଦକ ସରୋଜ ବେହେରା ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଶିକ୍ଷକ ଭାନୁ ପ୍ରକାଶ ନନ୍ଦୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରାକ୍ତନ ଶିକ୍ଷକ ଶଙ୍କର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଫେସର ରବିରତ୍ନ ଦାଶ ସ୍ୱର୍ଗତ ପିତାଙ୍କ ନାମରେ ପ୍ରତିଷ୍ଠା କରିଥିବା ଶ୍ୟାମସୁନ୍ଦର ଶିକ୍ଷା ପରିଷଦ ପକ୍ଷରୁ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ରାଶି ପ୍ରଦାନ କରାଯାଇଥିବାବେଳେ ବିଜୁନୀ ଚରଣ ସୂତାରଙ୍କ ପକ୍ଷରୁ ସର୍ବେଶ୍ୱର ଜେନା ମେଧାବୃତ୍ତି ପ୍ରଦାନ କରାଯାଇଥିଲା। ଶିକ୍ଷକ ସୁମନ୍ତ ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଆଲୁମିନି ସଭାପତି ଅରୁଣ ବେଉରା, ଦିଲ୍ଲୀପ ବସ୍ତିଆ, ପ୍ରତ୍ୟୁଷ ମହାପାତ୍ର, ଲିପୁ ବେଉରା, ଲିପୁ ସାହୁ, ଶିକ୍ଷୟିତ୍ରୀ ରେଣୁବାଳା ଗୋଚ୍ଛାୟତ ଓ ରଞ୍ଜନା ବେଉରା ପରିଚାଳନା କରିଥିଲେ।

# ଚୋରା ତେଲ ଆଡ୍ଡା ଉପରେ ଚଢ଼ଉ; ୨ ଗିରଫ

ପାରାଦୀପ, ୧୭।୧୦(ସମିସ): ପାରାଦୀପରେ ତେଲ ଚୋରି ଘଟଣା କିଛି ନୂଆ ନୁହେଁ। କିଛି ନିର୍ଦ୍ଦିଷ୍ଟ ଯୁବକ ରାଜନେତାଙ୍କ ବାହୁଛାୟା ତଳେ ରହି ଏଭଳି ତେଲ ଚୋରି କରୁଥିବା ଜଣାପଡ଼ିଛି। ତେବେ ଆଜି ପାରାଦୀପ ଆଦର୍ଶ ଥାନା ପୁଲିସ ଟର୍ମିନାଲ ରାସ୍ତା ନିକଟରେ ତେଲ ଚୋରି ହେଉଥିବା ଆଡ୍ଡା ଉପରେ ଚଢ଼ଉ କରି ଦୁଇଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୪୭୦ ଲିଟର ଡିଜେଲ ଜବତ କରିଛି। ଗିରଫ ଦୁଇ ଯୁବକ କଟକ ମାହାଙ୍ଗା ଅଞ୍ଚଳର ରାଜେଶ ସାମଲ (୩୮) ଓ ପାରାଦୀପ ଅଠରବାଙ୍କୀ ଶୁଖୁଆଖଳା ଅଞ୍ଚଳର ବୃନ୍ଦାବନ ବେହେରା (୩୫)। ଆସନ୍ତାକାଲି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ କାବୁଲି ବାରିକ କହିଛନ୍ତି। ଏ ନେଇ ଅଧିକ ତଦନ୍ତ ପୁଲିସ ଜାରି ରଖିଛି।

ଭୋଟ ଚୋରି ଦସ୍ତଖତ ଅଭିଯାନକୁ ନେଇ କଂଗ୍ରେସର ସାମ୍ବାଦିକ ସମ୍ମିଳନୀ

# ବର୍ତ୍ତମାନ ସୁଦ୍ଧା ୨୦ ହଜାର ଦସ୍ତଖତ ସଂଗ୍ରହ ହୋଇଛି

ଜଗତସିଂହପୁର,୧୭।୧୦(ସମିସ)




ଜଗତସିଂହପୁର ସହର ଉପକଣ୍ଠସ୍ଥ ଯୋଗଧାରୀସ୍ଥ ସର୍କିଟ ହାଉସରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସଭାପତି ଦେବପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଭୋଟ ଚୋରି ଦସ୍ତଖତ ଅଭିଯାନକୁ ନେଇ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦସ୍ତଖତ ଅଭିଯାନର ଜିଲ୍ଲା ପ୍ରଭାରୀ ତଥା ବରିଷ୍ଠ କଂଗ୍ରେସ ନେତ୍ରୀ ବନ୍ଦିତା ପରିଡା ଯୋଗଦେଇ ଅଖିଳ ଭାରତୀୟ କଂଗ୍ରେସ କମିଟି ନିର୍ଦ୍ଦେଶକ୍ରମେ ସାରା ଦେଶରେ ଭୋଟ ଚୋରି ଦସ୍ତଖତ ଅଭିଯାନ ଚାଲୁଛି। ଏହି କ୍ରମରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନକ୍ରମେ ଜଗତସିଂହପୁର ଜିଲ୍ଲା ବ୍ୟାପୀ ସେପ୍ଟେମ୍ବର ୨୨ରୁ ଏହି ଦସ୍ତଖତ ଅଭିଯାନ ଚାଲୁ ରହିଥିବା କହିଥିଲେ। ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଏହି ଦସ୍ତଖତ ଅଭିଯାନ ଚାଲୁ ରହିବ। ଜିଲ୍ଲାର ସମସ୍ତ ବ୍ଲକ୍ ଓ ମ୍ୟୁନିସିପାଲିଟିରେ କଂଗ୍ରେସ କର୍ମୀ ଘରକୁ ଘର ବୁଲି ବିଜେପି ସରକାରର ଭୋଟ ଚୋରି ବିରୁଦ୍ଧରେ ସାଧାରଣ ଜନତାଙ୍କ ଦସ୍ତଖତ ସଂଗ୍ରହ କରୁଛନ୍ତି। ଏ ପର୍ଯ୍ୟନ୍ତ ଜିଲ୍ଲାରୁ ପ୍ରାୟ ୨୦ ହଜାର ଦସ୍ତଖତ ସଂଗ୍ରହ ହୋଇଥିବାବେଳେ ଜିଲ୍ଲାରୁ ପାଖାପାଖି ୫୦ ହଜାର ଦସ୍ତଖତ ସଂଗ୍ରହ କରାଯିବା ଲକ୍ଷ୍ୟ ରଖାଯାଇଛି ବୋଲି ଜିଲ୍ଲା ସଭାପତି ଶ୍ରୀ ନାୟକ ସୂଚନା ଦେଇଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ଦସ୍ତଖତ ଅଭିଯାନର ଜିଲ୍ଲା ପ୍ରଭାରୀ ବନ୍ଦିତା ପରିଡା, ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ଇଂ ହିମାଂଶୁ ଭୂଷଣ ମଲ୍ଲିକ, ଜିଲ୍ଲା କଂଗ୍ରେସ ପୂର୍ବତନ ଉପସଭାପତି ସର୍ବେଶ୍ୱର ପଣ୍ଡା, ଏରସମା ବ୍ଲକ୍ କଂଗ୍ରେସ ପୂର୍ବତନ ସଭାପତି ବଲ୍ଲଭାନନ୍ଦ ସ୍ୱାଇଁ, ଜିଲ୍ଲା କଂଗ୍ରେସ ପୂର୍ବତନ ସମ୍ପାଦକ ଅଶୋକ ଜେନା, ଜ୍ଞାନ ପୃଷ୍ଟି, ବିରିଡି ବ୍ଲକ୍ କଂଗ୍ରେସ ପୂର୍ବତନ ସଭାପତି ପ୍ରିୟବ୍ରତ ମିଶ୍ର, ରଘୁନାଥପୁର ବ୍ଲକ୍ କଂଗ୍ରେସ ପୂର୍ବତନ ସଭାପତି ପ୍ରଶାନ୍ତ ଦାସ, ପୂର୍ବତନ ଉପସଭାପତି ଆର୍ତ୍ତତ୍ରାଣ ପଣ୍ଡା, ଜିଲ୍ଲା ସଂଖ୍ୟାଲଘୁ ସେଲ୍ ପୂର୍ବତନ ସଭାପତି ଇମତିୟାଜ ଅହମ୍ମଦ ଖାନ, ଜିଲ୍ଲା ସେବାଦଳ ପୂର୍ବତନ ସଭାପତି ଡକ୍ଟର ଜଗଦାନନ୍ଦ ବେହେରା, ଦେବୀପ୍ରସାଦ ପରିଡା, ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସଫି ଆଜମ, ଗରାମ ସରପଞ୍ଚ ପ୍ରଦ୍ୟୁମ୍ନ ଚୟନୀ, ନାରାୟଣ ନାୟକ, ପ୍ରଦୀପ୍ତ ଦାସ, ବସନ୍ତ ନାୟକ, ପ୍ରାଚୀ ଚୟନୀ, ରୂପଶ୍ରୀ ରାଗିଣୀ ଦାସ, ସରସ୍ୱତୀ ସାହୁ, ବୃନ୍ଦାବନ ପ୍ରଧାନ, ଦେବବ୍ରତ ମହାପାତ୍ର, ହିଫଜୁର୍ ରହେମାନ, ସଞ୍ଜୀବ ଗୋଚ୍ଛାୟତ, ଛାତ୍ର କଂଗ୍ରେସ ପୂର୍ବତନ ସଭାପତି ସାଇ ପ୍ରଭଞ୍ଜନ ମହାପାତ୍ର, ରାକେଶ ସ୍ୱାଇଁ, ରିଙ୍କୁ ପାଲ, ଶୁଭାଶିଷ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।